# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୮/୨୦୨୪ (୧୪ ପୃଷ୍ଠା) | Bhubaneswar, Tuesday, June 18/2024 | Page 14 | ₹ 7.00 | SAMBALPUR

୫୦ଶ ଭାଗ ୨୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 204 | ମୂଲ୍ୟ ₹୭/-




**ଇଂଲଣ୍ଡକୁ ଜିତାଇଲେ ବେଲିଙ୍ଗହାମ**

ସର୍ବିୟା ବିପକ୍ଷ ୟୁରୋ କପ୍ ମ୍ୟାଚରେ ଏକମାତ୍ର ଗୋଲ ସ୍କୋର କରି ଇଂଲଣ୍ଡକୁ ଜିତାଇଛନ୍ତି ଜୁଡ୍ ବେଲିଙ୍ଗହାମ। ୧୪

୦୨ **ଲେଖିକା ହେଲେ ଆଲିଆ**

ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ଲିଖିତ 'ଇଡି ଫାଇଣ୍ଡସ ଏ ହୋମ୍' ନାମକ ଏକ ଶିଶୁ ଚିତ୍ର ପୁସ୍ତକ ଉନ୍ମୋଚିତ ହୋଇଛି।





ପଶ୍ଚିମବଙ୍ଗର ନ୍ୟୁ ଜଲପାଇଗୁଡ଼ି ନିକଟରେ ସୋମବାର ସକାଳେ ଘଟିଥିବା ରେଳ ଦୁର୍ଘଟଣା।

# ପଶ୍ଚିମବଙ୍ଗରେ ରେଳ ଦୁର୍ଘଟଣା: ୧୫ ମୃତ

**କୋଲକାତା, ୧୭।୬**

ପଶ୍ଚିମବଙ୍ଗର ଦାର୍ଜିଲିଂ ଜିଲା ନ୍ୟୁ ଜଲ୍‌ପାଇଗୁଡ଼ି ନିକଟରେ ସୋମବାର ସକାଳେ ଏକ ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣା ଘଟିଛି। କାଞ୍ଚନଜଙ୍ଘା ଏକ୍ସପ୍ରେସ୍‌କୁ ଏକ ମାଲ୍‌ବାହୀ ଟ୍ରେନ୍ ପଛରୁ ଧକ୍କା ଦେଇଛି। ଦୁର୍ଘଟଣାରେ ୧୫ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଗତ କିଛି ବର୍ଷ ମଧ୍ୟରେ ଅନେକ ଟ୍ରେନ୍ ଦୁର୍ଘଟଣା ଘଟିଲାଣି। ପ୍ରାୟତଃ ସବୁ ଦୁର୍ଘଟଣା ପଛରେ ଗୋଟିଏ କାରଣ, ତାହା ହେଲା ଯାତ୍ରୀଙ୍କ ନିରାପତ୍ତା ପ୍ରତି ଉପଯୁକ୍ତ ଧ୍ୟାନ ଦିଆ ନ ଯିବା। କାଞ୍ଚନଜଙ୍ଘା ଏକ୍ସପ୍ରେସ୍ ଦୁର୍ଘଟଣା ମଧ୍ୟ ଅନୁରୂପ କାରଣରୁ ଘଟିଛି। ଟ୍ରେନ୍ ଯାତ୍ରାକୁ ଦୁର୍ଘଟଣାମୁକ୍ତ କରିବା ପାଇଁ ରେଲୱେ ପକ୍ଷରୁ ଅଟୋମେଟିକ୍ ଟ୍ରେନ୍ ପ୍ରୋଟେକ୍ସନ ସିଷ୍ଟମ (କବଚ)କୁ ସରକାର ସାମିଲ କରିଥିଲେ। ଏହା ଟ୍ରେନ୍‌କୁ ଦୁର୍ଘଟଣାରୁ ରକ୍ଷା କରିବ ଏବଂ ଯାତ୍ରୀମାନଙ୍କ ନିରାପତ୍ତା ସୁନିଶ୍ଚିତ ହେବ ବୋଲି ଦାବି କରାଯାଉଥିବାବେଳେ କବଚ କୁଆଡ଼େ ଗଲା ବୋଲି ପ୍ରଶ୍ନ ଉଠିଛି। ରେଳ ଦୁର୍ଘଟଣା ପାଇଁ ବିରୋଧୀ ଦଳଗୁଡ଼ିକ ରେଳ ମନ୍ତ୍ରଣାଳୟ ଓ ମୋଦି ସରକାରଙ୍କୁ ଦାୟୀ କରିଛନ୍ତି।

ତ୍ରିପୁରାର ଅଗରତାଲାରୁ କାଞ୍ଚନଜଙ୍ଘା ଏକ୍ସପ୍ରେସ୍ କୋଲକାତାର ସିଆଲଦା ଅଭିମୁଖେ ଯାଉଥିବାବେଳେ ସୋମବାର ସକାଳ ୮ଟା ୫୫ ମିନିଟ୍ ସମୟରେ ନ୍ୟୁ ଜଲ୍‌ପାଇଗୁଡ଼ି ନିକଟବର୍ତ୍ତୀ ରଙ୍ଗାପାନି ଷ୍ଟେଶନ ନିକଟରେ ଏକ ମାଲ୍‌ବାହୀ ଟ୍ରେନ୍ ଏହାକୁ ପଛରୁ ଧକ୍କା ଦେଇଥିଲା। ଫଳରେ କାଞ୍ଚନଜଙ୍ଘା ଏକ୍ସପ୍ରେସ୍‌ର ୩ଟି ବଗି ଲାଇନଚ୍ୟୁତ ହୋଇଛି। ☞ପୃଷ୍ଠା-୪

## ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ



ପଶ୍ଚିମବଙ୍ଗର ନ୍ୟୁ ଜଲ୍‌ପାଇଗୁଡ଼ିଠାରେ ଘଟିଥିବା ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହି ଘଟଣା ଅତ୍ୟନ୍ତ ଦୁଃଖଦାୟକ ବୋଲି କହିବା ସହିତ ମୃତ ବ୍ୟକ୍ତିଙ୍କ ପରିବାରବର୍ଗଙ୍କ ପାଇଁ ସମବେଦନା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଆହତ ବ୍ୟକ୍ତିମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## 'କବଚ' ନ ଥିଲା

**ଭୁବନେଶ୍ୱର, ୧୭।୬ (ଅନୁରାଧା ମହାରଣା)**

ଓଡ଼ିଶାର ବାଲେଶ୍ୱର ଜିଲା ବାହାନଗାରେ ୨୦୨୩ ଜୁନ୍ ୨ରେ ଘଟିଥିବା ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣା ପରେ ରେଲୱେ ଏହାର ସ୍ୱୟଂଚାଳିତ ଟ୍ରେନ୍ ସୁରକ୍ଷା ବ୍ୟବସ୍ଥା 'କବଚ'କୁ ଦେଶବ୍ୟାପୀ ଉପଲବ୍ଧ କରାଇବାକୁ ଗୁରୁତ୍ୱ ଦେଇଥିଲା। କିନ୍ତୁ ଏହି କାର୍ଯ୍ୟର ଅଗ୍ରଗତି ନୈରାଶ୍ୟଜନକ ଥିବା ରେଳ ସୁରକ୍ଷା ଓ ନିରାପତ୍ତା ପ୍ରୋଟୋକଲ ସମ୍ପର୍କରେ ଜ୍ଞାନ ରଖୁଥିବା ବ୍ୟକ୍ତିମାନେ ମତ ଦେଇଛନ୍ତି। ଫଳରେ ପୁଣି ଏକ ଭୟାବହ ଟ୍ରେନ ଦୁର୍ଘଟଣା ସୋମବାର ପଶ୍ଚିମବଙ୍ଗର ନ୍ୟୁ ଜଲପାଇଗୁଡ଼ି ଷ୍ଟେଶନ ନିକଟରେ ଘଟିଛି। ଏହି ମାର୍ଗରେ 'କବଚ' ବ୍ୟବସ୍ଥା ଉପଲବ୍ଧ ନ ଥିବାରୁ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରି ନ ଥିଲା। ଲୋକୋପାଇଲଟ୍ ସଙ୍କେତ (ସିଗ୍‌ନାଲ ପାସ୍‌ଡ ଆଟ୍ ଡେଞ୍ଜର-ଏସ୍‌ପିଏଡି) ଅତିକ୍ରମ କଲେ ଦୁର୍ଘଟଣା ଘଟିଥାଏ। କବଚ ହେଉଛି ଏପରି ଏକ ବ୍ୟବସ୍ଥା, ଯାହା ଲୋକୋପାଇଲଟ୍ ଏହି ବିପଦ ସଙ୍କେତ ଡେଇଁବା ମାତ୍ରେ ସତର୍କ କରାଇଥାଏ। ☞ପୃଷ୍ଠା-୪

# ବଦଳିଲା ସ୍କୁଲ ଖୋଲିବା ସମୟ

## ୨୦ଯାଏ ନିର୍ଦ୍ଦେଶ ବଳବତ୍ତର

- ଖୋର୍ଦ୍ଧା ସମେତ ବହୁ ଜିଲାରେ ଆଜିଠୁ ସକାଳ ସାଢ଼େ ୬ରୁ ସାଢ଼େ ୧୦ପାଠପଢ଼ା
- ୧୦ ଜିଲାରେ ୨୧ରେ ଖୋଲିବ ସ୍କୁଲ: ଜିଲାପାଳ

**ଭୁବନେଶ୍ୱର, ୧୭।୬ (ଅସମାପିକା ସାହୁ)**

ରାଜ୍ୟରେ ଗ୍ରୀଷ୍ମ ଅବକାଶ ପରେ ମଙ୍ଗଳବାରଠାରୁ ସ୍କୁଲ ଖୋଲୁଛି। ବର୍ତ୍ତମାନ ରାଜ୍ୟର ବିଭିନ୍ନ ଜିଲାରେ ଦିନ ତାପମାତ୍ରା ୪୦ ଉପରେ ରହୁଥିବାବେଳେ ଉପକୂଳ ଓଡ଼ିଶାରେ ଗୁଳୁଗୁଳି ଯୋଗୁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏଭଳି ସ୍ଥିତିରେ ସ୍କୁଲ ଖୋଲିବା ତାରିଖ ଘୁଞ୍ଚାଇବା ପାଇଁ ବିଭିନ୍ନ ମହଲରୁ ଅନୁରୋଧ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସ୍କୁଲ ଖୋଲିବା ନିଷ୍ପତ୍ତି ଜିଲାପାଳ ନେବେ ବୋଲି କହିଛନ୍ତି। ପାଣିପାଗ ବିଭାଗ ସୂଚନାକୁ ଭିତ୍ତି କରି ସ୍କୁଲ ଖୋଲିବା ନିଷ୍ପତ୍ତି ନେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ଅନୁଯାୟୀ ଜିଲାପାଳମାନେ ନିଜ ଜିଲାର ପାଣିପାଗ ସ୍ଥିତିକୁ ନେଇ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତବିଦ୍ୟାଳୟଗୁଡ଼ିକର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛୁଟି ଘୋଷଣା କରିବେ କିମ୍ବା ସମୟ ନିର୍ଘଣ୍ଟ ପରିବର୍ତ୍ତନ କରିବେ। ଅନୁକୂଳ ପାଣିପାଗ ଥିବା ଜିଲାରେ ସ୍କୁଲ ସମୟ ସକାଳ ୬ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ ରହିବ। ଏହି ନିର୍ଦ୍ଦେଶ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରି ବିଭିନ୍ନ ଜିଲାରେ ଜିଲାପାଳମାନେ ମଙ୍ଗଳବାର ସ୍କୁଲ ଖୋଲିବା ପାଇଁ ନିଷ୍ପତ୍ତି ନେଇଥିବାବେଳେ ସକାଳୁଆ ପାଠପଢ଼ା ହେବ। ଆଉ ୧୦ ଜିଲାରେ ସ୍କୁଲ ଛୁଟି ଘୋଷଣା କରାଯାଇଛି। ଗଞ୍ଜାମ, ଗଜପତି, ଭଦ୍ରକ, ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, ନୂଆପଡ଼ା, ମୟୂରଭଞ୍ଜ ଓ ସମ୍ବଲପୁର ଜିଲାରେ ୨୦ ତାରିଖ ଯାଏ ସ୍କୁଲ୍ ଛୁଟି ଘୋଷଣା ହୋଇଛି। ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଜିଲାରେ ମଙ୍ଗଳବାର ସ୍କୁଲ ବନ୍ଦ ରଖିବାକୁ ଜିଲାପାଳ ନିଷ୍ପତ୍ତି ନେଇଥିବାବେଳେ ବୁଧବାରଠାରୁ ସ୍କୁଲ ଖୋଲାହେବ ଓ ସକାଳ ☞ପୃଷ୍ଠା-୪

# ୱାୟନାଡ୍‌ରୁ ଲଢ଼ିବେ ପ୍ରିୟଙ୍କା

**ନୂଆଦିଲ୍ଲୀ, ୧୭।୬**



ପ୍ରିୟଙ୍କା ଗାନ୍ଧୀ ଭଦ୍ରା

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଉତ୍ତରପ୍ରଦେଶର ରାଏବରେଲି ଏବଂ କେରଳର ୱାୟନାଡ୍ ଲୋକ ସଭା ଆସନରୁ ବିଜୟୀ ହୋଇଥିଲେ। ସେ ନେହେରୁ ଗାନ୍ଧୀ ପରିବାରର ପାରମ୍ପରିକ ଆସନ ରାଏବରେଲିକୁ ନିଜ ପାଖରେ ରଖି ୱାୟନାଡ୍ ଆସନ ଛାଡ଼ିବେ। କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ୱାୟନାଡ୍‌ରୁ ନିର୍ବାଚନ ଲଢ଼ିବେ। ସୋମବାର କଂଗ୍ରେସର ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକ ପରେ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଉକ୍ତ ନିଷ୍ପତ୍ତି ଘୋଷଣା କରିଛନ୍ତି। ତାଙ୍କ ସହ ରାହୁଲ ଓ ପ୍ରିୟଙ୍କା ଉପସ୍ଥିତ ଥିଲେ। ରାହୁଲ ୨ ଆସନ ଜିତିଥିବାରୁ ନିୟମ ଅନୁଯାୟୀ ମଙ୍ଗଳବାର ସୁଦ୍ଧା ତାଙ୍କୁ ଗୋଟିଏ ଆସନ ଛାଡ଼ିବାକୁ ଥିଲା। ରାହୁଲ ରାଏବରେଲି ଆସନ ପାଖରେ ରଖିବା ଭଲ ହେବ ବୋଲି ଦଳ ତଥା ଉକ୍ତ ନିର୍ବାଚନ ମଣ୍ଡଳୀର ଜନସାଧାରଣ ଅନୁଭବ କରିଥିଲେ। ୱାୟନାଡ୍‌ର ଲୋକେ ମଧ୍ୟ ରାହୁଲଙ୍କୁ ଚାହୁଁଥିଲେ ଓ ସେ ଉକ୍ତ ଆସନ ପାଖରେ ରଖିବା ଆବଶ୍ୟକ ବୋଲି କହୁଥିଲେ। ତେବେ ନିୟମ ତାଙ୍କୁ ଏଥିପାଇଁ ଅନୁମତି ଦେଲା ନାହିଁ। ତେଣୁ ପ୍ରିୟଙ୍କା ଉକ୍ତ ଆସନରୁ ଲଢ଼ିବା ପାଇଁ ଦଳ ନିଷ୍ପତ୍ତି ନେଲା ବୋଲି ଖାର୍ଗେ କହିଛନ୍ତି।

# ଆଜି ବରଗଡ଼ରେ ମୁଖ୍ୟମନ୍ତ୍ରୀ ବାଣ୍ଟିବେ ପିଏମ୍ କିଷାନ କିସ୍ତି

- ପାଳନ ହେବ ଉତ୍ସବ
- ୧୫ ସ୍ଥାନରେ ମନ୍ତ୍ରୀ, ୭ ସ୍ଥାନରେ ଏମ୍‌ପି ବାଣ୍ଟିବେ

**ଭୁବନେଶ୍ୱର, ୧୭।୬ (ଅନିଲ ଦାସ)**

କେନ୍ଦ୍ର ସରକାର ଚାଷୀଙ୍କୁ ଜୁନ୍ ୧୮ରେ ପିଏମ୍-କିଷାନ ଯୋଜନାରେ ୧୭ତମ କିସ୍ତି ପ୍ରଦାନ କରିବାକୁ ଯାଉଛନ୍ତି। ସାରା ଦେଶରେ ଏହି ଦିନକୁ ପିଏମ୍-କିଷାନ ଉତ୍ସବ ଦିବସ ଆକାରରେ ପାଳନ କରାଯାଉଛି। ଓଡ଼ିଶାରେ ମଧ୍ୟ ମଙ୍ଗଳବାର ଅପରାହ୍ନ ୪ଟା ୩୦ରୁ ସନ୍ଧ୍ୟା ୭ଟା ମଧ୍ୟରେ ପିଏମ୍- କିଷାନ ଉତ୍ସବ ପାଳନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ଏମ୍‌ପିମାନେ ବିଭିନ୍ନ ଜିଲାରେ ଅତିଥି ଭାବେ ଉପସ୍ଥିତ ରହି ଉତ୍ସବକୁ ପାଳନ କରିବେ। ଏଥିପାଇଁ ପ୍ରସ୍ତୁତି କରିବାକୁ ସମସ୍ତ ଜିଲାପାଳଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବରଗଡ଼ ଜିଲାରେ ପିଏମ୍-କିଷାନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବାକୁ ଥିବାବେଳେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ବରଗଡ଼, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୁରୀ, କ୍ୟାବିନେଟ ମନ୍ତ୍ରୀ ସୁରେଶ ପୂଜାରୀ କଟକ, ରବିନାରାୟଣ ନାୟକ ନୟାଗଡ଼, ନିତ୍ୟାନନ୍ଦ ଗଣ୍ଡ କେନ୍ଦ୍ରାପଡ଼ା, କୃଷ୍ଣଚନ୍ଦ୍ର ପାତ୍ର ଢେଙ୍କାନାଳ, ପୃଥ୍ୱୀରାଜ ହରିଚନ୍ଦନ ଖୋର୍ଦ୍ଧା, ମୁକେଶ ମହାଲିଙ୍ଗ କେଭିକେ ସିଆଇଏଫ୍‌ଏଚ କୋଶଲ୍ୟାଗଙ୍ଗ, ବିଭୂତି ଭୂଷଣ ଜେନା ଗଞ୍ଜାମ, କୃଷ୍ଣଚନ୍ଦ୍ର ମହାପାତ୍ର ଅନୁଗୋଳ ☞ପୃଷ୍ଠା-୪

## 'କାଳିଆ'କୁ ନେଇ ଦ୍ୱନ୍ଦ୍ୱରେ ଚାଷୀ

ରାଜ୍ୟରେ ଭାଜପା ସରକାରଙ୍କ ପକ୍ଷରୁ ମଙ୍ଗଳବାର ଚାଷୀଙ୍କୁ ପିଏମ୍-କିଷାନ କିସ୍ତି ଟଙ୍କା ଦେବା ପାଇଁ ଉତ୍ସବ ପାଳନ କରୁଥିବାବେଳେ ବିଜେଡି ସରକାର ଅମଳରେ ଆରମ୍ଭ କରାଯାଇଥିବା 'କାଳିଆ' ଯୋଜନାର ଭବିଷ୍ୟତକୁ ନେଇ ଚାଷୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ସରକାର ବଦଳିବା ପରେ ଏହି ଯୋଜନାରେ ବର୍ଷକୁ ମିଳୁଥିବା ୨ଟି କିସ୍ତି (ଖରିଫ ଓ ରବି ଫସଲ ପୂର୍ବରୁ) ବାବଦ ୪ ହଜାର ଟଙ୍କାର ସହାୟତା ମିଳିବ କି ନାହିଁ ସେ ନେଇ ଆଶଙ୍କାରେ ରହିଛନ୍ତି। କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାକୁ ବିଜେଡି ସରକାର ୨୦୧୮-୧୯ ଆର୍ଥିକ ବର୍ଷରେ କାଳିଆ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନା ଅଧୀନରେ ପ୍ରତ୍ୟେକ ହିତାଧିକାରୀ ପରିବାରକୁ ବର୍ଷକୁ ୪୦୦୦ ଟଙ୍କା ଦିଆଯାଉଥିଲା। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଅର୍ଥାତ୍ ୨୦୨୪ ମାର୍ଚ୍ଚ ୧୧ରେ କାଳିଆ ଯୋଜନାରେ ୪୫.୭୬ ଲକ୍ଷ ଚାଷୀଙ୍କ ଆକାଉଣ୍ଟକୁ ୯୩୩ କୋଟି ଟଙ୍କା ହସ୍ତାନ୍ତର କରାଯାଇଛି। ପରବର୍ତ୍ତୀ କିସ୍ତି ଜୁନ୍ ପ୍ରଥମ ସପ୍ତାହରେ ଚାଷୀଙ୍କୁ ମିଳିଥାଆନ୍ତା। ମାତ୍ର ରାଜ୍ୟରେ ସରକାର ବଦଳି ଯିବାରୁ ☞ପୃଷ୍ଠା-୪

# ଅଧୁରା କାର୍ଯ୍ୟ ତ୍ୱରାନ୍ୱିତ କରାଯିବ: ମୁଖ୍ୟମନ୍ତ୍ରୀ



## ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲେ

**କଟକ, ୧୭।୬ (ଶିଳ୍ପା ପ୍ରିୟଦର୍ଶିନୀ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଅପରାହ୍ନରେ କଡ଼ା ସୁରକ୍ଷା ବଳୟରେ କଟକ ଆସି ପ୍ରଥମେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ ସଂଗ୍ରହାଳୟରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ପରେ ସଂଗ୍ରହାଳୟର ବିଭିନ୍ନ ଗ୍ୟାଲେରି ପରିଦର୍ଶନ କରିଥିଲେ। ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ସଂଗ୍ରହାଳୟର କର୍ମଚାରୀ ଓ ଭାଜପା କର୍ମୀଙ୍କ ସହିତ ଆଲୋଚନା କରିଥିଲେ। ପରେ ବକ୍ସିବଜାରସ୍ଥିତ ସମାଜ କାର୍ଯ୍ୟାଳୟ ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ବରପୁତ୍ରମାନଙ୍କ ପ୍ରତି ☞ପୃଷ୍ଠା-୪

# ଆଜି ୟୁଜିସି-ଏନ୍‌ଇଟି

**ଭୁବନେଶ୍ୱର, ୧୭।୬ (ଅସମାପିକା ସାହୁ)**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ୟୁଜିସି-ଏନ୍‌ଇଟି ମଙ୍ଗଳବାର ଅନୁଷ୍ଠିତ ହେବ। ୮୩ଟି ବିଷୟରେ ପରୀକ୍ଷା ହେବ। ପ୍ରଥମ ସିଫ୍ଟରେ ୪୨ଟି ବିଷୟରେ ପରୀକ୍ଷା ହେବାକୁ ଥିବା ବେଳେ ଦ୍ୱିତୀୟ ସିଫ୍ଟରେ ୪୧ଟି ବିଷୟରେ ପରୀକ୍ଷା ଦେବେ ଛାତ୍ରୀଛାତ୍ର। ପ୍ରଥମ ସିଫ୍ଟ ସକାଳ ୯ଟା ୩୦ରୁ ଅପରାହ୍ନ ୧୨ଟା ୩୦ ଏବଂ ଦ୍ୱିତୀୟ ସିଫ୍ଟ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ୟୁଜିସି-ଏନ୍‌ଇଟି ବର୍ଷକୁ ଦୁଇଥର ଅର୍ଥାତ୍ ଜୁନ୍ ଓ ଡିସେମ୍ବରରେ ହୋଇଥାଏ।


**ଆଜିର ସମ୍ପାଦକୀୟ**

ଦୁଇଟି ଯୁଦ୍ଧ






**Shailabala Women's Autonomous College, Cuttack**

Accredited with "A Grade' by N.A.A.C. (UGC) (2006, 2017)

**ADMISSION NOTICE 2024-25**

| Course | Duration | Eligibility |
|---|---|---|
| **B.Sc. ITM** (Bachelor of Science Information Technology & Management) | 3 Years | Minimum 40% in aggregate without extra optional, if any, at the Higher Secondary or equivalent examination in Science stream from a recognized Board / University |

Forms and Information Bulletins are available at College Counter on 5th Floor Science Block Annex for Rs. 300/- on all working days OR you may download the form from the college website - **www.shailabalawomenscollege.ac.in.**

**E-mail: sfcshailabalawac2022@gmail.com** *Sd /- Principal*

**For Details, Call: 8249864218, 7978927972**

# ରେଳ ମନ୍ତ୍ରଣାଳୟର କୁପରିଚାଳନାକୁ ଦାୟୀ କଲା କଂଗ୍ରେସ

ନୂଆଦିଲ୍ଲୀ,୧୭।୬

ପଶ୍ଚିମବଙ୍ଗ ଟ୍ରେନ୍ ଦୁର୍ଘଟଣାକୁ ନେଇ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାର ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଟାର୍ଗେଟ କରିଛନ୍ତି। ରେଳ ମନ୍ତ୍ରଣାଳୟର ଅତ୍ୟନ୍ତ କୁପରିଚାଳନା କାରଣରୁ ପଶ୍ଚିମବଙ୍ଗରେ ଟ୍ରେନ୍ ଦୁର୍ଘଟଣା ଘଟି ଏତେସଂଖ୍ୟାରେ ଲୋକଙ୍କ ଜୀବନ ଗଲା। ଏଥିପାଇଁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସୋମବାର ନରେନ୍ଦ୍ର ମୋଦି ସରକାରଙ୍କୁ ନିନ୍ଦା କରିଛନ୍ତି। ମାନବୀୟ ତ୍ରୁଟିରୁ ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ୫୦ ଜଣ ଆହତ ହୋଇଛନ୍ତି, ଯାହାକି ଅତ୍ୟନ୍ତ ଦୁଃଖଦାୟକ ବୋଲି ଖାର୍ଗେ କହିଛନ୍ତି। ଦୁର୍ଘଟଣା ସ୍ଥଳର ଦୃଶ୍ୟ ହୃଦୟ ବିଦାରକ। ଖାର୍ଗେ ମୃତକମାନଙ୍କ ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେମାନଙ୍କୁ ତୁରନ୍ତ ସମ୍ପୂର୍ଣ୍ଣ କ୍ଷତିପୂରଣ ଯୋଗାଇଦେବାକୁ କଂଗ୍ରେସ ଅଧ୍ୟକ୍ଷ ଦାବି କରିଛନ୍ତି। ସେହିପରି ରାହୁଲ କହିଛନ୍ତି, ମୋଦି ସରକାରଙ୍କ କୁପରିଚାଳନା ଏବଂ ଅବହେଳା ପାଇଁ ଗତ ୧୦ ବର୍ଷରେ ଟ୍ରେନ୍ ଦୁର୍ଘଟଣା ବଢ଼ିଛି ଓ ଅନେକ ଲୋକଙ୍କ ଜୀବନ ଯାଇଛି। ଆଜିର ଦୁର୍ଘଟଣା ଉକ୍ତ ବାସ୍ତବତାର ଅନ୍ୟତମ ଉଦାହରଣ। ଏହିସବୁ ଦୁର୍ଘଟଣା ପାଇଁ ମୋଦି ସରକାର ନିଜକୁ ଦାୟୀ କରନ୍ତୁ ବୋଲି ରାହୁଲ ଦାବି କରିଛନ୍ତି।

ସରକାର କେବଳ ନିର୍ବାଚନରେ ଆଗ୍ରହ ରଖୁଛନ୍ତି। କେମିତି ନିର୍ବାଚନରେ ହ୍ୟାକିଂ ଓ ଜାଲିଆତି କରାଯିବ ତାହା ସେମାନେ ଚିନ୍ତା କରୁଥିବାବେଳେ ଟ୍ରେନ୍ ଯାତ୍ରୀ ଓ ରେଳ କର୍ମଚାରୀଙ୍କ ପ୍ରତି ଆଦୌ ନଜର ଦେଉନାହାନ୍ତି ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ଆର୍‌ଜେଡି ଅଧ୍ୟକ୍ଷ ତଥା ପୂର୍ବତନ ରେଳମନ୍ତ୍ରୀ ଲାଲୁ ଯାଦବ ମଧ୍ୟ ଦୁର୍ଘଟଣା ପାଇଁ ମୋଦି ସରକାରଙ୍କୁ ଦାୟୀ କରିଛନ୍ତି।

ଟ୍ରେନ୍ ଦୁର୍ଘଟଣା ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଇସ୍ତଫା ଦିଅନ୍ତୁ ବୋଲି କଂଗ୍ରେସ ନେତା ପ୍ରମୋଦ ତିୱାରୀ ଦାବି କରିଛନ୍ତି। ରେଳମନ୍ତ୍ରୀ ରିଲ୍ ପ୍ରସ୍ତୁତିରେ ବ୍ୟସ୍ତ ଥିବାରୁ ଲୋକଙ୍କ ନିରାପତ୍ତା ସମ୍ପର୍କରେ ଆଲୋଚନା କରିବା ପାଇଁ ତାଙ୍କ ପାଖରେ ସମୟ ନାହିଁ ବୋଲି ତିୱାରୀ କହିଛନ୍ତି। ୨୦୨୧ ଜୁଲାଇରୁ ରେଳମନ୍ତ୍ରୀ ଭାବେ ଅଶ୍ୱିନୀ ତାଙ୍କ କାର୍ଯ୍ୟକାଳକୁ ଅତ୍ୟଧିକ ପ୍ରଚାର ଏବଂ ସୋସିଆଲ ମିଡିଆ କାର୍ଯ୍ୟରେ ବିନିଯୋଗ କରିଥିବାବେଳେ ଉତ୍ତରଦାୟୀ ଶୂନ ବୋଲି କଂଗ୍ରେସ ନେତା ଜୟରାମ ରମେଶ ପ୍ରତିକ୍ରିୟାରେ କହିଛନ୍ତି। ଅନେକ ଟ୍ରେନ୍ ଦୁର୍ଘଟଣା ସତ୍ତ୍ୱେ ରେଳମନ୍ତ୍ରୀ ଉତ୍ତରଦାୟୀ ହେଉ ନ ଥିବାରୁ କଂଗ୍ରେସ ନେତ୍ରୀ ସୁପ୍ରିୟା ଶ୍ରୀନେତ ଏହାର ସମାଲୋଚନା କରିଛନ୍ତି। ଅପରାହ୍ନରେ ରେଳମନ୍ତ୍ରୀ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏବେ ଆମେ ଉଦ୍ଧାର ଓ ମରାମତି କାର୍ଯ୍ୟ ଉପରେ ଗୁରୁତ୍ୱ ଦେଉଛୁ। ଏହା ରାଜନୀତିର ସମୟ ନୁହେଁ ବୋଲି ବିରୋଧୀଙ୍କ ସମାଲୋଚନା ଉପରେ ଏକ ପ୍ରଶ୍ନର ଜବାବ ଦେଇ ଅଶ୍ୱିନୀ କହିଛନ୍ତି।

ପଶ୍ଚିମବଙ୍ଗ ଟ୍ରେନ୍ ଦୁର୍ଘଟଣା


ଦୁର୍ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।


“ପଶ୍ଚିମବଙ୍ଗରେ କାଞ୍ଚନଜଙ୍ଘା ଏକ୍ସପ୍ରେସ ଦୁର୍ଘଟଣାରେ ବହୁ ଲୋକଙ୍କ ମୃତ୍ୟୁ ଘଟିବା ଅତ୍ୟନ୍ତ ଦୁଃଖଦାୟକ। ମୁଁ ସମସ୍ତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଉଛି ଏବଂ ଆହତଙ୍କ ଶୀଘ୍ର ଆରୋଗ୍ୟ ପାଇଁ ଆଶା କରୁଛି। ସରକାର ତୁରନ୍ତ ସମସ୍ତ ପୀଡିତ କିମ୍ବା ସେମାନଙ୍କ ପରିବାରକୁ ସମ୍ପୂର୍ଣ୍ଣ କ୍ଷତିପୂରଣ ପ୍ରଦାନ କରିବା ଉଚିତ। ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରିବାକୁ କଂଗ୍ରେସ କର୍ମୀଙ୍କୁ ଅନୁରୋଧ କରାଯାଇଛି।

**– ରାହୁଲ ଗାନ୍ଧୀ, କଂଗ୍ରେସ ନେତା**


“ମୁଁ ରେଳ ମନ୍ତ୍ରୀ ଥିବାବେଳେ ୨/୩ଟି ବଡ଼ ରେଳ ଦୁର୍ଘଟଣା ଦେଖିଥିଲି। ଏହାପରେ ମୁଁ ଆଣ୍ଟି–କୋଲାଇଜନ୍‌ର ବନ୍ଦୋବସ୍ତ କରାଇଥିଲି। ଏହାଦ୍ୱାରା ଟ୍ରେନ ଧକ୍କା ବନ୍ଦ ହୋଇଗଲା। ବର୍ତ୍ତମାନ ରେଳପଥରେ କ'ଣ ଘଟୁଛି କେହି କିଛି ଜାଣିପାରୁ ନାହାନ୍ତି। ରେଳ ମନ୍ତ୍ରଣାଳୟରେ ବହୁ ସମସ୍ୟା ରହିଛି। ଅନେକ ରେଳ ବଜେଟ ବନ୍ଦ ହୋଇଯାଇଛି। ଆଜି ସମଗ୍ର ରେଳ ବିଭାଗ ଅବହେଳାର ସମ୍ମୁଖୀନ। ରେଳ ମନ୍ତ୍ରଣାଳୟ ପକ୍ଷରୁ ଏଥିପ୍ରତି ଗୁରୁତ୍ୱ ଦିଆଯିବା ଉଚିତ।

**– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

## ସଂକ୍ଷେପରେ

## ପନ୍ନୁନ୍ ହତ୍ୟା ଷଡ଼ଯନ୍ତ୍ର: ନିଖିଲ ଗୁପ୍ତାଙ୍କୁ ଆମେରିକା ପ୍ରତ୍ୟର୍ପଣ

ୱାଶିଂଟନ, ୧୭।୬

ଖଲିସ୍ତାନୀ ଆତଙ୍କବାଦୀ ଗୁରୁପତ୍‌ୱନ୍ତ ସିଂ ପନ୍ନୁନ୍‌ଙ୍କ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚିଥିବା ଅଭିଯୁକ୍ତ ଭାରତୀୟ ନାଗରିକ ନିଖିଲ ଗୁପ୍ତା(୫୨)ଙ୍କୁ ଚେକ୍ ରିପବ୍ଲିକ୍ ରବିବାର ଆମେରିକାକୁ ପ୍ରତ୍ୟର୍ପଣ କରିଛି। ତାଙ୍କୁ ନ୍ୟୁୟର୍କ ସହରର ବ୍ରୁକ୍‌ଲିନସ୍ଥିତ ମେଟ୍ରୋପଲିଟାନ ଡିଟେନ୍‌ସନ୍ ସେଣ୍ଟରରେ ରଖାଯାଇଛି। ନିଖିଲଙ୍କୁ ଗିରଫ କରିବାକୁ ଗତବର୍ଷ ଚେକ୍ ରିପବ୍ଲିକ୍ ସରକାରଙ୍କୁ ଆମେରିକା ଅନୁରୋଧ କରିଥିଲା। ଗତବର୍ଷ ଜୁନ୍ ୩୦ରେ ତାଙ୍କୁ ଗିରଫ କରାଯାଇଥିଲା। ଆମେରିକାକୁ ପ୍ରତ୍ୟର୍ପଣ ବିରୋଧରେ ନିଖିଲ ପୂର୍ବରୁ କରିଥିବା ଆବେଦନକୁ ଚେକ୍ ରିପବ୍ଲିକ୍‌ର ଏକ କୋର୍ଟ ଖାରଜ କରିଦେଇଥିଲେ।

## କଶ୍ମୀରରେ ଏନ୍‌କାଉଣ୍ଟର, ଜଣେ ଆତଙ୍କବାଦୀ ନିହତ

ଶ୍ରୀନଗର, ୧୭।୬

ଜମ୍ମୁ–କଶ୍ମୀର ବାନ୍ଦିପୁରା ଜିଲାରେ ସୋମବାର ସୁରକ୍ଷା ବାହିନୀଙ୍କ ଏନ୍‌କାଉଣ୍ଟରରେ ଜଣେ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। ବାନ୍ଦିପୁରା ଜିଲାର ଅରଗାମ ଗ୍ରାମରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ଗୋଇନ୍ଦା ସୂଚନା ମିଳିବା ପରେ ଉକ୍ତ ଅଞ୍ଚଳରେ ସୁରକ୍ଷା ବାହିନୀ ପକ୍ଷରୁ ସର୍ଚ୍ଚ ଅପରେଶନ କରାଯାଇଥିଲା। ଲୁଚି ରହିଥିବା ଆତଙ୍କବାଦୀଙ୍କୁ ସୁରକ୍ଷା କର୍ମୀ ଘେରିଯିବା ପରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା। ମୃତ ଆତଙ୍କବାଦୀଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଛି।

## ଚାଇନା ଜାହାଜକୁ ଧକ୍କା ଦେଲା ଫିଲିପାଇନ୍ସ ଜାହାଜ

ବେଜିଂ, ୧୭।୬

ବିବାଦୀୟ ଦକ୍ଷିଣ ଚାଇନା ସାଗରରେ ସୋମବାର ଚାଇନା ଓ ଫିଲିପାଇନ୍ସ ନୌସେନା ଜାହାଜ ମଧ୍ୟରେ ଧକ୍କା ହୋଇଛି। ଏନେଇ ଚାଇନାର ତଟସୁରକ୍ଷା ବାହିନୀ ସୂଚନା ଦେଇଛି। ଚାଇନା ଚେତାବନୀକୁ ଅଣଦେଖା କରି ଫିଲିପାଇନ୍ସ ଜାହାଜ ବିପଜ୍ଜନକ ଭାବେ ଦକ୍ଷିଣ ଚାଇନା ସାଗରର ବିବାଦୀୟ ସ୍ପ୍ରେଟଲି ଦ୍ୱୀପପୁଞ୍ଜସ୍ଥିତ 'ସେକେଣ୍ଡ ଥୋମାସ ସୋଲ' ନିକଟରେ ପହଞ୍ଚିବାରୁ ଦୁର୍ଘଟଣା ଘଟିଥିବା ଚାଇନା କହିଛି। ଦୁର୍ଘଟଣା ପାଇଁ ଫିଲିପାଇନ୍ସକୁ ଚାଇନା ଦାୟୀ କରିଛି। ତେବେ ଚାଇନାର ଏହି ଅଭିଯୋଗକୁ ଫିଲିପାଇନ୍ସ ଅସ୍ୱୀକାର କରିଛି। ସେକେଣ୍ଡ ଥୋମାସ ସୋଲ ଏହାର ଉପକୂଳଠାରୁ ୨୦୦ ନଟିକାଲ ମାଇଲ ଦୂରରେ ଅବସ୍ଥିତ ଥିବାରୁ ଏଥିରେ କୌଣସି ବେଆଇନ କାର୍ଯ୍ୟକଳାପ ହୋଇ ନ ଥିବା ଫିଲିପାଇନ୍ସ ପକ୍ଷରୁ କୁହାଯାଇଛି। ୨୦୧୬ର ଅନ୍ତର୍ଜାତୀୟ ମଧ୍ୟସ୍ଥତା ନିୟମ ଅନୁଯାୟୀ ଦକ୍ଷିଣ ଚାଇନା ସାଗରକୁ ନେଇ ଚାଇନାର ଦାବିକୁ ଫିଲିପାଇନ୍ସ ଅବୈଧ ଦର୍ଶାଇଛି।

## ପୋକ୍‌ସୋ ମାମଲାରେ ୟେଦୁରପ୍ପାଙ୍କୁ ୩ ଘଣ୍ଟା ଜେରା

ବେଙ୍ଗାଲୁରୁ, ୧୭।୬

କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ବି. ଏସ୍. ୟେଦୁରପ୍ପା ଏକ ପ୍ରୋଟେକ୍ସନ ଅଫ୍ ଚିଲଡ୍ରେନ ଫ୍ରମ୍ ସେକ୍ସୁଆଲ ଅଫେନ୍ସ(ପୋକ୍‌ସୋ) ମାମଲାରେ ସୋମବାର ରାଜ୍ୟ ପୋଲିସର ଆପରାଧିକ ତଦନ୍ତ ବିଭାଗ (ସିଆଇଡି) ସମ୍ମୁଖରେ ହାଜର ହୋଇଛନ୍ତି। ସିଆଇଡିର ଏକ ଟିମ୍ ମାମଲାର ବିଭିନ୍ନ ଦିଗକୁ ନେଇ ୟେଦୁରପ୍ପାଙ୍କୁ ପଚରାଉଚରା କରିଛି। ତେବେ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚାଯାଇଥିବା ଏହି ଅବସରରେ ୟେଦୁରପ୍ପା କହିଛନ୍ତି। ସେ ଏହି ମାମଲାର ଆଇନଗତ ଲଢ଼େଇ ଜାରି ରଖିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚରେ ୟେଦୁରପ୍ପାଙ୍କ ବିରୋଧରେ ପୋକ୍‌ସୋ ଆକ୍ଟ ଅନୁଯାୟୀ ଏହି ମାମଲା ରୁଜୁ ହୋଇଥିଲା। ୟେଦୁରପ୍ପାଙ୍କ ବାସଭବନକୁ ଏକ ସାହାଯ୍ୟ ପାଇଁ ଯାଇଥିବା ସମୟରେ ଜଣେ ମହିଳା ତାଙ୍କ ଝିଅଙ୍କୁ ଯୌନ ଶୋଷଣ କରାଯାଇଥିବାର ଅଭିଯୋଗ କରିଥିଲେ। ଶୁକ୍ରବାର ଏହି ମାମଲାରେ ୟେଦୁରପ୍ପାଙ୍କୁ କର୍ନାଟକ ହାଇକୋର୍ଟଙ୍କ ନିକଟରୁ ଆଶ୍ୱସ୍ତି ମିଳିଥିଲା। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ହାଇକୋର୍ଟ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।


ବି. ଏସ୍. ୟେଦୁରପ୍ପା

## ବିମାନ ଯାତ୍ରୀଙ୍କ ଖାଦ୍ୟରେ ବ୍ଲେଡ୍

ବେଙ୍ଗାଲୁରୁ, ୧୭।୬

ବେଙ୍ଗାଲୁରୁରୁ ସାନ୍ ଫ୍ରାନ୍ସିସ୍କୋ ଯାଉଥିବା ଏୟାର ଇଣ୍ଡିଆର 'ଏଆଇ ୧୭୫' ବିମାନରେ ଜଣେ ଯାତ୍ରୀଙ୍କୁ ପରଷା ଯାଇଥିବା ଖାଦ୍ୟରେ ବ୍ଲେଡ୍ ଖଣ୍ଡ ମିଳିଥିବା ଘଟଣା ସାମ୍ନାକୁ ଆସିଛି। ଯାତ୍ରୀ ମଥୁରେଶ ଏକ ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ତାଙ୍କ ଅଭିଯୋଗକୁ ଏୟାର ଇଣ୍ଡିଆ ସ୍ୱୀକାର କରିଛି। ଖାଦ୍ୟ ପ୍ରସ୍ତୁତି ବେଳେ ଭୁଲ୍ ବଶତଃ ବ୍ଲେଡ୍ ଖଣ୍ଡ ରହିଯାଇଥିବା ତଦନ୍ତ ପରେ ଜଣାପଡ଼ିଛି ।

## ପାଠ୍ୟପୁସ୍ତକରେ 'ଭାରତ' ଓ 'ଇଣ୍ଡିଆ' ରହିବ

ନୂଆଦିଲ୍ଲୀ,୧୭।୬

**ଏନ୍‌ସିଇଆର୍‌ଟି ଅଧ୍ୟକ୍ଷଙ୍କ ସୂଚନା**

ଜାତୀୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ପାଠ୍ୟପୁସ୍ତକଗୁଡ଼ିକରେ ଦେଶର ନାଁ ଉଭୟ ଭାରତ ଏବଂ ଇଣ୍ଡିଆକୁ ଅଦଳବଦଳ କରି ବ୍ୟବହାର କରାଯିବ। ଏନ୍‌ସିଇଆର୍‌ଟି ଅଧ୍ୟକ୍ଷ ଦୀନେଶ ପ୍ରସାଦ ସାକ୍‌ଲାନି ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେବା ଅବସରରେ ଏହି ସୂଚନା ଦେଇଛନ୍ତି। ସବୁ ଶ୍ରେଣୀର ପାଠ୍ୟପୁସ୍ତକଗୁଡ଼ିକରେ ଇଣ୍ଡିଆ ପରିବର୍ତ୍ତେ ଭାରତ ଲେଖିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ସୁପାରିସ କରିଥିବାବେଳେ ଦୀନେଶଙ୍କ ଉପରୋକ୍ତ ମନ୍ତବ୍ୟ ଉଲ୍ଲେଖନୀୟ। ବହିରେ ଉଭୟ ଭାରତ ଓ ଇଣ୍ଡିଆ ଶବ୍ଦ ବ୍ୟବହାର କରାଯିବ। କୌଣସି ଶବ୍ଦକୁ କାଉନସିଲ୍‌ର ବିରୋଧ ନାହିଁ ବୋଲି ଏନ୍‌ସିଇଆର୍‌ଟି ଅଧ୍ୟକ୍ଷ ସ୍ପଷ୍ଟ କରିଦେଇଛନ୍ତି। ଦେଶର ସମ୍ବିଧାନ ଉଭୟ ନାଁକୁ ସ୍ୱୀକୃତି ଦେଇଛି। ଆମକୁ ଏହା ବଜାୟ ରଖିବାକୁ ହେବ। ଉଭୟ ଭାରତ ଓ ଇଣ୍ଡିଆ ବ୍ୟବହାର କରିବାରେ ସମସ୍ୟା କେଉଁଠି ବୋଲି ସେ ପ୍ରଶ୍ନ କରିଛନ୍ତି।

## ୱାଇକରଙ୍କ ଶପଥକୁ ବନ୍ଦ କରାଯାଉ

■ଶିବସେନା(ୟୁବିଟି)ର ଦାବି
■ଇଭିଏମ୍ ଟ୍ୟାମ୍ପରିଂ ଅଭିଯୋଗ

ମୁମ୍ବାଇ,୧୭।୬

ମୁମ୍ବାଇ ନର୍ଥ ୱେଷ୍ଟ ଆସନରୁ ଶିବସେନା (ଶିନ୍ଦେ) ଟିକେଟରେ ନିର୍ବାଚନ ଲଢ଼ି ମାତ୍ର ୪୮ ଭୋଟ ବ୍ୟବଧାନରେ ଜିତିଥିବା ରବୀନ୍ଦ୍ର ୱାଇକର ଭୋଟଗଣତିରେ ଜାଲିଆତି କରିଥିବା ଅଭିଯୋଗ ହୋଇଛି। ଜୁନ୍ ୪ରେ ଗୋରେଗାଁସ୍ଥିତ ଭୋଟ ଗଣତି କେନ୍ଦ୍ରରେ ରବୀନ୍ଦ୍ରଙ୍କ ଶାଳକ ମଙ୍ଗେଶ ପାଣ୍ଡିଲକର ଜଣେ ନିର୍ବାଚନ ଅଧିକାରୀଙ୍କଠାରୁ ମୋବାଇଲ୍ ଫୋନ୍ ନେଇ ସେଥିରେ ସେ ୱାନ୍ ଟାଇମ୍ ପାସ୍‌ୱାର୍ଡ (ଓଟିପି) ବାହାର କରି ଇଭିଏମ୍‌କୁ ଖୋଲିଥିଲେ। ମଙ୍ଗେଶ ଇଭିଏମ୍‌ରେ ମତଦାନ ଏପରସେପଟ କରିବାରୁ ତାଙ୍କ ଭିଣୋଇ ୪୮ ଖଣ୍ଡ ଭୋଟ ବ୍ୟବଧାନରେ ଜିତିପାରିଥିବା କୁହାଯାଉଛି। ୱାଇକରଙ୍କ ବିଜୟ ସନ୍ଦେହ ଘେରରେ ଥିବାରୁ ଏମ୍‌ପି ଭାବେ ତାଙ୍କ ଶପଥ ଗ୍ରହଣକୁ ରୋକାଯିବା ଆବଶ୍ୟକ ବୋଲି ଶିବସେନା(ୟୁବିଟି) ଏମ୍‌ପି ସଞ୍ଜୟ ରାଉତ କହିଛନ୍ତି। ୱାଇକରଙ୍କ ବିରୋଧରେ ଶିବସେନା(ୟୁବିଟି) ମାମଲା ଦାଏର କରିବ ବୋଲି ଏହାର ନେତା ଅନିଲ ପ୍ରଣବ କହିଛନ୍ତି। ଏଥିସହିତ ତାଙ୍କୁ ବିଜୟୀ ଘୋଷଣା କରିଥିବା ରିଟର୍ଣ୍ଣିଂ ଅଫିସର ବନ୍ଦନା ସୂର୍ଯ୍ୟବଂଶୀଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହେବ ବୋଲି ସେ ସୂଚନା ଦେଇଛନ୍ତି।


ରବୀନ୍ଦ୍ର ୱାଇକର

## କୁକି, ମେଇତି ସମ୍ପ୍ରଦାୟ ସହ ଆଲୋଚନା କରିବ କେନ୍ଦ୍ର

ନୂଆଦିଲ୍ଲୀ,୧୭।୬

**ମଣିପୁର ହିଂସାକୁ ନେଇ ଶାହାଙ୍କ ଉଚ୍ଚସ୍ତରୀୟ ବୈଠକ**

ମଣିପୁର ଜାତିଆଣ ହିଂସା ଘଟଣାକୁ ବର୍ଷେରୁ ଅଧିକ ସମୟ ବିତିଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ସୋମବାର ଏହା ଉପରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାହା ଉକ୍ତ ଉତ୍ତରପୂର୍ବାଞ୍ଚଳ ରାଜ୍ୟର ସୁରକ୍ଷା ସ୍ଥିତି ସମୀକ୍ଷା କରିବା ସହ ଶାନ୍ତି ଓ ସ୍ଥିରତା ପାଇଁ ଆବଶ୍ୟକ ହେଲେ କେନ୍ଦ୍ରୀୟ ବଳ ମୁତୟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଣିପୁରର ମେଇତି ଓ କୁକି ସମ୍ପ୍ରଦାୟର ଲୋକମାନଙ୍କ ସହ ଆଲୋଚନା କରି ସେମାନଙ୍କ ମଧ୍ୟରେ ଏକତା ଫେରାଇଆଣିବା ଦିଗରେ କାର୍ଯ୍ୟ କରିବ। ରିଲିଫ୍ କେନ୍ଦ୍ରଗୁଡ଼ିକର ସ୍ଥିତି ବିଶେଷ କରି ସେଠାରେ ମିଳୁଥିବା ଖାଦ୍ୟ, ଔଷଧ ଓ ଅନ୍ୟାନ୍ୟ ସୁବିଧାର ସମୀକ୍ଷା କରାଯାଇଥିଲା। ନୂଆଦିଲ୍ଲୀର ନର୍ଥ ବ୍ଲକସ୍ଥିତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ଅନୁଷ୍ଠିତ ବୈଠକରେ ବିଭାଗୀୟ ସଚିବ ଅଜୟ ଭାଲ୍ଲା, ଗୋଇନ୍ଦା ବ୍ୟୁରୋ ମୁଖ୍ୟ ତପନ ଡେକା, ସେନା ମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ, ନବନିଯୁକ୍ତ ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ, ମଣିପୁର ପାଇଁ ସୁରକ୍ଷା ଉପଦେଷ୍ଟା କୁଲଦୀପ ସିଂ, ମଣିପୁର ମୁଖ୍ୟ ସଚିବ ରାଜୀବ ସିଂ ଏବଂ ଆସାମ ରାଇଫଲ୍ସ ଡିଜି ପ୍ରଦୀପ ଚନ୍ଦ୍ର ନାୟାର ଯୋଗ ଦେଇଥିଲେ। ଦିନକ ପୂର୍ବରୁ ମଣିପୁର ରାଜ୍ୟପାଳ ଅନୁସୂୟା ଉଇକେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ୍ କରି ରାଜ୍ୟର ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ।

ସୂଚନାଯୋଗ୍ୟ, ଗତବର୍ଷ ମେ' ୩ରୁ ମଣିପୁରରେ କୁକି ଏବଂ ମେଇତି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ଅନ୍ୟୂନ ୨୨୫ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଥିଲେ। ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଘରଦ୍ୱାର ଛାଡ଼ି ପଳାଇଥିଲେ। ସେମାନଙ୍କ ମଧ୍ୟରୁ ଅନେକ ଆଜି ପର୍ଯ୍ୟନ୍ତ ରିଲିଫ କେନ୍ଦ୍ରରେ ଆଶ୍ରୟ ନେଇଛନ୍ତି। ୨ ସପ୍ତାହ ପୂର୍ବେ ମୋରେହ ନିକଟରେ ଏକ ସ୍କୁଲ୍ ଘରକୁ ଉଗ୍ରପନ୍ଥୀ ନିଆଁ ଲଗାଇଦେବା ସହ ଜଣେ ନିଖୋଜ ବ୍ୟକ୍ତିଙ୍କ ମୁଣ୍ଡକାଟ କରିଥିଲେ। ଗତ ସପ୍ତାହରେ ସଶସ୍ତ୍ର ଉଗ୍ରପନ୍ଥୀମାନେ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ସୁରକ୍ଷା ଟିମ୍ ଗାଡ଼ିକୁ ଆକ୍ରମଣ କରିଥିଲେ। ଶାନ୍ତି ଫେରାଇ ଆଣିବାକୁ ପ୍ରାଥମିକତା ଦେବା ଲାଗି ଗତ ୧୦ ତାରିଖରେ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ କହିଥିଲେ।



ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମଣିପୁର ସୁରକ୍ଷା ସ୍ଥିତିର ସମୀକ୍ଷା କରୁଛନ୍ତି।

## ଫୁର୍‌ସତ୍

## ଅଟିଜମ୍ ପିଲାଙ୍କୁ ଆଦର ଲୋଡ଼ା

**ଅଟିଷ୍ଟିକ୍ ପ୍ରାଇଡ୍ ଡେ'**

ପ୍ରତିବର୍ଷ ଜୁନ୍ ୧୮କୁ 'ୱାର୍ଲ୍ଡ ଅଟିଜମ୍ ପ୍ରାଇଡ୍ ଡେ' ଭାବେ ପାଳନ କରାଯାଇଆସୁଅଛି। ଏହି ଅବସରରେ ଚଳିତ ବର୍ଷର ସ୍ଲୋଗାନ ରହିଛି 'ଟେକିଂ ଦ ମାସ୍କ ଅଫ୍' ଅର୍ଥାତ୍, ଅଟିଜମ୍ ଆକ୍ରାନ୍ତ ପିଲାଙ୍କୁ ଘୃଣା ନ କରି ସେମାନଙ୍କୁ ଆଦର କରିବା, ସେମାନଙ୍କ ଦୁଃଖସୁଖରେ ସାଥୀ ହେବା ଏବଂ ସେମାନେ କିପରି ଏକ ସୁନ୍ଦର ତଥା ଖୁସି ଜୀବନ ବିତାଇପାରିବେ ସେଥିନେଇ ଆମେ ସହଯୋଗର ହାତ ବଢ଼ାଇବା। ୨୦୦୫ରେ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା। ସାଧାରଣତଃ ପିଲାଙ୍କଠାରେ ଦେଖାଯାଉଥିବା ଅଟିଜମ୍ ଜନିତ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଶିଶୁ ରୋଗ ବିଶେଷଜ୍ଞ ଡା. ନୀଳମାଧବ ପଣ୍ଡା କହନ୍ତି, 'ବର୍ତ୍ତମାନ ସମଗ୍ର ପୃଥିବୀରେ ଅଟିଜମ୍ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ଭାବରେ ଉଭାହୋଇଛି। ଏ ନେଇ ଅଧିକ ଜନସଚେତନତା ସୃଷ୍ଟି ଲାଗି ଗତ ମାସକୁ 'ଅଟିଜମ୍ ମାସ' ଭାବରେ ପାଳନ କରାଯାଇଛି। ଅଟିଜମ୍ ହେଉଛି ଏକ ସ୍ନାୟୁ ବିକାଶଜନିତ ବିଭ୍ରାଟ। ଏଥିରେ ଆକ୍ରାନ୍ତ ହେଲେ ସମ୍ପୃକ୍ତ ଶିଶୁର ବ୍ୟବହାରରେ ଶିଥିଳତା ଦେଖିବାକୁ ମିଳେ ଏବଂ ସେ ଗୋଟିଏ ପ୍ରକାର ବ୍ୟବହାର ବାରମ୍ବାର କରିଥାଏ। ଅଟିଜମ୍ ଉପସର୍ଗ ବିଭ୍ରାଟ (ଏଏସ୍‌ଡି)ର କେତୋଟି ଲକ୍ଷଣ ରହିଛି। ଶିଶୁଟିକୁ ୧ ବର୍ଷ ହୋଇଥିଲେ ମଧ୍ୟ ତା' ନାଁ ଧରି ଡାକିଲେ ସେ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥାଏ। ଏପରି କି ଯେତେବେଳେ ତାହାର ବୟସ ୧୮ ମାସ ବା ଦେଢ଼ ବର୍ଷ ହୁଏ, ସେତେବେଳେ ସେ ସ୍ପଷ୍ଟ ଭାବରେ କଥା କହିପାରେନା। ସେ ପ୍ରାୟ ଏକ ପ୍ରକାର ଖେଳ ଖେଳିଥାଏ। ସାଙ୍ଗମାନଙ୍କ ସହ କମ୍ ଖେଳାଖେଳି କରେ। ତାହାର ଚାଲିଚଳନରେ ଭିନ୍ନତା ପରିଲକ୍ଷିତ ହୁଏ। ଶିଶୁଠାରେ ଏଭଳି ଲକ୍ଷଣ ଦେଖିଲେ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ କରି ତାର ବିହିତ ବ୍ୟବସ୍ଥା କରିପାରିବେ। ତେବେ ଏଭଳି ସମସ୍ୟାରେ ଆକ୍ରାନ୍ତ ଶିଶୁକୁ ଉତ୍ତମ ବ୍ୟବହାର ତଥା ଆଦର କରିବା ଆବଶ୍ୟକ।

## ମନକୁ ହାଲୁକା କରେ ପିକ୍‌ନିକ୍

**ବିଶ୍ୱ ବଣଭୋଜି ଦିବସ**

ସାରା ବିଶ୍ୱରେ ଜୁନ୍ ୧୮ରେ ପାଳନ କରାଯାଉଛି ଇଣ୍ଟରନାଶନାଲ ପିକ୍‌ନିକ୍ ଡେ' ବା ବିଶ୍ୱ ବଣଭୋଜି ଦିବସ। ଏହି ସ୍ୱତନ୍ତ୍ର ଦିନରେ ଲୋକମାନେ ପିକ୍‌ନିକ୍ ମାଧ୍ୟମରେ ନିଜର ସାଙ୍ଗସାଥୀଙ୍କୁ ଭେଟିବାର ସୁଯୋଗ ପାଇଥାନ୍ତି। ଜଣେ ଅନ୍ୟ ଜଣଙ୍କ ସହ ସମୟ ଅତିବାହିତ କରିଥାନ୍ତି। ବ୍ୟସ୍ତବହୁଳ ଜୀବନରୁ ଟିକେ ସମୟ ବାହାର କରି ମନକୁ ହାଲୁକା କରିବା ପାଇଁ ପିକ୍‌ନିକ୍‌ର ମଜା ନେଇଥାନ୍ତି । ଏହି ଦିନର ଇତିହାସ ଏବଂ ମହତ୍ତ୍ୱ ବିଷୟରେ ଜାଣନ୍ତୁ...

ଯଦିଓ ଏହି ଦିନର କୌଣସି ସଠିକ୍ ତଥ୍ୟ ନାହିଁ ମାତ୍ର ବିଦେଶରେ ରହୁଥିବା ଲୋକେ ନିଜର ପରିବାର ସହ ସମୟ ବିତାଇବା ପାଇଁ ଉକ୍ତ ଦିନଟିକୁ ବାଛିଥାନ୍ତି। ପିକ୍‌ନିକ୍ ଫ୍ରେଞ୍ଚ ଭାଷାରୁ ଆସିଛି। ଯେଉଁଥିରେ ଲୋକମାନେ ଗୋଟିଏ ଜାଗାରେ ଏକାଠି ହୋଇ ସମୟ ବିତାଇଥାନ୍ତି ଏବଂ ନିଜ ନିଜର ଖାଦ୍ୟ ଏକାସାଙ୍ଗରେ ଶେୟାର କରିଥାନ୍ତି। ଫ୍ରାନ୍ସର ଲୋକେ ପ୍ରଥମେ ଏହି ଦିବସ ପାଳନ କରିଥିଲେ।

ସେହିପରି ପର୍ତ୍ତୁଗାଲରେ ପିକ୍‌ନିକ୍ ଡେ' ବେଶ୍ ଆଡମ୍ବରରେ ପାଳନ କରାଯାଇଥାଏ। ତେବେ ଏହି ଦିବସ ପାଳନର ଉଦ୍ଦେଶ୍ୟ ହେଲା ବ୍ୟସ୍ତ ଜୀବନରୁ କିଛି ସମୟ ମୁକ୍ତି ପାଇବା ବା ମନକୁ ହାଲକା କରିବା। ତେବେ ଲୋକେ ପ୍ରଥମେ ରାଜନୈତିକ ଗତିବିଧିକୁ ନେଇ ଏଠାରେ ଇଭେଣ୍ଟ ଆୟୋଜନ କରାଯାଉଥିଲା। ମାତ୍ର ଧିରେ ଧିରେ ଏହାର ଟ୍ରେଣ୍ଡ ବଦଳିଗଲା। ପିକ୍‌ନିକ୍ ସ୍ପଟ୍‌ରେ ମ୍ୟୁଜିକ୍ ତଥା ସଙ୍ଗୀତକୁ ମଧ୍ୟ ଉପଭୋଗ କରିଥାନ୍ତି ଲୋକେ। ସୁନ୍ଦର ସୁନ୍ଦର ଗୀତରେ ଲୋକେ ଏକାଠି ହୋଇ ଡ୍ୟାନ୍ସ କରିଥାନ୍ତି। ଯାହାକି ମନକୁ ହାଲୁକା କରିଥାଏ।



## ଲେଖିକା ହେଲେ ଆଲିଆ

ମୁମ୍ବାଇ

ଅଭିନେତ୍ରୀ ଆଲିଆ ଭଟ୍ଟ ଜଣେ ଲେଖିକା ଭାବରେ ନିଜ ଜୀବନର ନୂତନ ଅଧ୍ୟାୟ ଆରମ୍ଭ କରିଛନ୍ତି। ସେ 'ଇଡି ଫାଇଣ୍ଡ୍‌ସ ଏ ହୋମ୍' ନାମକ ନିଜର ପ୍ରଥମ ଶିଶୁ ଚିତ୍ର ପୁସ୍ତକ ରବିବାର ଉନ୍ମୋଚନ କରିଛନ୍ତି। ମା' ସୋନି ରାଜଦାନ ଏବଂ ଭଉଣୀ ଶାହିନ୍ ଭଟ୍ଟଙ୍କ ଉପସ୍ଥିତିରେ ମୁମ୍ବାଇର 'ଜିଓ ୱାର୍ଲ୍ଡ ଡ୍ରାଇଭ୍'ରେ ଅନୁଷ୍ଠିତ ଶିଶୁ ସାହିତ୍ୟ ମହୋତ୍ସବର କାହାଣୀ ସଂସ୍କରଣରେ ଆଲିଆ ଏହି ପୁସ୍ତକ ଉନ୍ମୋଚନ କରିଛନ୍ତି। କାର୍ଯ୍ୟକ୍ରମ ଶେଷରେ ସେ ତାଙ୍କ ଶିଶୁ ପ୍ରଶଂସକମାନଙ୍କୁ ଭେଟିଥିବାର ମଧ୍ୟ ନଜର ଆସିଛନ୍ତି। 'ଇଡି ଫାଇଣ୍ଡ୍‌ସ ଏ ହୋମ୍' ପୁସ୍ତକରେ ଇଡି ନାମକ ଏକ ପୋଷାକୁକୁର ସହ ଜଣେ ଛୋଟ ଝିଅର ବନ୍ଧୁତ୍ୱକୁ ନେଇ ବିଭିନ୍ନ ହୃଦୟସ୍ପର୍ଶୀ କାହାଣୀ ରହିଥିବା ଆଲିଆ ନିଜ ପ୍ରଶଂସକଙ୍କୁ ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ମାଧ୍ୟମରେ ଜଣାଇଛନ୍ତି।









# ଲୋକାଭିମୁଖୀ ବଜେଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୭।୬(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଅର୍ଥ ବିଭାଗ ନିଜ ପାଖରେ ରଖିଛନ୍ତି। ଆସନ୍ତା ବିଧାନସଭାରେ ନିଜେ ଅର୍ଥ ବଜେଟ ଉପସ୍ଥାପନ କରିବା ସମ୍ଭାବନା ରହିଛି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଲୋକାଭିମୁଖୀ ବଜେଟ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ଯୋଜନା ଓ ସଂଯୋଜନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଉନ୍ନୟନ କମିଶନର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ଅବଗତ କରାଇଛନ୍ତି। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆସନ୍ତା ବଜେଟରେ ଜନସାଧାରଣଙ୍କ ଆଶା ଓ ଆକାଂକ୍ଷା ପ୍ରତିଫଳିତ ହେବ। ବିଭିନ୍ନ ବିଭାଗର ସମସ୍ତ ଯୋଜନାକୁ ଅଧିକ କାର୍ଯ୍ୟକ୍ଷମ ଓ ଫଳପ୍ରଦ କରିବା ସହ ଜିଲାସ୍ତରରେ ଯୋଜନାଗୁଡ଼ିକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଆସନ୍ତା ୧୦୦ ଦିନ ଭିତରେ ଧାନ କୁଇଣ୍ଟାଲ ୩୧୦୦ ଟଙ୍କା କରିବା ଏବଂ ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ୫୦ ହଜାରର ଭାଉଚର ଦେବା ପାଇଁ ନୂଆ ସରକାରଙ୍କ ପ୍ରଥମ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ହୋଇଛି। ତେଣୁ ମୁଖ୍ୟମନ୍ତ୍ରୀ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ବେଳେ ଏହି ୨ଟି ବଡ଼ ଯୋଜନା ପାଇଁ ବଜେଟରେ ବ୍ୟୟବରାଦ ହେବାର ସମ୍ଭାବନା ରହିଛି। ସାଧାରଣ ନିର୍ବାଚନ ପାଇଁ ପୂର୍ବ ସରକାର ବିଧାନସଭାରେ କାମଚଳା ବଜେଟ୍ ଉପସ୍ଥାପନା କରିଥିଲେ। ଏପ୍ରିଲରୁ ଜୁଲାଇ ଯାଏ ୪ ମାସ ପାଇଁ ଏହି ବଜେଟ୍ ଉପସ୍ଥାପନ ହୋଇଥିଲା। ଏବେ ନୂଆ ସରକାର ଆସିବା ପରେ ନୂଆ ବଜେଟ୍ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।

# ଆଜି ବିଧାୟକଙ୍କ ଶପଥ ଗ୍ରହଣ

- ବୁଧବାର ମଧ୍ୟ ଏହି କାର୍ଯ୍ୟକ୍ରମ ଚାଲିବ
- ୨୦ରେ ବାଚସ୍ପତି ନିର୍ବାଚନ, ୧୯ରେ ନାମାଙ୍କନ ଦାଖଲ

ଭୁବନେଶ୍ୱର, ୧୭।୬(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନରେ ବିଜୟୀ ହୋଇଥିବା ବିଧାୟକମାନେ ମଙ୍ଗଳବାର ଏବଂ ବୁଧବାର ଶପଥ ଗ୍ରହଣ କରିବେ। କାମଚଳା ବାଚସ୍ପତି ଭାବେ ଦାୟିତ୍ୱ ନେଇଥିବା ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ ନିର୍ବାଚିତ ସଦସ୍ୟଙ୍କ ଶପଥ ପାଠ କରାଇବେ। ନିୟମାନୁଯାୟୀ, ପ୍ରଥମେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଶପଥ ଗ୍ରହଣ କରିବା ପରେ ଯାଇ ଅନ୍ୟ ସମସ୍ତ ନିର୍ବାଚିତ ପ୍ରତିନିଧିମାନେ ଶପଥ ନେଇପାରିବେ। ମଙ୍ଗଳବାର ଏବଂ ବୁଧବାର ଦୁଇ ଦିନ ୧୦ଟାରୁ ୫ଟା ଭିତରେ ସମସ୍ତ ବିଧାୟକ ଶପଥ ଗ୍ରହଣ କରିବେ। ତେଣୁ ଏଥିଲାଗି ବିଧାନସଭା ଭିତରେ ଏବଂ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସମସ୍ତ ନିର୍ବାଚିତ ବିଧାୟକ ପ୍ରାର୍ଥୀମାନେ ଏହି ଶପଥ ପାଠ କରିସାରିଲେ ହିଁ ବିଧାନସଭାର ସମସ୍ତ କାର୍ଯ୍ୟରେ ସାମିଲ ହୋଇପାରିବେ। ଯେପରି ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବାଚସ୍ପତି ନିର୍ବାଚନ, ସେଥିରେ ମଧ୍ୟ ଶପଥ ନେଇସାରିବା ପରେ ବିଧାୟକମାନେ ଭାଗ ନେଇପାରିବେ। ଯେଉଁମାନେ ଏହି ଦୁଇ ଦିନରେ କୌଣସି କାରଣବଶତଃ ଶପଥ ନ ନେଲେ ସେମାନେ ବାଚସ୍ପତି ନିର୍ବାଚନରେ ଭୋଟ୍ ଦେଇପାରିବେ ନାହିଁ। ନୂଆ ବାଚସ୍ପତି ଆସିବା ପରେ ତାଙ୍କ ଚାମ୍ବରରେ ଯାଇ ଶପଥ ନେବେ।

ଆସନ୍ତା ୨୦ ତାରିଖରେ ରାଜ୍ୟରେ ନୂଆ ବାଚସ୍ପତି ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ୧୯ ତାରିଖରେ ପ୍ରାର୍ଥୀମାନେ ନିଜର ନାମାଙ୍କନ ପତ୍ର ଦାଖଲ କରିବେ। ୨୦ରେ ବାଚସ୍ପତି ପଦ ଲାଗି ଭୋଟିଂ ହେବାକୁ ଥିବାବେଳେ କେତେଜଣ ଏଥିଲାଗି ନାମାଙ୍କନ ଦାଖଲ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ବିରୋଧୀ ପ୍ରାୟତଃ ବାଚସ୍ପତି ନିର୍ବାଚନ ଲାଗି ନିଜର ପ୍ରାର୍ଥୀ ଦେଇ ନ ପାରନ୍ତି। ଅନ୍ୟପଟେ ଭାଜପାରୁ କାହାକୁ ବାଚସ୍ପତି ପଦ ଲାଗି ପ୍ରାର୍ଥୀ କରାଯାଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ନୂଆ ବାଚସ୍ପତି ନିର୍ବାଚନ ପରିଚାଳନା ମଧ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କରାଇବେ।

# ଲାଲ୍ ରଙ୍ଗର ପାଣିକୁ ନେଇ ଗୋଷ୍ଠୀ ସଂଘର୍ଷ

- ଢେଲାପଥର ମାଡ଼ରେ ଏକାଧିକ ଆହତ
- ପୋଲିସର ଲାଠିଚାର୍ଜ, ୧୪୪ ଧାରା ଜାରି
- ସମାଧାନ ପାଇଁ ଶାନ୍ତି କମିଟି ବୈଠକ

ବାଲେଶ୍ୱର,୧୭।୬(ମାନସ ବିଶ୍ୱାଳ)


ଉତ୍ତେଜିତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

ବାଲେଶ୍ୱର ସହର ଭୁଜାଖିଆ ପୀର ନିକଟସ୍ଥ ନାଳରେ ପ୍ରବାହିତ ଲାଲ୍ ରଙ୍ଗର ପାଣିକୁ କେନ୍ଦ୍ରକରି ଉତ୍ତେଜନା ସୃଷ୍ଟି ହୋଇଛି। ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ସହ ଆକ୍ରମଣ, ପ୍ରତି ଆକ୍ରମଣରେ ଉଭୟ ପକ୍ଷର ଅନେକ ଲୋକ ଆହତ ହୋଇଛନ୍ତି। ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୋଲିସ ପକ୍ଷରୁ ଲାଠିଚାର୍ଜ କରାଯିବା ସହ ଲୁହବୁହା ଗ୍ୟାସ୍ ପ୍ରୟୋଗ କରାଯାଇଛି। ଉତ୍ତେଜନା ଲାଗିରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି। ଗୋଟିଏ ସ୍ଥାନରେ ୫ଜଣରୁ ଅଧିକ ଏକାଠି ନ ହେବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ କରାଯାଇଛି।

ସୋମବାର ସକାଳ ୧୦ଟା ବେଳେ ନାଳରେ ବୋହୁଥିବା ଲାଲ୍ ରଙ୍ଗର ପାଣିକୁ ରକ୍ତ ବୋଲି ସନ୍ଦେହ କରି ସୁନହଟ ଅଞ୍ଚଳର ଲୋକେ ପ୍ରତିକ୍ରିୟାଶୀଳ ହୋଇପଡିଥିଲେ। ଏହାର ପ୍ରତିବାଦ କରି ଲୋକେ ଏକାଠି ହୋଇ ଟାଉନ ଥାନା ପୋଲିସକୁ ଜଣାଇଥିଲେ। ପୋଲିସ ଏଥିପ୍ରତି ଗୁରୁତ୍ୱ ନ ଦେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ଭୁଜାଖିଆପୀର-ଚାନ୍ଦିପୁର ରାସ୍ତାକୁ ପାତ୍ରପଡା ଛକଠାରେ ଅବରୋଧ କରିଥିଲେ। ଏହି ସମୟରେ ୬୦୦ରୁ ଊର୍ଦ୍ଧ୍ୱ ଅନ୍ୟ ଏକ ଗୋଷ୍ଠୀର ଲୋକ ହାତରେ ଇଟା, ପଥର, ମଦ ବୋତଲ, ଭଙ୍ଗା କାଚ ଓ ଠେଙ୍ଗା ବାଡି ଧରି ରାସ୍ତା ଅବରୋଧକାରୀଙ୍କୁ ଆକ୍ରମଣ କରିଥିଲେ। ପରେ ଉଭୟ ଗୋଷ୍ଠୀ ମୁହାଁମୁହିଁ ହେବା ସହ ପରସ୍ପର ଉପରକୁ ଟେକା ପଥର ମାଡ଼ କରିଥିଲେ। ଦୀର୍ଘ ସମୟ ପରେ ପୋଲିସ ପହଞ୍ଚିଥିଲେ ମଧ୍ୟ ଗଣ୍ଡଗୋଳ ନିୟନ୍ତ୍ରଣ ହୋଇପାରି ନ ଥିଲା। ବାଲେଶ୍ୱର ଏସ୍‌ପି ସାଗରିକା ନାଥ, ସଦର ଏସ୍‌ଡିପିଓ ଶଶାଙ୍କ ଶେଖର ବେଉରିଆ ଓ ଟାଉନ ଥାନା ଅଧିକାରୀଙ୍କ ସମେତ ୫ ପ୍ଲାଟୁନ ଫୋର୍ସ ପହଞ୍ଚି ଲାଠିଚାର୍ଜ କରିବା ସହିତ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲେ। ଉତ୍ତେଜନା ସାମାନ୍ୟ ଥମିବା ପରେ ପୋଲିସ ସମାଧାନ ପାଇଁ ଶାନ୍ତି କମିଟି ବୈଠକ ଡାକି ଉଭୟ ପକ୍ଷର ମୁରବିମାନଙ୍କ ସହ ଆଲୋଚନା କରିଛି। ଏହି ଗୋଷ୍ଠୀ ସଂଘର୍ଷରେ ୧୫ରୁ ଅଧିକ ମୋଟରସାଇକେଲ ଓ ସ୍କୁଟି ଭଙ୍ଗାରୁଜା ହୋଇଛି। ସ୍ଥାନୀୟ କେତେଜଣ ଲୋକଙ୍କ ଘରେ ଅନ୍ୟ ଗୋଷ୍ଠୀର ଲୋକେ ପଶି ଭଙ୍ଗାରୁଜା କରିଥିବା ଖବର ମିଳିଛି। ସୁନହଟ, ଗବଗାଁ, ପୁରୁଣା ବାଲେଶ୍ୱର, ପୁଞ୍ଜବାଗ, ବଡ଼ଖୁଆ, ଧତେଇ ସାହି ଅଞ୍ଚଳରେ ଉତ୍ତେଜନା ଜାରି ରହିଛି। ଉଭୟ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଛି।

## ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ନିବେଦନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୭।୬(ସୁନିତ୍ ମିଶ୍ର)

ବାଲେଶ୍ୱରଠାରେ ସୋମବାର ଘଟିଥିବା ଗୋଷ୍ଠୀଗତ ଉତ୍ତେଜନା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବାଲେଶ୍ୱର ଜିଲାପାଳଙ୍କ ସହ ଆଲୋଚନା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କୌଣସି ପରିସ୍ଥିତିରେ ଶାନ୍ତିଶୃଙ୍ଖଳା ବ୍ୟାହତ ହେବାକୁ ଦିଆଯିବ ନାହିଁ। ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ଭାଇଚାରା ବଜାୟ ରଖି ସମସ୍ତେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ସେ ନିବେଦନ କରିଛନ୍ତି।

# ଶପଥ ଉତ୍ସବ ପାଇଁ ବିଧାନସଭାରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର,୧୭।୬
(ସୂର୍ଯ୍ୟକାନ୍ତ ବେହେରା)

ଓଡିଶାରେ ଭାଜପା ସରକାର ଗଠନ ହେବା ପରେ ମଙ୍ଗଳବାରଠାରୁ ବିଧାନସଭାରେ ୩ ଦିନିଆ ଅଧିବେଶନ ଆରମ୍ଭ ହେବ। କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନବନିର୍ବାଚିତ ବିଧାୟକମାନଙ୍କୁ ଶପଥ ପାଠ କରାଇବେ। ଏହାସହ ୨୦ରେ ବାଚସ୍ପତି ନିର୍ବାଚନ ହେବ। ଏହାକୁ ଦୃଷ୍ଟିରେ ରଖି ବିଧାନସଭାକୁ ପୋଲିସ ପକ୍ଷରୁ କଡା ସୁରକ୍ଷା ବଳୟ ଭିତରେ ରଖାଯାଇଛି। ପୋଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ ସୋମବାର ବିଧାନସଭା ଓ ଏହାର ପରିସରର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ତାଙ୍କ ସହ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଓ ଗୋଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ମଧ୍ୟ ଏହି ଯାଞ୍ଚ ସମୟରେ ଉପସ୍ଥିତ ଥିଲେ। ବିଧାୟକଙ୍କ ଶପଥ ଗ୍ରହଣ ଉତ୍ସବ ଲାଗି ବିଧାନସଭାରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ହୋଇଛି। ପୋଲିସ କମିଶନର ସୁରକ୍ଷା ଦାୟିତ୍ୱରେ ଥିବାବେଳେ ୭୫ ପୋଲିସ ଅଧିକାରୀଙ୍କ ସହ ୮ ପ୍ଲାଟୁନ ପୋଲିସ ନିୟୋଜିତ ହୋଇଛନ୍ତି। ଏହାସହିତ ଆଣ୍ଟି ସାବୋଟେଜ ଓ ଆଣ୍ଟି ଟେରରିଷ୍ଟ ଟିମ୍,ଡଗ୍ସ ସ୍କ୍ୱାଡ୍ ଆଦି ମଧ୍ୟ ରହିଛନ୍ତି। ଅନ୍ୟପଟେ ବିଧାନସଭା ସାମ୍ନାରେ କଣ୍ଟ୍ରୋଲ ରୁମ୍ ମଧ୍ୟ ଖୋଲାଯାଇଛି। ସେହିପରି ଏଥର କୌଣସି ରାଲି, ବିକ୍ଷୋଭ ଆଦି ନ ଥିବାରୁ ଲୋୟର ପିଏମଜିରେ ସେଭଳି କୌଣସି ବ୍ୟବସ୍ଥା କରାଯାଇ ନ ଥିବା ପୋଲିସ ମହାନିର୍ଦ୍ଦେଶକ ଷଡଙ୍ଗୀ ସୂଚନା ଦେଇଛନ୍ତି।



ବିଧାନସଭା ପରିସରରେ ସୋମବାର ପୋଲିସ ଡିଜି ଏବଂ ବରିଷ୍ଠ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି।

# ସରିଲା ଯୁକ୍ତ୩ ଆବେଦନ: ୨୫ରେ ପ୍ରଥମ ମେଧା ତାଲିକା

ଭୁବନେଶ୍ୱର, ୧୭।୬(ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତ୩ ନାମଲେଖା ନିମନ୍ତେ ସୋମବାର ଆବେଦନ ପ୍ରକ୍ରିୟା ଶେଷ ହୋଇଛି। ୨ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନାମଲେଖା ପାଇଁ ଆବେଦନ କରିଛନ୍ତି। ସୋମବାର ରାତି ୮ଟା ସୁଦ୍ଧା ୨,୨୯,୮୨୦ ଜଣ ଆବେଦନ କରିଥିବାବେଳେ ୨,୨୭,୮୪୯ ଜଣ ଅନ୍‌ଲାଇନ୍‌ରେ ଫି' ଦାଖଲ କରିଛନ୍ତି। ୧୮ ରୁ ୧୯ ତାରିଖ ମଧ୍ୟରେ ଛାତ୍ରୀଛାତ୍ର ଆବେଦନ ଫର୍ମରେ ତ୍ରୁଟି ସୁଧାରି ପାରିବେ। ୨୫ ତାରିଖ ଅପରାହ୍ନ ୪ଟାରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ୨୫ରୁ ୨୮ ତାରିଖ ଯାଏ ଛାତ୍ରୀଛାତ୍ର ସ୍ଲାଇଡ୍ ଅପ୍‌ସନ ଚୟନ କରିପାରିବେ। ୨୬ରୁ ୨୯ ତାରିଖ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ନାମଲେଖା ଅନୁଷ୍ଠିତ ହେବ। ସେହିଭଳି ଜୁଲାଇ ୫ ଅପରାହ୍ନ ୪ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ୬ରୁ ୯ ତାରିଖ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହି ପର୍ଯ୍ୟାୟ ନାମଲେଖା ଅନୁଷ୍ଠିତ ହେବ। ଜୁଲାଇ ୧୫ ଅପରାହ୍ନ ୪ଟାରେ ତୃତୀୟ ପର୍ଯ୍ୟାୟ ମେଧା ତାଲିକା ବାହାରିବ ଓ ୧୬ରୁ ୧୯ତାରିଖ ପର୍ଯ୍ୟନ୍ତ ମନୋନୀତ ଛାତ୍ରୀଛାତ୍ର ନାମଲେଖାଇ ପାରିବେ। ଅଗଷ୍ଟ ୧ରୁ ଯୁକ୍ତ୩ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ। ସୂଚନାଯୋଗ୍ୟ, ରାଜ୍ୟରେ ମୋଟ ୧,୦୫୬ଟି ଡିଗ୍ରୀ କଲେଜ ଥିବାବେଳେ ୨,୭୪,୫୦୭ଟି ସିଟ୍ ରହିଛି।

# ବନ୍ଦ ହେବନି ମିଶନ ଶକ୍ତି: ଉପମୁଖ୍ୟମନ୍ତ୍ରୀ

## ୧୦୦ ଦିନର କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୭।୬(ଅନିଲ ଦାସ)



ମିଶନ ଶକ୍ତିକୁ ନେଇ ଦେଖାଦେଇଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। ମିଶନ ଶକ୍ତି ବନ୍ଦ ହେବନି। ଏହାକୁ ଆହୁରି ଅଧିକ କ୍ରିୟାଶୀଳ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସୋମବାର ସେ ମିଶନ ଶକ୍ତି ବିଭାଗ ଅଧୀନରେ ପ୍ରଚଳିତ ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ବିକଶିତ ଓଡ଼ିଶା ସ୍ୱପ୍ନ ପୂରଣ ଦିଗରେ ମିଶନ ଶକ୍ତିର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିବା ସହ ସାରା ରାଜ୍ୟରେ ମହିଳା ସଶକ୍ତୀକରଣରେ ହୋଇଥିବା ଅଗ୍ରଗତି ସମ୍ବନ୍ଧରେ ଆଲୋକପାତ କରିଛନ୍ତି। ଏହାଛଡ଼ା ୧୦୦ ଦିନିଆ କାର୍ଯ୍ୟଖସଡ଼ା ପ୍ରସ୍ତୁତି କରିବା ସକାଶେ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଦକ୍ଷତା ବିକାଶ ଏବଂ ବଜାର ଲିଙ୍କେଜ୍ ସମେତ ମିଶନ ଶକ୍ତିର ପ୍ରସାର ଏବଂ କାର୍ଯ୍ୟକାରିତାକୁ ବୃଦ୍ଧି କରିବା ପାଇଁ ରଣନୀତି ପ୍ରସ୍ତୁତି ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ମିଶନ ଶକ୍ତି ମାଧ୍ୟମରେ ମହିଳା ସଶକ୍ତୀକରଣ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇବା ସହ ଏହାକୁ ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ପହଞ୍ଚାଇବା ତଥା ବିକଶିତ ଓଡ଼ିଶାର ଲକ୍ଷ୍ୟ ହାସଲ କରିବା ନିମନ୍ତେ ମିଳିତ ଉଦ୍ୟମ ପାଇଁ ସେ ଆହ୍ୱାନ ଦେଇଛନ୍ତି। ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପଦକ୍ଷେପ ଦ୍ୱାରା କିପରି ଅଧିକରୁ ଅଧିକ ମହିଳା ଉପକୃତ ହେବେ, ତୃଣମୂଳ ସ୍ତରରେ ଏହି କାର୍ଯ୍ୟକ୍ରମଗୁଡ଼ିକର ପ୍ରଭାବ, ସ୍ଥିରତା ସୁନିଶ୍ଚିତ ହେବ, ମିଶନ ଶକ୍ତି କାର୍ଯ୍ୟକ୍ରମର ସହଭାଗିତା ଏବଂ ଯୋଗଦାନକୁ ମଜଭୁତ କରାଯାଇପାରିବ ତା' ଉପରେ ବୈଠକରେ ଆଲୋଚନା କରାଯାଇଛି। ରାଜ୍ୟରେ ମିଶନ ଶକ୍ତି ଜରିଆରେ ୬ ଲକ୍ଷ ୨ ହଜାର ସ୍ୱୟଂ ସହାୟକ ଗୋଷ୍ଠୀରେ ପ୍ରାୟ ୭୦ ଲକ୍ଷ ସଦସ୍ୟା ରହିଛନ୍ତି।

ଏହି ବୈଠକରେ ମିଶନ ଶକ୍ତି ବିଭାଗର କମିଶନର ତଥା ସଚିବ ଶାଳିନୀ ପଣ୍ଡିତ, ରାଜ୍ୟ ମିଶନ ନିର୍ଦ୍ଦେଶକ ତଥା ସିଇଓ, ଓଡ଼ିଶା ଜୀବିକା ମିଶନ, ଭିନୀତ ଭରଦ୍ୱାଜ, ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ରାୟଗଡ଼ା ପରେ କୋରାପୁଟରେ ବ୍ୟାପିଲା ଡିପ୍‌ଥେରିଆ

## ଜଣେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର, ନିୟନ୍ତ୍ରଣରେ ମୁନୁଷପଦର ସ୍ଥିତି

ରାୟଗଡ଼ା/କୋରାପୁଟ,୧୭।୬
(ଆଶିଷ ରଞ୍ଜନ ପଣ୍ଡା/ଅମିତାଭ ବେହେରା)


ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଆକ୍ରାନ୍ତ ଶିଶୁଙ୍କ ଚିକିତ୍ସା ଚାଲିଛି।

ରାୟଗଡ଼ା ଜିଲାରୁ ପଡ଼ୋଶୀ କୋରାପୁଟ ଜିଲାକୁ ଡେଇଁଛି ଡିପ୍‌ଥେରିଆ। କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ କୁମ୍ଭାରିପୁଟ ଗ୍ରାମରେ ଜଣେ ଶିଶୁ ଡିପ୍‌ଥେରିଆ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସେ ହେଉଛନ୍ତି ଜିପୁନ ମେଲେକା (୧୦)। ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିପୁନଙ୍କୁ ଚିକିତ୍ସା ଚାଲିଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଅକ୍ସିଜେନ ଲଗାଇ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ତେବେ କୁମ୍ଭାରିପୁଟ ଗ୍ରାମରେ ଆହୁରି କିଛି ଜଣ ଆକ୍ରାନ୍ତ ରହିଥିବା ଜିପୁନଙ୍କ ବାପା ସୁବାରାଓ ମେଲେକା ସୂଚନା ଦେଇଛନ୍ତି। ଏଣେ ବର୍ଷାଋତୁ ଆଗମନ ପୂର୍ବରୁ ରୋଗ ବ୍ୟାପିବା ଲୋକଙ୍କ ଚିନ୍ତା ବଢାଇଛି।

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତ ମୁନୁଷପଦର ଗ୍ରାମରେ ଦେଖାଦେଇଥିବା ଡିପ୍‌ଥେରିଆ ଧୀରେ ଧୀରେ ନିୟନ୍ତ୍ରଣକୁ ଆସୁଛି। କୌଣସି ନୂଆ ଆକ୍ରାନ୍ତ ବର୍ତ୍ତମାନ ଆଉ ଚିହ୍ନଟ ହୋଇନାହାନ୍ତି। ଆକ୍ରାନ୍ତ ଶିଶୁଙ୍କ ଚିକିତ୍ସା ଚାଲିଛି। ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜରେ ମହେନ୍ଦ୍ର ମାଝି (୫), ଜୟରାମ ମାଝି (୫) ଓ ପବିତ୍ର ମାଝି (୮) ଚିକିତ୍ସିତ ହେଉଛନ୍ତି। ସେହିଭଳି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଜୟ ମାଝି (୩) ଓ ମୋହନ ମାଝି (୫) ଚିକିତ୍ସିତ ହେଉଛନ୍ତି। ରବିବାର ଆକ୍ରାନ୍ତ ଶିଶୁଙ୍କୁ ଆଣ୍ଟିଟକ୍ସିନ ଇଞ୍ଜେକ୍ସନ ଦିଆଯାଇଥିବାରୁ ଏହି ଶିଶୁମାନେ ସୁସ୍ଥ ହେବା ପାଇଁ ଆହୁରି କିଛିଦିନ ଲାଗିବ ବୋଲି ଡାକ୍ତର କହିଛନ୍ତି। ଆକ୍ରାନ୍ତ ହରି ମାଝୀ (୬୧) ସୁସ୍ଥ ହୋଇ ଘରକୁ ଫେରିଥିବା ସୂଚନା ମିଳିଛି। ଅପରପକ୍ଷରେ ମୁନୁଷପଦର ଗାଁରେ ଟିକାକରଣ ହୋଇ ନ ଥିବା ନେଇ ରାୟଗଡା ବିଧାୟକ ଆପଲାସ୍ୱାମୀ କାଡ୍ରାକା ଅଭିଯୋଗ କରିଥିଲେ। ଡିପିଟି ଟିକା ଅନେକ ଶିଶୁଙ୍କୁ ଦିଆଯାଇ ନ ଥିବା ବିଧାୟକ କାଡ୍ରାକା କହିବା ସହିତ ଆଗାମୀ ବିଧାନସଭା ଅଧିବେଶନରେ ଏହି ପ୍ରସଙ୍ଗ ଉଠାଇବେ ବୋଲି ସୂଚନା ଦେଇଥିଲେ। ଏହାକୁ ନେଇ ସ୍ୱାସ୍ଥ୍ୟ ବିଭାଗର ଖୋଳତାଡ଼ ଚାଲିଛି। ସେହିଭଳି କ୍ଷେତ୍ରୀୟ କର୍ମଚାରୀଙ୍କୁ ପ୍ରତିଦିନ ବିଭିନ୍ନ ଗାଁକୁ ଯିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। ଫଳରେ ଅନ୍ୟ ଦୁର୍ଗମ ଗାଁମାନଙ୍କୁ ଗତ ୨ ଦିନ ହେବ ସ୍ୱାସ୍ଥ୍ୟକର୍ମୀ ଓ ଅନ୍ୟ କର୍ମଚାରୀ ପହଞ୍ଚି ତଦାରଖ କରୁଥିବା ଜଣାପଡିଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏକାମ୍ର ବିଧାୟକଙ୍କ ବିଏମ୍‌ସି ହସ୍ପିଟାଲ ସ୍ଥିତି ସମୀକ୍ଷା, ସ୍ଥାନ: ପୁରୁଣା ଭୁବନେଶ୍ୱର, ସମୟ: ସକାଳ ୮ଟା।
- ରିଲ୍‌ସ ଆଣ୍ଡ ରିଲ୍‌ସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଦି ଆଡଭେଞ୍ଚର ହୋଟେଲ, ସମୟ: ଅପରାହ୍ନ ୪ଟା ୩୦।
- ନ୍ୟୁ ବ୍ରାଇଡ୍ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ମିଳିତ ଆନୁକୂଲ୍ୟରେ ଆର୍ଟ ଏକ୍ସଜିବିଶନ 'ବଏ ଡ୍ୟାନ୍ସର', ସ୍ଥାନ: ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ଆର୍ଟ ଗ୍ୟାଲେରୀ, ସମୟ: ଅପରାହ୍ନ ୪ଟା ୩୦।
- ଏଥେନା ବୁକ୍‌ସ ପକ୍ଷରୁ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୩, ସମୟ: ସନ୍ଧ୍ୟା ୬ଟା।
- ମିଡିଆ ମହାନାୟକ ରାମୋଜୀ ରାଓଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଦିବାକର ମିଶ୍ର ଗାନ୍ଧର୍ବ କଳା ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ବାଲେଶ୍ୱର ବିଧାୟକଙ୍କ କ୍ଷେତ୍ର ପରିଦର୍ଶନ, ସ୍ଥାନ: ନୂଆପୁର ଓ ବୁଆଁଳ ପଞ୍ଚାୟତ , ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ପଟିଦିଅଁ ଅଙ୍କନ ଉତ୍ସବ-୨୦୨୪, ସ୍ଥାନ: ନୋସି କଲଚୁରାଲ ଏକାଡେମୀ, ବାମପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ଜିଲାସ୍ତରୀୟ ପିଏମ୍ କିଷାନ ଉତ୍ସବ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- 'ଓଡ଼ିଆଙ୍କର ମହାନ ଓ ପ୍ରସିଦ୍ଧ କୃଷିଭିତ୍ତିକ ପର୍ବ ରଜ' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: କଦମମ୍ଭେଡ଼ା ହରିହାଟ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ମା' ମଙ୍ଗଳାଙ୍କ ମନ୍ଦିରରେ ପୂଜା ଏବଂ ଯଜ୍ଞ ଉତ୍ସବ, ସ୍ଥାନ: ଶାଳକଣିଆଁ, ଭୂଇଁପୁର, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ହନୁମାନ ମନ୍ଦିରରେ ରାମ ଚରିତ ଓ ହନୁମାନ ଚାଳିଶା ପାଠ ଏବଂ ପୂଜାର୍ଚ୍ଚନା, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ: ସକାଳ ୭ ଟା।
- କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଚାଷୀ ସମ୍ପର୍କିତ ଆଲୋଚନା ଚକ୍ର, ସ୍ଥାନ: ମରେଇଗାଁ, ହାଟଡିହୀ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ପିଏମ କିଷାନ ଉତ୍ସବ, ସ୍ଥାନ: ଆମ୍ବା କନ୍‌ଫରେନ୍ସ ହଲ, କୃଷି ମୁଖ୍ୟ ଜିଲା ଅଧିକାରୀଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ଅପରାହ୍ନ ୪ଟା।
- ଶ୍ରୀ ଜଗନ୍ନାଥ ମନ୍ଦିରରେ ରୁକ୍ମିଣୀ ବିବାହ, ସ୍ଥାନ: ଯୋଡ଼ା, ସମୟ: ଅପରାହ୍ନ ୫ ଟା ୪୫।

## ମୟୂରଭଞ୍ଜ

- ନିଶୁଳ୍କ ଯୋଗାଭ୍ୟାସ,ସ୍ଥାନ: ଷ୍ଟେଶନ ବଜାର ପଡ଼ିଆ, ବାରିପଦା, ସମୟ: ସକାଳ ୫ଟା୧୫।
- ଶିଶୁ ଶ୍ରମ ନିରାକରଣ ଏବଂ ସଚେତନତା ରଥ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ୨ ଦିନିଆ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ପୂର୍ଣ୍ଣଚନ୍ଦ୍ରପୁର ପଡ଼ିଆ, ମୋରଡ଼ା, ସମୟ: ଅପରାହ୍ନ ୩ଟା।
- ରଥଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ଫେସିଲିଟେଶନ ସେଣ୍ଟର, ବାରିପଦା, ସମୟ: ଅପରାହ୍ନ ୪ଟା।
- ପିଏମ୍ କିଷାନ ଉତ୍ସବ, ସ୍ଥାନ: ପ୍ରୟାସ ସମ୍ମିଳନୀକକ୍ଷ, ବାରିପଦା ସମୟ: ଅପରାହ୍ନ ୪ଟା।
- ବାରିପଦା ସପିଂ ଫେଷ୍ଟିଭାଲ୍‌ର ଉଦ୍‌ଯାପନୀ ସମାରୋହ, ସ୍ଥାନ:ଛଉ ପଡ଼ିଆ, ସମୟ: ରାତି ୮ଟା।

## ବ୍ରହ୍ମପୁର

- ରାମୋଜୀ ରାଓଙ୍କ ସ୍ମୃତିରେ ଶୋକସଭା, ସ୍ଥାନ: ମିନି ପ୍ରକାଶମ ହଲ, ସମୟ: ସକାଳ ୮ଟା ୩୦।
- ନୃତ୍ୟ ସଙ୍ଗୀତ ସମାରୋହ, ସ୍ଥାନ: ପ୍ରକାଶମ ହଲ, ସମୟ: ଅପରାହ୍ନ ୫ଟା

## ଗଞ୍ଜାମ

- ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ, ସ୍ଥାନ: ଆସିକା ଏନଏସି ବାଣୀବିହାର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ, ସ୍ଥାନ: ଆସିକା ବ୍ଲକ ସଭାଗୃହ, ସମୟ: ଅପରାହ୍ନ ୨ଟା।
- ମା' ଫୁଲକେଶିନୀ ଠାକୁରାଣୀଙ୍କ ଯାତ୍ରା ଆରମ୍ଭ, ସ୍ଥାନ: ଆସିକା ଲାଲାଗୋର୍ଜିଛକ, ସମୟ: ଅପରାହ୍ନ ୩ଟା।

## ରାୟଗଡ଼ା

- ଜିଲାସ୍ତରୀୟ ଟେବୁଲ ଟପ୍ ଓ ମକଡ୍ରିଲ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ପିଏମ୍ କିଷାନ ଉତ୍ସବ ପାଳନ, ସ୍ଥାନ: ଜିଲା ସଂସ୍କୃତି ଭବନ, ରାୟଗଡ଼ା, ସମୟ: ଅପରାହ୍ନ ୪ଟା।

## ନବରଙ୍ଗପୁର

- ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ମକ୍ ଡ୍ରିଲ କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୨ଟାରୁ ୫ଟା।
- ରଥଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ନବରଙ୍ଗପୁର ମିଶନଶକ୍ତି ବୈଠକ ଗୃହ, ସମୟ: ଅପରାହ୍ନ ୪ଟା।

## କୋରାପୁଟ

- ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ : କୋରାପୁଟ ଡିଆର୍‌ଡିଏ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ବିପର୍ଯ୍ୟୟ ପ୍ରସ୍ତୁତି ମକ୍‌ଡ୍ରିଲ, ଟେବୁଲ ଟପ କାର୍ଯ୍ୟକ୍ରମ, ସ୍ଥାନ: ଦଶମନ୍ତପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶାବର ଶ୍ରୀକ୍ଷେତ୍ରରେ ରଥଯାତ୍ରା ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ:କୋରାପୁଟ ଡିଆର୍‌ଡିଏ ସଦ୍‌ଭାବନା ସଭାଗୃହ, ସମୟ: ସନ୍ଧ୍ୟା ୬ଟା।

## ମାଲକାନଗିରି

- ରାଇଜିଂ କ୍ରିକେଟ କ୍ଲବର ଫାଇନାଲ ମ୍ୟାଚ୍ ସ୍ଥାନ:ପେଡାକୋଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ସମ୍ବଲପୁର ବିକାଶକୁ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଏସ୍‌ଏମ୍‌ସି ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ଗୁରୁ ସତ୍ୟନାରାୟଣ ଉଦ୍ୟାନ : ସମୟ ପୂର୍ବାହ୍ନ : ୧୦ଟା୩୦।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୫ଟା୩୦।

## ସୁବର୍ଣ୍ଣପୁର

- ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ସୁବର୍ଣ୍ଣପୁର ଜିଲାସ୍ତରୀୟ ଟେବୁଲ ଟପ ଏକ୍ସରସାଇଜ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାକୃତିକ ବିପର୍ଯ୍ୟୟ ପାଇଁ ମକ୍‌ଡ୍ରିଲ, ସ୍ଥାନ: ଟିକ୍ରାପଡା ସ୍ଥିତ ବନ୍ୟା ଆଶ୍ରୟସ୍ଥଳୀ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡଗାଡ ଶିବ ମନ୍ଦିର, ବୀରମହାରାଜପୁର ସମୟ: ପୂର୍ବାହ୍ନ ୧୧ଟା।
- ତରଭା ମା' ପୌର୍ଣ୍ଣମାସୀ ମନ୍ଦିରରେ ମଙ୍ଗଳ ନୀତି ଓ ମହା ଆଳତୀ, ସ୍ଥାନ: ପୌର୍ଣ୍ଣମାସୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ସକାଳ ୯ଟା।
- ଜନଶୁଣାଣି ଅଭିଯୋଗ ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଅତାବିରା, ସମୟ: ସକାଳ ୯ଟା।
- ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ' କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧିଛକ, ବରଗଡ଼, ସମୟ: ଅପରାହ୍ନ ୩ଟା ୪୦।
- ପି.ଏମ କିଷାନ ସମ୍ମାନ ନିଧି ଟଙ୍କା ବଣ୍ଟନ ସମାରୋହ, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ଅପରାହ୍ନ ୫ଟା।
- ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଅତାବିରା କଲେଜ ନିକଟ, ଅତାବିରା, ସମୟ: ରାତି ୮ଟା ୧୫।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ରେଲୱେ ଷ୍ଟେଶନ ପାଖ କନକ ଦୁର୍ଗା ମନ୍ଦିର, ସମୟ: ସକାଳ ୫ଟା ୩୦।
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ବେହେରାମାଲ ସିଦ୍ଧେଶ୍ୱରୀ ମା' ମନ୍ଦିର, ସମୟ: ସକାଳ ୬ଟା।
- ଆଗାମୀ ରଥଯାତ୍ରା ପାଇଁ ବୈଠକ, ସ୍ଥାନ: ସହରସ୍ଥିତ କୁକୁଡ଼ଙ୍ଗା ଗ୍ରାମ, ସମୟ: ଅପରାହ୍ନ ୫ଟା।

## ରାଉରକେଲା

- ସେବକ ଅନୁଷ୍ଠାନ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବାସନ୍ତୀ କୁଷ୍ଠ କଲୋନୀ, ସମୟ: ସକାଳ ୮ଟା।
- ସାହିତ୍ୟ ଓ କବିତା ପାଠୋତ୍ସବ,ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୭ଟା।
- ସ୍ୱାଧିନତାରୁ ସ୍ୱତନ୍ତ୍ରତା ପର୍ଯ୍ୟନ୍ତ ଶୀର୍ଷକ ଆଲୋଚନା ଚକ୍ର,ସ୍ଥାନ:ରାଉରକେଲା କ୍ଲବ,ସମୟ:ସନ୍ଧ୍ୟା ୭ଟା।

## ଦେବଗଡ଼

- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର ଓ ହନୁମାନ ବାଟିକା, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ:ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ ମାନିଗୁଡ଼ା ପଞ୍ଚାୟତ ନାଏକପଡ଼ା ଗାଁ, ସମୟ: ସକାଳ ୮ଟା ୧୫।

## ବୌଦ୍ଧ

- ବୁରୁବୁଡ଼ା ଶିବ ମନ୍ଦିରଠାରେ ରାମଚରିତ ମାନସ ପାରାୟଣ, ସ୍ଥାନ: ବୁରୁବୁଡା ଶିବ ମନ୍ଦିର ପ୍ରାଙ୍ଗଣ, ହରଭଙ୍ଗା ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ଢେଙ୍କାନାଳ

- ଜିଲାସ୍ତରୀୟ ପିଏମ୍ କିଷାନ ଦିବସ-୨୦୨୪, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ପିଏମ୍ କିଷାନ ୧୭ତମ କିସ୍ତି ପ୍ରଦାନ ଉତ୍ସବ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୪ଟା ୩୦।

## ନୟାଗଡ଼

- ରୁକ୍ମିଣୀ ବିବାହ, ସ୍ଥାନ: କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର, ଖଣ୍ଡପଡ଼ା, ସମୟ: ସନ୍ଧ୍ୟା ୬ଟା୩୦।

## କେନ୍ଦ୍ରାପଡ଼ା

- ପିଏମ କିଷାନ ଉତ୍ସବ, ସ୍ଥାନ: କୃଷି ବିକାଶ କେନ୍ଦ୍ର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଗଣକବି ଗୋପାଳ ଦାଶଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ଭାବଗ୍ରାହୀ କଳା ନିକେତନ, ବାରୋ କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସ୍ୱାତୀ ନକ୍ଷତ୍ରସ୍ଥ ଚନ୍ଦ୍ର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ନିରାମୟ ରଖିବାରେ ସାହାଯ୍ୟ କରିବେ। ଯାନ୍ତ୍ରିକ ଜିନିଷ କିମ୍ବା ସୌଖୀନ ଦ୍ରବ୍ୟ ବ୍ୟବସାୟରୁ ଲାଭବାନ୍ ହେବେ। ବିବାଦୀୟ ଘଟଣାରେ ମୁଣ୍ଡ ନ ପୂରାଇବା ଭଲ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଗ୍ରଣୀ ଭୂମିକା ଗ୍ରହଣକରି ସାମାଜିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି।

**ବୃଷ** ବୃହସ୍ପତିଙ୍କ ପ୍ରଭାବରେ ମାନସିକ ସ୍ଥିତି ଉତ୍ସାହପ୍ରଦ ରହିବ। ଆଜିର ଆଲୋଚନା ଓ ନିଷ୍ପତ୍ତି ପ୍ରତ୍ୟେକ ସ୍ତରରେ ଗ୍ରହଣୀୟ ହେବ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ବର୍ତ୍ତମାନର ପରିସ୍ଥିତିକୁ ସାମ୍ନା କରିବାକୁ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। ପାରିବାରିକ ସମସ୍ୟା ସାଙ୍ଗକୁ ବ୍ୟୟ ବୃଦ୍ଧି ଯୋଗୁ ବ୍ୟସ୍ତ ରହିପାରନ୍ତି।

**ମିଥୁନ** ଧନାଧିପତି ଲାଭାଧିପତି ଦୃଷ୍ଟିରେ ଥିବାରୁ ଯୋଜନା ଫଳପ୍ରଦ ହେବ। ସରକାରୀ ସ୍ତରରୁ ସହାୟତା ଲାଭକରି ଉପକୃତ ହେବେ। ଶନିଙ୍କ ପ୍ରଭାବରେ ଅବହେଳା କାରଣରୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହୋଇପାରନ୍ତି। ସନ୍ତାନଙ୍କ କୃତି ଓ କୃତିତ୍ୱକୁ ନେଇ ନିଜକୁ ଭାଗ୍ୟବାନ୍ ମନେକରିବେ।

**କର୍କଟ** ଦୀର୍ଘଦିନରୁ ବିରୋଧ କରୁଥିବା ବ୍ୟକ୍ତିଙ୍କ ମନୋଭାବରେ ପରିବର୍ତ୍ତନ ଲକ୍ଷ୍ୟକରି ଆତ୍ମସନ୍ତୋଷ ଲଭିବେ। ନୂତନ ପରିବେଶରେ ଆପଣଙ୍କ କର୍ମପ୍ରବାହ ଆଗକୁ ଗଡ଼ି ଚାଲିବ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ନିଜଲୋକ ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। କର୍ମଦକ୍ଷତା କାରଣରୁ ସମ୍ମାନ ଲାଭ କରିବେ।

**ସିଂହ** ଆଜି ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ପାରିବାରିକ କ୍ଷେତ୍ର ମଧ୍ୟ ବିଶେଷ ମନ୍ଦ ହେବନାହିଁ। କୌଣସି ଅଜଣା ବ୍ୟକ୍ତି ଦ୍ୱାରା ପ୍ରଭାବିତହୋଇ କିମ୍ବା ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ବିବାଦୀୟ ପରିସ୍ଥିତି ନିୟନ୍ତ୍ରଣ ମଧ୍ୟରେ ରହିବ ଓ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବ। ବ୍ୟବସାୟ ଯଥାପୂର୍ବଂ ତଥା ପରମ୍ କ୍ରମରେ ରହିପାରେ।

**କନ୍ୟା** କେତୁଙ୍କ ପ୍ରଭାବରୁ ଅତୀତ ଘଟଣା ସମୂହକୁ ନେଇ ମନ ଭାରାକ୍ରାନ୍ତ ରହିବ। ପରୋକ୍ଷ ଶତ୍ରୁତା ସାଙ୍ଗକୁ ବନ୍ଧୁଙ୍କ ଅପମାନସୂଚକ ବ୍ୟବହାର ଟେନ୍‌ସନ ବଢ଼ାଇବ। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କରିପାରିଲେ ଉପକୃତ ହେବେ। ସ୍ୱାସ୍ଥ୍ୟ ଓ ପାରିବାରିକ କ୍ଷେତ୍ର ପୂର୍ବପରି ଅକ୍ଷୁଣ୍ଣ ରହିବ ଏବଂ ବ୍ୟବସାୟିକ ଦିଗ ମଧ୍ୟ ମନ୍ଦ ହେବନାହିଁ।

**ତୁଳା** ଶୁକ୍ର ପ୍ରଭାବରେ ମନୋରଞ୍ଜନ, ବନ୍ଧୁମିଳନ, ଦୂରଯାତ୍ରାରୁ ଦୂରେଇ ରହିବାକୁ ମନସ୍ଥ କରିପାରନ୍ତି। ଆର୍ଥିକ ସ୍ଥିତି ଭଲ ରହିବ ଏବଂ ସାମାଜିକ ସ୍ତରରେ ସମ୍ପର୍କ ନିବିଡ଼ ହୋଇପାରିବ। କୌଣସି ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତ ହେବେ। ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ କର୍ମକ୍ଷେତ୍ରର ସମସ୍ୟା ସମାଧାନ ହୋଇଯିବା ସୂଚନା ରହିଛି।

**ବିଛା** ଆଜି ସ୍ୱାସ୍ଥ୍ୟ ସମସ୍ୟା, ଜମିଜମା ବିବାଦ, ବନ୍ଧୁ ସମ୍ପର୍କ ହାନି ଏବଂ କାମର ଚାପରେ ଅତିଷ୍ଠ ହୋଇପାରନ୍ତି। ଘରର ଅତୀତ ଘଟଣା କିମ୍ବା ପିଲାଙ୍କ ସମ୍ବନ୍ଧୀୟ ସମସ୍ୟା ବିଷୟରେ ଚିନ୍ତାକରିବେ। ନିଜେ ସମସ୍ୟାମୁକ୍ତ ରହିଥିଲେ ହେଁ ଅନ୍ୟମାନଙ୍କ ସକାଶେ ନିଜକୁ ସଙ୍କୁଚିତ ହେବାକୁ ପଡ଼ିପାରେ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆଦୃତ ହେବେ।

**ଧନୁ** ତୃତୀୟାଧିପତି ଶନିଙ୍କ ଯୋଗୁ ପୁରୁଣା ବନ୍ଧୁଙ୍କ ସହାୟତାରେ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବା ସମ୍ଭାବନା ରହିଛି। ଶିଳ୍ପ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ପାରସ୍ପରିକ ଆଲୋଚନା ସାଙ୍ଗକୁ ଟିକିଏ ନରମି କଥାବାର୍ତ୍ତା କଲେ ପାରିବାରିକ ସମସ୍ୟାର ସରଳ ସମାଧାନ ହୋଇଯିବ।

**ମକର** ଆଜି ପାରିବାରିକ, କର୍ମକ୍ଷେତ୍ର, ବାଣିଜ୍ୟ, ପରିବହନ, ଲୋକସମ୍ପର୍କ ଉନ୍ନତ ଧରଣର ରହିବ। ଈର୍ଷାପରାୟଣ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବା ସାଙ୍ଗକୁ ସହଜରେ କାମ ହାସଲକରିବେ।

**କୁମ୍ଭ** କର୍ମକ୍ଷେତ୍ରରେ ଭାବିଚିନ୍ତି ସତର୍କତାମୂଳକ ପଦକ୍ଷେପ ନ ନେଲେ ପରେ ପସ୍ତେଇବାକୁ ପଡ଼ିପାରେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିପାରିଲେ ବହୁ ଉପକାରରେ ଆସିବ।

**ମୀନ** ଗ୍ରହମାନଙ୍କ ସାମ୍ୟଭାବ କାରଣରୁ ଦିନଟି ସରଳ ଓ ସାବଲୀଳ ଭାବରେ ଅତିବାହିତ ହେବ। ସ୍ୱାସ୍ଥ୍ୟ ଭଲ ରହିବ ଏବଂ ବନ୍ଧୁମାନଙ୍କ ପ୍ରିୟଭାଜନ ମଧ୍ୟ ହେବେ। କର୍ମକ୍ଷେତ୍ରରେ ଫାଇଲ୍‌ପତ୍ର ସମ୍ବନ୍ଧୀୟ ସହକର୍ମୀଙ୍କ ସହ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପାରିବାରିକ ସମସ୍ୟା ସମାଧାନ ସକାଶେ ପ୍ରଯତ୍ନକରି ସଫଳତା ପାଇବେ।

ଆଜି ଜୁନ୍ ୧୮ ତାରିଖ, ଅନ୍ତର୍ଜାତୀୟ ବଣଭୋଜି ଦିବସ, ଜ୍ୟେଷ୍ଠ ଶୁକ୍ଳପକ୍ଷର ସ୍ମାର୍ତ୍ତସମ୍ମତ ନିର୍ଜଳା ଏକାଦଶୀ ଏବଂ ବୈଷ୍ଣବ ସମ୍ମତ ଉନ୍ମିଳନୀ ଏକାଦଶୀ ଉପବାସ, ମଙ୍ଗଳବାର, ଶ୍ରୀମନ୍ଦିରରେ ରୁକ୍ମିଣୀ ହରଣ ଏକାଦଶୀ ଓ ବିବାହ ମହୋତ୍ସବ, ଜଳକ୍ରୀଡ଼ା। ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୧ ଗତେ, ଘ.୦୬।୫୦ ମଧ୍ୟେ, ଘ.୦୯।୩୫ ମି. ଗତେ, ଘ.୧୨।୧୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୫ ଗତେ, ଘ.୦୪।୪୪ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ପଶ୍ଚିମବଙ୍ଗରେ ରେଳ...

ଦୁର୍ଘଟଣାରେ ୧୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଦୁର୍ଘଟଣା ଏତେ ଜୋର୍‌ଦାର ଥିଲା ଯେ ଟ୍ରେନ୍‌ର ଗୋଟିଏ ବଗି ପ୍ରାୟ ୩୦ ଫୁଟ୍ ଉଚ୍ଚକୁ ଉଠି ଝୁଲି ରହିଥିଲା। ଦୁର୍ଘଟଣା ସ୍ଥଳକୁ ଦେଖିଲେ ଏହା ଗତବର୍ଷ ବାଲେଶ୍ୱରର ବାହାନଗା ଷ୍ଟେଶନରେ ଘଟିଥିବା ଭୟାବହ ଟ୍ରେନ୍ ଦୁର୍ଘଟଣାକୁ ମନେ ପକାଇଦେଉଛି। ମୃତକଙ୍କ ମଧ୍ୟରେ ମାଲ୍‌ବାହୀ ଟ୍ରେନ୍‌ର ଡ୍ରାଇଭର ଏବଂ ଏକ୍ସପ୍ରେସ୍ ଟ୍ରେନ୍‌ର ଗାର୍ଡ ରହିଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ନର୍ଥ ବେଙ୍ଗଲ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍, ସେନା ଯବାନ, ରାଜ୍ୟ ପ୍ରଶାସନ ଏବଂ ସ୍ଥାନୀୟ ଲୋକେ ସାମିଲ ହୋଇଛନ୍ତି।

ଏହି ଦୁର୍ଘଟଣା ମାନବୀୟ ତ୍ରୁଟିରୁ ଘଟିଲା ବୋଲି ରେଲୱେ ବୋର୍ଡ ଅଧ୍ୟକ୍ଷ ତଥା ସିଇଓ ଜୟା ବର୍ମା ସିହ୍ନା ସଫେଇ ଦେଇଛନ୍ତି। ମାଲ୍‌ବାହୀ ଟ୍ରେନ୍‌ର ଡ୍ରାଇଭର ସିଗ୍‌ନାଲକୁ ଉଲ୍ଲଂଘନ କରିଥିଲେ ବୋଲି ସେ ପ୍ରଥମେ କହିଥିଲେ। ପରବର୍ତ୍ତୀ ସମୟରେ ରେଲୱେ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦୁର୍ଘଟଣା ଘଟିଥିବା ରାନିପାତ୍ର ରେଳଷ୍ଟେଶନ ଏବଂ ଚତ୍ତର ହାଟ ଜଙ୍କଶନ ମଧ୍ୟରେ ଅଟୋମେଟିକ୍ ସିଗ୍‌ନାଲିଂ ସିଷ୍ଟମ୍ ସକାଳ ୫ଟା ୫୦ରୁ କାମ କରୁ ନ ଥିଲା। ୧୩୧୭୪ ସିଆଲଦା କାଞ୍ଚନଜଙ୍ଘା ଏକ୍ସପ୍ରେସ୍ ରଙ୍ଗପାନି ଷ୍ଟେଶନରୁ

> ପଶ୍ଚିମବଙ୍ଗ ଟ୍ରେନ୍ ଦୁର୍ଘଟଣାରେ ଅନେକ ଲୋକ ପ୍ରାଣ ହରାଇବା ବିଷୟରେ ଜାଣି ଅତ୍ୟନ୍ତ ଦୁଃଖିତ। ଏହି ଦୁଃସମୟରେ ମୋର ସମବେଦନା ଏବଂ ପ୍ରାର୍ଥନା ଶୋକସନ୍ତପ୍ତ ପରିବାରମାନଙ୍କ ସହିତ ରହିଛି। ଟ୍ରେନ ଦୁର୍ଘଟଣା ପରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଲୋକଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି।
>
> **- ନବୀନ ପଟ୍ଟନାୟକ, ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ**



ସକାଳ ୮ଟା ୨୭ରେ ଛାଡ଼ିବା ପରେ ସିଗ୍‌ନାଲରେ ତ୍ରୁଟି ଥିବାରୁ ରାନିପାତ୍ର ଷ୍ଟେଶନ ଏବଂ ଚତ୍ତର ହାଟ ମଧ୍ୟରେ ଅଟକିଥିଲା। ଅନ୍ୟ ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ ସିଗ୍‌ନାଲ ବ୍ୟବସ୍ଥା କାମ କରୁ ନ ଥିବାରୁ ଷ୍ଟେଶନ ମାଷ୍ଟର ଟିଏ୯୧୨ ନାମରେ ଏକ ଲିଖିତ ଅଧିକାର ଜାରି କରିଥିଲେ, ଯାହା ସିଗ୍‌ନାଲରେ ତ୍ରୁଟି କାରଣରୁ ରେଡ୍ ସିଗ୍‌ନାଲକୁ ଅତିକ୍ରମ କରିବା ପାଇଁ ଉକ୍ତ ଏକ୍ସପ୍ରେସ୍ ଟ୍ରେନ୍‌ର ଡ୍ରାଇଭରଙ୍କୁ ଅନୁମତି ଦେଇଥିଲା। ୮ଟା ୪୨ ମିନିଟ୍ ସମୟରେ ମାଲ୍‌ବାହୀ ଟ୍ରେନ୍ ରଙ୍ଗାପାନି ଷ୍ଟେଶନ ଛାଡ଼ିବା ପରେ ଏକ୍ସପ୍ରେସ୍ ଟ୍ରେନ୍‌କୁ ଧକ୍କା ଦେଇଥିଲା। ମାଲ୍‌ବାହୀ ଟ୍ରେନ୍‌ର ଡ୍ରାଇଭରଙ୍କୁ ମଧ୍ୟ ଟିଏ ୯୧୨ ଅନୁଯାୟୀ ସିଗ୍ନାଲ ଅତିକ୍ରମ କରି ଆଗକୁ ଯିବାକୁ ଅନୁମତି ମିଳିଥିଲା ବୋଲି ରେଲୱେ ସୂତ୍ରରୁ ଜଣାପଡ଼ିଛି। ତେଣୁ ଦସ୍ତାବିଜ୍ ଅନୁଯାୟୀ ଟ୍ରେନ୍ ଦୁର୍ଘଟଣା ପାଇଁ ଡ୍ରାଇଭରଙ୍କର ଦୋଷ ନ ଥିବା କୁହାଯାଉଛି। ପାଖାପାଖି ସମାନ ସମୟରେ ଦୁଇଟି ଟ୍ରେନ୍ ଛାଡ଼ିବା ପରେ ୮ଟା ୫୫ ମିନିଟରେ ଦୁର୍ଘଟଣା ହୋଇଥିଲା। ଏହି ଦୁର୍ଘଟଣାରେ ମୃତକଙ୍କ ପରିବାର ପ୍ରତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏଥିସହିତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିରୁ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୫୦ହଜାର ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଛି। ସେହିପରି ରେଳମନ୍ତ୍ରଣାଳୟ ପକ୍ଷରୁ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରାଯାଇଥିବାବେଳେ ଗୁରୁତରଙ୍କୁ ୨.୫ ଲକ୍ଷ ଏବଂ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏ ଯୋଗାଇ ଦିଆଯିବାକୁ ଘୋଷଣା କରାଯାଇଛି।

### ଦୁର୍ଘଟଣାସ୍ଥଳରେ ରେଳମନ୍ତ୍ରୀ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦାର୍ଜିଲିଂ ଟ୍ରେନ ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିବା ସହ ସୋମବାର ବାଗଡୋଗୋରା ବିମାନବନ୍ଦରରେ ପହଞ୍ଚିଥିଲେ। ଏହାପରେ ସେ ବାଇକ ଯୋଗେ କାଞ୍ଚନଜଙ୍ଘା ଏକ୍ସପ୍ରେସ ଟ୍ରେନ୍‌ର ଦୁର୍ଘଟଣା ସ୍ଥଳରେ ପହଞ୍ଚିଥିଲେ। ବାଇକରେ ଯାତ୍ରା କରୁଥିବା ସମୟର ଏକ ଭିଡିଓ ସାମ୍ନାକୁ ଆସିଛି। ଅଶ୍ୱିନୀ କହିଛନ୍ତି, ସେ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି ଏବଂ ଆହତ ଲୋକଙ୍କୁ ମଧ୍ୟ ଭେଟିଛନ୍ତି। ଡାକ୍ତର, ରେଳ କର୍ମଚାରୀ, ଏନ୍‌ଡିଆର୍‌ଏଫ ଓ ଗ୍ରାମବାସୀ ଉଦ୍ଧାର କାର୍ଯ୍ୟ କରିଛନ୍ତି। ଘଟଣାର ତଦନ୍ତ ଆରମ୍ଭ ହୋଇଛି। ସବୁକିଛି ଅନୁସନ୍ଧାନ କରାଯାଉଛି। ଆହତଙ୍କ ଚିକିତ୍ସା ଏବଂ କ୍ଷତିପୂରଣ ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦିଆଯାଇଛି।

## 'କବଚ' ନ ଥିଲା...

ଦୁର୍ଘଟଣା ଏଡ଼ାଇବା ପାଇଁ ଭାରତୀୟ ରେଳ ପକ୍ଷରୁ ବିକଶିତ ଏହି ଅଟୋମେଟିକ୍ ପ୍ରୋଟେକ୍ସନ ସିଷ୍ଟମ୍ ଦୁର୍ଘଟଣାଗ୍ରସ୍ତ ଟ୍ରେନ୍‌ରେ ନ ଥିଲା। ଏ ସମ୍ପର୍କରେ ରେଲୱେ ବୋର୍ଡ ଅଧ୍ୟକ୍ଷା ଜୟାବର୍ମା ସିହ୍ନା କହିଛନ୍ତି ଯେ, ଏହି ମାର୍ଗ ପାଇଁ ସ୍ୱୟଂଚାଳିତ ଆଣ୍ଟି-କୋଲିଜନ୍ ସିଷ୍ଟମ୍ 'କବଚ' ଯୋଜନା କରାଯାଇଛି, ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। କବଚ ଉପରେ ଆହୁରି ଅନେକ କାର୍ଯ୍ୟ କରିବାକୁ ବାକି ଅଛି। ବର୍ତ୍ତମାନ ଏହା ୧,୫୦୦ କିଲୋମିଟର ମାର୍ଗରେ କାର୍ଯ୍ୟକାରୀ ହୋଇଛି। ଚଳିତ ବର୍ଷ ଆଉ ୩ ହଜାର କିଲୋମିଟରରେ ଏହି ବ୍ୟବସ୍ଥା ଉପଲବ୍ଧ ହେବ। ଉପକରଣ ଯୋଗାଉଥିବା ସଂସ୍ଥାକୁ ମଧ୍ୟ ଉତ୍ପାଦନ ବୃଦ୍ଧି କରିବାକୁ କୁହାଯାଇଛି। ମାଲବାହୀ ଟ୍ରେନ୍ ଚାଳକଙ୍କ ସମ୍ଭାବ୍ୟ ମାନବୀୟ ତ୍ରୁଟି କାରଣରୁ ନ୍ୟୁ ଜଲପାଇଗୁଡ଼ି ନିକଟରେ ମୁହାଁମୁହିଁ ଧକ୍କା ହୋଇଥାଇପାରେ। କାରଣ ମାଲବାହୀ ଟ୍ରେନ୍ ସିଗ୍‌ନାଲକୁ ଅଣଦେଖା କରି ଅଗରତାଲାରୁ ସିଆଲଦାକୁ ଯାଉଥିବା କାଞ୍ଚନଜଙ୍ଘା ଏକ୍ସପ୍ରେସକୁ ଧକ୍କା ଦେଇଥିଲା। **'କବଚ'ର କାମ କ'ଣ:** ଲୋକୋ ପାଇଲଟ୍ ବ୍ରେକ୍ ଲଗାଇ ନ ପାରିଲେ କବଚ ସ୍ୱତଃପ୍ରବୃତ୍ତ ଭାବେ ବ୍ରେକ୍‌ର ପ୍ରୟୋଗ କରି ଟ୍ରେନ୍‌ର ଗତିକୁ ନିୟନ୍ତ୍ରଣ କରିଥାଏ। କ୍ୟାବ୍‌ରେ ଲାଇନ୍ ପାର୍ଶ୍ୱ ସିଗ୍‌ନାଲକୁ ଦୋହରାଇଥାଏ, ଯାହାକି ଦ୍ରୁତଗତି ଓ ଘନକୁହୁଡ଼ି ସମୟରେ ଅତ୍ୟନ୍ତ ଉପାଦେୟ। ଟ୍ରେନ୍‌ର ଗତି ଉପରେ ନିୟନ୍ତ୍ରଣ ସମ୍ପର୍କରେ ଲଗାତର ଅପ୍‌ଡେଟ୍ ଦେଇଥାଏ। ଲେଭଲ୍ କ୍ରସିଂ ଫାଟକଗୁଡ଼ିକରେ ଆପେ ଆପେ ହୁଇସିଲ ବଜାଇଥାଏ। ଲୋକୋ କମ୍ୟୁନିକେଶନ୍ ଜରିଆରେ ଟ୍ରେନ୍ ମଧ୍ୟରେ ଧକ୍କାକୁ ଏଡ଼ାଇଥାଏ।

## ବଦଳିଲା ସ୍କୁଲ...

ସାଢ଼େ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ପାଠପଢ଼ା ଚାଲିବ ବୋଲି ସୂଚନା ଦିଆଯାଇଛି। ସେହିଭଳି ନୟାଗଡ଼ ଜିଲାରେ ୨୦ ତାରିଖରୁ ସ୍କୁଲ ଖୋଲିବ। ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ଯାଏ ସ୍କୁଲ ଚାଲିବ। ଖୋର୍ଦ୍ଧା ଜିଲାରେ ମଙ୍ଗଳବାରଠାରୁ ସ୍କୁଲ୍ ଖୋଲୁଥିଲେ ମଧ୍ୟ ସକାଳୁଆ ହେବ। ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣାଙ୍କ ସୂଚନାନୁସାରେ, ପାଣିପାଗ ବିଭାଗ ସୂଚନା ଏବଂ ଖୋର୍ଦ୍ଧା ଜିଲାର ସ୍ଥିତି ଅନୁଧ୍ୟାନ କରି ମଙ୍ଗଳବାରରୁ ଜିଲାର ସମସ୍ତ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ଯାଏ ପାଠପଢ଼ା ଚାଲିବା ନେଇ ସମୟ ନିର୍ଦ୍ଧିଷ୍ଟ କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାର ଆଗୁଆ ଗ୍ରୀଷ୍ମଛୁଟି ଘୋଷଣା କରିଥିଲେ। ଗତ ଏପ୍ରିଲ ୨୫ରୁ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ରହିଥିଲା।

## ଆଜି ବରଗଡ଼ରେ ମୁଖ୍ୟମନ୍ତ୍ରୀ...

ଜିଲାରେ ଅତିଥି ଭାବେ ଯୋଗଦେବେ। ସେହିପରି ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ସୂର୍ଯ୍ୟବଂଶୀ ସୁରଜ ଭଦ୍ରକ ଜିଲାରେ ଅତିଥି ଭାବେ ଯୋଗଦେବାକୁ ଥିବାବେଳେ ପ୍ରଦୀପ ବଳସାମନ୍ତ ଯାଜପୁର, ଗଣେଶ ରାମ ସିଂଖୁଣ୍ଟିଆ କେଭିକେ ବଡ଼ଚଣା, ଗୋକୁଳାନନ୍ଦ ମଲ୍ଲିକ କେଭିକେ ଭଞ୍ଜନଗର, ସମ୍ପଦ ଚରଣ ସ୍ୱାଇଁ ଜଗତ୍‌ସିଂହପୁର ଜିଲାରେ ଉପସ୍ଥିତ ରହିବେ। ସେହିପରି ବାଲେଶ୍ୱର, ଗଜପତି, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ ଓ ନବରଙ୍ଗପୁର ଜିଲାରେ ସମ୍ପୃକ୍ତ ଏମ୍‌ପିମାନେ ଅତିଥି ଭାବେ ଯୋଗଦେବେ।

## 'କାଳିଆ'କୁ ନେଇ...

ଏ ପର୍ଯ୍ୟନ୍ତ ଚାଷୀମାନେ ପରବର୍ତ୍ତୀ କିସ୍ତି ସହାୟତା ପାଇ ପାରି ନାହାନ୍ତି। ତେବେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏକ ଜାତୀୟ ଗଣମାଧ୍ୟମକୁ କହିଛନ୍ତି, କାଳିଆ ଯୋଜନା ବନ୍ଦ ହୋଇଯିବ ବୋଲି କିଛି କୁହାଯାଇନାହିଁ। ଏଥିସହ ସେ କହିଛନ୍ତି, ଗୋଟିଏ ରାଜ୍ୟରେ ୨ଟି ଯୋଜନା ସମାନ୍ତରାଳ ଭାବେ ଚାଲିପାରିବନି। ତେଣୁ ଖୁବ୍‌ଶୀଘ୍ର ରାଜ୍ୟବାସୀ ପିଏମ୍-କିଷାନ ଯୋଜନାର ଲାଭ କିପରି ଅଧିକରୁ ଅଧିକ ଉଠାଇବେ, ସେ ନେଇ ଯୋଜନା କରାଯାଉଛି। ନିର୍ବାଚନକୁ ଦୃଷ୍ଟିରେ ରଖି ପୂର୍ବ ସରକାର ଏହି କାଳିଆ ଯୋଜନା ଆରମ୍ଭ କରିଥିଲେ। କିନ୍ତୁ କମ୍ ଲୋକ ଏହାର ଫାଇଦା ପାଇଛନ୍ତି। ଏବେ ବି ଅନେକ ଲୋକ ଅଛନ୍ତି, ଯେଉଁମାନେ ଏହାର ଲାଭ ପାଇ ପାରିନାହାନ୍ତି ବୋଲି ସିଂଦେଓ କହିଛନ୍ତି। ଅନ୍ୟପକ୍ଷରେ କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ କାଳିଆ ଯୋଜନା ନେଇ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇନାହିଁ। ସରକାରଙ୍କ ନିର୍ଦ୍ଦେଶ ଆସିବା ପରେ ଯାହା କିଛି ହେବ।

ସୂଚନାଯୋଗ୍ୟ ଯେ ରାଜ୍ୟର ୪୦.୯ ଲକ୍ଷ ଚାଷୀ ପରିବାରଙ୍କୁ ପିଏମ୍-କିଷାନ ଯୋଜନାରେ ବାର୍ଷିକ ୩ଟି କିସ୍ତିରେ ୬ ହଜାର ଟଙ୍କା ଦିଆଯାଉଥିବା ବେଳେ କାଳିଆ ଯୋଜନାରେ ୨ଟି କିସ୍ତିରେ ୪ ହଜାର ଟଙ୍କା ଦିଆଯାଉଛି। ୨୦୧୮-୧୯ରୁ ଆରମ୍ଭ ହୋଇଥିବା କାଳିଆ ଯୋଜନାରେ ୧୩ଟି କିସ୍ତି ବାବଦରେ ଏପର୍ଯ୍ୟନ୍ତ ୪୫.୭୬ ଲକ୍ଷ ଚାଷୀ ପରିବାରଙ୍କୁ ମୋଟ ପ୍ରାୟ ୧୮ ହଜାର କୋଟି ଟଙ୍କା ସହାୟତା ଆକାରରେ ଦିଆଯାଇଛି।

## ଅଧୁରା କାର୍ଯ୍ୟ ତ୍ୱରାନ୍ୱିତ...

ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବିନ୍ଧାଣୀମାନଙ୍କୁ ସମ୍ମାନ ଦେବା ଭାଜପା ସରକାରଙ୍କ ପ୍ରଥମ କାର୍ଯ୍ୟ। ପୂର୍ବରୁ ଯେଉଁ ସରକାର ଥିଲା ତାହାକୁ ସାଧାରଣ ଲୋକେ ପରିବର୍ତ୍ତନ କରାଇଛନ୍ତି। ଓଡ଼ିଆ ଅସ୍ମିତା ସଙ୍କଟରେ ଥିବା ନେଇ ଯେଉଁ ପ୍ରଶ୍ନ ଉଠିଛି ଏବଂ ଓଡ଼ିଆ ଅସ୍ମିତାର ପ୍ରତୀକ ଥିବା ବରପୁତ୍ରଙ୍କୁ ଯେଉଁ ଅସମ୍ମାନ ପୂର୍ବରୁ କରାଯାଇଛି, ସେଥିରେ ପ୍ରଥମେ ସୁଧାର ଅଣାଯିବ। ବରପୁତ୍ରଙ୍କୁ ସମ୍ମାନ ଦେବା ଭାଜପା ସରକାରର ଗୁରୁଦାୟିତ୍ୱ। କଟକ ମାଟି ହେଉଛି ବରପୁତ୍ରମାନଙ୍କ ଜନ୍ମମାଟି ଏବଂ ଓଡ଼ିଆ ଅସ୍ମିତାର ମୂଳଦୁଆ। କଟକରେ ପହଞ୍ଚି ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛି। କଟକରେ ଅଧୁରା ଥିବା ସମସ୍ତ କାମ ତ୍ୱରାନ୍ୱିତ କରାଯିବ। ଏନେଇ ପ୍ରଥମେ ସମସ୍ତ କାମର ତଦାରଖ କରାଯିବ। ଏହି ସରକାର ୫ବର୍ଷ ମଧ୍ୟରେ ଆଗାମୀ ୫୦ ବର୍ଷ ପାଇଁ ବିକାଶ କାମ କରି ଦେଖାଇବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନଜରରେ ରଖି ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହି ଅବସରରେ ଜିଲାପାଳ ଅରିନ୍ଦମ ଡାକୁଆ, ସିଡିଏ ଅଧ୍ୟକ୍ଷ ଅନିଲ ସାମଲ, କଟକ ଡିସିପି ପ୍ରକାଶ ଆର୍, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଭାଜପା କଟକ ନଗର ସଭାପତି ଲାଲାଟେନ୍ଦୁ ବତ୍ସ, ଭାଜପା ରାଜ୍ୟ ଉପସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଭାଜପାର ସମସ୍ତ କର୍ପୋରେଟରଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ବଜ୍ରପାତରେ ନାବାଳକଙ୍କ ମୃତ୍ୟୁ

**ବାରଙ୍ଗ,୧୭।୬(ଲିଙ୍ଗରାଜ ରାଉତ)**

ବାରଙ୍ଗ ଅଞ୍ଚଳରେ ସୋମବାର ଅପରାହ୍ନରେ ବଜ୍ରପାତ ଘଟି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାରଙ୍ଗ ଥାନା ତଳଗଡ଼ ଗ୍ରାମ ଶିବ ସିଂଙ୍କ ପୁଅ ରାଜେଶ ସିଂ(୯)।

ଶିବ ଏହି ଅଞ୍ଚଳରେ ଦୀର୍ଘବର୍ଷ ଧରି ଏକ ଇଟାଭାଟିରେ କାର୍ଯ୍ୟ କରି ଆସୁଛନ୍ତି। ସୋମବାର ଅପରାହ୍ନ ସମୟରେ ସେ ସ୍ତ୍ରୀ ଓ ପୁଅଙ୍କୁ ଧରି ତଳଗଡ଼ ନିକଟ ପୁରୀ ମୁଖ୍ୟ କେନାଲକୁ ଗାଧୋଇବାକୁ ଆସିଥିଲେ। କାଳବୈଶାଖୀ ପ୍ରଭାବରେ ହଠାତ୍ ବର୍ଷା, ଘଡ଼ଘଡ଼ି ଓ ପବନ ମାଡ଼ି ଆସିବାରୁ ସେମାନେ ଗାଧୋଇକି ଫେରୁଥିଲେ। ସେ ସମୟରେ ଏକ ବଜ୍ରପାତ ଘଟିବାରୁ ରାଜେଶ ଚେତାଶୂନ୍ୟ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଶିବ ପୁଅ ରାଜେଶଙ୍କୁ କଟକ ଶିଶୁ ଭବନରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଲାଲବାଗ୍ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

## ୧୦ କଳାକାରଙ୍କୁ ଝାଡ଼ାବାନ୍ତି

**ନୀଳଗିରି,୧୭।୬(ପ୍ରଶାନ୍ତ କୁମାର ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ରଜ ଉପଲକ୍ଷେ ଯାତ୍ରା କରିବାକୁ ଆସିଥିବା ସାଇଶ୍ରୀ ଅପେରାର କଳାକାରମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ରବିବାର ରାତିରେ କଳାକାରମାନେ ଯାତ୍ରା ପରିବେଷଣ କରିବା ପୂର୍ବରୁ ଜଣେ ପରେ ଜଣେ ୧୦ରୁ ଅଧିକ କଳାକାର ଅସୁସ୍ଥ ହୋଇପଡ଼ିଥିଲେ। ଯେଉଁମାନେ ଗୁରୁତର ହୋଇଥିଲେ ସେମାନେ ଅଭିନୟ କରି ନ ଥିଲେ। ଅନ୍ୟମାନେ ଅଭିନୟ କରିଥିଲେ। ସୋମବାର ସକାଳେ ଅବସ୍ଥା ଅସମ୍ଭାଳ ହୋଇପଡିବାରୁ ୧୦ଜଣ କଳାକାରଙ୍କୁ ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଛି। ଯାତ୍ରା କଳାକାରମାନେ ଧୋବଶିଳା ଗ୍ରାମକୁ ଯାତ୍ରା ପରିବେଷଣ କରିବାକୁ ଆସିଥିଲେ। ସେମାନେ ରବିବାର ରାତିରେ ରୁଟି, ମୁଢ଼ି ଓ ଆଳୁଦମ୍ ଖାଇଥିଲେ। ଖାଇବାର କିଛି ସମୟ ପରେ ପେଟବ୍ୟଥା ଆରମ୍ଭ ହୋଇଥିଲା। ସେମାନେ ଖାଇଥିବା ଖାଦ୍ୟ କିମ୍ବା ପିଇଥିବା ପାଣି ଦୂଷିତ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି।

## ତ୍ରିଲୋଚନ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ



ଭୁବନେଶ୍ୱର, ୧୭।୬(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯୁଗ୍ମ ସଚିବ ଭାବେ ତ୍ରିଲୋଚନ ମହାନ୍ତିଙ୍କୁ ନିଯୁକ୍ତ କରାଯାଇଛି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ଜାରି କରାଯାଇଛି। କେନ୍ଦୁଝର ଉପଜିଲାପାଳ ଭାବେ ସେ ଦାୟିତ୍ୱରେ ଥିଲେ। ଉପଜିଲାପାଳ ପଦରୁ ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ପଦକୁ ବଦଳି କରାଯାଇଛି। ସେହିପରି ବିଡିଏ ଭୂମି ଅଧିଗ୍ରହଣ ଅଧିକାରୀ ମନୋଜ କୁମାର ବେହେରାଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଫିସରେ ଅବସ୍ଥାପିତ କରାଯାଇଛି।

# ସିକିମ୍‌ରେ ଫସିଛନ୍ତି ଓଡ଼ିଆ ପର୍ଯ୍ୟଟକ

ସୋନପୁର, ୧୭।୬ (ମୃତ୍ୟୁଞ୍ଜୟ ଶତପଥୀ)

ଉତ୍ତର-ପୂର୍ବ ସିକିମ୍ ରାଜ୍ୟକୁ ପରିବାର ସହିତ ଖରାଛୁଟିରେ ବୁଲିବାକୁ ଯାଇଥିବା ସୁବର୍ଣ୍ଣପୁର ଜିଲାର ୪ ଜଣଙ୍କ ସମେତ ମୟୂରଭଞ୍ଜ ଜିଲାର ଅନ୍ୟ ପର୍ଯ୍ୟଟକ ୫ ଦିନ ହେଲା ରାସ୍ତା ଅବରୋଧ ପାଇଁ ଫସି ରହିଛନ୍ତି। ସିକିମ୍‌ର ରାଜଧାନୀ ଗ୍ୟାଙ୍ଗଟକରୁ ଚାଇନା ସୀମା ମଧ୍ୟରେ ବିଭିନ୍ନ ସ୍ଥାନରେ ଭୂ-ସ୍ଖଳନ ହୋଇ ରାସ୍ତା ଓ ପୋଲ ଭାଙ୍ଗିଯାଇଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡିଛି। ଉଦ୍ଧାର ପାଇଁ ପର୍ଯ୍ୟଟକମାନେ ସରକାରଙ୍କ ସହାୟତା ଲୋଡ଼ିଛନ୍ତି।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଭଜବଲପୁର ଗାଁର ରାମନାରାୟଣ ମିଶ୍ର ସ୍ତ୍ରୀ ମୀନାକ୍ଷୀ, ଝିଅ ଶ୍ରୀ ଓ ପୁଅ କ୍ରିସ୍‌ଙ୍କ ସହିତ ଗତ ୯ ତାରିଖରେ ଭୁବନେଶ୍ୱରରୁ କୋଲକାତା ଯାଇଥିଲେ। ପରେ ସେଠାରୁ ଗ୍ୟାଙ୍ଗଟକକୁ ଫ୍ଲାଇଟ୍‌ରେ ଯିବା ପରେ ପୁଣି ଚାଇନା ସୀମାକୁ ଲାଗିଥିବା ଲାଚୁମ୍‌କୁ ପରିବାର ସହିତ ସଡକ ପଥରେ ବୁଲିବାକୁ



ସିକିମ୍‌ର ଲାଚୁମ୍‌ରେ ଫସିଥିବା ଓଡ଼ିଆ ପର୍ଯ୍ୟଟକ।

ଯାଇଥଲେ। ଲାଚୁମ୍‌ରୁ ୧୩ ତାରିଖରେ ଗ୍ୟାଙ୍ଗଟକକୁ ଫେରିବାର କାର୍ଯ୍ୟକ୍ରମ ଥିଲା। ତେବେ ୧୨ ତାରିଖ ରାତିରେ ପ୍ରବଳ ବର୍ଷା ଓ ପାଗ ଖରାପ ହେବାରୁ ବିଭିନ୍ନ ସ୍ଥାନରେ ଭୂ-ସ୍ଖଳନ ହୋଇଛି। ତେଣୁ ସେମାନେ ଫେରି ନପାରି ଲାଚୁମ୍‌ସ୍ଥିତ ହୋଟେଲ ଆଲପାଇନ ରିସୋର୍ଟରେ ରହିଛନ୍ତି। ଗ୍ୟାଙ୍ଗଟକରୁ ଚାଇନା ସୀମା ପ୍ରାୟ ୧୨୦ କିଲୋମିଟର ହେବ। ସେମାନେ ସମୁଦ୍ର ପତ୍ତନଠାରୁ ପ୍ରାୟ ୫ ହଜାର ଫୁଟ ଉଚ୍ଚରେ ରହୁଛନ୍ତି। ଏବେ ମଧ୍ୟ ପ୍ରବଳ ଶୀତ ହେଉଛି। ସିକିମ୍ ସରକାର ପାହାଡ଼ିଆ ରାସ୍ତା ଓ ପୋଲ ସଫା କରିପାରୁ ନ ଥିବାରୁ ସେମାନେ ଆସି ପାରୁନାହାନ୍ତି। ସମସ୍ତ ପର୍ଯ୍ୟଟକଙ୍କୁ ହେଲିକପ୍ଟର ଜରିଆରେ ଗ୍ୟାଙ୍ଗଟକ ପର୍ଯ୍ୟନ୍ତ ଏୟାରଲିଫ୍ଟ କରିବେ ବୋଲି କୁହାଯାଉଥିବା ବେଳେ ବିଳମ୍ବ ହେଉଛି। ଦିନ ଗଡୁଥିବା ବେଳେ ପର୍ଯ୍ୟଟକ ଚିନ୍ତାରେ ରହୁଛନ୍ତି। ଦୀର୍ଘ ୫ ଦିନ ଧରି ରାସ୍ତା ବନ୍ଦ ଯୋଗୁ ଖାଦ୍ୟ ସମସ୍ୟା ଦେଖାଦେଇଛି। ୧୦ ଟଙ୍କାର ସାମଗ୍ରୀ ୨୦୦ ଟଙ୍କାରେ କିଣିବାକୁ ପଡୁଥିବା ରାମନାରାୟଣ କହିଛନ୍ତି। ଜୁନ୍ ୧୮ରେ ସ୍କୁଲ ଖୋଲୁଥିବାରୁ ଝିଅ ପୁଅ କିପରି ଘରେ ପହଞ୍ଚିବେ ସେ ଚିନ୍ତାରେ ଅଛନ୍ତି। ଓଡ଼ିଶା ସରକାର ଆବଶ୍ୟକ ପଦକ୍ଷେପ ନେଇ ଉଦ୍ଧାର କରିବାକୁ ସେ ନିବେଦନ କରିଛନ୍ତି। ଅନ୍ୟପକ୍ଷେ ପର୍ଯ୍ୟଟକଙ୍କୁ ଉଦ୍ଧାର କରିବା ପାଇଁ ବୀରମହାରାଜପୁର ଅଞ୍ଚଳର ସମାଜସେବୀ କୁଶ କୁମାର ସାହୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସିକିମ୍‌ର ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମଙ୍ଗଙ୍କୁ ଟୁଇଟ୍ କରି ଅନୁରୋଧ କରିଛନ୍ତି।

## ଗାଁଦାଣ୍ଡରୁ ଦନ୍ତାହାତୀ ମୃତଦେହ ଜବତ

**ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ**



ଗ୍ରାମରେ ପଡ଼ିଥିବା ଦନ୍ତାହାତୀର ମୃତଦେହ।

ସମ୍ବଲପୁର, ୧୭।୬(ପ୍ରମୋଦ ବହିଦାର)

ସମ୍ବଲପୁର ସଦର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ବସିଆପଡ଼ା ଡାଲଖାଇପଡ଼ା ଗାଁଦାଣ୍ଡରୁ ସୋମବାର ସକାଳେ ଏକ ଦନ୍ତାହାତୀର ମୃତଦେହ ଜବତ ହୋଇଛି। ଖାଦ୍ୟ ଅନ୍ୱେଷଣରେ ଆସିଥିବାବେଳେ କୌଣସି କାରଣରୁ ହାତୀର ମୃତ୍ୟୁ ଘଟିଥିବା କୁହାଯାଉଛି। ଖବର ପାଇ ସମ୍ବଲପୁର ବନଖଣ୍ଡ ଅଧିକାରୀ କାଲୁଙ୍ଗେ ଗୋରଖ ୱାମନ, ଏସିଏଫ୍ ମୁନୁସ ଦୀପ, ଏସିସିଏଫ୍ ରାଜେଶ୍ୱରୀ ତିର୍କୀ, ହରିଶଙ୍କର ନାଏକ, ଫରେଷ୍ଟର ଗିରୀଶ ଚନ୍ଦ୍ର ଦୋରା, ବିକାଶ ଭୋଇ, ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ଭୁବନେଶ୍ୱରରୁ ଏକ ପ୍ରାଣୀ ଚିକିତ୍ସକ ଦଳ ଓ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କ ସହ ହାତୀର ବ୍ୟବଚ୍ଛେଦ ନମୁନା ସଂଗ୍ରହ କରିଥିଲେ। ଅପରାହ୍ନରେ ନିକଟସ୍ଥ ଜଙ୍ଗଲରେ ବନ ବିଭାଗ ପକ୍ଷରୁ ହାତୀର ମୃତଦେହକୁ ପୋତି ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ମୃତ ଦନ୍ତାର ବୟସ ପ୍ରାୟ ୩୫ ବର୍ଷ ପାଖାପାଖି ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଗତ କିଛି ବର୍ଷ ହେଲା ଉକ୍ତ ଗୋଠଛଡ଼ା ଦନ୍ତା ରାତ୍ରି ସମୟରେ ଜନବସତି ଆଡକୁ ଚାଲି ଆସି ଧାନ ଓ ଅନ୍ୟାନ୍ୟ ଫସଲ ଖାଉଥିଲା। ଲୋକଙ୍କ ଘରଦ୍ୱାର ଭାଙ୍ଗି ପକାଉଥିଲା। କିଛି ମାସ ତଳେ ନିକଟସ୍ଥ ଏକ ଗ୍ରାମରେ ପଶି ଜଣେ ବୃଦ୍ଧଙ୍କୁ ଦଳି ମାରିଦେଇଥିଲା। ଏଥିଯୋଗୁ ସମ୍ପୃକ୍ତ ଅଞ୍ଚଳବାସୀ ପ୍ରାୟ ସମୟ ଭୟାତୁର ଅବସ୍ଥାରେ ଥିଲେ।



ଇଦ୍-ଉଲ୍-ଜୁହା ଅବସରରେ ସୋମବାର ଭୁବନେଶ୍ୱର ୟୁନିଟ୍-୪ ମସ୍‌ଜିଦ୍‌ରେ ମୁସଲମାନ ସମ୍ପ୍ରଦାୟର ଲୋକେ ସମୂହ ନମାଜ ପାଠ କରୁଛନ୍ତି। (ଫଟୋ- ବିକାଶ ନାୟକ)

## ମୁଖ୍ୟ ବିଚାରପତିଙ୍କୁ ଭେଟିଲେ ଆଇନ ମନ୍ତ୍ରୀ

କଟକ, ୧୭।୬(ଶିଲ୍ପା ପ୍ରିୟଦର୍ଶିନୀ)

- ହାଇକୋର୍ଟର ଉନ୍ନତୀକରଣ ପାଇଁ ପଦକ୍ଷେପ ନିଆଯିବ
- ଏସ୍‌ସିବିକୁ ଅଗ୍ରଣୀ ମେଡିକାଲ କଲେଜ କରାଯିବ: ହରିଚନ୍ଦନ

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସୋମବାର ମନ୍ତ୍ରୀ ହରିଚନ୍ଦନ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ସରକାରୀ କ୍ୱାର୍ଟର୍ସରେ ପହଞ୍ଚି ମୁଖ୍ୟ ବିଚାରପତିଙ୍କୁ ଭେଟି ବିଭିନ୍ନ ଆଇନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ପରେ ମାଛୁଆବଜାରସ୍ଥିତ ସର୍କିଟ ହାଉସରେ ଭାଜପା କର୍ମୀଙ୍କ ପକ୍ଷରୁ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଦଳୀୟ କର୍ମୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ମନ୍ତ୍ରୀ ଆଲୋଚନା କରିଥିଲେ। ଏନେଇ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ସାକ୍ଷାତ କରି ବିଭିନ୍ନ ଆଇନ ପ୍ରସଙ୍ଗ ନେଇ ଆଲୋଚନା କରିଛି। ପରେ ଭାଜପା କର୍ମୀଙ୍କୁ ଭେଟି ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରିଛି। କଟକ ହେଉଛି ମୋ' ଜନ୍ମମାଟି। ଏହି ସହରର ପ୍ରମୁଖ ସମସ୍ୟାଗୁଡ଼ିକୁ ଭାଜପା ସରକାର ସମାଧାନ କରିବ। ଆଇନ କ୍ଷେତ୍ରରେ ଓଡ଼ିଶା ହାଇକୋର୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହାଇକୋର୍ଟର ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ କରାଯିବ। ଏଥିସହ କୋର୍ଟରେ ଯେଉଁ ମାମଲାଗୁଡ଼ିକ ପଡ଼ିରହୁଛି, ସେଗୁଡ଼ିକ ଯେପରି ଖୁବ୍‌ଶୀଘ୍ର ସମାଧାନ କରାଯିବ ସେ ନେଇ ପଦକ୍ଷେପ ନିଆଯିବ। ସେହିପରି ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ କାର୍ଯ୍ୟକୁ ଆସନ୍ତା ଦୁଇରୁ ତିନିଦିନ ମଧ୍ୟରେ ତଦାରଖ କରାଯିବ। ବାସ୍ତବରେ ଯେପରି ମେଡିକାଲକୁ ବିଶ୍ୱସ୍ତରୀୟ କରାଯିବ ସେଥିଲାଗି ପଦକ୍ଷେପ ନିଆଯିବ। ଏପରିକି ଏମ୍ସଠାରୁ ଏହାକୁ ଏକ ଅଗ୍ରଣୀ ମେଡିକାଲ କଲେଜ କରିବା ପାଇଁ ସମସ୍ତ କାର୍ଯ୍ୟ କରାଯିବ। ଅନ୍ୟପଟେ ସହରରେ ଜଳ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଇ ସମାଧାନ କରାଯିବ ବୋଲି ହରିଚନ୍ଦନ କହିଛନ୍ତି। ଏହି ଅବସରରେ ସର୍କିଟ ହାଉସଠାରେ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

# ଷ୍ଟେଶନ ସୁପରିଣ୍ଟେଣ୍ଡେଣ୍ଟ ନିଲମ୍ବିତ, ମ୍ୟାନେଜରଙ୍କୁ ନୋଟିସ

ଢେଙ୍କାନାଳ, ୧୭।୬(ରତନ ନାୟାର)

**ମାଲବାହୀ ଟ୍ରାକ୍‌ରେ ଏକ୍ସପ୍ରେସ୍ ଟ୍ରେନ୍ ଅଟକିବା ଘଟଣା**

ଢେଙ୍କାନାଳ ରେଳ ଷ୍ଟେଶନରେ ଗତ ୧୫ ତାରିଖ ସକାଳ ୭ଟା ୪୬ରେ ଭୁବନେଶ୍ୱର-ସୋନପୁର ଏକ୍ସପ୍ରେସ୍ ଟ୍ରେନ୍ ୧ନଂ ପ୍ଲାଟଫର୍ମରେ ନ ଆସି ମାଲବାହୀ ଟ୍ରେନ୍ ପାଇଁ ଉଦ୍ଦିଷ୍ଟ ଟ୍ରାକ୍‌ରେ ଆସି ଷ୍ଟେଶନରେ ଅଟକିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି। କର୍ତ୍ତବ୍ୟରେ ଅବହେଳା ଓ ଦାୟିତ୍ୱହୀନତା ଯୋଗୁ ଘଟଣା ଦିନ ଦାୟିତ୍ୱରେ ଥିବା ଷ୍ଟେଶନ ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ କୁମାର ସାମଲଙ୍କୁ ନିଲମ୍ବିତ କରାଯାଇଛି। ସେହିପରି ଷ୍ଟେଶନ ମ୍ୟାନେଜରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଢେଙ୍କାନାଳ ରେଳ ଷ୍ଟେଶନରେ ଥିବା ୧ ଓ ୨ନଂ. ପ୍ଲାଟଫର୍ମରେ ଅପ୍ ଓ ଡାଉନ୍ ଟ୍ରେନ୍‌ଗୁଡ଼ିକ ରହଣି କରିଥାଏ। ଷ୍ଟେଶନ ମଝିରେ ଥିବା ଅନ୍ୟ ୨ଟି ଟ୍ରାକ୍ ମାଲବାହୀ ଟ୍ରେନ୍‌ଗୁଡ଼ିକ ପାଇଁ ଉଦ୍ଦିଷ୍ଟ ରହିଛି। ହେଲେ ଗତ ୧୫ ତାରିଖରେ ମାଲବାହୀ ଟ୍ରେନ୍ ପାଇଁ ଉଦ୍ଦିଷ୍ଟ ଥିବା ଏକ ଟ୍ରାକ୍‌ରେ ଭୁବନେଶ୍ୱର-ସୋନପୁର ଏକ୍ସପ୍ରେସ୍ ଟ୍ରେନ୍ ଅଟକିବା ଘଟଣା ଯାତ୍ରୀମାନଙ୍କୁ ଚକିତ କରିଦେବା ସହ ବଡ଼ ଅସୁବିଧାର ସମ୍ମୁଖୀନ କରାଇଥିଲା। ଏହାକୁ ନେଇ ଯାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଏପରି କି ସେହି ସମୟରେ ଟ୍ରେନ୍‌ଟି ଅଟକିଥିବା ଟ୍ରାକ୍‌ରେ କୌଣସି ମାଲଗାଡି ଆସିଥିଲେ ଦୁର୍ଘଟଣାର ସମ୍ଭାବନା ବଢ଼ିଯାଇଥାନ୍ତା। ସିଗନାଲରେ ତ୍ରୁଟି ଯୋଗୁ ଏହି ଘଟଣା ଘଟିଥିବା ଆଲୋଚନା ହେଉଥିବା ବେଳେ କର୍ତ୍ତବ୍ୟରେ ଅବହେଳା ଓ ଦାୟିତ୍ୱହୀନତା ପାଇଁ ଷ୍ଟେଶନ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିଲମ୍ବିତ କରାଯାଇଛି। ଘଟଣାର ଅଧିକ ତଦନ୍ତ କରାଯାଉଛି ବୋଲି ଖୋର୍ଦ୍ଧାରୋଡ୍ ପିଆର୍‌ଓ ଲତିକା ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି, ଷ୍ଟେଶନ ମ୍ୟାନେଜର ପି.କେ. ବାରିକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଉକ୍ତ ଦିନ ଦାୟିତ୍ୱରେ ଥିବା ଷ୍ଟେଶନ ସୁପରିଣ୍ଟେଣ୍ଡେଣ୍ଟ ଟ୍ରେନ୍ ଆସିବା ସମୟରେ ମ୍ୟାନେଜରଙ୍କୁ ଦାୟିତ୍ୱ ଦେଇ ଅନୁପସ୍ଥିତ ଥିଲେ, ଯାହାକି ତଦନ୍ତ ସାପେକ୍ଷ। ଏହି ଘଟଣା ଯାତ୍ରୀଙ୍କ ଚିନ୍ତା ବଢ଼ାଇ ଦେଇଥିବା ବେଳେ ସହରରେ ଆଲୋଚନାର ବିଷୟ ହେଉଛି।

# ଶୃଙ୍ଖଳିତ ନୀତି, ଦର୍ଶନ ଉପରେ ଗୁରୁତ୍ୱ

ପୁରୀ, ୧୭।୬(ଅଜିତ୍ କୁମାର ମହାନ୍ତି)

**ସ୍ନାନଯାତ୍ରା, ରଥଯାତ୍ରା ନେଇ ଆଇନମନ୍ତ୍ରୀଙ୍କ ସମୀକ୍ଷା**

ଆସନ୍ତା ୨୨ତାରିଖରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଏବଂ ଜୁଲାଇ ୭ରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ସ୍ନାନଯାତ୍ରା ଓ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସୁପରିଚାଳନା କରିବା ପାଇଁ ସୋମବାର ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ, ନୀତି ପ୍ରଶାସକ, ସୁରକ୍ଷା ପ୍ରଶାସକ, ଜିଲାପାଳ ଏବଂ ଏସ୍‌ପି ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକ ପରେ ଆଇନମନ୍ତ୍ରୀ ସୂଚନା ଦେଇ କହିଛନ୍ତି, ୧୯୭୧ ମସିହା ପରେ ଚଳିତବର୍ଷ ବିରଳ ରଥଯାତ୍ରା ପଡୁଛି। ଚଳିତ ବର୍ଷ ରଥଯାତ୍ରା ଯେପରି ସୁରୁଖୁରୁରେ ସମ୍ପନ୍ନ ହେବ ସେନେଇ ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭକରି ଶ୍ରୀମନ୍ଦିର ପ୍ରଶାସନ, ସେବକ, ଭକ୍ତ ସମସ୍ତଙ୍କ ଦାୟିତ୍ୱ ରହିଛି। ସମସ୍ତଙ୍କ ସହଯୋଗରେ ରଥଯାତ୍ରାକୁ ଶୃଙ୍ଖଳିତ କରିବାକୁ ପଡ଼ିବ। ଚଳିତବର୍ଷର ରଥଯାତ୍ରା ଆମ ପାଇଁ ବଡ଼ ଦାୟିତ୍ୱ। ସ୍ନାନଯାତ୍ରା ଓ ରଥଯାତ୍ରା ପାଇଁ ସ୍ୱତନ୍ତ୍ର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ମୁଖ୍ୟମନ୍ତ୍ରୀ ମଧ୍ୟ ରଥଯାତ୍ରା ନେଇ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ନାନଯାତ୍ରାର ନୀତିନିର୍ଘଣ୍ଟ ଚୂଡ଼ାନ୍ତ ହୋଇଥିବାବେଳେ ରଥଯାତ୍ରା ନୀତି ନେଇ ପ୍ରସ୍ତୁତି ଚାଲିଛି। ଆସନ୍ତା ୧୯ ତାରିଖରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ। ସମସ୍ତଙ୍କ ଲକ୍ଷ୍ୟ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସୁରୁଖୁରୁରେ ହେଉ। ମହାପ୍ରଭୁଙ୍କ ଆଶୀର୍ବାଦରେ ତଥା ସମସ୍ତଙ୍କ ସହଯୋଗରେ ରଥଯାତ୍ରା ଶୃଙ୍ଖଳିତ ହେବ। ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିବାବେଳେ ସେବାୟତମାନଙ୍କ ସହ ଆଲୋଚନା ହୋଇଛି। ଦଇତାପତି ନିଯୋଗ ସହ ଆଲୋଚନା ହୋଇଥିବାବେଳେ ନୀତି ଶୃଙ୍ଖଳିତ କରାଯାଇ ସବୁ କାର୍ଯ୍ୟ କରାଯିବ। ୧୯୭୧ ମସିହାରେ ହୋଇଥିବା ରଥଯାତ୍ରା ଦିନର ନୀତି ନିର୍ଘଣ୍ଟକୁ ସମୀକ୍ଷା କରାଯାଇଛି। ଆଗାମୀ ରଥଯାତ୍ରା ଦିନ ଆହୁରି ନୀତି ଶୀଘ୍ର କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ମହାପ୍ରଭୁ ତାଙ୍କ ଯାତ୍ରାକୁ ନିଜେ କରାଇଥାନ୍ତି, ଆମେ କେବଳ ସହଯୋଗୀ ଭାବେ କାର୍ଯ୍ୟ କରିଥାଉ। ରଥଯାତ୍ରା କିପରି ଶୃଙ୍ଖଳିତ ହେବ ଓ ସେଥିରେ ଶ୍ରୀମନ୍ଦିର ଅଧିକାରୀମାନଙ୍କର କ'ଣ ସବୁ ଭୂମିକା ରହିଛି ସେ ନେଇ ଆଲୋଚନା କରାଯାଇଛି। ରଥଯାତ୍ରା ସରିବା ପରେ ଭକ୍ତଙ୍କ ଦର୍ଶନ ଓ ମହାପ୍ରଭୁଙ୍କ ନୀତିକାନ୍ତିକୁ ପ୍ରାଥମିକତା ଦିଆଯିବ। ଯାହା ପଦକ୍ଷେପ ନିଆଯିବା କଥା ନିଆଯିବ। ଦୁଇ-ତିନି ମାସ ମଧ୍ୟରେ ଏ ନେଇ ପ୍ରସ୍ତୁତ କରାଯିବ। ଚଳିତ ବର୍ଷ ୪ରୁ ୫ ଲକ୍ଷ ଭକ୍ତଙ୍କ ଅଧିକ ସମାଗମ ହେବାର ଆଶା ରହିଛି ବୋଲି ଆଇନମନ୍ତ୍ରୀ କହିଛନ୍ତି। ବୈଠକ ସରିବା ପରେ ଆଇନମନ୍ତ୍ରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ ସମ୍ପର୍କରେ ସେବାୟତଙ୍କ ସହ ଆଇନମନ୍ତ୍ରୀ ଆଲୋଚନା କରିଥିବା ସୂଚନା ମିଳିଛି।

# ରାଜସ୍ୱ ପ୍ରଶାସନ ଲୋକଙ୍କ ନିକଟରେ ଉତ୍ତରଦାୟୀ ହେଉ: ମନ୍ତ୍ରୀ

ଭୁବନେଶ୍ୱର, ୧୭।୬(ଅନିଲ ଦାସ)

**ରାଜସ୍ୱ ବିଭାଗ ସମୀକ୍ଷା ବୈଠକ**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନୂଆ କରି ଦାୟିତ୍ୱ ଗ୍ରହଣ କରିବା ପରେ ସୋମବାର ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି। ରାଜସ୍ୱ ପ୍ରଶାସନ ସ୍ୱଚ୍ଛ ଓ ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ ହେବା ଉଚିତ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ଏହି ପ୍ରକ୍ରିୟାକୁ ଆହୁରି ଜନସାଧାରଣଙ୍କ ନିକଟତର କରିବା ପାଇଁ ସମସ୍ତଙ୍କର ଆନ୍ତରିକ ଉଦ୍ୟମ ଆବଶ୍ୟକ। ହୀରାକୁଦ ଜଳଭଣ୍ଡାର ବୁଡ଼ି ଅଞ୍ଚଳର ବିସ୍ଥାପିତ ଲୋକମାନଙ୍କର ସମସ୍ୟା ଦୂର କରିବା ଉପରେ ଗୁରୁତ୍ୱାରୋପ କରିବା ସହ ଚୂଡ଼ାନ୍ତ କ୍ଷତିପୂରଣ, ସ୍ଥାୟୀ ପଟ୍ଟା ପ୍ରଦାନ, ଘରଡିହ ଓ ଚାଷଜମି ଯୋଗାଇ ଦେବା କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସାରିବାକୁ ମନ୍ତ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ଏବେ ହୀରାକୁଦ ଜଳଭଣ୍ଡାରର ଜଳପତ୍ତନ ୬୩୦ ଫୁଟରୁ କମି ଆସିଥିବାରୁ କିଛି ବୁଡ଼ି ଅଞ୍ଚଳର ଜଳସ୍ତର ହ୍ରାସ ପାଇଛି। ଏହିସବୁ ଅଞ୍ଚଳର ଜମିଗୁଡ଼ିକର ସ୍ଥାୟୀ ପଟ୍ଟା ପ୍ରଦାନ ଉପରେ ବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରେଙ୍ଗାଲି ବନ୍ଧ ଯୋଜନା ଓ ତତ୍‌ପରବର୍ତ୍ତୀ ଜଳସେଚନ ପ୍ରକଳ୍ପ ପାଇଁ ବାସଚ୍ୟୁତ ହୋଇଥିବା ଲୋକମାନଙ୍କର ଥଇଥାନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଥଇଥାନ ଓ ପୁନର୍ବାସ ଯୋଜନାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଶିଳ୍ପ ପ୍ରତିଷ୍ଠା ପାଇଁ ବ୍ରଜରାଜ ନଗରର ଓରିଏଣ୍ଟ କାଗଜକଳ ସହ ଅନ୍ୟ ଶିଳ୍ପାନୁଷ୍ଠାନଗୁଡ଼ିକ ନିଜ ପାଖରେ ରଖିଥିବା ଅବ୍ୟବହୃତ ଜମିକୁ ଫେରାଇ ଆଣିବା ଦିଗରେ ରାଜସ୍ୱ ବିଭାଗ ତତ୍ପର ହେବା ଉଚିତ ବୋଲି ସେ କହିଛନ୍ତି। ବାସସ୍ଥାନ, ଜାତିଗତ ଓ ଅନ୍ୟାନ୍ୟ ପ୍ରମାଣପତ୍ର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରଦାନ କରାଯିବା ଉପରେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତହସିଲଦାରଙ୍କଠାରୁ ଆରମ୍ଭ କରି ବୋର୍ଡ ଅଫ୍ ରେଭିନ୍ୟୁର ମେମ୍ବର ଠିକ୍ ସମୟରେ ରାଜସ୍ୱ ମକଦ୍ଦମା ଫଇସଲା କରିବାକୁ ସେ ପରାମର୍ଶ ଦେଇଛନ୍ତି। ଜମିର ସ୍ୱତ୍ୱାଧିକାରୀଙ୍କ ମୃତ୍ୟୁ ପରେ ଉତ୍ତରାଧିକାରୀମାନଙ୍କ ନାମରେ ଖତିଆନର ନାମ ପରିବର୍ତ୍ତନ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ଅଗ୍ରାଧିକାର ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଅଞ୍ଚଳର ପ୍ରଶାସନକୁ ସହଯୋଗ କରିବା ପାଇଁ ସ୍ଥାନୀୟ ଯୁବତୀଯୁବକମାନଙ୍କୁ ତାଲିମ ପାଇଁ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ବରଗଡ଼ ଓ ଅନୁଗୋଳ ଜିଲାରେ ରେଳପଥ ସମ୍ପ୍ରସାରଣ ପାଇଁ ଚକ ଜମିରେ ଥିବା ଅସଙ୍ଗତିର ସମାଧାନ ପାଇଁ ମନ୍ତ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅବସରରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି ଯେ, ବିଭାଗ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ୧୦୦ ଦିନିଆ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସରକାରୀ ଜମି ଓ ଜଙ୍ଗଲ ଜମିର ବଜାର ଦର ନିର୍ଦ୍ଧାରଣ, ବସୁନ୍ଧରା ଯୋଜନାରେ ଅଧିକ ହିତାଧିକାରୀମାନଙ୍କୁ ସାମିଲ କରିବା ପାଇଁ ନୂତନ ସର୍ଭେରେ ବାର୍ଷିକ ଆୟରେ କୋହଳ ବ୍ୟବସ୍ଥା, ୧୫ଟି ନୂଆ ଏକ୍ସ ଅଫିସିଓ ରେଜିଷ୍ଟ୍ରେଶନ୍ ଅଫିସ ଖୋଲିବା, ସମସ୍ତ ରେଜିଷ୍ଟ୍ରେଶନ୍ ଅଫିସରେ ସ୍ମାର୍ଟ ସର୍ଭିଲେନ୍ସ ବ୍ୟବସ୍ଥା ଲାଗୁ କରିବା ଆଦି ଅନ୍ତର୍ଭୁକ୍ତ।

ରାଜ୍ୟରେ ଆପାତକାଳୀନ ସ୍ଥିତିର ମୁକାବିଲା ଓ ପରିଚାଳନା ପାଇଁ ସରକାର ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପ୍ରତିଷ୍ଠା କରିଛନ୍ତି। ଓସ୍‌ଡମା ଅନ୍ୟମାନଙ୍କ ପ୍ରତି ଉଦାହରଣ ପାଲଟିଛି। ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଅନୁଷ୍ଠାନଠାରୁ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସ୍ୱୀକୃତି ହାସଲ କରିଛି। ଏହି ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

"ଯେଉଁ ଶକ୍ତି ସବୁ ସାଧନ କରିପାରିବ- ତାହା ଅଛି। କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି। ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ। ଆସ- ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା। -ଶ୍ରୀଅରବିନ୍ଦ

-ନିର୍ଜଳା ଏକାଦଶୀ
ଉପବାସ ଓ ହଳ ନିଷେଧ

# ଦୁଇଟି ଯୁଦ୍ଧ

କୋଭିଡ୍ ମହାମାରୀକୁ ମୁକାବିଲା କରି ପୃଥିବୀ ଆର୍ଥିକ ଓ ସାମାଜିକ ସ୍ଥିରତା ଚାହୁଁଥିବା ବେଳେ ପ୍ରଥମେ ୨୪ ଫେବୃୟାରୀ ୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରେ ୭ ଅକ୍ଟୋବର ୨୦୨୩ରୁ ଗାଜାରେ ଇସ୍ରାଏଲ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି। ନାଟୋଠାରୁ ଦୂରେଇ ରଖିବାକୁ ଚେଷ୍ଟାକରି ୟୁକ୍ରେନକୁ ତା' ସହିତ ମିଶାଇବା ପାଇଁ ରୁଷିଆ ବିଗତ ଅଢ଼େଇ ବର୍ଷ ହେଲାଣି ଯୁଦ୍ଧ କରୁଛି। ଅନ୍ୟପଟେ ଏକ କ୍ରୂର ଉଗ୍ରବାଦୀ ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ହମାସକୁ ନିପାତ କରିବାରେ ଲଗିଛି ଇସ୍ରାଏଲ। ଉଲ୍ଲେଖନୀୟ ଯେ ୭ ଅକ୍ଟୋବର ୨୦୨୩ରେ ହମାସ ଇସ୍ରାଏଲ ସୀମା ଭିତରେ ଆକ୍ରମଣ କରି ୧୧୩୯ ଲୋକଙ୍କୁ ହତ୍ୟା କରିଥିଲା । ଦେଖିବାକୁ ଗଲେ ଉଭୟ ଯୁଦ୍ଧ ମଧ୍ୟପ୍ରାଚ୍ୟ ଓ ପାଶ୍ଚାତ୍ୟରେ ଅଶାନ୍ତ ସ୍ଥିତି ସୃଷ୍ଟି କରିଛି। ଏହା ମଧ୍ୟ ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ପ୍ରଭାବିତ କରିଚାଲିଛି। ଆମେରିକା ଓ ନାଟୋ ସହଯୋଗରେ ରୁଷିଆ ଆକ୍ରମଣକୁ ୟୁକ୍ରେନ ମୁକାବିଲା କରୁଥିବାବେଳେ ଇରାନ,ଜୋର୍ଡାନ, ସାଉଦିଆରବ, ଲେବାନନ୍, ଇରାକ ଆଦି ଦେଶଗୁଡ଼ିକ ଖୋଲାଖୋଲି ଭାବେ ପାଲେଷ୍ଟାଇନକୁ ସମର୍ଥନ କରିଛନ୍ତି। ଇରାନ ସମର୍ଥିତ ୟେମେନ୍‌ର ହୁଟି, ଲେବାନନ୍‌ର ହିଜ୍‌ବୁଲା ଓ ଇରାକ ପ୍ରୋତ୍ସାହିତ ଉଗ୍ରବାଦୀମାନେ ଇସ୍ରାଏଲ ବିରୋଧରେ ଯୁଦ୍ଧ କରୁଛନ୍ତି। ଏଥିସହିତ ଲୋହିତ ସାଗରରେ ପଣ୍ୟବାହୀ ଜାହାଜଗୁଡ଼ିକ ଉପରେ ହୁଟିର ଆକ୍ରମଣ ବିଶ୍ୱ ବାଣିଜ୍ୟକୁ ପ୍ରଭାବିତ କରିବ ବୋଲି ଅର୍ଥନୀତିଜ୍ଞମାନେ ସତର୍କ କରିଦେବା ପରେ ଆମେରିକା ଏହାକୁ ଗମ୍ଭୀରତାର ସହ ନେଇଛି ଓ ବହୁଦେଶୀୟ ନୌସେନା ଦ୍ୱାରା ଗଠିତ ଅପରେଶନ ପ୍ରସ୍‌ପରଟି ଗାର୍ଡିଅନ(ଓପିଜି) ଗଠନ କରିଛି। ସୂଚିତ କରାଯାଇପାରେ ଯେ, ମଧ୍ୟପ୍ରାଚ୍ୟର ତୈଳ ବଜାର ଉପରେ ଆମେରିକା ଓ ପାଶ୍ଚାତ୍ୟ ଦେଶଗୁଡ଼ିକ ଅଧିକ ନିର୍ଭରଶୀଳ। ତୈଳ ବାରବାରକୁ ଲକ୍ଷ୍ୟକରି ଆମେରିକା ହୁଏତ ମଧ୍ୟପ୍ରାଚ୍ୟରେ ଯୁଦ୍ଧବିରତି ପାଇଁ ପ୍ରସ୍ତାବ ଦେଇଥାଇପାରେ। କିନ୍ତୁ ଆମେରିକାକୁ ବିଶ୍ୱ ସ୍ତରରେ ଅର୍ଥନୀତିରେ ଚ୍ୟାଲେଞ୍ଜ ଦେଇ ମଧ୍ୟପ୍ରାଚ୍ୟ ସହ ସମ୍ପର୍କ ବୃଦ୍ଧି କରୁଥିବା ଚାଇନାକୁ ଅଟକାଇବା ଏଭଳି ଯୁଦ୍ଧବରତି ପ୍ରସ୍ତାବ ପଛର ଅନ୍ୟତମ କାରଣ ବୋଲି କୁହାଯାଉଛି। ଉଲ୍ଲେଖନୀୟ ଯେ, ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚାଇନାର ଦାଦାଗିରି ଓ ତାଇୱାନ୍‌କୁ ଦଖଲକୁ ନେବାରେ ତାହାର ଉଦ୍ୟମକୁ ପ୍ରତିହତ କରିବା ଲାଗି ଭାରତ, ଅଷ୍ଟ୍ରେଲିଆ, ଜାପାନକୁ ନେଇ ଆମେରିକା ମଧ୍ୟ କ୍ୱାଡ୍ ସାମରିକ ମେଣ୍ଟ ଗଠନ କରିଛି। ଗୋଟିଏ ପକ୍ଷରେ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବିଶୃଙ୍ଖଳା, କୃଷ୍ଣ ସାଗରରେ ରୁଷିଆର ଆଧିପତ୍ୟ ଓ ଅଶାନ୍ତ ଲୋହିତ ସାଗରକୁ ନେଇ ଆମେରିକା ବିବ୍ରତ ଥିବା କୁହାଯାଏ। ଏହାସହ ଇରାନ ଓ ଇସ୍ରାଏଲର ମୁହାଁମୁହିଁ ସ୍ଥିତି ମଧ୍ୟ ଆମେରିକାକୁ ଚିନ୍ତାରେ ପକାଇବା ସ୍ୱାଭାବିକ। କାରଣ ଇରାନ, ଚାଇନା ଓ ରୁଷିଆ ସମ୍ପର୍କ ଅଧିକ ମଜଭୁତ ହେବା ଆମେରିକା ଓ ତାହାର ମେଣ୍ଟ ଦେଶଗୁଡ଼ିକ ପ୍ରତି ବିପଦ ସୃଷ୍ଟି କରିବାର ଅଧିକ ସମ୍ଭାବନା ରହିଛି। ତେବେ ଆମେରିକାର ଯୁଦ୍ଧବିରତିକୁ ଇସ୍ରାଏଲ ଗ୍ରହଣ କରିଥିବା କଥା ଆମେରିକା କହୁଥିଲେ ମଧ୍ୟ ଇସ୍ରାଏଲ ଏହାକୁ ସର୍ବସମ୍ମୁଖରେ ସ୍ୱୀକାର କରିନାହିଁ। ବରଂ କହିଛି ଯେ, ଯେ ପର୍ଯ୍ୟନ୍ତ ହମାସ ବିନାଶ ହୋଇନାହିଁ ସେ ଯୁଦ୍ଧ ବନ୍ଦ କରିବ ନାହିଁ।

ଆଉ ଏକ ଘଟଣାକ୍ରମରେ ସୁଇଜରଲାଣ୍ଡରେ ଅନୁଷ୍ଠିତ ସମ୍ମିଳନୀରେ ୟୁକ୍ରେନରେ ଶାନ୍ତି ଫେରାଇବା ସକାଶେ ୧୬ ଜୁନ୍‌ରେ ଆଗତ ଶାନ୍ତି ଦସ୍ତାବିଜ୍‌ରେ ଆମେରିକା ସମେତ ୮୦ ଟି ଦେଶ ସ୍ୱାକ୍ଷର କରିଛନ୍ତି। ହେଲେ ଚାଇନା, ରୁଷିଆ ଓ ବ୍ରାଜିଲ ଏହି ସମ୍ମିଳନୀରେ ଯୋଗଦେଇ ନାହାନ୍ତି। ଭାରତ ସମେତ ସାଉଦିଆରବ, ଦକ୍ଷିଣ ଆଫ୍ରିକା ଓ ୟୁଏଇ ଭଳି ବିକାଶଶୀଳ ଦେଶ ଏଥିରେ ସ୍ୱାକ୍ଷର କରିନାହାନ୍ତି। ଉଲ୍ଲେଖନୀୟ ଯେ, ୟୁକ୍ରେନ ଉପରେ ଆକ୍ରମଣ ଆରମ୍ଭରୁ ଜାତିସଂଘ ଦ୍ୱାରା ରୁଷିଆ ବିରୋଧରେ ଆଗତ ପ୍ରସ୍ତାବରୁ ଭାରତ ଦୂରେଇ ରହିଥିଲା। ଗୋଟିଏ ପଟେ ରୁଷିଆ-ୟୁକ୍ରେନ ଯୁଦ୍ଧରେ ଆମେରିକା ଓ ନାଟୋର ସିଧାସଳଖ ସମ୍ପୃକ୍ତି ଓ ଏମାନେ ହମାସ ବିରୋଧରେ ଇସ୍ରାଏଲକୁ ସମର୍ଥନ କରିବା ଏବଂ ଅନ୍ୟପଟେ ଅମେରିକାର ଏବକାର ଯୁଦ୍ଧବିରତି ପ୍ରସ୍ତାବକୁ ଦେଖିଲେ ବାସ୍ତବ ଶାନ୍ତି ପ୍ରତିଷ୍ଠାରେ ସନ୍ଦେହ ସୃଷ୍ଟି ହୁଏ। ଏହାବ୍ୟତୀତ ସୁଇସ୍ ସମ୍ମିଳନୀରେ ୟୁକ୍ରେନକୁ ସମର୍ଥନ କରୁଥିବା ଅଧିକାଂଶ ପାଶ୍ଚାତ୍ୟ ଦେଶ ରହିଥିବାରୁ ଶାନ୍ତି ଆଣିବାରେ ସେମାନଙ୍କ ନିରପେକ୍ଷତା ଉପରେ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସ୍ୱାଭାବିକ। ଶେଷରେ ଏତିକି କୁହାଯାଇପାରେ ଯେ, ସ୍ୱଷ୍ଟ ନୀତି ଓ ନିରପେକ୍ଷ ମନୋଭାବ ନ ରହିଲେ ଆରମ୍ଭ ହୋଇଥିବା ଦୁଇଟି ଯୁଦ୍ଧ ପାଇଁ ସବୁ ପକ୍ଷ ଭୟଙ୍କର ମୂଲ୍ୟ ଦେବେ। ଯୁଦ୍ଧର ପରିଣାମ ଏବଂ କ୍ଷତି କେବଳ ସମ୍ପୃକ୍ତ ଦେଶଗୁଡ଼ିକ ମଧ୍ୟରେ ସୀମିତ ରହିବ ନାହିଁ। ଏହି ଯୁଦ୍ଧକ୍ଷେତ୍ରର ପ୍ରଭାବ ସମଗ୍ର ପୃଥିବୀର ଅର୍ଥନୀତି ଉପରେ ପଡୁଛି। ଏଥିପାଇଁ ସବୁବେଳେ କ୍ଷତିଗ୍ରସ୍ତ ହେବେ ଗରିବ ଦେଶ।

**ଯୁଦ୍ଧର ପରିଣାମ ଏବଂ କ୍ଷତି କେବଳ ସମ୍ପୃକ୍ତ ଦେଶଗୁଡ଼ିକ ମଧ୍ୟରେ ସୀମିତ ରହିବ ନାହିଁ। ଏହି ଯୁଦ୍ଧକ୍ଷେତ୍ରର ପ୍ରଭାବ ସମଗ୍ର ପୃଥିବୀର ଅର୍ଥନୀତି ଉପରେ ପଡୁଛି। ଏଥିପାଇଁ ସବୁବେଳେ କ୍ଷତିଗ୍ରସ୍ତ ହେବେ ଗରିବ ଦେଶ।**

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | | 2 | 7 | |
| | | 8 | | | 6 | | | |
| | | 7 | 3 | 4 | | | | |
| | 9 | | 6 | | | | | |
| 1 | | 3 | | | | | 4 | |
| | | | | | 4 | | | 8 |
| 8 | | | | | 3 | | | 1 |
| | 7 | 9 | | | | | | |
| | | 6 | 7 | 2 | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 2 | 3 | 7 | 1 | 8 | 4 | 5 |
| 7 | 8 | 1 | 5 | 9 | 4 | 6 | 3 | 2 |
| 3 | 4 | 5 | 6 | 8 | 2 | 9 | 1 | 7 |
| 8 | 6 | 9 | 1 | 4 | 7 | 5 | 2 | 3 |
| 4 | 2 | 3 | 9 | 6 | 5 | 7 | 8 | 1 |
| 1 | 5 | 7 | 8 | 2 | 3 | 4 | 6 | 9 |
| 9 | 1 | 4 | 7 | 3 | 8 | 2 | 5 | 6 |
| 5 | 7 | 8 | 2 | 1 | 6 | 3 | 9 | 4 |
| 2 | 3 | 6 | 4 | 5 | 9 | 1 | 7 | 8 |

ଗତକାଲିର ଉତ୍ତର

# ଜୀବନରେ ବର୍ଣ୍ଣର ଭୂମିକା



ଧ୍ରୁବ ଚରଣ ଘିବେଲା

ଜୀବନରେ ବର୍ଣ୍ଣର ଭୂମିକା ଥାଏ ଅନେକ। ପୁଣି ତାହା ଥାଏ ବିବିଧ ଆକାରରେ ଓ ପ୍ରକାରରେ। ଜୀବନ ମହାର୍ଘ। ଜୀବନ ମୂଲ୍ୟବାନ୍। ଜୀବନ ଜିନ୍ଦାବାଦ୍। ଜୀବନ ସଦା ମୂଲ୍ୟଯୁକ୍ତ ମୂଲ୍ୟ ଆଧାରିତ। ଜୀବନ ଅର୍ଥପୂର୍ଣ୍ଣ। ଜୀବନର ଅର୍ଥ/ମୂଲ୍ୟ ଥାଏ ବୋଲି ପରିପୂର୍ଣ୍ଣ ଜୀବନ ଜିଇବାକୁ ଚାହାନ୍ତି ଅନେକାନେକ। ଜୀବନର ଦୈର୍ଘ୍ୟ ପୁଣି ପ୍ରଲମ୍ବିତ ଥାଏ ଜନ୍ମଠୁ ମୃତ୍ୟୁର ଠିକ୍ ଅବ୍ୟବହିତ ମୁହୂର୍ତ୍ତ ପର୍ଯ୍ୟନ୍ତ। ଜୀବନ କା' ପାଇଁ ରହିଥାଏ ଅତି କ୍ଷୁଦ୍ର ସଂକ୍ଷିପ୍ତ ନାତିଦୀର୍ଘ ତ କାହାର ଜୀବନର ଦୈର୍ଘ୍ୟ ଥାଏ ଲମ୍ବା।

ଆଜିର ଦିନରେ କ୍ୱଚିତ୍ କିଏ କେଉଁଠି ଥିଲେ ଥିବେ ହାତଗଣତି କେଇଜଣ ନଟ୍‌ଆଉଟ୍ @ ୧୦୦ ଶତାୟୁ ପୁରୁଷ ଥିବେ ହାତଗଣତି ପୁଣି କେଉଁଠି କେଉଁଠି। ଲମ୍ବା ଜୀବନକୁ ମହନୀୟ କରିବାରେ ଥାଏ ସୁନ୍ଦରତା। ଖାଲି ଖାଇପିଇ ତୁଚ୍ଛା ଜୀବନ ଜିଇବାର ମାନେ କିଛି ରହିନଥାଏ। ମୂଲ୍ୟଯୁକ୍ତ ଜୀବନ ଜିଇବାରେ ଥାଏ ଅସଲ ବାହାଦୁରି। ମଣିଷପଣିଆ ଆଧାରରେ ମଣିଷ ହେବା, ମାନବିକତାପଣ ଗୁଣରେ ମାନବ ହେବା ଚାହି। ଖାଲି ମଣିଷ ଜନ୍ମ ନେଇ ମଣିଷ ବୋଲାଇ ହେବାରେ ବଡ଼ପଣିଆ ନ ଥାଏ। ମଣିଷପଣିଆ/ ମାନବିକତା ବଳରେ ମଣିଷ ଜନ୍ମର ସାର୍ଥକତା ପ୍ରତିପାଦିତ କରାଯିବା ଚାହି। ତେବେ ଯାଇ ମହାର୍ଘ ଜୀବନର ଜୈତ୍ରଯାତ୍ରା ମଧୁମୟ ହେବ।

ପୁଣି ସୁନ୍ଦର ଜୀବନ ପାଇଁ ଜୀବନରେ ଶିକ୍ଷାର ମହତ୍ତ୍ୱ ଓ ଗୁରୁତ୍ୱଥାଏ ଅନେକ। ଜନ୍ମ ପରେ ଠିକ୍ ସମୟରୁ ଶିକ୍ଷା ଗ୍ରହଣ କରିବାର ଆବଶ୍ୟକତା ଥାଏ। ଜନ୍ମପରଠୁ ଶିଖିବାକୁ ହୁଏ। ଶିଶୁବେଳୁ ଶିଶୁକୁ ଦରକାର ଥାଏ ଉପଯୁକ୍ତ ଶିକ୍ଷା ଓ ଉପଯୁକ୍ତ ସୁରକ୍ଷା। ଶିକ୍ଷାକୁ ଯେଣୁ ସଫଳତାର ଚାବିକାଠି ମନେକରାଯାଏ, ତେଣୁ ଶିକ୍ଷା ଯେମିତି ସମସ୍ତଙ୍କ ପାଖେ ପହଞ୍ଚ ହୋଇପାରିବ ସେ ଦିଗରେ ମା'ବାପା ଓ ଗୁରୁଜନଙ୍କ ଗୁରୁ ଦାୟିତ୍ୱ ରହିଥାଏ। ଶିକ୍ଷା ସୁଯୋଗ ପହଞ୍ଚ ହୋଇପାରିଲେ ଆଜିର ଶିଶୁ ଆଗାମୀ ଦିନର ଉତ୍ତମ ନାଗରିକ ହେବ ନିଶ୍ଚୟ। ଶିଶୁ ହିଁ ଦେଶଜାତିର ସମ୍ପଦ। ଦେଶର ଭବିଷ୍ୟତ, ରାଷ୍ଟ୍ର ନିର୍ମାଣକାରୀ।

ଶିକ୍ଷାର ପ୍ରଥମ ସୋପାନରେ ଶିଶୁର ବର୍ଣ୍ଣ ପରିଚୟ ଆଗ ହୁଏ ମାନେ ଅକ୍ଷର ଶିକ୍ଷା ପ୍ରଥମେ ଗ୍ରହଣ କରେ ଶିଶୁ। ମାତୃଭାଷାର ବର୍ଣ୍ଣ ବା ଲିପି ବା ଅକ୍ଷର ସବୁକୁ ଆଗ ଶିଖେ ଶିଶୁ। ବର୍ଣ୍ଣ ଚିହ୍ନି ପଢ଼ି ଲେଖି ଜାଣିଲେ ଶିଶୁଟି ବର୍ଣ୍ଣ ପ୍ରମାଦ ରହେନାହିଁ। ବର୍ଣ୍ଣ ଆଗ ଚିହ୍ନିବା, ଉଚ୍ଚାରଣ କରି ଜାଣିବା, ତା'ପରେ ଲେଖିବା ଅଭ୍ୟାସ ବଳରେ ଶିଶୁ ଲେଖାପାରେ ଧୁରୀଣ ହୁଏ। ପଢ଼ିବା ମାନେ ସ୍ୱଷ୍ଟ ଉଚ୍ଚାରଣ କରି ପଢ଼ିବା, ଲେଖିବା ମାନେ ନିର୍ଭୁଲ୍ ଭାବେ ଲେଖିବା। କ୍ରମେ ଉଭୟ ପଢ଼ା ଓ ଲେଖା ଶିଶୁକୁ ବଳିଷ୍ଠ କରେ। ପ୍ରାରମ୍ଭିକ/ ପ୍ରାଥମିକ ଶିକ୍ଷା ମୂଳଦୁଆ ଯା'ଠି ଯେତେ ଅଧିକ ପଡ଼ିଥାଏ, ସେଇ ଛୁଆ ସେତିକି ପାଠରେ ସଶକ୍ତ ହୁଅନ୍ତି। ଘର ତିଆରିରେ ଘର ନିଅଁ ଯେତେ ଦୃଢ଼ ଥାଏ, ଘର ମଜଭୁତ ରହେ ସେତେ। ଠିକ୍ ସେମିତି ପାଠ ମୂଳଦୁଆ ଯାହାର ଯେତେ ସଶକ୍ତ ଥାଏ, ପାଠରେ ଉପରକୁ ଉପରକୁ ଉଠିବା ସେତେ ସହଜ ହୁଏ।



ଜୀବନରେ ବ୍ୟଞ୍ଜନ ବର୍ଣ୍ଣ 'କ' ଓ 'ଖ' କହେ ସୁନ୍ଦର କଥା। କ କହେ କର୍ମ କଥା। କାମ କରିବା କଥା। କାମ କହିଲେ ସବୁବେଳେ ଭଲ କାମକୁ ବୁଝିବା। ସେଇ କାମ କରିବା/କରାଯିବା ଉଚିତ ଯାହା ସତ୍ କର୍ମ ଓ ଆନନ୍ଦଦାୟୀ ଥିବ, ପରୋପକାର ପାଇଁ ଉଦ୍ଦିଷ୍ଟ ଥିବ, ସମାଜ ମଙ୍ଗଳକାରୀ ଥିବ। ସତ୍ କର୍ମ ପଛରେ ସତ୍ ଚିନ୍ତନ ଯୋଡ଼ି ହୋଇରହିଲେ କର୍ମରୁ ସତ୍ ଫଳପ୍ରାପ୍ତି ନିଶ୍ଚୟ ଘଟିବ। କର୍ମକୁ ଭଗବାନ୍ ମନେକରାଗଲେ ଆହୁରି ସୁନ୍ଦର ହେବ କର୍ମ- କାମ କରିବା। ଭାଗବତରେ କୁହାଯାଇଛି- 'କର୍ମ ମୋହର ନିଜ ଗୁରୁ। ଉଦ୍ଧବ କେତେ ତୁ ପଚାରୁ' ପ୍ରତ୍ୟେକ ମଣିଷ କାମ କଲେ କର୍ମ ସଂସ୍କୃତି ବି ଉଧାଏ। ବ୍ୟକ୍ତି କର୍ମରେ ରହିଲେ ରୋଜଗାରକ୍ଷମ ହୁଏ। କର୍ମଯୁକ୍ତ ବ୍ୟକ୍ତି ରାଜ୍ୟ ରାଷ୍ଟ୍ରର ଅର୍ଥନୀତି ସହାୟକ ସାଜନ୍ତି। ବ୍ୟଞ୍ଜନ ବର୍ଣ୍ଣ ଖ କହେ ଖଟିବା ଓ ଖାଇବା କଥା। କାମ କଲେ ଖଟିଲେ ଦେହ ଭଲ ରହେ। କାମ ନ କରି, ନ ଖଟି ବସି ଖାଇବା ଅପେକ୍ଷା ଖଟି ଖାଇବା ସୁନ୍ଦର କଥା। ଖଟିଖିଆ ନିଜେ ଖାଏ ଓ ପରିବାର ପ୍ରତିପୋଷଣ କରେ। ଖଟିଖିଆଙ୍କ ନୀତି ଖଟି ଖାଅ ଓ ଅନ୍ୟକୁ ବି ଖୁଆଅ। ଖାଇ ଖୁଆଇବାରେ ଥାଏ ଆନନ୍ଦ। ଅନ୍ୟକୁ ଖୁଆଇବା ମାନେ ଦେବାର ମହତ୍ତ୍ୱ ପ୍ରକୃତ ଖଟିଖିଆ ବୁଝିଥାନ୍ତି। କୃପଣ ଯାହା ଦେବାର ମାନସିକତା ରଖିନଥାଏ।

ଶିଶୁକୁ ମାତୃଭାଷାରେ ଶିକ୍ଷା ଦିଆଯିବା ଉଚିତ। ଏନ୍.ଇ.ପି. ଟ୍ୱେଣ୍ଟି ଟ୍ୱେଣ୍ଟି ବା ଜାତୀୟ ଶିକ୍ଷା ନୀତି ୨୦୨୦ରେ ପ୍ରାଥମିକ ଶିକ୍ଷା ମାତୃଭାଷାରେ ଦିଆଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ଆମ ମାତୃଭାଷା ଓଡ଼ିଆ ଭାଷା। ଓଡ଼ିଆ ଲିପି ବର୍ଣ୍ଣ ଅକ୍ଷର ସୁନ୍ଦର। ହାତଲେଖା ବର୍ଣ୍ଣାକ୍ଷର ସୁନ୍ଦର ଥିଲେ ଆଖିକୁ ସୁନ୍ଦର ଲାଗେ। ଅକ୍ଷର ପରିଚୟ ମଣିଷକୁ କରେ ସାକ୍ଷର। ପୁଣି ସାକ୍ଷର ମଣିଷକୁ ସମର୍ଥ ମଣିଷ ମନେକରାଯାଏ। ମଣିଷ ଜୀବନରେ ବର୍ଣ୍ଣ ବା ଅକ୍ଷରର ମହତ୍ତ୍ୱ ମହତ ଅନେକ ଥାଏ। ମଣିଷ ଜୀବନରେ ସେମିତି ବର୍ଣ୍ଣ ବା ରଙ୍ଗର ଆକର୍ଷଣ କିଛି କମ ନ ଥାଏ। ମଣିଷ ସହଜେ ଥାଏ ବର୍ଣ୍ଣପ୍ରିୟ ବା ରଙ୍ଗପ୍ରିୟ। ରଙ୍ଗର ଆକର୍ଷଣ ତ ମଣିଷକୁ ସବୁବେଳେ ବିଭୋର ବିମୋହିତ କରିଥାଏ। ରଙ୍ଗ ରୁଚି ମଣିଷଠି ଅନନ୍ୟ। କାହାର କେଉଁ ରଙ୍ଗରେ ପୁଣି ଥାଏ ଆକର୍ଷଣ। ବର୍ଣ୍ଣକଣା ଯାହା ବର୍ଣ୍ଣ ବାରି ପାରନ୍ତି ନାହିଁ।

ପୁଣି ବର୍ଷାକାଳୀନ ଇନ୍ଦ୍ରଧନୁର ସାତ ରଙ୍ଗ ରଙ୍ଗର ମହୋତ୍ସବ ସ୍ଥିତି ସୃଷ୍ଟି କରେ କିଛି ମୁହୂର୍ତ୍ତ ପାଇଁ,ସବୁ ମଣିଷଙ୍କ ପାଇଁ। ଯେ ଦେଖେ, ସେ ଆତ୍ମବିଭୋର ହୁଏ। ପ୍ରକୃତିର ସବୁଜିମା, ଛଅ ଋତୁର ଋତୁକାଳୀନ ବିବିଧ ବର୍ଣ୍ଣବିଭା, ଜଳ ଓ ଆକାଶର ନୀଳ ନୀଳିମା ରଙ୍ଗ, ସୂର୍ଯ୍ୟୋଦୟ ବେଳେ ଅରୁଣିମାର ବର୍ଣ୍ଣଛଟା ମଣିଷର ନଗ୍ନ ଆଖିକୁ ବେଶ ଆକର୍ଷିତ କରିଥାଏ। କବି ଭାବୁକଙ୍କ ମନଶ୍ଚକ୍ଷୁରେ ବିବିଧ ବର୍ଣ୍ଣବିଭା ଦର୍ଶନ ଅନେକ ସାହିତ୍ୟକୃତି ସୃଷ୍ଟି ସର୍ଜନାରେ ବର୍ଣ୍ଣ ଶବ୍ଦ ରୂପ ବାଢ଼ିବାରେ ସହାୟକ ହୁଏ।

ମଣିଷର ବର୍ଣ୍ଣ ବା ଜାତି ପୁଣି ଥାଏ। ବର୍ଣ୍ଣ ବ୍ୟବସ୍ଥା କେବେଠୁ ଏଠି ରହିଛି। ତଥାପି ଜାତିଆଣ ମନୋଭାବ କାହାଠି ରହିବା ଉଚିତ ନୁହେଁ। ଆଜିର ଦିନରେ ସଭିଏଁ ସମାନ। ବଡ଼ ଜାତି ସାନ ଜାତି କିଛି ନାହିଁ।ଶେଷ କଥା- ମଣିଷ ଜୀବନରେ ବର୍ଣ୍ଣର ମହତ୍ତ୍ୱ ଗୁରୁତ୍ୱ ନିଶ୍ଚୟ ଥାଏ। ଜୀବନକୁ ବର୍ଣ୍ଣ ପୁଣି କରି ଆସିଥାଏ ସରସ ସୁନ୍ଦର। ସେ ବର୍ଣ୍ଣ ଲିପି ଅକ୍ଷର ହେଉ କି ବର୍ଣ୍ଣ ସାତ ରଙ୍ଗର ହେଉଥାଉ। ଜୀବନରେ ଅକ୍ଷର ଓ ରଙ୍ଗ ଉଭୟ ପ୍ରକାର ବର୍ଣ୍ଣର ସୁନ୍ଦର ଜୈତ୍ରଯାତ୍ରା ଜାରି ରହିଥାଏ ଶେଷ ଜୀବନଯାଏ। ଅକ୍ଷର ବର୍ଣ୍ଣ ମଣିଷକୁ ସାକ୍ଷର ଶିକ୍ଷିତ କରାଏ।

**ବଉଦରାଜ, ଜି. ବୌଦ୍ଧ**
**ମୋ:୯୪୩୭୪୭୮୪୬୬**

# ଗ୍ୟାରେଣ୍ଟିର ଗ୍ୟାରେଣ୍ଟି



ଗଣେଶ୍ୱର ନାୟକ

ଆମେ ଯେକୌଣସି ପଣ୍ୟ ବଜାରରୁ କିଣିଥାଉ, ତାହା ଯଦି ଗୁଣବତ୍ତାରେ କିଛି ନ୍ୟୂନ ହୁଏ, ତେବେ ଆମେ ଅଭିଯୋଗ କରିବାକୁ ବହୁ ବ୍ୟବସ୍ଥା ଅଛି। କୌଣସି ଚୁକ୍ତି ମଧ୍ୟ ଖିଲାପ ହେଲେ, ତାହା ଦ୍ୱାରା କ୍ଷତି ଭରଣା ପାଇଁ ଅନେକ ବିଧି ବ୍ୟବସ୍ଥା ଅଛି। ଯାହାଦ୍ୱାରା ଦାତା ଓ ଗ୍ରହୀତା, ବିକ୍ରେତା ଓ କ୍ରେତା ସଭିଁଙ୍କ ଉତ୍ତରଦାୟିତ୍ୱ ରହିଥାଏ।

କିନ୍ତୁ ଗଣତନ୍ତ୍ରରେ ଅଂଶ ହେଉଥିବା ରାଜନୈତିକ ଦଳଗୁଡ଼ିକ ଦେଉଥିବା ପ୍ରତିଶ୍ରୁତି, ଯାହା ନିର୍ବାଚନୀ ଇସ୍ତାହାର ଭାବେ ଆମେ ଜାଣୁ, ଯାହା ଲିଖିତ ଭାବେ ପ୍ରକାଶ ହୋଇଥାଏ, ତାହା ପ୍ରଣୟନରେ ରକ୍ଷା ହୋଇନପାରିଲେ, ତାହା ଉପରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବିଧି ବ୍ୟବସ୍ଥା ନାହିଁ। ରାଜତନ୍ତ୍ର ପରେ ଆସିଛି ଗଣତନ୍ତ୍ର। ଗୋଟିଏ ବ୍ୟବସ୍ଥା ଆଉ ଗୋଟେ ବ୍ୟବସ୍ଥାଠାରୁ ଅପେକ୍ଷାକୃତ ଭଲ ନ ହେଲେ ସମାଜ ତାହାକୁ ଗ୍ରହଣ କରେ ନାହିଁ। ଅପେକ୍ଷାକୃତ ଭଲ ବ୍ୟବସ୍ଥା ମଧ୍ୟ ଏତେ ସହଜରେ ସମାଜରେ ପ୍ରଣୟନ ହୁଏ ନାହିଁ। ତାହା ପାଇଁ ସମାଜର ଅନେକ ବ୍ୟକ୍ତିଙ୍କୁ ଅନେକ ନିର୍ଯାତନା ସହିବାକୁ ହୁଏ, ଆଉ ଅନେକ ଯନ୍ତ୍ରଣା ମଧ୍ୟ। ଆମେ ତାହାକୁ ଯେଉଁଭଳି ଭାବେ ଗ୍ରହଣ କରିବା, ତାହା ସେହିଭଳି ଫଳ ଦେବ ନିଶ୍ଚୟ।

ରାଜନୈତିକ ଦଳଗୁଡ଼ିକର ନିର୍ବାଚନୀ ଇସ୍ତାହାର, ସେମାନଙ୍କର ମୌଳିକ ଅଧିକାର। ସେମାନେ ଏହାକୁ ପ୍ରକାଶ କରି, ଦେଶ ଓ ରାଜ୍ୟର ଉନ୍ନତି ପାଇଁ, ସେମାନଙ୍କର ଆଭିମୁଖ୍ୟର ପରିପ୍ରକାଶ କରିଥାଆନ୍ତି। ସେ ଆଭିମୁଖ୍ୟ କେତେବେଳେ ପ୍ରଣୟନ ହୋଇଥାଏ ବା କେତେବେଳେ ତାହାକୁ ପ୍ରଣୟନ କରିବାରେ ବିଫଳ ମଧ୍ୟ ହୋଇଥାନ୍ତି।

ଏବେ କେବଳ ନୁହେଁ, ଆଗରୁ ମଧ୍ୟ ନିର୍ବାଚନ ବେଳେ ରାଜନୈତିକ ଦଳଗୁଡ଼ିକ ଅନେକ ମିଛ ପ୍ରତିଶ୍ରୁତି ଜନତାଙ୍କୁ ଦେଇଛନ୍ତି। ଅନେକ ପ୍ରତିଶ୍ରୁତି ମଧ୍ୟ କାର୍ଯ୍ୟକାରୀ କରିବାରେ, ଅନେକ ରାଜନୈତିକ ଦଳ ଇଚ୍ଛା ପ୍ରକାଶ କରିନଥିବା ମଧ୍ୟ ଆମେ ଦେଖିବାକୁ ପାଇଛେ। ଏହାକୁ ନେଇ ଅନେକ ଅସନ୍ତୋଷ ପ୍ରକାଶ ପାଇଛି ସାଧାରଣ ଜନତାଙ୍କ ମଧ୍ୟରେ। ଅନେକ ରାଜନୈତିକ ଦଳର ପଟ ମଧ୍ୟ ପରିବର୍ତ୍ତନ କରିଛନ୍ତି ସାଧାରଣ ଭୋଟର। ଆଉ ଏହାକୁ ନେଇ ଅନେକ ଆଲୋଚନା ପର୍ଯ୍ୟାଲୋଚନା ହୋଇଛି। ନିର୍ବାଚନୀ ଇସ୍ତାହାର ଯେହେତୁ ରାଜନୈତିକ ଦଳଗୁଡ଼ିକର ମୌଳିକ ଅଧିକାର, ନିର୍ବାଚନ କମିଶନ ଏହା ଉପରେ ସେତେଟା ଅଙ୍କୁଶ ଲଗାଇବାକୁ ସକ୍ଷମ ହୋଇନାହାନ୍ତି। ତଥାପି ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ, ନିର୍ବାଚନୀ ଇସ୍ତାହାର ପାଇଁ ନିର୍ବାଚନ କମିଶନ କିଛି ଦିଶା ନିର୍ଦ୍ଦେଶ ଜାରି କରିଛନ୍ତି; ଯେଉଁଥିରେ ଭୋଟ୍ ପାଇଁ କୌଣସି ପ୍ରଲୋଭନକୁ ପ୍ରଶ୍ରୟ ନ ଦେବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଅଛି। କିନ୍ତୁ ସବୁ ରାଜନୈତିକ ଦଳ କିଛିନାକିଛି ମାଗଣା ଯୋଜନା ଇସ୍ତାହାରରେ ରଖୁଥିବା ଦେଖାଯାଉଛି। ସେତେବେଳେ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପ୍ରଶ୍ନ ଥିଲା, କେଉଁ ଆଧାରରେ ରାଜନୈତିକ ଦଳଗୁଡ଼ିକ ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତ କରୁଛନ୍ତି। ଯେଉଁଥିରେ ଦେଖାଯାଉଛି, ଅନେକ ମାଗଣା ବାଣ୍ଟିବାର ଯୋଜନାର ପ୍ରତିଶ୍ରୁତି। ଏହି ମାଗଣା ବାଣ୍ଟିବା ପ୍ରତିଶ୍ରୁତି, ଯାହା ଦେଶର ଅର୍ଥନୀତିକୁ ଦୁର୍ବଳ କରେ ଆଉ ସାଧାରଣ ଜନତାର ଜୀବନଚର୍ଯ୍ୟା ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। କିନ୍ତୁ ରାଜନୈତିକ ଦଳଗୁଡ଼ିକର ଯୁକ୍ତି, ତୃଣମୂଳ ସ୍ତରର ମଣିଷର ଉତ୍ଥାନ ପାଇଁ ଏଗୁଡ଼ିକ ଜରୁରୀ। କିନ୍ତୁ ଖଟି ଖାଇବାର ବ୍ୟବସ୍ଥା ହିଁ ସମାଜକୁ ଉନ୍ନତିର ଶୀର୍ଷକୁ ନେବ ସିନା, ମାଗଣା ଦେଇ କୌଣସି ମଣିଷକୁ ଧନବାନ୍ କରିପାରିବା ନାହିଁ।



ସାଧାରଣ ନିର୍ବାଚନ-୨୦୨୪ରେ ନିର୍ବାଚନୀ ଇସ୍ତାହାରକୁ ନେଇ ଏକ ନୂଆ ପରିକଳ୍ପନା ଦେଖିବାକୁ ମିଳିଲା, ଅଂଶଗ୍ରହଣକାରୀ ସବୁ ରାଜନୈତି ଦଳ ସେମାନଙ୍କର ଇସ୍ତାହାରର ଗ୍ୟାରେଣ୍ଟି କଥାକୁ ବାରମ୍ବାର ଦୋହରାଉଥିଲେ। ଗ୍ୟାରେଣ୍ଟି ଶବ୍ଦ ବ୍ୟବହାର କରିବାକୁ ବାଧ୍ୟ ହେଲେ। ରାଜନୈତିକ ଦଳଗୁଡ଼ିକ ବୋଧେ ବୁଝି ଯାଇଥିଲେ, ଭୋଟରଙ୍କୁ ଆଉ ଭୁଆଁ ବୁଲାଇବା ସମ୍ଭବ ନୁହେଁ। ପ୍ରତ୍ୟେକ ଭୋଟର ପ୍ରଶ୍ନ କରିବାକୁ ସକ୍ଷମ ହୋଇଗଲେଣି। ଆଗରୁ ସେମାନଙ୍କର ପ୍ରତିଶ୍ରୁତିର ଆଲୋଚନା ସାଧାରଣ ଗଣମାଧ୍ୟମରେ ପ୍ରକାଶ ପାଉଥିଲା, ଯାହା ସେତେଟା ଉତ୍ତରଦାୟିତ୍ୱ ଲଦି ପାରୁନଥିଲା। ସାମାଜିକ ଗଣମାଧ୍ୟମ ଯୋଗୁ ବୋଧେ ଏହି ଗ୍ୟାରେଣ୍ଟିର ଗ୍ୟାରେଣ୍ଟି କଥା ଆଲୋଚନା କରିବାକୁ ସମସ୍ତ ରାଜନୈତିକ ଦଳକୁ ବାଧ୍ୟ କଲା। ଜଣେ ସାଧାରଣ ଭୋଟରର ମନର କଥା କୌଣସି ମାଧ୍ୟମ ଦେଇ, ସାମାଜିକ ଗଣମାଧ୍ୟମରେ ପରିପ୍ରକାଶ ହେଉଥିଲା। ଶିକ୍ଷିତ ଲୋକ ନିର୍ବାଚନୀ ଆଚରଣ ବିଧି ଯୋଗୁଁ କୌଣସି ରାଜନୈତିକ ଦଳର ଆଭିମୁଖ୍ୟ ଉପରେ କିଛି ଆଲୋଚନା କରି ପାରିନଥାନ୍ତି କିମ୍ବା ପ୍ରତ୍ୟକ୍ଷ ରାଜନୀତିରେ ଅଂଶ ଗ୍ରହଣ କରିପାରନ୍ତି ନାହିଁ। କିନ୍ତୁ ସେ ଶିକ୍ଷିତ ହେଉ କି ଅଶିକ୍ଷିତ ହେଉ, ତାହାର ମତ ସିଧାସଳଖ ନହେଲେ ମଧ୍ୟ ବୁଲେଇ, ବଙ୍କେଇ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିବାରେ ସମର୍ଥ ହେଉଛି। ଏକ ସର୍ବେକ୍ଷଣ ଅନୁଯାୟୀ ଭାରତରେ ୧୧୯.୭୩୫ କୋଟି ମୋବାଇଲ ବ୍ୟବହାରକାରୀ। ସହରାଞ୍ଚଳରେ ୬୬ କୋଟିରୁ ଅଧିକ ଥିବାବେଳେ ଗ୍ରାମାଞ୍ଚଳରେ ଏହା ୫୩ କୋଟିରୁ ଅଧିକ। ଏହାକୁ ଲକ୍ଷ୍ୟ କରି ସବୁ ରାଜନୈତିକ ଦଳର ସାମାଜିକ ଗଣମାଧ୍ୟମ ବିଭାଗ ଅଛି। ସାମାଜିକ ଗଣମାଧ୍ୟମ ବୋଧେ ବାଧ୍ୟ କରିଛି, ଗ୍ୟାରେଣ୍ଟିର ଗ୍ୟାରେଣ୍ଟି ଦେବାକୁ। ଯାହା ପାଖରେ ମୋବାଇଲଟିଏ ଅଛି, ସେ ବି ଜଣେ ସାକ୍ଷୀ, ପ୍ରମାଣକୁ ସାଥିରେ ରଖି, ଯାହାକୁ କେହି ବି ପରବର୍ତ୍ତୀ ସମୟରେ ଫାଙ୍କିବାକୁ ସକ୍ଷମ ନୁହେଁ। ଏହା ଗଣତନ୍ତ୍ର ପାଇଁ ଶୁଭସଂକେତ। ଭାରତର ବୃହତ୍ ଗଣତନ୍ତ୍ର ସାରା ବିଶ୍ୱକୁ ନୂଆ ଦିଶା ଦେଖାଏ।

୨୦୨୪ ନିର୍ବାଚନର ଭୋଟର, ରାଜନୈତିକ ଦଳଗୁଡ଼ିକୁ ଶାସନରେ ରହିବାକୁ ଯେତିକି ଶକ୍ତି ଯୋଗାଇଛି, ସମାନ୍ତରାଳ ଭାବେ ବିରୋଧୀରେ ରହି ନିଜର କର୍ତ୍ତବ୍ୟ କରିବାକୁ ମଧ୍ୟ ସେତିକି ଶକ୍ତି ଦେଇଛି। ପୂର୍ବ ଅପେକ୍ଷା ସାଧାରଣ ଭୋଟର ମଧ୍ୟରେ ଗଣତାନ୍ତ୍ରିକ ସାକ୍ଷରତା ବଢ଼ିଛି ନିଶ୍ଚିତ।

ସମସ୍ତେ ନିଜ ନିଜର ଦାୟିତ୍ୱ ପ୍ରତି ପ୍ରତିବଦ୍ଧତା ରହିଲେ, ତାହା ସମୃଦ୍ଧ ରାଷ୍ଟ୍ର ଗଠନରେ ସହାୟକ ହେବ। ନିର୍ବାଚନ ସରିଯାଇଛି, ନୂଆ ସରକାର ଗଠନ ହୋଇସାରିଛି ମଧ୍ୟ। ନିର୍ବାଚନ ଇସ୍ତାହାର ଫଳବତୀର ଗ୍ୟାରେଣ୍ଟିର ଗ୍ୟାରେଣ୍ଟି ହାର କେତେ ହେବ ତାହା ସମୟ କହିବ ନିଶ୍ଚିତ।

**ଗୋଗଳ, କାଏମା, ଧର୍ମଶାଳା, ଯାଜପୁର**
**ମୋ: ୯୭୭୭୭୪୯୭୨୭**

## ଏଇ ଭାରତରେ

ଆମ ଦେଶରେ କୃଷି ଉତ୍ପାଦ ଓ ବଜାର ମଧ୍ୟରେ ମଧ୍ୟସ୍ଥିଙ୍କ ଉପସ୍ଥିତି ଯୋଗୁ ଚାଷୀ କମ୍ ଲାଭ ପାଉଛନ୍ତି। ଏଭଳି ସମସ୍ୟାକୁ ଦୂର କରି ଭଲ ଲାଭ ପାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ମହାରାଷ୍ଟ୍ର ରତ୍ନଗିରିର ଆମ୍ବ ଚାଷୀମାନେ। ୩୦୦ ଆମ୍ବଚାଷୀ ଏକ କୃଷି ଉତ୍ପାଦ କମ୍ପାନୀ ଗଠନ କରି ସେମାନଙ୍କ ଉତ୍ପାଦିତ ଆଲଫୋନ୍‌ସୋ ଆମ୍ବକୁ ସିଧାସଳଖ ଗ୍ରାହକଙ୍କ ନିକଟରେ ପହଞ୍ଚାଉଛନ୍ତି। ସେମାନେ ଏହି ଆମ୍ବକୁ 'ଆମୋର' ବ୍ରାଣ୍ଡରେ ବିକ୍ରି କରୁଛନ୍ତି। ଆମୋର ଏକ ଇଟାଲୀୟ ଶବ୍ଦ, ଯାହାର ଅର୍ଥ ହେଉଛି ଭଲପାଇବା ଏବଂ ବିଶ୍ୱରେ ଲୋକମାନେ ଏହାକୁ ଭଲ ପାଉଥିବାରୁ ଏହାର ବ୍ରାଣ୍ଡ ନାମ ଏଭଳି ରଖାଯାଇଛି। କୁହାଯାଏ ଆଲଫୋନ୍‌ସୋ ହେଉଛି ଆମ୍ବର ରାଜା। ଏହାର ଚାହିଦା ମଧ୍ୟ ଆକାଶଛୁଆଁ। କେବଳ ଭାରତରେ ନୁହେଁ ଚାଷୀମାନେ ଇଂଲଣ୍ଡ, କାନାଡ଼ା, ଆମେରିକା ଓ କୁଏତ୍ ଆଦି ଦେଶକୁ ବିନା ମଧ୍ୟସ୍ଥିରେ ୧୦ ଟନ ଆମ୍ବ ରପ୍ତାନି କରିବାରେ ସକ୍ଷମ ହୋଇଛନ୍ତି। ଦେଶରେ ବିଶେଷକରି ଦିଲ୍ଲୀ, ଲକ୍ଷ୍ନୌ, ଗୁରୁଗାଁଓ ଏବଂ ବେଙ୍ଗାଲୁରୁରେ ଚଳିତବର୍ଷ ଏମାନେ ଏକ ଡଜନ ଆମ୍ବକୁ ୯୦୦ ଟଙ୍କା ମୂଲ୍ୟରେ ୩୫ ଟନ ଆମ୍ବ ବିକ୍ରି କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ଜୁନ୍ ୧୯୭୫

- ରାଜ୍ୟର ମରୁଡ଼ିଗ୍ରସ୍ତ ଅଞ୍ଚଳରେ ଲୋକଙ୍କୁ କାମଧନ୍ଦା ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୫ ଲକ୍ଷ ବୃକ୍ଷ ରୋପଣ।
- ଦଳବିରୋଧୀ କାର୍ଯ୍ୟକଳାପ ଚଳାଇଥିବା ଦୃଷ୍ଟିରୁ ପାର୍ଲାମେଣ୍ଟ ସଦସ୍ୟ ମୋହନ ଧରିଆଙ୍କୁ କଂଗ୍ରେସ ଦଳରୁ ତୁରନ୍ତ ବହିଷ୍କାର ବାଇଁ ବିହାର କଂଗ୍ରେସ ବିଧାୟକ ଓ କର୍ମୀମାନେ ଦାବି କରିଛନ୍ତି।

## ଚିରନ୍ତନୀ

ତାପିତ ମରମ ଯେତେ ବିରହୀ
ସବୁ ଜ୍ୱାଳା ଏ ପବନେ ମରଇ
କାଙ୍ଗାଳ ଧନୀ ବାସେ ସମାନେ
ଭେଦାଭେଦ ଛୋଟ ବଡ଼ ନ ମାନେ
ଆସିଛି ସେ ପୁଷ୍ପକ ବିମାନେ
ଯାଏ ଖେଳି ଫୁଲେ ଫୁଲେ କି କହି।
-(ଫଗୁଣ ଜ୍ୟୋତ୍ସ୍ନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନାଳରେ ବାରସ୍କ୍ରିନ ଲାଗୁନି

ମହାଶୟ,

କଟକର ଅନେକ ନାଳରେ ବାରସ୍କ୍ରିନ ଲାଗି ନ ଥିବାରୁ ନାଳରେ ଆବର୍ଜନା ଅଟକିବା ସହ ଅସରାଏ ବର୍ଷା ହେଲେ ଉଦ୍‌ବୃତ୍ତ ବର୍ଷାଜଳ ଏହି କାରଣ ପାଇଁ ନାଳ ଉଛୁଳି ରାସ୍ତା ଉପରକୁ ପାଣିର ଲହଡ଼ା ମାରୁଛି। ସୂଚନାଥାଉ କି ନାଳରେ ବାରସ୍କ୍ରିନ ଅଳିଆଛଣା ଲଗାଇବାକୁ କଟକ ମହାନଗର ନିଗମ ପରିଷଦ ନିଷ୍ପତ୍ତି ନେଇଥିଲା। ୨୦୨୩-୨୪ ବଜେଟରେ ଏ ବାବଦକୁ ୨ କୋଟି ଟଙ୍କା ବ୍ୟୟ ଅଟକଳର ବ୍ୟବସ୍ଥା ହୋଇଥିଲା। ହେଲେ ନାଳରେ ବାରସ୍କ୍ରିନ ଲଗାଯାଇପାରି ନାହିଁ। ଏକ ଆକଳନରୁ ଜଣାଯାଇଛି, କଟକ ସହରରେ ଜଳବନ୍ଦୀ ପ୍ରମୁଖ କାରଣ ହେଉଛି ଅବ୍ୟବସ୍ଥିତ ନାଳ। ସହରର ମୁଖ୍ୟ ନାଳ ଜାଇକା କାମ ଯୋଗୁଁ ଅବ୍ୟବସ୍ଥିତ ହୋଇପଡ଼ିଥିବା ବେଳେ ଛୋଟବଡ଼ ନାଳଗୁଡ଼ିକ ପଙ୍କରେ ପୋତି ହେବା ଯୋଗୁଁ ଜଳ ନିଷ୍କାସନ କ୍ଷମତା ବହୁ ପରିମାଣରେ ହ୍ରାସ ପାଇଛି। ଓଡ଼ିଶା ପୌର ନିଗମ ନିୟମ ଅନୁଚ୍ଛେଦ ୨୮୭ (୧) ଅନୁଯାୟୀ ସହରରୁ ଜଳ ନିଷ୍କାସନ କରିବା ପାଇଁ ଆବଶ୍ୟକ ନୂତନ ନାଳ ନିର୍ମାଣ, ମରାମତି ଏବଂ ଏହାର ରକ୍ଷଣାବେକ୍ଷଣ କରିବା ଦାୟିତ୍ୱ ନିଗମ ଉପରେ ନ୍ୟସ୍ତ କରାଯାଇଛି। ଏହି ଦାୟିତ୍ୱ ମହାନଗର ନିଗମର ଥିଲେ ମଧ୍ୟ ସଠିକ ଭାବେ ପରିଚାଳନା ହୋଇପାରି ନାହିଁ। ଉପରଲିଖିତ ଯୋଜନା ଓ ସଠିକ ଜ୍ଞାନକୌଶଳର ସହାୟତା ନିଆଯାଉ ନ ଥିବାରୁ ଏହା ଠିକ ଭାବେ କାର୍ଯ୍ୟକାରୀ ହୋଇ ପାରୁନାହିଁ। ନାଳଗୁଡ଼ିକ ଅବ୍ୟବସ୍ଥିତ ଭାବେ ରହିଥିବାରୁ ପ୍ରତିବର୍ଷ ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜୁଛି। ଅନ୍ୟପକ୍ଷରେ ପ୍ଲାଷ୍ଟିକ, ପଲିଥିନ ଓ ଆବର୍ଜନା ଆଦି ନାଳରେ ଭର୍ତ୍ତି ହେବା ଯୋଗୁ ଅର୍ଦ୍ଧାଧିକ ନାଳରେ ଜଳ ନିଷ୍କାସନ ହୋଇ ପାରୁନାହିଁ। ବାରସ୍କ୍ରିନ ଲଗାଯିବା ଦ୍ୱାରା ନାଳରୁ ଆବର୍ଜନା ଜମାଟ ବାନ୍ଧିବା ସମସ୍ୟାରୁ ମୁକ୍ତି ମିଳିବା ସହ ଆଗକୁ ବର୍ଷା ଦିନ ଆସୁଥିବାରୁ ବର୍ଷାଜଳ ନାଳ ଉଛୁଳି ରାସ୍ତାଘାଟକୁ ଯେପରି ପଙ୍କମୟ କରୁଛି ସେ ସମସ୍ୟାରୁ କଟକବାସୀ ମୁକ୍ତି ପାଇପାରନ୍ତେ।

**- ପୁଷ୍ପମିତ୍ର ମହାପାତ୍ର, ଆଇନ୍‌ଜୀବୀ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବଢ଼ିଲା କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଆଶା

**ବଲାଙ୍ଗୀର,୧୭।୬ (ବୀରେନ୍ଦ୍ର କୁମାର ଝାଙ୍କର)**

ଓଡିଶାରେ ପ୍ରଥମ ଥର ଭାଜପା ସରକାର କ୍ଷମତାକୁ ଆସିଛି। ଦୀର୍ଘ ୨୪ ବର୍ଷର ବିଜେଡି ସରକାର ଶାସନ କାଳରେ ବଲାଙ୍ଗୀର ଜିଲା ଢ଼େର ଅବହେଳାର ଶିକାର ହୋଇଥିବା ଅଭିଯୋଗ ହୋଇଆସିଛି। ଜିଲାବାସୀଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ଦାବି ଯଥା ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ, ହାଇକୋର୍ଟ ସ୍ଥାୟୀ ବେଞ୍ଚ, ପଶ୍ଚିମ ଓଡିଶା ବିକାଶ ପରିଷଦ କାର୍ଯ୍ୟାଳୟ, ରାଜସ୍ୱ ଡିଭିଜନ କାର୍ଯ୍ୟାଳୟ ପ୍ରତିଷ୍ଠା, ଟେକ୍ସଟାଇଲ୍ସ ମିଲ ପ୍ରତିଷ୍ଠା କରିବାକୁ ଦୀର୍ଘ ଦିନରୁ ଦାବି ହୋଇଆସୁଛି। ଏହାସହିତ ଦେଓଗାଁ ଚିନିକଳ ପୁନକାର୍ଯ୍ୟକ୍ଷମ କରିବା, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଓ ଅନ୍ୟ ଶିକ୍ଷାନୁଷ୍ଠାନର ପ୍ରଫେସର, ଅଧ୍ୟାପକ, ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ, ବଲାଙ୍ଗୀର-ଖୋର୍ଦ୍ଧା ରେଳ ପ୍ରକଳ୍ପ ଶୀଘ୍ର ସମ୍ପୂର୍ଣ୍ଣ କରିବା ଏବଂ ଲୋୟର ସୁକ୍ତେଲ ଜଳସେଚନ ପ୍ରକଳ୍ପର ପାଇପ୍ କାମ ଶୀଘ୍ର ସମାପ୍ତ କରି ବିସ୍ଥାପିତଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରିବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରହିଛି। ବଲାଙ୍ଗୀର ଜିଲା ପ୍ରତି ବିଜେଡି ସରକାରର କ୍ରମାଗତ ଅବହେଳା ଏଥର ନିର୍ବାଚନରେ ପ୍ରତିଫଳିତ ହୋଇଛି। ବଲାଙ୍ଗୀର ଜିଲାର ୫ଟି ବିଧାନସଭା ଆସନରୁ ୪ଟିରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିବାବେଳେ ଲୋକସଭା ଆସନଟି ମଧ୍ୟ ଭାଜପା ହାତରେ ରହିଛି। ପାଟଣାଗଡ ବିଧାୟକ


କନକ ବର୍ଦ୍ଧନ ସିଂଦେଓ

### ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନଙ୍କୁ କୃଷି ମନ୍ତ୍ରଣାଳୟ ମିଳିବା ପରେ ଲୋକେ ଆଶାବାଦୀ

କନକ ବର୍ଦ୍ଧନ ସିଂଦେଓଙ୍କୁ ରାଜ୍ୟ ସରକାରରେ ବଡ ଗୁରୁତ୍ୱପୂର୍ଣ୍ଣ ପଦବୀ ମିଳିଛି। ତାଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଦିଆଯାଇଥିବାରୁ ବଲାଙ୍ଗୀର ଜିଲା ସମେତ ପଶ୍ଚିମ ଓଡ଼ିଶାର ଲୋକେ ଖୁସି ଅଛନ୍ତି। ପ୍ରଥମ ଭାଜପା ସରକାରରେ କନକ ବର୍ଦ୍ଧନ ସବୁଠୁ ବରିଷ୍ଠ ଏବଂ ଅନୁଭବୀ ରାଜନେତା ଭାବେ ରହିଛନ୍ତି। ଏଣୁ ସରକାରରେ ତାଙ୍କରି ପ୍ରଭାବ ରହିବା ସ୍ୱଷ୍ଟ। ଏଭଳି କ୍ଷେତ୍ରରେ କନକ ବର୍ଦ୍ଧନଙ୍କ ଉପରେ ଲୋକଙ୍କ ଆଶା ବୃଦ୍ଧି ପାଇଛି। ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ କନକ ବର୍ଦ୍ଧନଙ୍କୁ କୃଷି, କୃଷକ ସଶକ୍ତିକରଣ ଏବଂ ଶକ୍ତି ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ମଧ୍ୟ ମିଳିଛି। ବଲାଙ୍ଗୀର ଜିଲାବାସୀ ଦୀର୍ଘବର୍ଷ ହେବ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି କରି ଅନେକ ଥର ଆନ୍ଦୋଳନକୁ ଓହ୍ଲାଇଥିଲେ। ତେବେ ନବୀନ ସରକାର ଏହି ଗୁରୁତ୍ୱପୂର୍ଣ୍ଣ ଦାବିକୁ ବିଭିନ୍ନ ଉପାୟରେ ଅଣଦେଖା କରିଆସିଥିଲେ। ଫଳରେ ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇପାରିନାହିଁ। ଏବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନଙ୍କ ହାତରେ କୃଷି ବିଭାଗ ରହିଥିବାରୁ ଜିଲାରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଆଶା ଉଜ୍ଜୀବିତ ହୋଇଛି ବୋଲି ବିଭିନ୍ନ ମହଲରେ ଆଲୋଚନା ଆରମ୍ଭ ହୋଇଯାଇଛି। ଏଭଳିକି ଅନେକ ବୁଦ୍ଧିଜୀବୀ, ସାମାଜିକ, ସାଂସ୍କୃତିକ ସଙ୍ଗଠନ ସଦସ୍ୟ ଏନେଇ କନକ ବର୍ଦ୍ଧନଙ୍କୁ ଭେଟିବେ ବୋଲି ମଧ୍ୟ ସଜବାଜ ହେଉଛନ୍ତି। ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ କନକ ବର୍ଦ୍ଧନ ବଲାଙ୍ଗୀର ଜିଲା ଗସ୍ତ କରିନାହାନ୍ତି। ତାଙ୍କ ପ୍ରଥମ ଗସ୍ତକୁ ନେଇ ବଲାଙ୍ଗୀର ଜିଲାରେ ବିଶେଷ ଉତ୍ସାହ ଏବଂ ଉନ୍ମାଦନା ପ୍ରକାଶ ପାଇଛି। କନକ ବର୍ଦ୍ଧନଙ୍କୁ ଭବ୍ୟ ସ୍ୱାଗତ କରାଯିବାକୁ ସଜବାଜ ହେଉଛନ୍ତି।

## ଗମ୍ଭାରିମାଲରେ ଲୋକ ଉନ୍ନତି ସଙ୍ଗଠନର ବୈଠକ

**ଦେଓଗାଁ, ୧୭।୬ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଗମ୍ଭାରୀମାଲ ମିର୍ଦ୍ଧାପଡାଠାରେ ବ୍ଲକ ଲୋକଉନ୍ନତି ସଙ୍ଗଠନ ତରଫରୁ ସ୍କୁଲ ଫେର ଅଭିଯାନ ବିଷୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସ୍ୱପ୍ନେଶ୍ୱର ମିର୍ଦ୍ଧାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଲୋକ ଉନ୍ନତି ସଙ୍ଗଠନର ବ୍ଲକ ସଂଯୋଜକ ରୂପାଧର ପୁଟା ଯୋଗଦେଇ ୬ରୁ ୧୪ ବର୍ଷର ଛାତ୍ରୀଛାତ୍ର ଯେମିତି ସ୍କୁଲ ଯିବାରୁ ବଞ୍ଚିତ ନ ହେବେ ସେ ନେଇ ଗାଁ ଲୋକଙ୍କ ସହ ଆଲୋଚନା କରିଥିଲେ। ସର୍ବସମ୍ମତିକ୍ରମେ ଗାଁ ଲୋକ ଶପଥ ନେଇଥିଲେ ଯେ, ଆଜିଠାରୁ ଗାଁରେ ୬ ରୁ ୧୪ ବର୍ଷର କୌଣସି ବି ପିଲା ଶିକ୍ଷାରୁ ବଞ୍ଚିତ ରହିବେ ନାହିଁ। ସେମାନଙ୍କୁ କୌଣସି କାମରେ ନିୟୋଜିତ କରାଯିବ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ଏହା ସହ ଶିକ୍ଷା ଅଧିକାର, ବିଶୁଦ୍ଧ ପାନୀୟଜଳ ଯୋଗାଣ, ଜଙ୍ଗଲ ଜମି ଅଧିକାର, ଜଳବାୟୁ ପରିବର୍ତ୍ତନ ତଥା ଜୈବିକ ପଦ୍ଧତିରେ କୃଷି ଉପରେ ଆଲୋଚନା କରିଥିଲେ। ବୈଠକରେ ସଙ୍ଗଠନର କର୍ମକର୍ତ୍ତା ତଥା ଗାଁବାସୀ ଉପସ୍ଥିତ ଥିଲେ।

## ଚୋରା କାଠ ସହ ସାମଗ୍ରୀ ଜବତ


ଜବତ ହୋଇଥିବା କାଠ ଗଣ୍ଡି ସହ ବନ କର୍ମଚାରୀ।

**ଟିଟିଲାଗଡ଼, ୧୭।୬(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବନାଞ୍ଚଳ ପକ୍ଷରୁ ସୋମବାର ସକାଳୁ ସହରର ବିଭିନ୍ନ ୩ଟି ସ୍ଥାନରେ ଚଢ଼ାଉ ସହ ବ୍ୟାପକ ପରିମାଣରେ ଶାଗୁଆନ, ଶାଳ ତଥା ବିଭିନ୍ନ ଗଛର ଗଣ୍ଡି, ପଟା ସହ ବିଭିନ୍ନ କାଠରୁ ପ୍ରସ୍ତୁତ ସାମଗ୍ରୀ, କରତ ତଥା ଅନ୍ୟ କାଠ କଟା ମେସିନ, ଉପକରଣ ଜବତ କରାଯାଇଛି। ଟିଟିଲାଗଡ଼ ବନାଞ୍ଚଳରେ ରେଞ୍ଜ ଅଧିକାରୀ ଭାବରେ ଯୋଗ ଦେଉଦେଉ ସଚ୍ଚିଦାନନ୍ଦ ସୁବୁଦ୍ଧିଙ୍କ କାଠ ବ୍ୟବସାୟୀଙ୍କ ଉପରେ ଏଭଳି ବ୍ୟାପକ ଚଢ଼ାଉ ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ସ୍ଥାନୀୟ ବନାଞ୍ଚଳ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବନାଞ୍ଚଳ ଅଧିକାରୀ ସୁବୁଦ୍ଧିଙ୍କ ସୂଚନା ଅନୁସାରେ ସହରର ବିଭିନ୍ନ ସ୍ଥାନରେ ଚୋରାରେ କାଠ ବେପାର ଚାଲିଥିବା ଖବର ପାଇ ବଲାଙ୍ଗୀର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରାଙ୍କ ପରାମର୍ଶ କ୍ରମେ ଟିଟିଲାଗଡ଼ ଏବଂ ସଇଁତଲା ରେଞ୍ଜ କାର୍ଯ୍ୟାଳୟର ଟିମ ମିଳିତ ଚଢ଼ାଉ କରିଥିଲେ। ସହରର ତିନୋଟି ସ୍ଥାନରେ ରେଡ ସମୟରେ ପଲଙ୍କ, ସୋଫା, କାଠ ପଟା, ଚଉକୁଠ, କାଠ ଗଣ୍ଡି ଆଦି ଲକ୍ଷାଧିକ ଟଙ୍କାର ପ୍ରାୟ ୧୫୦ ବର୍ଗ ଫୁଟ କାଠ ଜବତ ହୋଇଛି। ଏନେଇ କିଛି ଜଣଙ୍କୁ ଡାକି ପଚରାଉଚୁରା ସହ ଅଧିକ ତଦନ୍ତ ଜାରି ରହିଛି। ଏହି ଚଢ଼ାଉରେ ରେଞ୍ଜ ଅଧିକାରୀଙ୍କ ସମେତ ବନପାଳ ସୁରେନ୍ଦ୍ର ମହାରଣା, ବିପିନ ସାହୁ, ଅମରେଶ ବୁଡ଼େକ, ସୁଶିଲ ପୁଟା, ବନରକ୍ଷୀ ନମିତା ତାଣ୍ଡି, ତପସ୍ୱିନୀ ରଣା, ସୁଜିତ ମୁଣ୍ଡା, ପିତାମ୍ବର ମାଝୀ, ଜ୍ୟୋତିରଞ୍ଜନ ବର୍ଗତି, ଛନ୍ଦାଚରଣ ଜାନି, ସଞ୍ଜୀବ କଟା, ହିମାଂଶୁ ବେହେରା ପ୍ରମୁଖ ସାମିଲ ଥିଲେ।

## ଲୋଇସିଂହା, ଆଗଲପୁରରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଶୋଭାଯାତ୍ରା

**ଲୋଇସିଂହା,୧୭।୬(ସୁଶାନ୍ତ ବାରିକ)**


ରାମମନ୍ଦିର ପରିସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମନ୍ତ୍ରୀମଣ୍ଡଳରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ ଦାୟିତ୍ୱ ମିଳିଛି। ଦାୟିତ୍ୱ ମିଳିବା ପରେ ପ୍ରଥମ ଥର ଲୋଇସିଂହା ନିର୍ବାଚନ ମଣ୍ଡଳୀ ଗସ୍ତ କରିଛନ୍ତି। ସୋମବାର ଲୋଇସିଂହା ଓ ଆଗଲପୁର ବ୍ଲକରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବିଜୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ତାଙ୍କୁ ଜନସାଧାରଣ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ମହାଲିଙ୍ଗ କହିଥିଲେ ଯେ, ଲୋଇସିଂହା ମାଟି ଏକ ଲଢୁଆ ମାଟି। ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇଥିବାରୁ ନିର୍ବାଚନମଣ୍ଡଳୀବାସୀ ଗର୍ବିତ। ମନ୍ତ୍ରୀମଣ୍ଡଳରେ ସ୍ଥାନିତ କରିଥିବାରୁ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଏବଂ ରାଜ୍ୟ ନେତୃମଣ୍ଡଳୀକୁ କୃତଜ୍ଞତା ଜଣାଇଥିଲେ। ଭୀମଭୋଇ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲ ଏବଂ ଆୟୁର୍ବେଦ କଲେଜ ସମସ୍ୟା ଉପରେ ଅବଗତ ଅଛି। ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନ ଉପରେ ଉତ୍ତର ରଖିଥିଲେ। ବଲାଙ୍ଗୀର ସର୍କିଟ ହାଉସରୁ ବାହରି ପୂର୍ବାହ୍ନରେ ଲୋଇସିଂହାରେ ପହଞ୍ଚିଥିଲେ। ଲୋଇସିଂହା କଲେଜଛକ ଠାରେ ସ୍ଥାନୀୟ ଆଦିବସୀ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହାପରେ ରାମମନ୍ଦିର ସମ୍ମୁଖରେ ଦଳୀୟ କର୍ମୀ, ବ୍ଲକ ଆଶା, ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଓ ବ୍ୟକ୍ତିବିଶେଷ ସ୍ୱାଗତ ଜଣାଇ ସମ୍ବର୍ଦ୍ଧନା ଦେଇଥିଲେ। ପରେ ରାମ ମନ୍ଦିରକୁ ଯାଇ ଦର୍ଶନ କରି ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ମନ୍ଦିର ପ୍ରତି ସର୍ବଦା ଦୃଷ୍ଟି ରଖିବାକୁ ମନ୍ଦିର ମହନ୍ତ ଏବଂ ପରିଚାଳନା ସଦସ୍ୟ ଅନୁରୋଧ ରଖିଥିଲେ। ରାମମନ୍ଦିରରୁ ଲୋଇସିଂହାରେ ତାଙ୍କର ବିଜୟ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ବେଳେ ଲୋଇସିଂହା ବସ୍ତିରେ ବିପୁଳ ସମ୍ବର୍ଦ୍ଧନା ମିଳିଥିଲା। ସେହିପରି କୁଟେନପାଲିରେ ପୂର୍ବତନ ବ୍ଲକ ଅଧକ୍ଷ ସମେତ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେଠାରୁ କୁଶଙ୍ଗ ଗ୍ରାମକୁ ଯାଇ ମା' କୁଶଙ୍ଗାଇଙ୍କ ଦର୍ଶନ କରିଥିଲେ। ଏହାପରେ ବ୍ଲକ ଅଧୀନ କୁଶଙ୍ଗ, ତଲିଉଡାର, ବୁରୋମୁଣ୍ଡା, ସରଗାଡ, ବାଦିମୁଣ୍ଡା ଖାରମୁଣ୍ଡା ଗ୍ରାମରେ ବିଜୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସେଠାରୁ ଆଗଲପୁର ଗସ୍ତରେ ଯାଇଥିଲେ। କରକଟିଆଛକରେ ଦଳୀୟ କର୍ମୀ ଓ ଶୁଭେଚ୍ଛୁ ତାଙ୍କୁ ସ୍ୱାଗତ ଜଣାଇ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ଭରସୁଜା, ନଅଗାଁ(କ), ଆଗଲପୁର, ଡୁଡୁକା, ସାଲେଭଟା, ରୁଗୁଡିଖାଲ ଛକ ଦେଇ ନିଜସ୍ୱ ଗ୍ରାମ ନଅଗାଁ(ଖ)ରେ ପହଞ୍ଚିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଉପଲକ୍ଷେ ଲୋଇସିଂହାବାସୀଙ୍କ ତରଫରୁ ୨୦ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କୋଭିଡ-୧୯ ସମୟରେ ପାରାମେଡିକାଲରେ ନିୟୋଜିତ ଛଟେଇ କର୍ମଚାରୀ ମନ୍ତ୍ରୀଙ୍କୁ ଭେଟି ବକେୟା ଦେବାକୁ ନିବେଦନ କରିଥିଲେ।

## ୨୧ରେ ଖୋଲିବ ସ୍କୁଲ

**ବଲାଙ୍ଗୀର,୧୭।୬ (ବୀରେନ୍ଦ୍ର କୁମାର ଝାଙ୍କର)**

ପ୍ରଚଣ୍ଡ ଗରମ ଯୋଗୁଁ ଖରାଛୁଟି ଅବଧିକୁ ବୃଦ୍ଧି କରାଯାଇଛି। ସୋମବାର ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟରୁ ଜାରି କରାଯାଇଥିବା ନିର୍ଦ୍ଦେଶ ମୁତାବକ ଗ୍ରୀଷ୍ମ ପ୍ରଭାବକୁ ଆଖି ଆଗରେ ରଖି ଜିଲାର ସମସ୍ତ ପ୍ରକାର ସ୍କୁଲ ୨୦ ତାରିଖ ପର୍ଯ୍ୟନ୍ତ ଛୁଟି ରହିବ ଏବଂ ୨୧ ତାରିଖ ସ୍କୁଲ ଖୋଲିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ଛଟେଇ ପାରାମେଡିକାଲ କର୍ମଚାରୀ

**ଲୋଇସିଂହା,୧୭।୬(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଛଟେଇ ପାରାମେଡିକାଲ କର୍ମଚାରୀ ସାକ୍ଷାତ କରି ନ୍ୟାୟ ଦାବି କରିଥିଲେ। ମନ୍ତ୍ରୀ ଆଶ୍ୱାସନା ଦେବା ସହ ଜୁନ ୨୫ରେ ପୁନର୍ବାର ଭେଟିବାକୁ କହିଥିବା ଛଟେଇ ପାରାମେଡିକାଲ କର୍ମଚାରୀ କହିଛନ୍ତି। କୋଭିଡ-୧୯ ସମୟରେ ସରକାର ଅସ୍ଥାୟୀ ପାରାମେଡିକାଲ କର୍ମଚାରୀ ନିଯୁକ୍ତ କରିଥିଲେ। ପାରାମେଡିକାଲ କର୍ମଚାରୀ ଜୀବନକୁ ବାଜି ଲଗାଇ କୋଭିଡ କେନ୍ଦ୍ରରେ ନିୟୋଜିତ ହୋଇ ରୋଗୀଙ୍କୁ ସେବା ପ୍ରଦାନ କରିଥିଲେ। ପ୍ରାୟ ବର୍ଷ ଧରି ସେମାନେ କାମ କରିଥିଲେ।

## ବଲାଙ୍ଗୀର ଜିଲା ବ୍ରାହ୍ମଣ ମହାସଭାର ମାସିକ ବୈଠକ


ବଲାଙ୍ଗୀର ଜିଲା ବ୍ରାହ୍ମଣ ମହାସଭା ବୈଠକରେ ଉପସ୍ଥିତ ସଦସ୍ୟ।

**ବଲାଙ୍ଗୀର,୧୭।୬ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ବ୍ରାହ୍ମଣ ମହାସଭାର ମାସିକ ବୈଠକ ରବିବାର ସନ୍ଧ୍ୟାରେ ସ୍ଥାନୀୟ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ସଭାପତି ଧନଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକ ପ୍ରାରମ୍ଭରେ ସମ୍ପାଦକ ଜୟରାମ ମିଶ୍ର ଗତ ବୈଠକର ବିବରଣୀ ପାଠ କରିଥିଲେ। ସଙ୍ଗଠନ ସମ୍ପାଦକ କିଶୋର ପୁରୋହିତ ଭଗବାନ ପର୍ଶୁରାମ ଜୟନ୍ତୀ ସମାରୋହର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ଜୟନ୍ତୀ ସମାରୋହରେ ସହଯୋଗ କରିଥିବା ସମସ୍ତ ଅନୁଷ୍ଠାନ ତଥା ବ୍ୟକ୍ତିବିଶେଷଙ୍କୁ ବ୍ରାହ୍ମଣ ମହାସଭା ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା। କୋଷାଧ୍ୟକ୍ଷ ପର୍ଶୁରାମ ନାୟକ ଆୟବ୍ୟୟ ତାଲିକା ଉପସ୍ଥାପନା କରିଥିଲେ। ନଗର ସଭାପତି ନରେନ୍ଦ୍ର ଆଚାର୍ଯ୍ୟ ଓ ସମ୍ପାଦକ ସଂକୀର୍ତ୍ତନ ତ୍ରିପାଠୀ ଆଗାମୀ ସାଙ୍ଗଠନିକ କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଜନସାଧାରଣଙ୍କର ମଙ୍ଗଳ ଓ ସୁବୃଷ୍ଟି ସକାଶେ ଏକ ଯଜ୍ଞ ଅନୁଷ୍ଠିତ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଆଗାମୀ ଜୁଲାଇରେ ବନ ମହୋତ୍ସବରେ ବୃକ୍ଷରୋପଣ କରାଯିବା ପାଇଁ ସ୍ଥିର କରାଯାଇଥିଲା। ପୁରୀ ଗୋବର୍ଦ୍ଧନ ପୀଠରେ ରହିଥିବା ପୂର୍ବତନ ଶଙ୍କରାଚାର୍ଯ୍ୟମାନଙ୍କ ସମାଧି ପୀଠ ଥିବା ଜମିକୁ ମାଫିଆ କବଜା କରି ବିକ୍ରୟ କରିବା ଓ ନୂତନ ପ୍ରସାଦ ନିର୍ମାଣ କରିବା ନେଇ ଖବରକାଗଜରେ ଯେଉଁ ଖବର ପ୍ରକାଶିତ ହୋଇଥିଲା ତାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ଅନ୍ୟାୟ କାର୍ଯ୍ୟର ପ୍ରତିରୋଧ କରିବା ପାଇଁ ଜିଲା ବ୍ରାହ୍ମଣ ମହାସଭା ପକ୍ଷରୁ ବଲାଙ୍ଗୀର ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଏକ ସ୍ମାରକପତ୍ର ଦିଆଯିବାକୁ ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଥିଲା। ବୈଠକରେ ଜିଲା ବ୍ରାହ୍ମଣ ମହାସଭା ଉପଦେଷ୍ଟା ସଭ୍ୟ ସତ୍ୟବନ୍ତ ବେଦବାକ, ପୂର୍ବତନ ସମ୍ପାଦକ ଗିରିଧାରୀ ଶତପଥି, ଉପସଭାପତି ଗୋପବନ୍ଧୁ ପୁରୋହିତ, କାର୍ଯ୍ୟକାରୀ ସଦସ୍ୟ ପୁରୁଷୋତ୍ତମ ପଣ୍ଡା, ବରିଷ୍ଠ ସଦସ୍ୟ ଲୋକନାଥ ନେପାକ, ଜଗନ୍ନାଥ ଷଡଙ୍ଗୀ, ସୁଧୀର ଚାନ୍ଦ, ଶ୍ୟାମସୁନ୍ଦର ଦାଶ, ବିଜୟଲକ୍ଷ୍ମୀ ମିଶ୍ର, ଲକ୍ଷ୍ମୀ ପ୍ରସାଦ ଚାନ୍ଦ, ସୁରେଶ ନାଥ, ରାକେଶ ପଣ୍ଡା ଉପସ୍ଥିତ ଥିଲେ।

## ଦେବୀ ଅଭୟାକାଳୀ ଯାତ୍ରା

### ରାବଣ ଦରବାର, ବୈଠକ କୀର୍ତ୍ତନ ଆକର୍ଷଣ

**ବଲାଙ୍ଗୀର,୧୭।୬ (ବୀରେନ୍ଦ୍ର କୁମାର ଝାଙ୍କର)**


ଦେବୀ ଅଭୟା କାଳୀଙ୍କ ପୀଠରେ ପୂଜା ଆରମ୍ଭ ହୋଇଛି।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ୍ ଅନ୍ତର୍ଗତ କୁଟାସିଂହା ଗ୍ରାମରେ ଆବହମାନକାଳରୁ ପୂଜା ପାଇ ଆସୁଥିବା ପ୍ରସିଦ୍ଧ ଦେବୀ ମା'ଅଭୟା କାଳୀଙ୍କ ଯାତ୍ରା ବା ପୂଜାତ୍ସୋବ ଆରମ୍ଭ ହୋଇଛି। ପ୍ରତିବର୍ଷ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରୁ ଚତୁର୍ଦ୍ଦଶୀ ତିଥି ପର୍ଯ୍ୟନ୍ତ ଏହି ପୂଜା ଅନୁଷ୍ଠିତ ହୋଇଥାଏ। ପ୍ରତିଦିନ ଏହି ପୂଜାସ୍ଥଳରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି। ଗାଁର ବୟୋଜ୍ୟେଷ୍ଠ ଲୋକଙ୍କ କହିବା ମୁତାବକ ୧୯୩୬ ମସିହାରେ ଦେବୀ ଅଭୟା କାଳୀଙ୍କ ଆବିର୍ଭାବ ହୋଇଥିଲା। ସେହିଦିନରେ ଗାଁ ମଝିରେ ଥିବା ଅଭୟା ଦେବୀ ପୀଠରେ ସେ ପୂଜା ପାଇ ଆସୁଛନ୍ତି। ଦେଶୀମଦ, ଘିଅ, ସଳିତା, ଗୋରସ ଏବଂ ଧୂପକାଠି ନେଇ ଗାଁ ଝାଙ୍କରଙ୍କ ସହିତ ଘଣ୍ଟଧାରୀ ଓ ଛତ୍ରଧାରୀମାନେ ପୂଜାର୍ଚ୍ଚନା କରିଥାନ୍ତି। ସନ୍ଧ୍ୟା ସମୟରେ ଗାଁର ଚାରିଦିଗରେ ଶୁଖିଲା କାଠକୁ ଦୀପ ରଖିବା ପାଇଁ ଏକ ଷ୍ଟାଣ୍ଡ କରାଯାଇ ତା' ଉପରେ କଞ୍ଚା ମାଟି ଦୀପରେ ଦେଶୀମଦ ଦେଇ ୭ ଦିନ ଧରି ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଏ। ଯେଉଁ ମଦକୁ ଅଧିକ ସେବନ କରିବା ଦ୍ୱାରା ମଣିଷ ମୃତ୍ୟୁମୁଖରେ ପଡନ୍ତି ସେଇ ମଦକୁ ଦେବୀଙ୍କଠାରେ ଅର୍ପଣ କରାଯାଏ। ଏହା ସହିତ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ନିଷ୍ଠାର ସହ ପ୍ରତ୍ୟେକ ପରିବାରରୁ ନଡିଆ, ଧୂପକାଠି, ଘିଅ, ସିନ୍ଦୂର ଓ ଫୁଲ ଦେବୀଙ୍କ ପୀଠକୁ ନିଆଯାଏ। ନୈଷ୍ଠିକ ବ୍ରାହ୍ମଣଙ୍କ ଦ୍ୱାରା ମା' ଅଭୟାଙ୍କଠାରେ ଭାଗବତର ସପ୍ତମ ସ୍କନ୍ଧ ପାଠ କରାଯାଏ। ନଡ଼ିଆ, ମୁଗରେ ତିଆରି କ୍ଷୀରି ଓ ଧାନରେ ପ୍ରସ୍ତୁତ ଲିଆ ଲାଗି କରାଯାଏ। ଏହି ଭୋଗ କେବଳ ବୟସ୍କା ବିଧବା ମହିଳାମାନେ ପ୍ରସ୍ତୁତ କରିଥାନ୍ତି। ଦେବୀଙ୍କ ପୂଜା ଚାଲିଥିବା ୮ ଦିନ ପର୍ଯ୍ୟନ୍ତ ଗାଁରେ ମାଛ, ମାଂସ ଆମିଷ ଭକ୍ଷଣ କରାଯାଏ ନାହିଁ। ଏହି ଅବସରରେ ମା' ଅଭୟା କାଳୀ ଯାତ୍ରା ସୋମବାର ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପୂଜାତ୍ସୋବ ବା ଯାତ୍ରା ଅବସରରେ ବିଶେଷ ଆକର୍ଷଣ ଭାବେ ରାବଣ ଦରବାର ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି। ଏହି ଯାତ୍ରାରେ ଗାଁର ଗୌନ୍ତିଆ ରାଜିନ ପାତ୍ର ପୌରହିତ୍ୟ କରିଥିବାବେଳେ ଗାଁର ଝାଙ୍କର, ଦେହେରୀ ଶ୍ରୀହରୀ ଭୁଏ, ପୀତାମ୍ବର ନାଗ, ଗରୁଡ଼ ସା, ବାଳୀ ବାଗ, ଲେକ୍ସୁ ସାହୁ, ଜଗବନ୍ଧୁ ସାହୁ ପୂଜା ଦାୟିତ୍ୱରେ ରହିଛନ୍ତି। ମୁଖ୍ୟ ପୂଜକ ଆର୍ତ୍ତତ୍ରାଣ ପୁରୋହିତ ଓ ଶତ୍ରୁଘ୍ନ ପୁରୋହିତ ପୂଜା କାର୍ଯ୍ୟ ତୁଲାଉଛନ୍ତି। ଏହି ଯାତ୍ରାର ପରିଚାଳନା କମିଟି ସଭାପତି ଗୋବର୍ଦ୍ଧନ ସାହୁ, ସମ୍ପାଦକ ପ୍ରଦୀପ ପାତ୍ର ଓ ଅନ୍ୟ କମିଟି ସଦସ୍ୟ ସହଯୋଗ କରୁଛନ୍ତି।

## ଆଦିବାସୀ ସଂଘ ପକ୍ଷରୁ ଆର୍ଟ ଅଫ୍ ଗିଭିଂଡେ ପାଳିତ



'ଆର୍ଟ ଅଫ ଗିଭିଂ' ଡେ ପାଳନ ଅବସରରେ ଉପସ୍ଥିତ ଅତିଥି।

**ପାଟଣାଗଡ଼, ୧୭।୬ (ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘର ମିଳିତ ଉଦ୍ୟମରେ 'ଆର୍ଟ ଅଫ ଗିଭିଂ' ଡେ ପାଟଣାଗଡ଼ ବ୍ରହ୍ମପୁରା ଆଦିବାସୀ ଭବନଠାରେ ପାଳିତ ହୋଇଯାଇଛି। ବ୍ଲକ ସଭାପତି ଭୁବନେଶ୍ୱର କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ସମ୍ମାନିତ ଅତିଥି ଭାବେ ସଂଘର ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇ, ସୁଧାକର ଦାସ ଯୋଗଦେଇ 'ଆର୍ଟ ଅଫ ଗିଭିଂ ଡେ' ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ଘନ ଭୁଏ, ଲଳିତ ମଲ୍ଲିକ, ଚୂଡ଼ାମଣି ଧରୁଆ, ମଦନ ମାଝୀ, ପିଣ୍ଟୁ, ସହଦେବ ଧରୁଆ, ଜଳ ଧରୁଆ, ଧବଳେଶ୍ୱର ଭୋଇ, ରଞ୍ଜିତ ବରିହା, ଶିବ ଚରଣ ବରିହା, ଲଳିତ ମିର୍ଦ୍ଧା ସହଯୋଗ କରିଥିଲେ। ସଂଘର କର୍ମକର୍ତ୍ତା, କିସ୍ ଛାତ୍ରୀଛାତ୍ର ଓ କିସ ଅଭିଭାବକ ଉପସ୍ଥିତ ଥିଲେ।

## ଡାକ୍ତରଖାନାକୁ କଣ୍ଟାବାଞ୍ଜି ବିଧାୟକଙ୍କ କୁଲର ଦାନ

**କଣ୍ଟାବାଞ୍ଜି,୧୭।୬(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନବ ନିର୍ବାଚିତ ବିଧାୟକ ଲକ୍ଷ୍ମଣ ବାଗ ଶନିବାର ଅଚାନକ କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନା ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଡାକ୍ତରଖାନାର ଅନ୍ତେବାସୀମାନେ ପ୍ରବଳ ଗରମରେ ଅସହ୍ୟ ହୋଇପଡୁଥିବାର ଦେଖିବାକୁ ପାଇଥିଲେ। ଏପରିକି ବିଭିନ୍ନ ୱାର୍ଡରେ ଥିବା ଅନ୍ତେବାସୀ ଗରମ ଯୋଗୁ କଲବଲ ହେଉଥିବାର ଅନୁଧ୍ୟାନ କରି ଡାକ୍ତରଖାନାର ସୁପରିନଟେଣ୍ଡେଣ୍ଟ ଡାକ୍ତର ରାକେଶ ପଣ୍ଡିତଙ୍କ ସହ ବିଚାର ବିମର୍ଷ କରି ସମସ୍ୟାଗୁଡିକ ଉପରେ ଅବଗତ ହୋଇଥିଲେ। ମୁଖ୍ୟତଃ ଚଳିତ ଗ୍ରୀଷ୍ମର ପ୍ରବଳ ଖରାରେ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ପ୍ରତ୍ୟେକ ୱାର୍ଡରେ କୁଲରର ଆବଶ୍ୟକତା ଅନୁଭବ କରି ସୋମବାର ନିଜେ ବ୍ୟକ୍ତିଗତ ଭାବେ ୫ଟି ଉଚ୍ଚମାନର କୁଲର ଦାନ କରିଛନ୍ତି। ଏହି କୁଲରଗୁଡିକ ଡାକ୍ତର ପଣ୍ଡିତଙ୍କ ଉପସ୍ଥିତିରେ ଆବଶ୍ୟକ ଥିବା ୱାର୍ଡମାନଙ୍କରେ ଲଗାଯାଇଛି। କୁଲର ଦାନ ଦେବା ବେଳେ ଭାଜପାର ଜିଲା ସଭାପତି ଶିବାଜି ମହାନ୍ତି, ଘାସିରାମ ଜୈନ, ଭାଜପା ନଗର ସଭାପତି ବେଦବ୍ୟାସ ନାଗ, ପ୍ରଦୀପ ବାଗ, ମୟ ବାଗ,ଦେବରାଜ ସିଂ, କାହ୍ନୁ ଘିଭେଲା, ସଂଦିପ ଅଗ୍ରୱାଲ, ପିଣ୍ଟୁ ଅଗ୍ରୱାଲ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଅନ୍ୟ ଅତି ଆବଶ୍ୟକ ଉପକରଣ ରୋଗୀମାନଙ୍କ ସେବା ପାଇଁ ବିଧାୟକ ବାଗ ବ୍ୟକ୍ତିଗତ ଭାବେ ଦାନ କରିବେ ବୋଲି ଜିଲା ଭାଜପା ସଭାପତି ମହାନ୍ତି ମେଡିକାଲ ସୁପରିନଟେଣ୍ଡେଣ୍ଟଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଦୀର୍ଘ ବର୍ଷ ହେଲା ପୂର୍ବରୁ ଥିବା ପ୍ରତିନିଧିମାନେ ରୋଗୀମାନଙ୍କ ପାଇଁ ୱାର୍ଡରେ ସାଧାରଣ କୁଲର ଭଳି ଆବଶ୍ୟକତା ପୂରଣ କରି ପାରି ନ ଥିବା ଆଲୋଚନା ହେଉଛି।


ସରକାରୀ ଡାକ୍ତରଖାନାରେ ବିଧାୟକ ଲକ୍ଷ୍ମଣ ବାଗଙ୍କ ଦ୍ୱାରା ବ୍ୟକ୍ତିଗତ ଭାବେ ଦାନ କରାଯାଇଥିବା କୁଲର।

**ଶକ୍ତି ଦକ୍ଷତା ବ୍ୟୁରୋ**
(ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ବୈଧାନିକ ନିକାୟ)
୪ର୍ଥ ମହଲା, ସେବା ଭବନ, ଆର୍.କେ. ପୁରମ୍, ନୂଆଦିଲ୍ଲୀ - ୧୧୦୦୬୬
ୱେବ୍‌ସାଇଟ୍: www.beeindia.gov.in, ଫୋନ୍: ୦୧୧-୨୬୭୬୬୭୦୦
LiFE Lifestyle for Environment

**ଶକ୍ତି ପ୍ରବନ୍ଧକ ଏବଂ ଶକ୍ତି ସମୀକ୍ଷକଙ୍କ ପାଇଁ ୨୪ତମ ଜାତୀୟ ପ୍ରମାଣନ ପରୀକ୍ଷା ୨୮ ଓ ୨୯ ସେପ୍ଟେମ୍ବର, ୨୦୨୪**

ଶକ୍ତି ଦକ୍ଷତା ବ୍ୟୁରୋ ଶକ୍ତି ପ୍ରବନ୍ଧକ ଏବଂ ଶକ୍ତି ସମୀକ୍ଷକଙ୍କ ପାଇଁ **୨୮ ଓ ୨୯ ସେପ୍ଟେମ୍ବର, ୨୦୨୪** (ଶନିବାର ଓ ରବିବାର) ଦିନ ୨୪ତମ ଜାତୀୟ ପ୍ରମାଣନ ପରୀକ୍ଷା ଆୟୋଜନ କରିବେ।
ବିବରଣ ପୁସ୍ତିକାକୁ **www.aipnpc.org**ରୁ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ ଡାଉନ୍‌ଲୋଡ୍ କରାଯାଇପାରିବ। ଉପରୋକ୍ତ ୱେବ୍‌ସାଇଟ୍‌ର ଲିଙ୍କ୍ **www.beeindia.gov.in**ରେ ମଧ୍ୟ ଉପଲବ୍ଧ।
ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ: ୧ ଜୁଲାଇ, ୨୦୨୪, ୧୭.୦୦ ଘଟିକାରେ
ଅନ୍‌ଲାଇନ୍ ପଞ୍ଜୀକରଣ ସମାପ୍ତି: ୩୧ ଜୁଲାଇ, ୨୦୨୪, ୨୩.୫୯ ଘଟିକାରେ।
CBC 34106/12/0004/2425 (ସଚିବ)

## ସଂକ୍ଷେପରେ

### ଟ୍ରାକ୍ଟରରୁ ଖସି ଶ୍ରମିକ ମୃତ

**କୁଆଁରମୁଣ୍ଡା,୧୭।୬(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କଚାରୁ- ସାନଦଲକି ରାସ୍ତାର ଗଡ଼ାଣୀରେ ସୋମବାର ପୂର୍ବାହ୍ନରେ ଟ୍ରାକ୍ଟରରୁ ଖସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟେଲିପୋଷ ଗ୍ରାମ କେନ୍ଦୁଟୋଲାର ବିନୋଦ ସାମାଦ(୩୬)। କୁଆଁରମୁଣ୍ଡା ଫାଣ୍ଡି ଏଏସଆଇ ଶ୍ରୀନିବାସ ଦାସ ମୃତଦେହ ଜବତ କରିଛି। ଟ୍ରାକ୍ଟରକୁ ଫାଣ୍ଡିରେ ଅଟକ ରଖାଯାଇଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି।

### ଗର୍ଭବତୀ ନାବାଳିକା ଥାନାର ଦ୍ୱାରସ୍ଥ

**ଲହୁଣୀପଡା,୧୭।୬(ଦାଶରଥି ପଣ୍ଡା):** ଲହୁଣୀପଡା ବ୍ଲକ ଡଲେଇସରା ପଞ୍ଚାୟତର ଜଣେ ନାବାଳିକା ଗର୍ଭବତୀ ହୋଇ ନ୍ୟାୟ ପାଇଁ ମହୁଲପଦା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ନାବାଳିକାଙ୍କୁ ଜଣେ ଯୁବକ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ପ୍ରେମ କରିବା ଏବଂ ପରବର୍ତ୍ତୀ ସମୟରେ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଜଣଙ୍କ ଗର୍ଭବତୀ ହେବା ଜାଣିବା ପରେ ପରିବାର ଲୋକ ପଚରାଉଚରା କରିବାରୁ ସେ ଘଟଣା ସମ୍ପର୍କରେ ଜଣାଇଥିଲେ। ନାବାଳିକାଙ୍କ ପରିବାର ଲୋକେ ସମ୍ପୃକ୍ତ ଯୁବକଙ୍କ ଘର ଲୋକଙ୍କୁ ଜଣାଇବା ସହିତ ଝିଅକୁ ବୋହୂ କରି ନେବା ପାଇଁ କହିଥିଲେ। ହେଲେ ଯୁବକଙ୍କ ପରିବାର ଲୋକେ ଏହାକୁ ଖଣ୍ଡନ କରି ବିଭିନ୍ନ ଆଳ ଦେଖାଇ ଥିଲେ। ଯୁବକ ଫେରାର ହୋଇଯାଇଥିବା ଜଣାପଡିଛି।

### ଟ୍ରେନ୍‌ରେ କଟି ଯୁବକ ମୃତ

**ମା' ଭଉଣୀଙ୍କୁ ଟ୍ରେନରେ ବସାଇ ଓହ୍ଲାଇବାବେଳେ ହୋଇଥିଲେ ଗୁରୁତର**

**ଡୁଙ୍ଗୁରିପାଲି, ୧୭।୬ (ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ରେଳ ଷ୍ଟେଶନରେ ସୋମବାର ସକାଳ ୬ଟା୫୦ରେ ଟିଟିଲାଗଡ଼-ହାୱାଡ ଇସ୍ପାତ ଟ୍ରେନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରଗଡ ଜିଲା ବରପାଲି ବ୍ଲକ ଆଗଲପୁର ଗ୍ରାମର ଅନିଲ କୁମ୍ଭାର (୨୫)। ସକାଳେ ରାଉରକେଲା ଯିବାକୁ ଥିବା ତାଙ୍କ ମା' ଓ ଭଉଣୀଙ୍କୁ ଡୁଙ୍ଗୁରିପାଲି ଷ୍ଟେଶନରେ ଟ୍ରେନ ବଗିରେ ବସାଇଥିଲେ। ଓହ୍ଲାଇବା ବେଳକୁ ଟ୍ରେନ ଛାଡିବା ଆରମ୍ଭ କରିଦେଇଥିଲା। ଏଥିରେ ଗୋଡ ଖସି ଯିବାରୁ ଅନିଲ ଟ୍ରାକ ଭିତରକୁ ଖସି ପଡ଼ିଥିଲେ। ତାଙ୍କ ମୁଣ୍ଡ ଓ ଗୋଡ଼ରେ ଗୁରୁତର ଆଘାତ ଲାଗିଥିଲା। ରେଳ କର୍ମଚାରୀ ଓ ଯାତ୍ରୀମାନେ ତାଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମା' ଓ ଭଉଣୀଙ୍କ ଆଖି ଆଗରେ ଅନିଲଙ୍କ ମୃତ୍ୟୁ ହୋଇଯିବାକୁ ସେମାନେ ବିଶ୍ୱାସ କରି ପାରୁନାହାନ୍ତି।

### ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ

**ଘଣ୍ଟାପଡ଼ା, ୧୭।୬ (ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖଟଖଟିଆସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟଠାରେ 'ଆର୍ଟ ଅଫ ଗିଭିଂ' ଦିବସ ପାଳିତ ହୋଇଯାଇଛି। ଭାର୍ଗବ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ ହରିହର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ. ସୌରଭରଞ୍ଜନ ଖମାରୀ, ଶିକ୍ଷାବିତ ଦିଲ୍ଲୀପ କୁମାର ମହାନ୍ତି, ଅଧ୍ୟାପକ ଦେବଦାସ ମହାପାତ୍ର, ନାଟ୍ୟକାର ଲକ୍ଷ୍ମଣ କୁମାର ମହାପାତ୍ର ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ପଞ୍ଚାନନ ପ୍ରଧାନ ରାଜକିଶୋର ସାହୁ, ବାମନ ଚରଣ ମହାନ୍ତି ଯୋଗ ଦେଇଥିଲେ। ଶିକ୍ଷକ ରଞ୍ଜୁ ଅମାତ ଧନ୍ୟବାଦ ଅର୍ପଣ କରିଥିଲେ।



ଡାଲମିଆ ସିମେଣ୍ଟ ଲିମିଟେଡ୍ ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ ଅତିଥିଙ୍କ ଗହଣରେ କଳାକାରମାନେ।

# ଡାଲମିଆ ସିମେଣ୍ଟ ପକ୍ଷରୁ ରଜ ମହୋତ୍ସବ

**ରାଜଗାଙ୍ଗପୁର,୧୭।୬(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରରେ ଥିବା ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍ ତରଫରୁ ୩ ଦିନ ଧରି ରଜ ମହୋତ୍ସବ ବହୁ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ପରମ୍ପରା, ସଂସ୍କୃତି ଅନୁଯାୟୀ, ଝିଅ, ବୋହୂଙ୍କ ମଧ୍ୟରେ ସଜବାଜ, ଝୋଟି,ହୁଳହୁଳି, ଶଙ୍ଖ ବଜାଇବା ପ୍ରତିଯୋଗିତାମାନ ଆୟୋଜନ ସହ ଲୁଡୁଖେଳ,ଗୁଡ଼ି ଉଡ଼ାଇବା, କିତ-କିତ, ପୁଚି ଏବଂ ରଜପାନ ଓ ଦୋଳି ଖେଳ ଅନୁଷ୍ଠିତ ହୋଇଥିଲା। ଏଥିସହ ଟଗ୍ ଅଫ୍ ୱାର୍, ସ୍କିପିଙ୍ଗ, ବହୁ ଚୋରି ଓ ମାଟିହାଣ୍ଡି ରେସ୍ ଭଳି ଅନେକ ଖେଳ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଉତ୍ସବର ଅନ୍ତିମ ଦିନରେ ଓଡ଼ିଶାର ସମୃଦ୍ଧ ପାରମ୍ପରିକ ସଂସ୍କୃତିକୁ ଦର୍ଶାଉଥିବା କାର୍ଯ୍ୟକ୍ରମ କମ୍ପାନୀର ଅଡିଟୋରିୟମରେ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କମ୍ପାନୀରେ କାର୍ଯ୍ୟରତ କଳାକାରଙ୍କ ଦ୍ୱାରା ଓଡ଼ିଶୀ, ଘୋଡ଼ାନାଚ, ସମ୍ବଲପୁରୀ ଇତ୍ୟାଦି ବିଭିନ୍ନ ପ୍ରକାର ଓଡ଼ିଆ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା। ପୌରାଣିକ ଡ୍ରାମା 'ପ୍ରଭାସା ଜଜନା' ପରିବେଷଣ କରାଯାଇଥିଲା। ଏଥିରେ କଳାକାର ଭାବେ ସଞ୍ଜୁଶ୍ରୀ ଡାଲମିଆ, ରାଧାରାଣୀ ପଟ୍ଟନାୟକ, ପ୍ରଭା ନାୟକ, ଜସ୍ମିନ, ଅନୁଭା, ରୂପଲେଖା ମହାପାତ୍ର, ସନ୍ଧ୍ୟା ପାଣିଗ୍ରାହୀ, ମମତା ପାଢ଼ୀ, ନିବେଦିତା ମହାନ୍ତି, ଗରିମା ଡାଲମିଆ, କଳ୍ପନା ସାହୁ, ସସ୍ମିତା ଦାସ, ଇତିନା ମିଶ୍ର ସହିତ ଅନେକ ଶିଶୁ ଓ ମହିଳା ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଚେତନ ଶ୍ରୀବାସ୍ତବ, ସରୋଜ ଶ୍ରୀବାସ୍ତବ, ବୀରେନ୍ଦ୍ର ପ୍ରସାଦ, ବର୍ଣ୍ଣାଲି ପ୍ରସାଦ, ଡ. ନୀଳାଦ୍ରି ଭୂଷଣ ପାଢ଼ୀ, ଅଜୟ ଶର୍ମା ପ୍ରମୁଖ ଅତିଥିଭାବେ ଯୋଗଦେଇ ଥିଲେ। ଅଶ୍ୱିନୀ ଡାଲମିଆ, ଡିସି ଦାସ ପଟ୍ଟନାୟକ, ଦିଲୀପ ସିଂ, ଦୁର୍ଗେଶ ମିଶ୍ର, ପ୍ରତାପ ସାହୁ, ଦୀପା ଓଝା, ଗୋଲୁ ସିଂ, ସଞ୍ଜୟ ବାନାର୍ଜୀ, ଫାକିର ପତି, ସ୍ମିତା ପଟ୍ଟନାୟକ, ସୁବ୍ରଶସୁ ଦାସ, କୁମାର ମିଶ୍ର, ସୁଶାନ୍ତ ପାଣିଗ୍ରାହୀ, ଆଦିତ୍ୟ ପାଢ଼ୀ, ଗୁରୁଦତ୍ତ ଜେନା, ଅମିତ ପାଣ୍ଡେ, ଅଭିଜିତ ବାନାର୍ଜୀ, ଗୌତମ ବିଶ୍ୱାସ, ଆମିୟା ରାଉତ, ସଞ୍ଜୟ ବାନାର୍ଜୀ, ଗୌତମ ମହାରଥୀ ଏବଂ ଜିଲେ ଜରା ଦଳର ସଦସ୍ୟଙ୍କ ନେତୃତ୍ୱ ତଥା ନିର୍ଦ୍ଦେଶନାରେ ଏହି କାର୍ଯ୍ୟକୁ ସଫଳ କରାଯାଇଥିଲା। କମ୍ପାନୀର ଏଚ୍ ଆର୍, ଆଡମିନ, ଇଷ୍ଟେଟ, ସୁରକ୍ଷା,ଦମକଳ, ସିମେଣ୍ଟ ଓ ବିଭିନ୍ନ ବିଭାଗର କର୍ମଚାରୀ ଓ ଅଧିକାରୀ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ ପ୍ରଦାନ କରିଥିଲେ।

## ସୁନ୍ଦରଗଡ଼ରେ ବଢ଼ିଲା ଆଉ ୩ ଦିନ ଖରାଛୁଟି

**ସୁନ୍ଦରଗଡ,୧୭।୬(ଜୟ ନାରାୟଣ ମେଣ୍ଡୁଲି)**

ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସୁନ୍ଦରଗଡ ଜିଲାରେ ଆସନ୍ତା ୩ଦିନ ପାଇଁ ସମସ୍ତ ଶିକ୍ଷାନୁଷ୍ଠାନଗୁଡିକ ପାଇଁ ଛୁଟି ଘୋଷଣା କରାଯାଇଛି। ବର୍ତ୍ତମାନ ଜିଲାରେ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହୁଥିବା ବେଳେ ଅସହ୍ୟ

**ପ୍ରଥମରୁ ଦ୍ୱାଦଶ**

ଗୁଳୁଗୁଳି ଯୋଗୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏଭଳି ସ୍ଥିତିରେ ଆଜି ସ୍କୁଲ କଲେଜ ଗୁଡିକ ଖୋଲିବାର ଥିଲା। ମାତ୍ର ଖରାକୁ ଦୃଷ୍ଟିରେ ରଖି ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲିଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଆସନ୍ତା ୧୮ରୁ୨୦ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ସରକାରୀ ବେସରକାରୀ ଓ ଅଣ ଅନୁଦାନପ୍ରାପ୍ତ ଶିକ୍ଷା ନୁଷ୍ଠାନ ଗୁଡିକ ପାଇଁ ଛୁଟି ଘୋଷଣା କରିଛନ୍ତି। ୨୦ତାରିଖ ପରେ ପରିସ୍ଥିତି ଦେଖି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ସାଥୀ, ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରଜ ପାଳିତ



ଅତିଥିମାନଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚିତ ହେଉଛି।

**ରାଉରକେଲା,୧୭।୬(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ସାଥି ଓ ବରିଷ୍ଠ ନାଗରିକ ମଞ୍ଚର ମିଳିତ ପ୍ରୟାସରେ ରଜ ପର୍ବ ସେକ୍ଟର-୧୭ରେ ସୋମବାର ପାଳିତ ହୋଇଯାଇଛି। ଓଡିଶାର କଳା ଓ ସଂସ୍କୃତି ବଜାୟ ନେଇ ଉଭୟ ଅନୁଷ୍ଠାନ ଏହି ପର୍ବକୁ ପ୍ରତିବର୍ଷ ଧୁମଧାମରେ ପାଳନ କରି ଆସୁଥିବା ବେଳେ ଚଳିତ ବର୍ଷ ରଜ ପାଳନ ନେଇ ଏକ ଆଲୋଚନା ଚକ୍ର ମଧ୍ୟ ଆୟୋଜିତ ହୋଇଥିଲା। ସାଥି ଅନୁଷ୍ଠାନର ସଭାପତି ସଦାନନ୍ଦ ସାହୁ ଏଥିରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ରଜନୀକାନ୍ତ ସ୍ୱାଇଁ ଆଲୋଚନା ଚକ୍ରକୁ ସଂଯୋଜନା କରିଥିଲେ। ଆୟୋଜିତ ଆଲୋଚନା ଚକ୍ରରେ କଲଚରାଲ ଏକାଡେମୀର ସଭାପତି ପଶୁପତିନାଥ ଚାଟାର୍ଜୀ, ସାମାଜିକ କର୍ମୀ ଖଦାଲ ସେଠୀ,ସାଥିର ଉପଦେଷ୍ଟା କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ,ଶିକ୍ଷୟତ୍ରୀ ଗ୍ରାସି ଡାଭିଡ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସାଥି ଅନୁଷ୍ଠାନ ତରଫରୁ ଅତିଥିଙ୍କ ଦ୍ୱାରା ଏକ ସ୍ମରଣୀକା ଉନ୍ମୋଚିତ ହୋଇଥିଲା। ପରେ ଓଡିଶାର ପାରମ୍ପରିକ ପିଠା ମଣ୍ଡା ପ୍ରସ୍ତୁତି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀତାରେ ବହୁ ତରୁଣୀ ଏବଂ ମହିଳାମାନେ ଭାଗ ନେଇଥିଲେ। ସାମାଜିକ କର୍ମୀ ଜୟନ୍ତୀ ଦାଶ,ଅଜୟ ନାୟକ,ସୁଶାନ୍ତ ପ୍ରଧାନ ବିଚାରକ ଭାବେ ଯୋଗଦେଇ ପ୍ରତିଯୋଗୀଙ୍କ ଦ୍ୱାରା ପ୍ରସ୍ତୁତ ପିଠା ମଣ୍ଡାର ମୂଲ୍ୟାଙ୍କନ କରିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାପରେ ସାଥି ପକ୍ଷରୁ ନାରୀ ପ୍ରତିଭା ସମ୍ମାନରେ ୧୮ଜଣ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା।

## ରାଜସ୍ୱ ମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ବରିଷ୍ଠ ଆଇନଜୀବୀ ଶ୍ୟାମସୁନ୍ଦର

**ସୁନ୍ଦରଗଡ,୧୭।୬(ଜୟ ନାରାୟଣ ମେଣ୍ଡୁଲି)**

ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସୁନ୍ଦରଗଡର ବରିଷ୍ଠ ଆଇନଜୀବୀ ଶ୍ୟାମସୁନ୍ଦର ମିଶ୍ର ଶୁଭେଚ୍ଛା ଜଣାଇଛନ୍ତି। ୧୯୮୦-୮୧ଦଶକରେ ତତ୍କାଳୀନ ଅଲ ଓଡିଶା ଛାତ୍ର କ୍ରିୟାନୁଷ୍ଠାନ କମିଟିର ଆବାହକ ଥିବା ସୁରେଶ ବ୍ରଜରାଜନଗର ବିଧାୟକଭାବେ ନିର୍ବାଚିତ ହୋଇ ବର୍ତ୍ତମାନ ରାଜ୍ୟ ମନ୍ତ୍ରୀମଣ୍ଡଳରେ ଗୁରୁତ୍ୱ ପୂର୍ଣ୍ଣ ବିଭାଗର ମନ୍ତ୍ରୀ ଦାୟିତ୍ୱ ମିଳିଥିବାରୁ ଓଡିଶାବାସୀଙ୍କ ଅନେକ ଆଶା ରହିଛି। ପ୍ରକାଶ ଥାଉକି, ୮୦ଦଶକରେ ଆଡଭୋକେଟ ମିଶ୍ର ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଛାତ୍ର ସଂସଦର ସଭାପତି ଓ ପଶ୍ଚିମ ଓଡ଼ିଶା ଛାତ୍ର ଆନ୍ଦୋଳନର ସହ ସଂଯୋଜକ ଥିଲେ।

## ନବଭାରତ ନିର୍ମାଣ ସେବା ପାର୍ଟିର ବୈଠକ

**ବାଲିଶଙ୍କରା,୧୭।୬ (ହୃଦାନନ୍ଦ ବାରିକ)**

ବାଲିଶଙ୍କରା ବ୍ଲକ ପଟେଇମୁଣ୍ଡାଠାରେ ନବଭାରତ ନିର୍ମାଣ ସେବା ପାର୍ଟିର ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ସାହୁ ବୈଠକରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସନ୍ତୋଷ ଜୁରାଙ୍କୁ ସୁନ୍ଦରଗଡ଼ ଜିଲା ସଭାପତି ନିଯୁକ୍ତି ଦେଇଥିଲେ। ସଂଗଠନକୁ ସୁଦୃଢ କରିବା, ଘରେ ଘରେ ପାର୍ଟିକୁ ପହଞ୍ଚାଇବାକୁ ଉଦ୍ୟମ ଜାରି ରଖିବା ଓ ଆଗାମୀ ପଞ୍ଚାୟତ ନିର୍ବାଚନରେ ସକ୍ରିୟ ଭୂମିକା ନିର୍ବାହ କରିବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ଛଟେଇ ପାରାମେଡିକାଲ କର୍ମଚାରୀ

**ଲୋଇସିଂହା,୧୭।୬(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଛଟେଇ ପାରାମେଡିକାଲ କର୍ମଚାରୀ ସାକ୍ଷାତ କରି ନ୍ୟାୟ ଦାବି କରିଥିଲେ। ମନ୍ତ୍ରୀ ଆଶ୍ୱାସନା ଦେବା ସହ ଜୁନ ୨୫ରେ ପୁନର୍ବାର ଭେଟିବାକୁ କହିଥିବା ଛଟେଇ ପାରାମେଡିକାଲ କର୍ମଚାରୀ କହିଛନ୍ତି। କୋଭିଡ-୧୯ ସମୟରେ ସରକାର ଅସ୍ଥାୟୀ ପାରାମେଡିକାଲ କର୍ମଚାରୀ ନିଯୁକ୍ତ କରିଥିଲେ। ପାରାମେଡିକାଲ କର୍ମଚାରୀ ଜୀବନକୁ ବାଜି ଲଗାଇ କୋଭିଡ କେନ୍ଦ୍ରରେ ନିୟୋଜିତ ହୋଇ ରୋଗୀଙ୍କୁ ସେବା ପ୍ରଦାନ କରିଥିଲେ। ପ୍ରାୟ ବର୍ଷ ଧରି ସେମାନେ କାମ କରିଥିଲେ।

## ନେବା ଲୋକ ଠାରୁ ଦେବା ଲୋକ ମହାନ



**ସୁନ୍ଦରଗଡ,୧୭।୬(ଜୟ ନାରାୟଣ ମେଣ୍ଡୁଲି)**

ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟଠାରେ ସୋମବାର ଆନ୍ତର୍ଜାତୀୟ ଆର୍ଟ ଅଫ ଲିଭିଙ୍ଗ ଦିବସ ପାଳିତ ହୋଇଯାଇଛି। ଆର୍ଟ ଅଫ ଲିଭିଙ୍ଗ ସଙ୍ଗଠନ ପକ୍ଷରୁ ପପୁ ପ୍ରସାଦ ସିଂଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅସରପ୍ରାପ୍ତ ବରିଷ୍ଠ ସରକାରୀ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ଡ.ଚିରବ୍ରତ ଦତ୍ତ ସଭାପତିତ୍ୱ କରିଥିଲେ। ସରକାରୀ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ଡ.କୁମୁଦିନୀ ରାଉତରାୟ, ଅବସରପ୍ରାପ୍ତ ପ୍ରଧାନ ଗୋବିନ୍ଦ ଚନ୍ଦ୍ର ସୁଆର,ସୁଷମା ପଟେଲ,ଗାଳ୍ପିକ ବିବିଧ ବିଶ୍ୱ, ଶ୍ୟାମ ସୁନ୍ଦର ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ବକ୍ତାଭାବେ ଯୋଗ ଦେଇଥିଲେ। ସମାଜରେ ଅବହେଳିତ,ଆସହାୟ ବର୍ଗଙ୍କୁ ସାହାଯ୍ୟ ସହଯୋଗ ଯୋଗାଇଦେବା ଏକ ପ୍ରକୃତ କଳା। ସବୁବେଳେ ସମାଜରେ ନେବା ଲୋକଙ୍କ ଠାରୁ ଦେବା ଲୋକ ହିଁ ମହାନ ବୋଲି ବକ୍ତା ମାନେ କହିଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଲଳିତା ଖଣ୍ଡା,ସୁଧାଂଶୁ କୁମାର ଚୌଧୁରୀ,ଟେକଚାନ୍ଦ ପଟେଲ, ଜୀବେଶ୍ୱରୀ ପଟେଲ, ଅସୀତ ଦେ, ଭୋଜରାଜ ମହାପାତ୍ର, ନୀଳକଣ୍ଠ ବଳିୟାର ସିଂହ, ପଦ୍ମଲୋଚନ ସରାଫ, ସମୀର କର, ସୁବୋଧ ବକ୍ସି, ଗୁରୁଚରଣ ନାଏକ, ଅଶ୍ୱିନୀ ଭୋଳ, ଭବାନୀ ଠାକୁର, ସମରେନ୍ଦ୍ର ଠାକୁର, ନେତ୍ରମଣି ପଟେଲ, ଉମେଶ ବାବୁ, ଲଳିତ ମୋହନ ଦାସ, ରାଜୁ ଠାକୁର ପ୍ରମୁଖ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ରାଜ କିଶୋର ମହାରଣା ଧନ୍ୟବାଦ ଦେଇଥିଲେ।

## ଫକୀର ମୋହନ ସେନାପତିଙ୍କ ତିରୋଧାନ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ରାଉରକେଲା,୧୭।୬(ଦିନେଶ ମିଶ୍ର)**

ବାସନ୍ତୀ କଲୋନୀ ସ୍ଥିତ ସୁବର୍ଣ୍ଣରେଖା ଅନୁଷ୍ଠାନ ପକ୍ଷରୁ ଫକୀରମୋହନ ସାହିତ୍ୟ ଗବେଷଣା ପ୍ରତିଷ୍ଠାନ ଓ ସୁବର୍ଣ୍ଣରେଖା ଆନୁକୂଲ୍ୟରେ ବ୍ୟାସକବି ଫକୀରମୋହନ ତିରୋଧାନ ଦିବସ ଓ ରଜ ଉତ୍ସବ ସଭାପତି ମନୋରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ବ୍ୟାସକବି ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ମାଲ୍ୟାର୍ପଣ ପ୍ରଦାନ କରିଥିଲେ। ପରେ ଫକୀରମୋହନଙ୍କ ସାହିତ୍ୟ ରଚନା ଓ ଓଡିଆ ଭାଷା ଆନ୍ଦୋଳନ ବାବଦରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ସମସ୍ତ କାର୍ଯ୍ୟକୁ ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରା ପରିଚାଳନା କରିବା ସହ ସବୁ ବିଭାଗ ସହ ସୁସମନ୍ୱୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ସାଙ୍ଗଠନିକ ସମ୍ପାଦକ କମଳାକାନ୍ତ ପ୍ରଧାନ, ବନବିହାରୀ ରଣା, ରାଜୀବ ପାତ୍ର, ଛବିରାଣୀ ପ୍ରଧାନ, ବିଜୟ ପ୍ରଧାନ, କଲ୍ୟାଣ କମଳ ପଣ୍ଡା, ରାଧାକୃଷ୍ଣ ଦଳପତି, ଛବିରାଣୀ ପ୍ରଧାନ, ବାଲ କିଶୋର ପାତ୍ର, ଗୀତାଞ୍ଜଳି ପଣ୍ଡା, ପର୍ଶୁରାମ ମଲ୍ଲିକ, ତୁଷାର ମହାପାତ୍ର, ସୁବଳ ମାଝିଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ।

# ଦେବୀ ଅଭୟାକାଳୀ ଯାତ୍ରା

## ରାବଣ ଦରବାର, ବୈଠକ କୀର୍ତ୍ତନ ଆକର୍ଷଣ

**ବଲାଙ୍ଗୀର,୧୭।୬ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ୍ ଅନ୍ତର୍ଗତ କୁଟାସିଂହା ଗ୍ରାମରେ ଆବହମାନକାଳରୁ ପୂଜା ପାଇ ଆସୁଥିବା ପ୍ରସିଦ୍ଧ ଦେବୀ ମା'ଅଭୟା କାଳୀଙ୍କ ଯାତ୍ରା ବା ପୂଜାସୋବ ଆରମ୍ଭ ହୋଇଛି। ପ୍ରତିବର୍ଷ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରୁ ଚତୁର୍ଦ୍ଦଶୀ ତିଥି ପର୍ଯ୍ୟନ୍ତ ଏହି ପୂଜା ଅନୁଷ୍ଠିତ ହୋଇଥାଏ। ପ୍ରତିଦିନ ଏହି ପୂଜାସ୍ଥଳରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି। ଗାଁର ବୟୋଜ୍ୟେଷ୍ଠ ଲୋକଙ୍କ କହିବା ମୁତାବକ ୧୯୩୬ ମସିହାରେ ଦେବୀ ଅଭୟା କାଳୀଙ୍କ ଆବିର୍ଭାବ ହୋଇଥିଲା। ସେହିଦିନରେ ଗାଁ ମଝିରେ ଥିବା ଅଭୟା ଦେବୀ ପୀଠରେ ସେ ପୂଜା ପାଇ ଆସୁଛନ୍ତି। ଦେଶୀମଦ, ଘିଅ, ସଳିତା, ଗୋରସ ଏବଂ ଧୂପକାଠି ନେଇ ଗାଁ ଝାଙ୍କରଙ୍କ ସହିତ ଘଣ୍ଟଧାରୀ ଓ ଛତ୍ରଧାରୀମାନେ ପୂଜାର୍ଚ୍ଚନା କରିଥାନ୍ତି। ସନ୍ଧ୍ୟା ସମୟରେ ଗାଁର ଚାରିଦିଗରେ ଶୁଖିଲା କାଠକୁ ଦୀପ ରଖିବା ପାଇଁ ଏକ ଷ୍ଟାଣ୍ଡ କରାଯାଇ ତା' ଉପରେ କଞ୍ଚା ମାଟି ଦୀପରେ ଦେଶୀମଦ ଦେଇ ୭ ଦିନ ଧରି ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଏ। ଯେଉଁ ମଦକୁ ଅଧିକ ସେବନ କରିବା ଦ୍ୱାରା



ମଣିଷ ମୃତ୍ୟୁମୁଖରେ ପଡନ୍ତି ସେଇ ମଦକୁ ଦେବୀଙ୍କଠାରେ ଅର୍ପଣ କରାଯାଏ। ଏହା ସହିତ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ନିଷ୍ଠାର ସହ ପ୍ରତ୍ୟେକ ପରିବାରରୁ ନଡିଆ, ଧୂପକାଠି, ଘିଅ, ସିନ୍ଦୂର ଓ ଫୁଲ ଦେବୀଙ୍କ ପୀଠକୁ ନିଆଯାଏ। ନୈଷ୍ଠିକ ବ୍ରାହ୍ମଣଙ୍କ ଦ୍ୱାରା ମା' ଅଭୟାଙ୍କଠାରେ ଭାଗବତର ସପ୍ତମ ସ୍କନ୍ଧ ପାଠ କରାଯାଏ। ନଡ଼ିଆ, ମୁଗରେ ତିଆରି କ୍ଷୀରି ଓ ଧାନରେ ପ୍ରସ୍ତୁତ ଲିଆ ଲାଗି କରାଯାଏ। ଏହି ଭୋଗ କେବଳ ବୟସ୍କା ବିଧବା ମହିଳାମାନେ ପ୍ରସ୍ତୁତ କରିଥାନ୍ତି। ଦେବୀଙ୍କ ପୂଜା ଚାଲିଥିବା ୮ ଦିନ ପର୍ଯ୍ୟନ୍ତ ଗାଁରେ ମାଛ, ମାଂସ ଆମିଷ ଭକ୍ଷଣ କରାଯାଏ ନାହିଁ। ଏହି ଅବସରରେ ମା' ଅଭୟା କାଳୀ ଯାତ୍ରା ସୋମବାର ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପୂଜାସୋବ ବା ଯାତ୍ରା ଅବସରରେ ବିଶେଷ ଆକର୍ଷଣ ଭାବେ ରାବଣ ଦରବାର ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି। ଏହି ଯାତ୍ରାରେ ଗାଁର ଗୌନ୍ତିଆ ରାଜିନ ପାତ୍ର ପୌରହିତ୍ୟ କରିଥିବାବେଳେ ଗାଁର ଝାଙ୍କର, ଦେହେରୀ ଶ୍ରୀହରୀ ଭୁଏ, ପୀତାମ୍ବର ନାଗ, ଗରୁଡ଼ ସା, ବାଳୀ ବାଗ, ଲେକୁ ସାହୁ, ଜଗବନ୍ଧୁ ସାହୁ ପୂଜା ଦାୟିତ୍ୱରେ ରହିଛନ୍ତି। ମୁଖ୍ୟ ପୂଜକ ଆର୍ତ୍ତତ୍ରାଣ ପୁରୋହିତ ଓ ଶତ୍ରୁଘ୍ନ ପୁରୋହିତ ପୂଜା କାର୍ଯ୍ୟ ତୁଲାଉଛନ୍ତି। ଏହି ଯାତ୍ରାର ପରିଚାଳନା କମିଟି ସଭାପତି ଗୋବର୍ଦ୍ଧନ ସାହୁ, ସମ୍ପାଦକ ପ୍ରଦୀପ ପାତ୍ର ଓ ଅନ୍ୟ କମିଟି ସଦସ୍ୟ ସହଯୋଗ କରୁଛନ୍ତି।

**ଶକ୍ତି ଦକ୍ଷତା ବ୍ୟୁରୋ**
(ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ବୈଧାନିକ ନିକାୟ)
୪ର୍ଥ ମହଲା, ସେବା ଭବନ, ଆର୍.କେ. ପୁରମ୍, ନୂଆଦିଲ୍ଲୀ - ୧୧୦୦୬୬
ୱେବ୍‌ସାଇଟ୍: www.beeindia.gov.in, ଫୋନ୍: ୦୧୧-୨୬୭୬୬୭୦୦
LiFE Lifestyle for Environment

**ଶକ୍ତି ପ୍ରବନ୍ଧକ ଏବଂ ଶକ୍ତି ସମୀକ୍ଷକଙ୍କ ପାଇଁ ୨୪ତମ ଜାତୀୟ ପ୍ରମାଣନ ପରୀକ୍ଷା**
**୨୮ ଓ ୨୯ ସେପ୍ଟେମ୍ବର, ୨୦୨୪**

ଶକ୍ତି ଦକ୍ଷତା ବ୍ୟୁରୋ ଶକ୍ତି ପ୍ରବନ୍ଧକ ଏବଂ ଶକ୍ତି ସମୀକ୍ଷକଙ୍କ ପାଇଁ **୨୮ ଓ ୨୯ ସେପ୍ଟେମ୍ବର, ୨୦୨୪** (ଶନିବାର ଓ ରବିବାର) ଦିନ ୨୪ତମ ଜାତୀୟ ପ୍ରମାଣନ ପରୀକ୍ଷା ଆୟୋଜନ କରିବେ।
ବିବରଣ ପୁସ୍ତିକାକୁ **www.aipnpc.org**ରୁ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ ଡାଉନ୍‌ଲୋଡ୍ କରାଯାଇପାରିବ। ଉପରୋକ୍ତ ୱେବ୍‌ସାଇଟ୍‌ର ଲିଙ୍କ୍ **www.beeindia.gov.in**ରେ ମଧ୍ୟ ଉପଲବ୍ଧ।
ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ: ୧ ଜୁଲାଇ, ୨୦୨୪, ୧୭.୦୦ ଘଟିକାରେ
ଅନ୍‌ଲାଇନ୍ ପଞ୍ଜୀକରଣ ସମାପ୍ତି: ୩୧ ଜୁଲାଇ, ୨୦୨୪, ୨୩.୫୯ ଘଟିକାରେ।
CBC 34106/12/0004/2425 (ସଚିବ)

# ରଜ ପର୍ବ ଉପଲକ୍ଷେ ସ୍ୱରଚିତ କବିତା ପାଠୋତ୍ସବ

**ଦେବଗଡ଼,୧୭।୬(ଶଶାଙ୍କ ଶେଖର ଝାଙ୍କର)**

ରଜ ପର୍ବ ଉପଲକ୍ଷେ ବାମଣ୍ଡା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ କ୍ଲବ ଗୃହଠାରେ ଏକ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବାମଣ୍ଡା ସାହିତ୍ୟ ସଂସଦ ସମ୍ପାଦକ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ଆବାହକତ୍ୱରେ ଓ ସଂସଦର ସଭାପତି ମୁରଲୀଧର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଡକ୍ଟର ପଦ୍ମନାଭ ସାହୁ ଓ କବୟିତ୍ରୀ ଅଞ୍ଜନା ନାୟକ ମଞ୍ଚାସୀନ ରହି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ସଂସଦର ସଭାପତି ଶଯରୀ ନାୟକ ଓ ସମ୍ପାଦକ ମହାପାତ୍ରଙ୍କ ସମେତ କବି ଯତୀନ୍ଦ୍ର ପ୍ରଧାନ, ଗୌରହରି ଷଡଙ୍ଗୀ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ବାଲ୍ମିକୀ ଲୁହା, ଜଗମୋହନ ସାହୁ, ରାମଚନ୍ଦ୍ର ମହାପାତ୍ର, ପ୍ରକାଶ ପ୍ରଧାନ,ଟିକେଶ୍ୱର ସାହୁ ଓ ଚନ୍ଦ୍ରକାନ୍ତ ସୱାଇଁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିବା ବେଳେ କବିତା ଗୁଡ଼ିକୁ କବୟିତ୍ରୀ ଅଞ୍ଜନା ନାୟକ ସଂଯୋଜନା କରିଥିଲେ। ଏହି ଅବସରରେ ସଂସଦର ସଦସ୍ୟ ଦିବଂଗତ ଡାକ୍ତର ବନମାଳୀ ସାହୁ ଓ ନୃତ୍ୟଗୁରୁ ଭଗବାନ ସାହୁଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ସମ୍ପାଦକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବଢୁଛି ଖାଉଟି ସାମଗ୍ରୀ ଦର, ଲୋକେ ହସ୍ତତନ୍ତ



ଝାରସୁଗୁଡା ସହରର ଏକ ପରିବା ହାଟରେ ଲୋକେ କିଣାକିଣି କରୁଛନ୍ତି।

**ଝାରସୁଗୁଡ଼ା,୧୭।୬(ସଞ୍ଜୟ ମାଲି)**

ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳରେ ଗତ କିଛିଦିନ ହେବ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପାଇଛି। ଏଥିଯୋଗୁ ଅଞ୍ଚଳର ସାଧାରଣ ଲୋକେ ଜିନିଷ କିଣିବା ପାଇଁ ହସ୍ତତନ୍ତ ହେଉଥିବା ଅଭିଯୋଗ ହେଉଛି। ଚାଉଳଠୁ ଆରମ୍ଭ କରି ଡାଲି, ତେଲ, ଅଟା, ସୁଜି, ଚିନି, ସେନ, ଆଳୁ, ପିଆଜ ସମେତ ବିଭିନ୍ନ ସାମଗ୍ରୀ ଦର ବୃଦ୍ଧି ହେଉଛି। ଏହା ବ୍ୟତୀତ ପନିପରିବାଠୁ ଆରମ୍ଭ କରି ମାଛ, ମାଂସ, ଅଣ୍ଡା ଦର ମଧ୍ୟ ବୃଦ୍ଧି ପାଇଛି। ହରଡ ଡାଲି କିଲୋ ପ୍ରତି ୧୦ରୁ ୧୫ ଟଙ୍କା ବୃଦ୍ଧି ହୋଇ ୧୭୦କୁ ଛୁଇଁଲାଣି। ସେହିଭଳି ବୁଟଡାଲି ୭୫ରୁ ୮୫ଟଙ୍କାକୁ ଛୁଇଁଲାଣି। ବିରି କିଲୋପ୍ରତି ୭ ଟଙ୍କା ବଢିଥିବା ବେଳେ ରିଫାଇନ ତେଲ ୧୫ଟଙ୍କା ବଢ଼ିଛି। ସେହିପରି ଅଟା, ସୁଜି ଓ ମଇଦା କିଲୋପ୍ରତି ୪ ଟଙ୍କା ବଢ଼ିଥିବା ବେଳେ ପିଆଜ କିଲୋପ୍ରତି ୧୦ଟଙ୍କା ବଢି ୪୦ ଏବଂ ଆଳୁ ୫ଟଙ୍କା ବଢି ୩୫ଟଙ୍କାରେ ବିକ୍ରି ହେଉଛି। ଅନ୍ୟପଟେ ଦେଖିବାକୁ ଗଲେ ସହରର ବିଟିଏମ, ପୁରୁଣା ବସଷ୍ଟାଣ୍ଡ ପଛପଟ, ଝଣ୍ଡାଛକ ସରାହାଲରେ ପ୍ରତିଦିନ ପନିପରିବା ହାଟରେ ପନିପରିବା ଦର ବୃଦ୍ଧି ଯୋଗୁ ଖାଉଟି ପନିପରିବା କିଣିବା ପାଇଁ ହସ୍ତତନ୍ତ ହେଉଛନ୍ତି। ଟମାଟ କିଲୋପ୍ରତି ୪୦ ଟଙ୍କାରୁ ବଢ଼ି ୬୦ ଟଙ୍କା, ପୋଟଳ ୫୦ ଟଙ୍କାରୁ ୮୦ ଟଙ୍କା, ବାଇଗଣ ୪୦ରୁ ୬୦ ଟଙ୍କା, ବନ୍ଧାକୋବି ୨୦ ଟଙ୍କାରୁ ୪୦ ଟଙ୍କା, ଝୁଲଙ୍ଗ ୪୦ ରୁ ୮୦ ଟଙ୍କା, ସିମଳା ଲଙ୍କା ୮୦ରୁ ୨୦୦ ଟଙ୍କା, ଲଙ୍କା ୧୦୦ରୁ ୨୦୦ ଟଙ୍କା, ଅଦା ୨୦୦ ଶହରୁ ୩୦୦ ଟଙ୍କା, କାକୁଡି ୩୦ରୁ ୫୦ଟଙ୍କା, ଆମ୍ବ ୪୦ରୁ ୧୦୦ ଟଙ୍କା, ସେଓ ୧୪୦ରୁ ୨୦୦ ଟଙ୍କା, ଅଙ୍ଗୁର ୧୨୦ରୁ ୨୦୦ ଟଙ୍କା, ସାନ୍ତରା ୬୦ରୁ ୧୦୦ ଟଙ୍କା ତରଭୁଜ ୨୦ରୁ ୩୦ ଟଙ୍କା ବିକ୍ରି ହେଉଥିବା ବେଳେ ମାଛ ମାଂସ ଦର ଆକାଶ ଛୁଆଁ ହୋଇଛି। ଖାଉଟି ମାଛ ମାଂସ ଖାଇବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରର ପୁରୁଣା ବସଷ୍ଟାଣ୍ଡ ପଛପଟ, ବିଟିଏମ, କାଳି ମନ୍ଦିର ରାସ୍ତା, ସରାହାଲ, ବଡ଼ମାଳ ସମେତ ଆଖପାଖ ଅଞ୍ଚଳରେ ମାଛ କିଲୋପ୍ରତି ୪୦ ଟଙ୍କା ବୃଦ୍ଧି ପାଇ ୨୦୦ରୁ ୨୪୦ ଟଙ୍କା ରହିଥିବା ବେଳେ ଖସି ମାଂସ କିଲୋପିଛା ୭୦୦ ଟଙ୍କାରୁ ବୃଦ୍ଧି ପାଇ ୭୫୦ ଟଙ୍କା, ଅଣ୍ଡା ଗୋଟାକୁ ୫ଟଙ୍କାରୁ ୭ ଟଙ୍କାରେ ବିକ୍ରି ହେଉଥିବା ବେଳେ ଶମିକ ଖଟିଖିଆ ମଧ୍ୟବିତ୍ତ ପରିବାର ଖାଉଟି ସାମଗ୍ରୀ କିଣିବା ପାଇଁ ହସ୍ତତନ୍ତ ହେଉଥିବା ଦେଖାଯାଉଛି। ଅନ୍ୟପଟେ ଦେଖିବାକୁ ଗଲେ ଝାରସୁଗୁଡ଼ା ଜିଲାରେ ଶୀତଳ ଭଣ୍ଡାର ଅଭାବରୁ ଜିଲାର ପନିପରିବା ଚାଷୀ ନିଜର ପାରଶ୍ରମିକ ଟଙ୍କା ପାଉ ନ ଥିବା ବେଳେ ଅଣଓଡ଼ିଆ ବ୍ୟବସାୟୀ ସହର ବିଭିନ୍ନ ହାଟରେ ବାହାରୁ ଆଣି ଚଢା ଦରରେ ପନିପରିବା ବିକ୍ରି କରୁଛନ୍ତି। ସ୍ଥାନୀୟ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗାମୀ ଦିନରେ ଯଦି ଏପରି ଭାରେ ଖାଦ୍ୟ ସାମଗ୍ରୀ ଦର ଆକାଶଛୁଆଁ ହୁଏ ତାହାହେଲେ ଖାଉଟିମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

# ହର୍ଷ ଉଲ୍ଲାସରେ ପାଳିତ ହେଲା ଇଦ୍



ଇଦ୍ ପର୍ବ ପାଳନ ଅବସରରେ ଉପସ୍ଥିତ ମୁସଲମାନ ଭାଇମାନେ।

**ଝାରସୁଗୁଡ଼ା,୧୭।୬(ସଞ୍ଜୟ ମାଲି)**

ଝାରସୁଗୁଡ଼ା ସହର ତଥା ଏହାର ଆଖପାଖ ଅଞ୍ଚଳରେ ହର୍ଷ ଉଲ୍ଲାସରେ ପାଳିତ ହୋଇଯାଉଛି ଇସଲାମିକ ସମ୍ପ୍ରଦାୟର ଭାଇଚାରା ଇଦ୍-ଉଜ୍-ଜୁହା ପର୍ବ। ସୋମବାର ସକାଳେ ପ୍ରଥମେ ସହର କବ୍ରସ୍ଥାନସ୍ଥିତ ଇଦଗାଠାରେ ସାମୂହିକ ନମାଜ ପାଠ କରାଯାଇଥିଲା। ପରେ ସହରସ୍ଥିତ ମଙ୍ଗଳ ବଜାର, ହଟଲିପଡ଼ା, ତେଲିଭଟା ମସଜିଦରେ ମଧ୍ୟ ନମାଜ ପାଠ କରିବା ପରେ ଲୋକେ ପରସ୍ପରଙ୍କୁ ଅଭିବାଦନ ଜଣାଇଥିଲେ। ପ୍ରତ୍ୟେକ ମୁସଲମାନ ଭାଇଭଉଣୀମାନଙ୍କ ଘରେ ଇସଲାମିକ ସମ୍ପ୍ରଦାୟର ବିଭିନ୍ନ ସୁଆଦିଆ ଖାଦ୍ୟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ ଏବଂ ସେମାନେ ନିଜ ଅତିଥିମାନଙ୍କୁ ଖାଇବା ପାଇଁ ନିମନ୍ତ୍ରଣ ମଧ୍ୟ କରନ୍ତି ଓ ଏହି ପର୍ବକୁ ଅତି ଶାନ୍ତିଶୃଙ୍ଖଳା ସହିତ ପାଳନ କରନ୍ତି।

# କିସ୍, କିଟ ଆନୁକୂଲ୍ୟରେ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଦେବଗଡ଼,୧୭।୬(ଶଶାଙ୍କ ଶେଖର ଝାଙ୍କର)**

ରାଜ୍ୟର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ କିସ ଓ କିଟ ଆନୁକୂଲ୍ୟରେ ସ୍ଥାନୀୟ ସେଣ୍ଟର ଫର୍ କଲଚର୍‌ଠାରେ 'ଆର୍ଟ ଅଫ ଗିଭିଂ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଜ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନ ଓ ଅଧ୍ୟାପକ ଚିତ୍ତରଞ୍ଜନ ଦାସଙ୍କ ପରିଚାଳନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କିସ କିଟ୍ ସଦସ୍ୟ ତଥା ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ତିଲେଇବଣି ବ୍ଲକ ଉପାଧ୍ୟକ୍ଷା ଆରତୀ ପ୍ରଧାନ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଉମାଶଙ୍କର ସାହୁ, ସତ୍ୟ ନାରାୟଣ ମିଶ୍ର ଓ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଆଇନଜୀବୀ ତଥା ଜିଲା ସଂସ୍କୃତି ପରିଷଦର ସଂଯୋଜକ ଦିଲୀପ କୁମାର ଗୁରୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିଥି ଓ ବକ୍ତାମାନେ ଆର୍ଟ ଅଫ ଗିଭିଙ୍ଗ କାର୍ଯ୍ୟକ୍ରମ ଆୟୋଜନ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିବା ସହ ଏହାର ଉଦ୍ୟୋକ୍ତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ବଦାନ୍ୟତା ଏବଂ ମହାନତା ଯୋଗୁ ଏହି କାର୍ଯ୍ୟକ୍ରମ ଦେଶ ବିଦେଶର ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ଦର୍ଶାଇ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ କବି, ସାହିତ୍ୟିକ, ବୁଦ୍ଧିଜୀବୀ, ଆଇନଜୀବୀ, ଖବରଦାତା ଓ ସାମାଜିକ କର୍ମୀ ଉପସ୍ଥିତ ଥିଲେ। ଶେଷରେ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପାର୍ଟି ଫଣ୍ଡ ଠିକ୍ ସମୟରେ ମିଳିଲା ନାହିଁ

## ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ

**ଝାରସୁଗୁଡ଼ା,୧୭।୬(ସଞ୍ଜୟ ମାଲି)**

ଝାରସୁଗୁଡା ଜିଲା କଂଗ୍ରେସ ପକ୍ଷରୁ ସୋମବାର ଏକ ଖବରଦାତା ସମ୍ମିଳନୀ ସହର ପୁରୁଣା ବସଷ୍ଟାଣ୍ଡସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସ ବିଧାୟିକା ପ୍ରାର୍ଥିନୀ ଅମିତା ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସର୍ବ ପ୍ରଥମେ ସେ ଝାରସୁଗୁଡା ସହରର ନବ ନିଯୁକ୍ତ ଭାଜପା ବିଧାୟକ ଟଙ୍କଧର ତ୍ରୀପାଠୀଙ୍କୁ ଅଭିବାଦନ ଜଣାଇଥିଲେ। ଆଗାମୀ ଦିନରେ ସେ ଝାରସୁଗୁଡା ଜିଲା ବିଭିନ୍ନ ସମସ୍ୟାକୁ ଆଖି ଆଗରେ ରଖି ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ କାମ କରନ୍ତୁ ବୋଲି ଆଶା କରନ୍ତି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଚଳିତ ନିର୍ବାଚନରେ ଜିଲାରେ କଂଗ୍ରେସ ପରାଜୟର ମୁଖ୍ୟ କାରଣ ହେଉଛି ପାର୍ଟି ଫଣ୍ଡ ଆମକୁ ଠିକ ସମୟରେ ମିଳିଲା ନାହିଁ ତଥା ନିର୍ବାଚନ ସମୟରେ ପ୍ରଚାର ପାଇଁ ରାଜ୍ୟ ସଭାପତି ହଉ କି ଅନ୍ୟାନ୍ୟ ବରିଷ୍ଠ ନେତା ଆସିଲେ ନାହିଁ ବୋଲି ନିଜ ପ୍ରତିକ୍ରିୟାରେ ସେ କହିଥିଲେ। ଜିଲାରେ କଳକାରଖାନା ଥିବା ସତ୍ତ୍ୱେ ସ୍ଥାନୀୟ ନିଯୁକ୍ତି ନ ଥିବା, ସହରରେ ପାଣି ସମସ୍ୟା, ରାସ୍ତା, ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ପାଇଁ ସେ ବିଧାୟକ ଟଙ୍କଧରଙ୍କୁ କହିଛନ୍ତି। ଆମେ ବିରୋଧୀ ଭାବେ ଥାଇ ମଧ୍ୟ ତାଙ୍କ ସମସ୍ତ କାର୍ଯ୍ୟରେ ସହଯୋଗ କରିବୁ ଏବଂ ଆଗାମୀ ଦିନରେ ଆମେ ଜିଲାର ସହର ତଥା ଗ୍ରାମାଞ୍ଚଳ ପ୍ରତ୍ୟେକ ଜାଗାକୁ ଯାଇ ଅତି ତଳସ୍ତରରେ ଲୋକଙ୍କ ସହିତ ମିଶିବୁ ଏବଂ ଆଗାମୀ ଦିନରେ କଂଗ୍ରେସ ଦଳ କିପରି ଭାବରେ ଆଗକୁ ଯିବ ତା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଅମିତା ବିଶ୍ୱାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ଭରତ ଅବସ୍ତି ଓ ଜୀବନ ସାର୍ଥକ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

# ଶିବୁ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ।

**ଦେବଗଡ଼,୧୭।୬
(ଶଶାଙ୍କ ଶେଖର ଝାଙ୍କର)**

## ଦେବଗଡ଼ ରିଜର୍ଭ ପୋଲିସ ଚାମ୍ପିୟନ

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ବଡଛାପଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଏମ୍କେଏସ (ମାକରମୁଣ୍ଡା, କୁଟୁରାପୋଶି, ସୁବର୍ଣ୍ଣପାଲି) ଅଧୀନ ପ୍ରଗତି ସ୍ପୋର୍ଟିଂ କ୍ଲବ, ଗାଙ୍ଗନଣ ଆନୁକୂଲ୍ୟରେ ଗତ ୧୩ ତାରିଖଠାରୁ ଆରମ୍ଭ ହୋଇଥିବା ଶିବୁ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚରେ ରେଙ୍ଗାଲବାହାଲ କ୍ରିକେଟ କ୍ଲବକୁ ପରାସ୍ତ କରି ଦେବଗଡ ରିଜର୍ଭ ପୋଲିସ ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଅମ୍ପାୟର ଭାବେ ଡୁଡୁ ଦେହୁରୀ ଓ ବିକାଶ କୁମାର ସ୍ୱାଇଁ ପରିଚାଳନା କରିଥିବା ବେଳେ ପ୍ରଫୁଲ୍ଲ କୁମାର ସାହୁ ମ୍ୟାଚ ଧାରାବିବରଣୀ ପ୍ରଦାନ କରିଥିଲେ। ଅପରାହ୍ନରେ ଆୟୋଜିତ ଏମ୍କେଏସ ପ୍ରଗତି ସ୍ପୋର୍ଟିଂ କ୍ଲବର ସଭାପତି ମନୋଜ କୁମାର ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଚାମ୍ପିୟନ ଦେବଗଡ ରିଜର୍ଭ ପୋଲିସ ଓ ରନର ଅପ ରେଙ୍ଗାଲବାହାଲ କ୍ରିକେଟ କ୍ଲବକୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ତିଲେଇବଣି ବ୍ଲକ ଯୁବ ବିଜେଡିସ ଭାପତି ସୁନୀଲ କୁମାର ସାହୁ ଗେଗଦେଇଥିଲେ। ଶେଷରେ କ୍ଲବର ସମ୍ପାଦକ ବିକାଶ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଏମ୍କେଏସ ପ୍ରଗତି ସ୍ପୋର୍ଟିଂ କ୍ଲବ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସକ୍ରୀୟ ଅଂଶଗ୍ରହଣ କରିଥିଲେ।

# ସରବାହାଲ ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ



**ଝାରସୁଗୁଡ଼ା,୧୭।୬(ସଞ୍ଜୟ ମାଲି)**

୨୪ଟି ୱାର୍ଡକୁ ନେଇ ଝାରସୁଗୁଡା ପୌର ପରିଷଦ ଗଠିତ। ସରବାହାଲ ୧ ନମ୍ବର ଓ ୨୨ ନମ୍ବର ୱାର୍ଡକୁ ନେଇ ଗଠିତ। ସରବାହାଲ ଅଞ୍ଚଳର ସୁନାରିମୁଣ୍ଡା, କିସାନପଡା, ଗୌଡପଡା, କୁମ୍ଭାରପଡ଼ା, ବ୍ରାହ୍ମଣ ପଡା, ତଳିପଡା, ଚମାରପଡାକୁ ନେଇ ଗଠିତ ହୋଇଥିବା ବେଳେ ଉକ୍ତ ଅଞ୍ଚଳରେ ଦୀର୍ଘ ଦିନରୁ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହେଉଛି। ଏହି ଅଞ୍ଚଳ ଗୌଡପଡା, କିସାନପଡା, ତଳିପଡା, ଚମାରପଡା, କୁମ୍ଭାରପଡ଼ା, ହରିଜନପଡା ଅଞ୍ଚଳର ଭିତରେ ସଫାସୁତୁରା ହେଉ ଥିବା ବେଳେ ମୁଖ୍ୟ ରାସ୍ତା ସଫାସୁତୁରା ହେଉ ନ ଥିବାରୁ ମୁଖ୍ୟ ରାସ୍ତା କଡ଼ରେ କୁଢ଼ କୁଢ଼ ଅଳିଆ ଅବର୍ଜନା ପଡ଼ିରହୁଛି। ଏଥିଯୋଗୁ ପରିବେଶ ପ୍ରଦୂଷଣ ହେବା ସହିତ ରାସ୍ତାରେ ଯାଉଥିବା ଗାଡ଼ି ଚାଳକ, ଶିକ୍ଷାନୁଷ୍ଠାନ କର୍ମଚାରୀ, ଛାତ୍ରୀଛାତ୍ର ସମେତ ବାଟୋଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ପବନ ବହିବା ଯୋଗୁ ଆର ପାର୍ଶ୍ୱରେ ଥିବା ଘରଗୁଡ଼ିକରେ ପଲିଥିନ ଉଡ଼ି ଆସି ପଶୁଥିବା ପରିଲକ୍ଷିତ ହେଉଛି। ସେହିପରି ସରବାହାଲ ଅଞ୍ଚଳର ଗଳିକନ୍ଦିରେ ଥିବା ନାଳଗୁଡିକ ସଫାସୁତୁରା ନ ହେବାରୁ ଆଗକୁ ବର୍ଷା ଋତୁ ଆସୁଥିବାରୁ ପାଣି ନିଷ୍କାସନ ନ ହୋଇ ରାସ୍ତା ଉପରେ ବହିବା ଆଶଙ୍କା ପ୍ରକାଶ କରାଯାଉଛି। ଅନ୍ୟପଟେ ସରବାହାଲ ରେଳ ଫାଟକରୁ ବବୁଆ ଗ୍ୟାରେଜ ପର୍ଯ୍ୟନ୍ତ ନାଳ ମଇଳା ଅବର୍ଜନାରେ ଭର୍ତ୍ତି ହୋଇଛି। ନାଳ ଦୀର୍ଘ ବର୍ଷ ସଫାସୁତୁରା ହେଉ ନ ଥିବା ପରିଲକ୍ଷିତ ହେଉଛି। ଆଗାମୀ ୧୫ ଦିନ ଭିତରେ ନାଳ ନର୍ଦ୍ଦମା ସଫାସୁତୁରା ରଖିବା ପାଇଁ ଚର୍ଚ୍ଚା ହେଉଥିବା ବେଳେ ପରିମଳ ବ୍ୟବସ୍ଥା ଉପରେ ପୌର ପରିଷଦ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ସରବାହାଲବାସୀ ଦୀର୍ଘ ଦିନରୁ ଦାବି କରୁଛନ୍ତି।

# ୧୧ତମ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ ପାଳିତ

**ଝାରସୁଗୁଡ଼ା,୧୭।୬(ସଞ୍ଜୟ ମାଲି)**

ଝାରସୁଗୁଡା କାପୁମାଳସ୍ଥିତ ଗଣ୍ଡୱାନା ଭବନଠାରେ ୧୧ତମ ଆର୍ଟ ଅଫ ଗିଭିଂ ସମାରୋହ ଜିଲା ଛାତ୍ର ସାମୁକ୍ଷ୍ୟର ସଂଯୋଜକ ଅସୀମ ପଟେଲଙ୍କ ସଂଯୋଜନାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ତପନ କୁମାର ବାରିକ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ, ଅଧ୍ୟାପକ ସାମାଜିକ କର୍ମୀ ଅଜୁ ବାରିକ, ଧର୍ମା ଫାଉନଣ୍ଡେଶନ ସଭାପତି ରକ୍ଷାକର ପ୍ରଧାନ ଅନୁପମ ଓ ରାଜ୍ୟ ଗୋଣ୍ଡ ମହାସଭା ସଭାପତି ମହେନ୍ଦ୍ର ନାୟକ ମଞ୍ଚାସୀନ ଥିଲେ। ସର୍ବ ପ୍ରଥମେ କିସର ସଂଯୋଜକ ରତ୍ନାକର ପ୍ରଧାନ ଆର୍ଟ ଅଫ ଗିଭିଂ ଉଦ୍ଦେଶ୍ୟ ଓ ଏହାର ଅଭିପ୍ରାୟ ଉପରେ ବ୍ୟକ୍ତବ୍ୟ ରଖି କହିଥିଲେ ଆର୍ଟ ଅଫ ଗିଭିଂ ଏକ ଦର୍ଶନ ଅଟେ। ଏହି ଦର୍ଶନ ଉପରେ ସର୍ବାଗ୍ରେ କିସ ଓ କିଟ ର ପ୍ରତିଷ୍ଠାତା ଡା. ଅଚ୍ୟୁତ ସାମନ୍ତ ୧୭ ଜୁନ ୨୦୧୩ରେ ଏକ ନୂତନ ବାର୍ତ୍ତା ସମାଜରେ ଆଣିବା ପାଇଁ ଓ ପରସ୍ପରକୁ ସାହାଯ୍ୟ, ସହଯୋଗ, ଶାନ୍ତି, ମୈତ୍ରୀ ତଥା ସୌହାଦ୍ୟ ବାଣ୍ଟିବା ପାଇଁ ଅଭିନବ ପ୍ରୟାସ କରିଥିଲେ। ଆଜି ଆର୍ଟ ଅଫ ଗିଭିଂ ୧୨୦ ଦେଶରେ ପାଳନ କରାଯାଉଛି ଏବଂ ୨ କୋଟିରୁ ଉର୍ଦ୍ଧ୍ୱ ଜନସାଧାରଣ ଏହି ସମାରୋହରେ ସାମିଲ ହୋଇଛନ୍ତି। ଏହାପରେ ଅତିଥିଗଣ ଆର୍ଟ ଅଫ୍ ଗିଭିଂ ଉପରେ ନିଜର ଅନୁଭୂତି ବ୍ୟକ୍ତ କରିଥିଲେ ଓ ସାମନ୍ତଙ୍କ ଅନୁଚିନ୍ତା ପ୍ରସଂସା କରିଥିଲେ। ଏହାପରେ ଉପସ୍ଥିତ ଛାତ୍ରୀଛାତ୍ର, ଅଭିଭାବକ, ମାତୃଶକ୍ତି ଓ ଜନସାଧାରଣଙ୍କୁ ମିଷ୍ଟାନ ବଣ୍ଟନ ଓ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକ୍ରମ ପ୍ରଦାନ କରାଯାଇଥିଲା। ସମାରୋହରେ ସଫଳ କରିବା ପାଇଁ ମାଧବ ସିଂ ନାୟକ, ଅଶୋକ ମାଝି, ବିନୋଦ ବିହାରୀ ବାଗ, ବାସୁଦେବ ଧୁରୁଆ, ଜିତେନ୍ଦ୍ରୀୟ ଧୁରୁଆ, ଧର୍ମେନ୍ଦ୍ର କିସାନ, ସମ୍ବାରୁ ଲାକଡା, ସଚିନ ବରୁଆ ଓ ମୋହନ ପିଙ୍ଗ ଉପସ୍ଥିତ ଥିବା ବେଳେ କିସ ଅନୁଷ୍ଠାନ ପକ୍ଷରୁ ସଞ୍ଜିବ କିଶାନ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ରମାନେ।

# ଚଢେଇମରା, ସଂଘାପଶି ଗ୍ରାମରେ ହାତୀପଲର ଉପଦ୍ରବ

**ଦେବଗଡ଼,୧୭।୬
(ଶଶାଙ୍କ ଶେଖର ଝାଙ୍କର)**



ଦେବଗଡ଼ ଜିଲା ରିଆମାଳ ବନାଞ୍ଚଳ କୁଣ୍ଢେଇଗୋଲା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଚଢେଇମରା ଗ୍ରାମପଞ୍ଚାୟତ ସଦର ମହକୁମା ସମେତ ଉକ୍ତ ପଞ୍ଚାୟତ ସଂଘାପଶି ଗ୍ରାମରେ ୧୨ଟିକିଆ ହାତୀ ପଲର ବ୍ୟାପକ କ୍ଷୟକ୍ଷତି ଘଟିଛି। ସୂଚନା ଅନୁଯାୟୀ ସଂଘାପଶି ଜଙ୍ଗଲ ମଧ୍ୟରୁ ୧୨ଟି ହାତୀର ଏକ ଦଳ ସଂଘାପଶି ଗ୍ରାମରେ ପଶି ଉକ୍ତ ଗ୍ରାମର ପଦ ସାହୁଙ୍କ ଘର କାନ୍ଥ ଭାଙ୍ଗିବା ସହ ଘର ଭିତରେ ଥିବା ୬ ବସ୍ତା ଧାନ ଖାଇଦେଇଥିଲେ। ସେହିପରି ବହୁ ଆସବାବପତ୍ର ମଧ୍ୟ ମାଡିଦେଲି ନଷ୍ଟ କରିଥିଲେ। ସେହିପରି ଚଢେଇମରା ଗ୍ରାମର ନିର୍ମଳ ସାହୁଙ୍କ ଘର କାନ୍ଥ ମଧ୍ୟ ଭାଙ୍ଗି ଦେଇଥିବା ଜଣାପଡିଛି। ଏ ନେଇ ସୂଚନା ଦେବା ପାଇଁ କୁଣ୍ଢେଇଗୋଲା ଫରେଷ୍ଟରଙ୍କୁ ଫୋନ କରିଥିଲେ ମଧ୍ୟ ସେ କଲ ରିସିଭ ନ କରିବାରୁ ଗ୍ରାମବାସୀ ମିଳିତ ଭାବେ ହାତୀପଲ ଜଙ୍ଗଲକୁ ଘଉଡାଇଥିଲେ। ତେବେ ଉକ୍ତ ହାତୀପଲ ଏବେ ମଧ୍ୟ ନିକଟସ୍ଥ ସଂଘାପଶି ଜଙ୍ଗଲରେ ରହିଥିବାରୁ ଗାଁକୁ ଫେରିବାର ଆଶଙ୍କା କରି ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏ ସମ୍ପର୍କରେ ମତାମତ ପାଇଁ କୁଣ୍ଢେଇଗୋଲା ଫରେଷ୍ଟର ତପନ କୁମାର ନାୟକଙ୍କୁ ଯୋଗାଯୋଗ କରିଥିଲେ ହେଁ ସମ୍ଭବ ହୋଇନାହିଁ। ରିଆମାଳ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧରୁଆଙ୍କ ମତାମତ ଲୋଡିବାରୁ ସେ ଏକଥାକୁ ସ୍ୱୀକାର କରିବା ସହ ରବିବାର ମଧ୍ୟ ଉପରୋକ୍ତ ହାତୀପଲ ଚଢେଇମରା ଗ୍ରାମର ଦେବଦତ ପ୍ରଧାନ, ସବିତା ପ୍ରଧାନ ଓ ସଂଘାପଶି ଗ୍ରାମର ହାଡିବନ୍ଧୁ ସେଠୀଙ୍କ ଘର କାନ୍ଥ ଭାଙ୍ଗିବା ସହ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ପ୍ରକାଶ କରିଛନ୍ତି। ସେହିପରି ଉକ୍ତ ହାତୀ ପଲକୁ ଜଙ୍ଗଲ ମଧ୍ୟକୁ ଘଉଡାଇବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା ପ୍ରକାଶ କରିଛନ୍ତି।

**ଶକ୍ତି ଦକ୍ଷତା ବ୍ୟୁରୋ**
(ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ବୈଧାନିକ ନିକାୟ)
୪ର୍ଥ ମହଲା, ସେବା ଭବନ, ଆର୍.କେ. ପୁରମ୍, ନୂଆଦିଲ୍ଲୀ - ୧୧୦୦୬୬
ୱେବ୍‌ସାଇଟ୍: www.beeindia.gov.in, ଫୋନ୍: ୦୧୧-୨୬୭୬୬୭୦୦
LiFE Lifestyle for Environment

**ଶକ୍ତି ପ୍ରବନ୍ଧକ ଏବଂ ଶକ୍ତି ସମୀକ୍ଷକଙ୍କ ପାଇଁ ୨୪ତମ ଜାତୀୟ ପ୍ରମାଣନ ପରୀକ୍ଷା ୨୮ ଓ ୨୯ ସେପ୍ଟେମ୍ବର, ୨୦୨୪**

ଶକ୍ତି ଦକ୍ଷତା ବ୍ୟୁରୋ ଶକ୍ତି ପ୍ରବନ୍ଧକ ଏବଂ ଶକ୍ତି ସମୀକ୍ଷକଙ୍କ ପାଇଁ **୨୮ ଓ ୨୯ ସେପ୍ଟେମ୍ବର, ୨୦୨୪** (ଶନିବାର ଓ ରବିବାର) ଦିନ ୨୪ତମ ଜାତୀୟ ପ୍ରମାଣନ ପରୀକ୍ଷା ଆୟୋଜନ କରିବେ।
ବିବରଣ ପୁସ୍ତିକାକୁ **www.aipnpc.org**ରୁ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ ଡାଉନ୍‌ଲୋଡ୍ କରାଯାଇପାରିବ। ଉପରୋକ୍ତ ୱେବ୍‌ସାଇଟ୍‌ର ଲିଙ୍କ୍ **www.beeindia.gov.in**ରେ ମଧ୍ୟ ଉପଲବ୍ଧ।
ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ: ୧ ଜୁଲାଇ, ୨୦୨୪, ୧୭.୦୦ ଘଟିକାରେ
ଅନ୍‌ଲାଇନ୍ ପଞ୍ଜୀକରଣ ସମାପ୍ତି: ୩୧ ଜୁଲାଇ, ୨୦୨୪, ୨୩.୫୯ ଘଟିକାରେ।
CBC 34106/12/0004/2425 (ସଚିବ)

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା: ଯୁବକଙ୍କ ମୃତ୍ୟୁ

ଥୁଆମୂଳ ରାମପୁର,୧୭।୬ (ଦୁର୍ଗା କୀର୍ତ୍ତି): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ କର୍ଲାପାଟ ଥାନା ଅଞ୍ଚଳରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସିଲେଟ ପଞ୍ଚାୟତ ସେମିଖାଲ ଗ୍ରାମର ସାନି ମାଝି। ସୂଚନାକ୍ରମେ ସାନି ବାଇକ୍‌ରେ ଭବାନୀପାଟଣା ଯାଉଥିବା ସମୟରେ କର୍ଲାପାଟ ଥାନା ପେରମଞ୍ଜି ଗ୍ରାମ ଶ୍ମଶାନ ପାଖରେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ବିଦ୍ୟୁତ୍ ଖୁଣ୍ଟରେ ଜୋରରେ ଧକ୍କା ଦେଇଥିଲେ। ଫଳରେ ବାଇକ୍‌ରୁ ଛିଟିକିପଡ଼ି ତାଙ୍କର ମୃତ୍ୟୁ ଘଟିଥାଇପାରେ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। କର୍ଲାପାଟ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି।

### ଟ୍ରେନ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

କୋକସରା,୧୭।୬ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ): କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡ଼ଙ୍ଗା ଗ୍ରାମର ସିଦ୍ଧେଶ୍ୱର ନାଏକ (୩୦) ପେଟପାଟଣା ପାଇଁ ପୁରୀ ଜିଲା ସାକ୍ଷୀଗୋପାଳ ଓ ଚନ୍ଦନପୁର ନିକଟରେ ଥିବା ଏକ ରାଇସ ମିଲରେ ଶ୍ରମିକ ଭାବେ ନିୟୋଜିତ ରହିଥିଲେ। ସାଥୀ ଶ୍ରମିକଙ୍କ କହିବା ଅନୁଯାୟୀ ସୋମବାର ଭୋର ସମୟରେ ସେ ନିକଟସ୍ଥ ରେଲଲାଇନ ନିକଟକୁ ଶୌଚ ପାଇଁ ଯାଇଥିବା ସମୟରେ କୌଣସି ଟ୍ରେନ୍ ଧକ୍କାରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବର ପାଇ ଜିଆର୍‌ପି ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଥିଲା। ମିଲ ମାଲିକଙ୍କ ସହାୟତାରେ ଏକ ଆମ୍ବୁଲାନ୍ସ ଯୋଗେ ଯୁବକଙ୍କ ମୃତଦେହ ଗାଁକୁ ଆସୁଥିବା ସୂଚନା ମିଳିଛି।

### ବିଷ ପିଇ ବିବାହିତ ଯୁବକଙ୍କ ଆତ୍ମହତ୍ୟା

କୋକସରା,୧୭।୬ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ): କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ରେଙ୍ଗାଲପାଲି ପଞ୍ଚାୟତ ପାଣିଗାଁ ଶବରପଡ଼ାର ଜଣେ ବିବାହିତ ଯୁବକ ବିଷପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ କୃଷ୍ଣଚନ୍ଦ୍ର ଶବର(୪୮)। ସୂଚନାକ୍ରମେ କୃଷ୍ଣଚନ୍ଦ୍ର ରବିବାର ରାତିରେ କୌଣସି କାରଣରୁ ଘାସ ମାରିବା ପାଇଁ ବ୍ୟବହାର ହେଉଥିବା ବିଷ ପାନ କରି ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୪) ରୁଜୁ କରିବା ସହ ପରିବାର ଲୋକଙ୍କୁ ପଚରାଉଚରା କରିଛି। ତେବେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଖେଳପଡିଆ ଉନ୍ନତି ନାଁରେ ଦୁର୍ନୀତି

ଖଡ଼ିଆଲ,୧୭।୬(ସୁଜିତ କୁମାର ପ୍ରଧାନ): ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଖେଳ ପଡିଆ ଉନ୍ନତୀକରଣ ନାଁରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଚିନ୍ଦାଗୁଡ଼ା ଗାଁରେ ୨୦୨୩-୨୪ ଆର୍ଥିକ ବର୍ଷରେ ବୈଦେହି ସାଗରସ୍ଥିତ ଖେଳପଡିଆ ଉନ୍ନତୀକରଣ ସାଙ୍ଗକୁ ଷ୍ଟେଜ ନିର୍ମାଣ ପାଇଁ ପାଞ୍ଚଲକ୍ଷ ଟଙ୍କା ଅଟକଳରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଏଥିରେ ନିମ୍ନମାନର କାମ କରାଯାଇ ଟଙ୍କା ଆତ୍ମସାତ୍ ହୋଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇଛି।

### ନାବାଳିକା ଅପହରଣ ମାମଲାରେ ଯୁବକ ଗିରଫ

ଗୋଲାମୁଣ୍ଡା,୧୭।୬(ବଟ କୃଷ୍ଣ ପଣ୍ଡା): କଳାହାଣ୍ଡି ଜଲା ଗୋଲାମୁଣ୍ଡା ଥାନା ଅଞ୍ଚଳରେ ଗତ ମାସ ୪ ତାରିଖରେ ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗିରିଧର ପାରି(୨୨)। ଘଟଣା ନେଇ ନାବାଳିକାଙ୍କ ପରିବାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୭୪/୨୪) ରୁଜୁକରି ତଦନ୍ତ ଚଳାଇଥିଲା। ଉଭୟଙ୍କୁ ଡାକ୍ତରୀ ମାଇନା କରିବା ପରେ ଗିରିଧରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଗୋଲାମୁଣ୍ଡା ଏସ୍‌ଆଇ ରାଜେଶ ପରିଡା ସୂଚନା ଦେଇଛନ୍ତି।

# ମୌସୁମୀର ଲୁଚକାଳି ଖେଳ, ଚାଷକାର୍ଯ୍ୟ ବିଳମ୍ବ

ଭବାନୀପାଟଣା,୧୭।୬ (ଉତ୍ତମ କୁମାର ଦାଶ)


ଜଣେ ଚାଷୀ ନିଜ ଜମିରେ ହଳ କରୁଛନ୍ତି।

ଓଡ଼ିଆ ପାଞ୍ଜି ମୁତାବକ ଏବେ ରଜ ସଂକ୍ରାନ୍ତି ଶେଷ ହୋଇ ମିଥୁନ ଲାଗିଛି। ଆଉ ମିଥୁନରେ ମୁଷଳ ଧାରାରେ ବର୍ଷା ହେବା କଥା। କିନ୍ତୁ ଆକାଶରେ କଳାହାଣ୍ଡିଆ ମେଘ ଦେଖାଯାଉଥିଲେ ବି ବର୍ଷାର ଦେଖାନାହିଁ । ଓଡ଼ିଶାରେ ମୌସୁମୀ ଛୁଇଁଥିଲେ ବି କଳାହାଣ୍ଡିରେ ମୌସୁମୀ ଲୁଚକାଳି ଖେଳୁଛି। ଫଳରେ ଖରିଫ ଚାଷ କାମ ଆଗେଇପାରୁ ନ ଥିବାରୁ ସ୍ଥାନୀୟ ଚାଷୀ ଏବେ ଚିନ୍ତାରେ ରହିଛନ୍ତି। କଳାହାଣ୍ଡିରେ ଜୁନ ମାସର ମଧ୍ୟ ଭାଗ ବେଳକୁ ଚାଷୀମାନେ ଧାନ ବୁଣାବୁଣି ସାଙ୍ଗକୁ ତଳି ପକାଇ ରୁଆ ବେଉଷଣ ପାଇଁ ଜମି ପ୍ରସ୍ତୁତ କରିଥାନ୍ତି। ହେଲେ ଚଳିତବର୍ଷ ମୌସୁମୀର ଲୁଚକାଳି ଖେଳ ଯୋଗୁ ଧାନ ବୁଣାବୁଣି ତ ଦୂରର କଥା ନିଜ ଜମିକୁ ବି ପ୍ରସ୍ତୁତ କରିପାରୁ ନାହିଁ ଚାଷୀ। ଫଳରେ ଚାଷକୁ ନେଇ ଏବେ ଆଶଙ୍କାରେ ରହିଛି ଚାଷୀ। ଜୁନ ମାସରେ ମଧ୍ୟ ପ୍ରବଳ ଖରା ଜାରି ରହିଥିବାରୁ ଚାଷ ଜମିଗୁଡିକ ଶୁଖିଯାଇଛି। ହେଲେ କାଳେ ବର୍ଷା ହେବ ଭାବି ଚାଷୀମାନେ ଶୁଖା ଜମିରେ ଏବେ ହଳ ଲଙ୍ଗଳ, ଟ୍ରାକ୍ଟର ସାହାଯ୍ୟରେ କ୍ଷେତ ଚଷୁଥିବା ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡର ଗୋଲାମୁଣ୍ଡା ଓ ଧର୍ମଗଡ ବ୍ଲକର ଦଣ୍ଡପାଟ ଅଞ୍ଚଳ, କୋକସରା ଓ ଜୁନାଗଡ଼ ବ୍ଲକର ଅଣ ଜଳସେଚିତ ଅଞ୍ଚଳରେ ପାଖାପାଖି ୬୦ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥାଏ। ଜଳ ସେଚନ ସୁବିଧା ନ ଥିବାରୁ ଏମାନେ ମୌସୁମୀ ବର୍ଷା ଉପରେ ନିର୍ଭର କରନ୍ତି। ହେଲେ ଚଳିତବର୍ଷ ମୋସୁମୀ ବର୍ଷା ବିଳମ୍ବ ଯୋଗୁ ଚାଷୀମାନେ ଚିନ୍ତାରେ ରହିଛନ୍ତି।

# ଶିକ୍ଷା କ୍ଷେତ୍ରରେ ଆସିବ ସଂସ୍କାର


ଜୁନାଗଡ଼ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।

ଭବାନୀପାଟଣା,୧୭।୬ (ଉତ୍ତମ କୁମାର ଦାଶ)

**ଗଣଶିକ୍ଷା ମନ୍ତ୍ରୀଙ୍କ କଳାହାଣ୍ଡି ଜିଲା ଗସ୍ତ**

କଳାହାଣ୍ଡି ଜିଲା ଗସ୍ତରେ ପ୍ରଥମଥର ପାଇଁ ସୋମବାର ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆସିଥିଲେ। ଏହି ଅବସରରେ ସେ ପ୍ରଥମେ କୋକସରା ପରେ ଜୁନାଗଡ଼ ଓ ଭବାନୀପାଟଣା ପରିଦର୍ଶନ କରିଛନ୍ତି। ମନ୍ତ୍ରୀ ଗଣ୍ଡ ଜୁନାଗଡ଼ଠାରେ ପହଞ୍ଚିବା ପରେ ତାଙ୍କୁ ଦଳୀୟ କାର୍ଯ୍ୟକର୍ତ୍ତା ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ସ୍ଥାନୀୟ ଅଗ୍ରସେନ ଭବନଠାରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ବିଭିନ୍ନ ଶିକ୍ଷକ ସଂଘ, ସ୍କୁଲ କମିଟି, ସାମ୍ବାଦିକ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ମନ୍ତ୍ରୀ ଗଣ୍ଡ ପୂର୍ବ ବିଜେଡି ସରକାର ଉପରେ ବର୍ଷିଥିଲେ। ଦୀର୍ଘବର୍ଷ ଧରି ଶାସନରେ ବସିଥିବା ବିଜେଡି ସରକାର ଶିକ୍ଷାକୁ ଅବହେଳିତ କରିଆସିଛି । ବର୍ତ୍ତମାନ ରାଜ୍ୟରେ ଭାଜପା ସରକାର ଆସିଛି। କିପରି ଶିକ୍ଷାର ମାନ ବୃଦ୍ଧି ହେବ, ଶିକ୍ଷା କ୍ଷେତ୍ରରେ କିଭଳି ସଂସ୍କାର ଆସିବ ସେ ନେଇ ତର୍ଜମା କରାଯିବ। ପ୍ରତିଟି କାର୍ଯ୍ୟକୁ ତର୍ଜମା କରିବୁ ଓ ଉଚିତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ। ଏହି ସମୟରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ନଗରପାଳ ମୁକେଶ ଅଗ୍ରୱାଲ, ବିଧାୟକ ପ୍ରାର୍ଥୀ ମନୋଜ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ଭବାନୀପାଟଣା ସର୍କିଟ ଭବନଠାରେ ଏକ ବୈଠକରେ ଯୋଗଦେଇଥିଲେ। ଏହି ସମୟରେ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀଙ୍କ ସମେତ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାର, ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ତଦନ୍ତ କରି ପଦକ୍ଷେପ ନିଆଯିବ: ମନ୍ତ୍ରୀ

ଭବାନୀପାଟଣା,୧୭।୬ (ଉତ୍ତମ କୁମାର ଦାଶ)

**ଅବସର ପରେ ବି ଶିକ୍ଷକଙ୍କୁ ମିଳୁନି ସମ୍ପୂର୍ଣ୍ଣ ପେନ୍‌ସନ ଘଟଣା**

କଳାହାଣ୍ଡି ଜିଲା ଶିକ୍ଷା ବିଭାଗରେ କାର୍ଯ୍ୟରତ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ଅବସର ନେବାର ଦୀର୍ଘଦିନ ପରେ ବି ସମ୍ପୂର୍ଣ୍ଣ ପେନ୍‌ସନ୍ ମିଳୁ ନ ଥିବା ଅଭିଯୋଗ ହୋଇଥିଲା। ବାରମ୍ବାର ଅବସରପ୍ରାପ୍ତ ଶିକ୍ଷକମାନେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡୁଥିବାବେଳେ ସୁଫଳ ନ ପାଇନାହାନ୍ତି। ଏହାକୁ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ସୋମବାର ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କଳାହାଣ୍ଡି ଜିଲା ଜୁନାଗଡକୁ ଆସିଥିବାବେଳେ ମିଳିତ ଶିକ୍ଷକ ମଞ୍ଚ ପକ୍ଷରୁ ଏହାକୁ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ମନ୍ତ୍ରୀ ଏହାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ। ପ୍ରକାଶ ଯେ, କଳାହାଣ୍ଡି ଜିଲାର ଭବାନୀପାଟଣା ସଦର ବ୍ଲକରେ ୯୯ଜଣ ଅବସରପ୍ରାପ୍ତ ଶିକ୍ଷକ ସମ୍ପୂର୍ଣ୍ଣ ପେନ୍‌ସନ ପାଇ ନ ଥିବା ଜଣାପଡିଛି। ସେହିପରି ଜିଲାର କେସିଙ୍ଗା ବ୍ଲକର ୫୧, ନର୍ଲା ବ୍ଲକର ୧୪,ଏମ୍ ରାମପୁର ବ୍ଲକର ୯, କର୍ଲାମୁଣ୍ଡା ଓ ଲାଞ୍ଜିଗଡ ବ୍ଲକର ୧୭, ଥୁଆମୂଳ ରାମପୁର ବ୍ଲକର ୯, ଜୁନାଗଡ ବ୍ଲକର ୨୬, କଲମପୁର ବ୍ଲକର ୨୧, ଧର୍ମଗଡ ବ୍ଲକର ୧୬ ଓ ଗୋଲାମୁଣ୍ଡା ବ୍ଲକର ୯ ଜଣ ଓ ଅବଶିଷ୍ଟ ଜୟପାଟଣା ଓ କୋକସରା ବ୍ଲକକୁ ମିଶାଇ ମୋଟ ୩୩୪ ଜଣ ଶିକ୍ଷକ ଅବସର ପରେ ମଧ୍ୟ ସମ୍ପୂର୍ଣ୍ଣ ବା ନିୟମିତ ପେନ୍‌ସନ ପାଇନାହାନ୍ତି।

### ସରିଲା ଗ୍ରୀଷ୍ମ ଅବକାଶ, ଆଜିଠୁ କଳାହାଣ୍ଡିରେ ଖୋଲିବ ସ୍କୁଲ

ଭବାନୀପାଟଣା,୧୭।୬(ଉତ୍ତମ କୁମାର ଦାଶ): ସରିଲା ଗ୍ରୀଷ୍ମ ଅବକାଶ। ମଙ୍ଗଳବାର କଳାହାଣ୍ଡି ଜିଲାରେ ଖୋଲିବ ସ୍କୁଲ। ସକାଳ ୬ଟା୩୦ରୁ ୧୦ଟା୩୦ ପର୍ଯ୍ୟନ୍ତ ପାଠପଢ଼ା ଚାଲୁ ରହିବ। ଏ ନେଇ କଳାହାଣ୍ଡି ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ ଚୋପଦାର ଏକ ପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି।

## ଦାବି ପୂରଣ ନ ହେଲେ ଆନ୍ଦୋଳନ ନିଷ୍ପତ୍ତି

**ଜିଲା ୱାର୍ଡମେମ୍ବର ସଂଘ ବୈଠକ**

ରୂପ୍ରାରୋଡ୍,୧୭।୬(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ୱାର୍ଡ ମେମ୍ବର ସଂଘର ଏକ ବୈଠକ ନର୍ଲା ବ୍ଲକ୍ ଅସୁରଗଡ଼ସ୍ଥିତ ଆମ୍ବତୋଟାଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଭାପତି ମାର୍କଣ୍ଡ ଜାଲ, ସମ୍ପାଦକ ହରିହର ଭୋଇ, ଧର୍ମଗଡ଼ ଉପଖଣ୍ଡ ସଭାପତି ଦିଗମ୍ବର ବେମାଲ, ଜୟପାଟଣା ବ୍ଲକ୍ ସଭାପତି ସୁବାସ ଦାସ, ଜୁନାଗଡ଼ ବ୍ଲକ୍ ସଭାପତି ଚନ୍ଦ୍ରଶେଖର କର, କେସିଙ୍ଗା ବ୍ଲକ୍ ସଭାପତି ଆଲୋକ ରଞ୍ଜନ ତାଣ୍ଡି, ୱାର୍ଡମେମ୍ବର ଶିବ ପ୍ରସାଦ ରଣା, ପୀତବାସ ଖାଡ଼ଙ୍ଗା ପ୍ରମୁଖ ମଞ୍ଚାସୀନ ହୋଇ ସଂଘର ବିଭିନ୍ନ ଦାବି ଉପରେ ଆଲୋକପାତ କରିଥିଲେ। ମାସିକ ଭତ୍ତା ୪୮୦ରୁ ୬୦୦୦ ଟଙ୍କାକୁ ବୃଦ୍ଧି, ଅବସରକାଳୀନ ଭତ୍ତା ବାବଦରେ ମାସିକ ୨ହଜାର ଟଙ୍କା ପ୍ରଦାନ ସହ କାର୍ଯ୍ୟରତ ସମୟରେ ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ୧୦ଲକ୍ଷ ଟଙ୍କା ଦେବାକୁ ସଂଘ ଦାବି କରିଛି। ପଞ୍ଚାୟତର ସମସ୍ତ ଉନ୍ନୟନ କାର୍ଯ୍ୟରେ ୱାର୍ଡମେମ୍ବରଙ୍କୁ ମଧ୍ୟ ସାମିଲ କରାଯାଉ ବୋଲି ରାଜ୍ୟ ସରକାରଙ୍କ ପାଖରେ ଦାବି କରାଯାଇଛି। ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ଆନ୍ଦୋଳନ ଜୋର୍‌ଦାର କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ଜିଲା ସଭାପତି ଭାବେ ମାର୍କଣ୍ଡ ଜାଲ, ସମ୍ପାଦକ ରୂପେ ରାଜେନ୍ଦ୍ର ରଅଁତିଙ୍କୁ ମନୋନୀତ କରାଯାଇଥିଲା। ଏଥିରେ କଳାହାଣ୍ଡି ଜିଲାର ସମସ୍ତ ବ୍ଲକ୍‌ର ୱାର୍ଡମେମ୍ବର ଯୋଗଦାନ କରିଥିଲେ।

## ମାଣ୍ଡିଆ ଚାଷ ପାଇଁ ସଚେତନତା ବୈଠକ

କର୍ଲାମୁଣ୍ଡା,୧୭।୬(ପ୍ରଦୀପ କୁମାର ସାହୁ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କର୍ଲାମୁଣ୍ଡା ବସ୍ତି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଓଡିଶା ମିଲେଟ ମିଶନ ପ୍ରକଳ୍ପ ପକ୍ଷରୁ ମାଣ୍ଡିଆ ଚାଷ ପାଇଁ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର ୧୬ଜଣ ଅଗ୍ରଣୀ ଚାଷୀ ଯୋଗଦେଇଥିଲେ। ଅତିରିକ୍ତ ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ କୁମାର ସାହୁ ଯୋଗଦେଇ ମାଣ୍ଡିଆ ଚାଷର ବିଭିନ୍ନ ପଦ୍ଧତି, ସରକାରୀ ସହାୟତା, ମଣ୍ଡି ବ୍ୟବସ୍ଥା ତଥା ଖାଦ୍ୟ ରୂପେ ବ୍ୟବହାରର ଉପକାରିତା ଉପରେ ଆଲୋଚନା କରିଥିଲେ।

# ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ


ଖଡ଼ିଆଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ଖଡ଼ିଆଲ,୧୭।୬ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଲ ଉତ୍କଳ ବାଳାଶ୍ରମଠାରେ କିସ୍ ଓ କିଟ୍ ପକ୍ଷରୁ ୧୧ତମ ଆନ୍ତର୍ଜାତିକ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଲ ବିଡିଓ ବୀରସେନ ବେହେରା ମୁଖ୍ୟଅତିଥି ଓ ଜିଲା ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷ ଡ଼. ଫଣିନ୍ଦମ ସିଂଦେଓ, ଖଡ଼ିଆଲ କଲେଜ ଅଧ୍ୟକ୍ଷ ଡ଼. ତରୁଣ କୁମାର ପ୍ରଧାନ, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, ଖଡ଼ିଆଲ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମୀନା ଅଗ୍ରୱାଲ, ବାଳାଶ୍ରମ ପରିଚାଳିକା ଅର୍ଚ୍ଚନା ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଆର୍ଟ ଅଫ ଗିଭିଂ ମାଧ୍ୟମରେ ଅନ୍ୟ ଲୋକଙ୍କୁ ସାହାଯ୍ୟ କରିବା କଳାକୁ ଉପସ୍ଥିତ ଅତିଥିଭାବେ ବେଶ ପ୍ରଶଂସା କରିଥିଲେ। ଏହି ଅବସରରେ ଖଡ଼ିଆଲ ଉତ୍କଳ ବାଳାଶ୍ରମ ଅନ୍ତେବାସୀଙ୍କୁ ଖାଦ୍ୟ ସାମଗ୍ରୀ ସହ ପାଠ୍ୟଉପକରଣ ବଣ୍ଟନ କରାଯାଇଛି। କିସ ସଂଯୋଜକ ମନୋଜ ମାଝି ଆର୍ଟ ଅଫ ଗିଭିଂ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ କିସର ପୂର୍ବତନ ଛାତ୍ର ହେମସିଂ ମାଝି ଧନ୍ୟବାଦ ଦେଇଥିଲେ।

**ଥୁଆମୂଳ ରାମପୁର (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ପଞ୍ଚାୟତ ସମିତି ସଭା ଗୃହଠାରେ ଆର୍ଟ ଅଫ ଗିଭିଂର ୧୧ଶ ଆନ୍ତର୍ଜାତୀୟ ଦିବସ ପାଳିତ ହୋଇଯାଇଛି। ବ୍ଲକ ସଂଯୋଜକଙ୍କ ଦୁଷ୍ମନ୍ତ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଥୁଆମୂଳ ରାମପୁର ଏମ୍‌ଏମ୍‌ପିଏସ୍ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା ମୁଖ୍ୟଅତିଥି ଓ ଥୁଆମୂଳ ରାମପୁର ସରପଞ୍ଚ ବିଜୟା ମାଝି, କର୍ଲାପାଟ ସରପଞ୍ଚ ବିଶ୍ୱନାଥ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆର୍ଟ ଅଫ ଗିଭିଂର ଉଜ୍ଜ୍ୱଳ ଉଦାହରଣ ଦେଇଥିଲେ। କାର୍ଯ୍ୟକ୍ରମରେ ଆଦିବାସୀ ସଂଘର କର୍ମକର୍ତ୍ତା ସନାତନ ମାଝି, ଘାସିରାମ ମାଝି, କ୍ରିଷ୍ଣା ମାଝି ପ୍ରମୁଖ ଯୋଗଦେଇଥିଲେ। ସରସ୍ୱତୀ ସ୍ୱରେନ ସଭା ପରିଚଳନା କରିଥିଲେ।

**ରୂପ୍ରାରୋଡ୍ (ସଞ୍ଜୀବ ଦାସ):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ସମ୍ମିଳନୀ କକ୍ଷଠାରେ ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରେରଣାରେ ଆର୍ଟ ଅଫ୍ ଗିଭିଂ ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନର୍ଲା ବ୍ଲକ୍ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି ମୁଖ୍ୟ ଅତିଥି ଓ ବୈଦ୍ୟରାଜ ପବିତ୍ର ଶବର, ଶିକ୍ଷାବିତ୍ ଜିତେନ୍ଦ୍ର କୁମାର ବିଶ୍ୱାଳ, ପୂର୍ବତନ ଜିଲା ପରିଷଦ ରୀନା ଭୋଇ, ଯୁବ ସ୍ୱେଚ୍ଛାସେବୀ ପ୍ରକାଶ ଚନ୍ଦ୍ର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକ୍‌ରେ ନିଃସ୍ୱାର୍ଥ ସେବା ପ୍ରଦାନ କରୁଥିବା ମିଳନ କୁମାର ଭୋଇଙ୍କ ସମେତ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କଳାହାଣ୍ଡି କିସ୍‌ର ଶିକ୍ଷକ ଚୁକୁଲାଲ ଶବର ଓ କ୍ଷୀରସିନ୍ଧୁ ସାହୁ ପରିଚାଳନା କରିଥିଲେ। ମଶାଣିବନ୍ଧ ସ୍କୁଲର କ୍ରୀଡ଼ା ଶିକ୍ଷକ ଅଜିତ କୁମାର ନାଏକ, କିସ୍‌ର ପୂର୍ବତନ ଛାତ୍ର ଗୋପୀନାଥ ଶବର, ଅଭିଭାବକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଜଳନ୍ଧର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**କୋକସରା (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକର ଆମପାଣି ଠାରେ ଭୁବନେଶ୍ୱର କିଟ୍ ଓ କିସ୍ ପକ୍ଷରୁ ଆର୍ଟ ଅଫ ଗିଭିଂ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଦିବାସୀ ସଂଘ ସମ୍ପାଦକ ରତ୍ନତାଜ ମାଝି ମୁଖ୍ୟଅତିଥି, ସଂଘର ବରିଷ୍ଠ କର୍ମକର୍ତ୍ତା ନୀଳକଣ୍ଠ ମାଝି ମୁଖ୍ୟ ବକ୍ତା ଓ ବଞ୍ଜାରା ସମାଜର ଜିଲା ସଭାପତି ଯଶୋବନ୍ତ ନାଏକ, ସମ୍ପାଦକ ବୁଦ୍ଧିରାମ ନାଏକ, ହଲବା ସମାଜ ସଭାପତି ସହଦେ ନେଗି, ଦ୍ରୋଣାଚାର୍ଯ୍ୟ ପୂଜାରୀ, ଅଶୋକ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସୋସିଆଲ ୱେଲଫେୟାର ଅନୁଷ୍ଠାନର ପ୍ରତିଷ୍ଠାତା ଉମା ଶଙ୍କର ସୁନାନୀ, ସୋସିଆଲ ଆକ୍ଟିଭିଟି ଅର୍ଗାନାଇଜେଶନ ଅନୁଷ୍ଠାନର ପ୍ରତିଷ୍ଠାତା ଅଙ୍କିତ ସେଠୀ ଓ ଅନାଥାଶ୍ରମର ପରିଚାଳକ ଶ୍ୟାମ ସୁନ୍ଦର ଜାଲଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା।

## ମନ୍ତ୍ରୀଙ୍କୁ ଭେଟିଲା ଆଦିବାସୀ ସଂଘ

ନୂଆପଡ଼ା,୧୭।୬ (ମକାରୁ ବେମାଲ)

ନୂଆପଡା ଜିଲାର ଆଦିବାସୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଜିଲା ଆଦିବାସୀ କଲ୍ୟାଣ ସଂଘର କର୍ମକର୍ତ୍ତା ମନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ସଂଘର ନୂଆପଡ଼ା ବ୍ଲକ ସଭାପତି ଭକ୍ତବନ୍ଧୁ ଧରୁଆ, କୋମନା ବ୍ଲକ ସଭାପତି ଜ୍ଞାନେଶ୍ୱର ମାଝି ଓ ଯମୁନା ଧରୁଆ ଭୁବନେଶ୍ୱର ଯାଇ ବିଦ୍ୟାଳୟ ଓ ଗଣଶିକ୍ଷା, ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି ଆଲୋଚନା କରିଥିଲେ। ଜଳ, ଜଙ୍ଗଲ, ଜମି ଅଧିକାର ପଟ୍ଟା ପ୍ରଦାନ, ଆଦିବାସୀଙ୍କ ଜମିକୁ ଅଣଆଦିବାସୀ କିଣି ଭୂମିହୀନ କରୁଥିବା, ଆଦିବାସୀ ବସବାସ କରୁଥିବା ଅଞ୍ଚଳରେ ବିଜୁଳି, ପାନୀୟ ଜଳ, ରାସ୍ତା, ଆଶ୍ରମ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ, ଶିକ୍ଷିତ ବେକାରୀ ଯୁବତୀଯୁବକଙ୍କୁ ସ୍ଥାୟୀ ସରକାରୀ ଚାକିରି ଇତ୍ୟାଦି ସମସ୍ୟା ଉପରେ ମନ୍ତ୍ରୀଙ୍କୁ ଅବଗତ କରାଇବା ସହ ଆଲୋଚନା କରିଥିଲେ ।

## ତେରେସିଂହାରେ ରଜପର୍ବ

ରିଷିଡା,୧୭।୬ (ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମରେ ରଜ ପର୍ବ ପାଳିତ ହୋଇଯାଇଛି। ବିଶେଷକରି ତେରେସିଂହା ଗ୍ରାମର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତିନି ଦିନ ଧରି ଏହି ପର୍ବ ଧୁମ୍‌ଧାମରେ ପାଳିତ ହୋଇଥିଲା। ପହିଲି ରଜରେ କୁମାରୀ ଝିଅମାନେ ନୂତନ ପୋଷାକ ପରିଧାନ କରି ଗୀତ ଗାଇ ଦୋଳି ଖେଳୁଥିବା ଦେଖିବାକୁ ମିଳିଥିଲା। ଏହି ପର୍ବ ଝିଅମାନଙ୍କର ହୋଇଥିଲେ ହେଁ ଅନେକ ସ୍ଥାନରେ ଛୋଟରୁ ବଡ଼ ପର୍ଯ୍ୟନ୍ତ ମିଶି ଦୋଳିର ମଜା ନେଇଥିଲେ। ରଜ ସଂକ୍ରାନ୍ତିରେ ଘରେ ଘରେ ପୋଡ଼ ପିଠାର ମହକ ଭରିଉଠିଥିଲା। କୁମାରୀ ଝି ମାନେ ରଜ ପାନ ଭାଙ୍ଗି ସାହିର ବଡ଼ମାନଙ୍କୁ ରଜ ପାନ ଦେଇ ଆଶୀର୍ବାଦ ନେଇଥିଲେ। ଶେଷଦିନକୁ ଭୂମିଦାହ କୁହାଯିବା ସହ ଭୂମିକୁ ଆଦୌ ଆଘାତ ହେଲା ଭଳି କାର୍ଯ୍ୟ କରାଯାଇ ନ ଥିବା ଦେଖିବାକୁ ମିଳିଥିଲା।


ରାଜଦୋଳିର ମଜା ନେଉଛନ୍ତି କୁଆଁରୀ ଝିଅ।

# ଧାନ, କପା, ମକା ଚାଷରେ ବିଳମ୍ବ

ନୂଆପଡ଼ା,୧୭।୬ (ମକାରୁ ବେମାଲ)


ଚାଷୀ ହଳକରି ଜମି ପ୍ରସ୍ତୁତ କରୁଛନ୍ତି।

**ଚିନ୍ତାରେ ଚାଷୀ**

ନୂଆପଡ଼ା ଜିଲାକୁ ମୌସୁମୀ ଆସି ନ ଥିବାରୁ ଚାଷ କାର୍ଯ୍ୟ ଆଗେଇପାରୁ ନାହିଁ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁକୁ ଚାଷୀ ଚାତକ ପରି ଚାହିଁବସିଛି। ବର୍ଷା ଅଭାବରୁ ଚାଷକାର୍ଯ୍ୟ କରି ନ ପାରି ଚାଷୀକୁଳ ହତାଶ ହୋଇ ପଡିଛି। ବର୍ଷା ପାଇଁ ଗାଁ ଗାଁରେ ଆରାଧ୍ୟ ଦେବତାଙ୍କୁ ପୂଜାର୍ଚ୍ଚନା କରିବାରେ ଲାଗିଛନ୍ତି । ନୂଆପଡା ଜିଲାରେ ସବୁ ଜମିକୁ ଜଳସେଚନ ସୁବିଧା ନାହିଁ । ୨୫ରୁ ୩୦ ପ୍ରତିଶତ ଜମିରେ ଜଳସେଚନ ହେଉଥିବା ବେଳେ ବାକି ଅଣଜଳସେଚିତ। ଜଳସେଚିତ ଅଞ୍ଚଳକୁ ଛାଡିଦେଲେ ଅଣଜଳସେଚନ ଅଞ୍ଚଳରେ ଚାଷୀ ଧାନ ସହ ଡାଲିଜାତୀୟ ଫସଲ କରିଥାନ୍ତି । ବାହାଲ ଓ ବେର୍ଣ୍ଣା ଜମିରେ ଧାନ ଚାଷ କରି ଆଟ ବା ଠିପ ଜମିରେ ଅର୍ଥକରୀ ଫସଲ କପା ଓ ମକା ଚାଷ କରିଥାନ୍ତି । ବର୍ଷାଭାବ ଯୋଗୁ କପା ଓ ମକା ଚାଷ ମଧ୍ୟ ବିଳମ୍ବ ହେବାରେ ଲାଗିଛି। କପା ଓ ମକା ଜୁନ ପ୍ରଥମ ସପ୍ତାହରେ ତଳିପକା କରି ଶେଷ ସପ୍ତାହ ବେଳକୁ କୋଡାଖୋସା କାମ ସରିଯାଇଥାଏ। କାଳବୈଶାଖୀ ବର୍ଷାରେ ଚାଷୀ ନିଜ ଜମିକୁ ପ୍ରସ୍ତୁତ କରି ଜୁନ ପ୍ରଥମ ସପ୍ତାହରେ ଧାନ, କପା ଓ ମକା ତଳିପକା ଆରମ୍ଭ କରିଥାନ୍ତି। ଚଳିତ ବର୍ଷ ଚାଷୀ କାଳବୈଶାଖୀ ବର୍ଷାରେ ଜମିକୁ ଚଷି ପ୍ରସ୍ତୁତ କରି ରଖିଥିଲେ ମଧ୍ୟ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସିବାରେ ବିଳମ୍ବ ହେବାରୁ ଧାନ, କପା ଓ ମକା ତଳି ପକାଇବା ପାଇଁ ଭୟ କରୁଛନ୍ତି। ବର୍ଷା ନ ହେଲେ ଗଜା ହେବ ନାହିଁ। ଦ୍ୱିତୀୟ ଥର ବୁଣିଲେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡିବ। ତେଣୁ ବର୍ଷାକୁ ଅପେକ୍ଷା କରିଛନ୍ତି । ହେଲେ କେତେକ ଚାଷୀ ବର୍ଷାକୁ ଅପେକ୍ଷା ନ କରି ଧାନ ବୁଣିବା ଆରମ୍ଭ କରିଛନ୍ତି । କୋମନା ବ୍ଲକର ତରବୋଡ, ଭରୁଆମୁଣ୍ଡା, ଜଟଗଡ, ବାବେଘାଟି, ଘାଟିପଡା ଓ ନୂଆପଡା ବ୍ଲକର କିଛି ଗାଁରେ ଚାଷୀ କାଁ ଭାଁ ଧାନ ବୁଣିଥିବା ଦେଖିବାକୁ ମିଳିଛି। ଜୁନ ପ୍ରଥମ ସପ୍ତାହରେ ଧାନ ବୁଣିଲେ ରଥଯାତ୍ରା ପୂର୍ବରୁ ବିହୁଡା କାର୍ଯ୍ୟ ଶେଷ ହୋଇ ଗୁର୍ଜି, ମାଣ୍ଡିଆ, କୋଦୋ, ଆଟଧାନ ଭଳି ଚାଷ ଆରମ୍ଭ କରନ୍ତି। ଆର୍ଦ୍ରା ନକ୍ଷତ୍ର ବର୍ଷା ହେବା ଏକ ସପ୍ତାହ ପୂର୍ବରୁ ବର୍ଷା ଆସିଯାଇଥାଏ। ହେଲେ ଚଳିତବର୍ଷ ଆର୍ଦ୍ରା ନକ୍ଷତ୍ର ଲାଗିବାର ୪ ଦିନ ବାକି ରହିଲା। କିନ୍ତୁ ଧରାପୃଷ୍ଠରେ ବର୍ଷା ହୋଇ ନ ଥିବାରୁ ଚାଷୀକୁଳ ଚିନ୍ତିତ ହୋଇପଡିଛନ୍ତି। ବର୍ତ୍ତମାନ ବୟୋଜ୍ୟେଷ୍ଠମାନେ ଗାଁ ଗାଁରେ ଆରାଧ୍ୟ ଦେବତାଙ୍କୁ ପୂଜା କରି କେବେ ବର୍ଷା ହେବ, କେତେ ପରିମାଣରେ ବର୍ଷା ହେବ ସେହି ଉପରେ ଆକଳନ କରି ଚାଲିଛନ୍ତି । ଚଳିତବର୍ଷ ବର୍ଷାର ନାମ ନିଶାନ ନ ଥିବାରୁ ଚାଷ କାର୍ଯ୍ୟ ବିଳମ୍ବ ହେବ ବୋଲି ଚାଷୀମାନେ କହୁଛନ୍ତି । ବିଳମ୍ବରେ ଚାଷ କଲେ ଅଧିକ ରୋଗପୋକ ଲାଗେ, ରାସାୟନିକ ସାର ପରିମାଣଠାରୁ ଅଧିକ ଦେବାକୁ ପଡେ ଓ ଆୟ ମଧ୍ୟ କମ ହୋଇଥାଏ ବୋଲି ଚାଷୀ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ବୌଦ୍ଧ ଜିଲାରେ ସ୍କୁଲ ୧୮ରେ ଛୁଟି: ୧୯, ୨୦ ସକାଳୁଆ

ବୌଦ୍ଧ, ୧୭।୬(ଅଜିତ କୁମାର ବାରିକ)

ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବିଦ୍ୟାଳୟଗୁଡ଼ିକ ଖୋଲିବା ନେଇ ଜିଲାପାଳମାନେ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ବୌଦ୍ଧ ଜିଲାରେ ମଧ୍ୟ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଏନେଇ ଜିଲାପାଳ ଜେ. ସୋନାଲ ମଙ୍ଗଳବାର ଅର୍ଥାତ ୧୮ ତାରିଖ ସମସ୍ତ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ୧୯ ଓ ୨୦ ଦୁଇଦିନ ସକାଳୁଆ ସ୍କୁଲ ହେବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ୧୯ ଓ ୨୦ ତାରିଖ ସକାଳ ୬ଟା ୩୦ରୁ ୧୦ଟା ପର୍ଯ୍ୟନ୍ତ ସ୍କୁଲ ଖୋଲା ରହିବ। ୨୧ ତାରିଖ ପୁଣି ଜିଲାପାଳ ପରବର୍ତ୍ତୀ ନିଷ୍ପତ୍ତି ନେବେ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ବିଧାୟକଙ୍କୁ ସମ୍ବର୍ଦ୍ଧନା

ବିନିକା ୧୭।୬ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଧାନ ସଭା ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ବିଧାୟକ ରଘୁନାଥ ଜଗଦଲାଙ୍କୁ ସୋମବାର ସମ୍ବର୍ଦ୍ଧିତ କରିଛି ବିନିକା ଖବରଦାତା ସଂଘ। ଜଗଦଲା ବିନିକା ସ୍ପୋର୍ଟ୍ସ କ୍ଲବରେ ପହଞ୍ଚିବା ପରେ ସଂଘ ସଭାପତି ସୃଜନ ପଣ୍ଡା ଓ ସଦସ୍ୟମାନେ ତାଙ୍କୁ ସ୍ୱାଗତ କରିବା ସହିତ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ ବିଧାୟକଙ୍କୁ ବିନିକା ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଅସମ୍ପୂର୍ଣ୍ଣ ରହିଥିବା ବିନିକା ମହିଳା କଲେଜର ଏସ୍‌ସି, ଏସ୍‌ଟି ହଷ୍ଟେଲ କାମ ଶୀଘ୍ର ସାରିବା ସମ୍ପର୍କରେ ସଂଘର ବରିଷ୍ଠ ସଦସ୍ୟ ରାମ ଗୋପାଳ ବାଘ। ଏଥିରେ ସଂଘର ଉପସଭାପତି ଅଶୋକ ପଣ୍ଡା, ବରିଷ୍ଠ ସଦସ୍ୟ ହିମାଂଶୁ ଶେଖର ପୁଟେଲ, ଅଶୋକ କୁମାର ପଣ୍ଡା, ଶାନ୍ତନୁ ପଣ୍ଡା, ମୁକେଶ ବରୱା, ଦଧିବାମନ ନାୟକ, ରବିନ୍ଦ୍ର ନାଥ ହୋତା ଉପସ୍ଥିତ ଥିଲେ।

### ସୁବର୍ଣ୍ଣପୁର ଜିଲା: ତିନି ଦିନ ସ୍କୁଲ ଛୁଟି

ସୋନପୁର, ୧୭।୬(ମୃତ୍ୟୁଞ୍ଜୟ ଶତପଥୀ)

ଗ୍ରୀଷ୍ମ ପ୍ରବାହ ଓ ପାଣିପାଗ ବିଭାଗର ସୂଚନାକୁ ଦୃଷ୍ଟିରେ ରଖି ସୁବର୍ଣ୍ଣପୁର ଜିଲାରେ ଆସନ୍ତା ତିନି ଦିନ ସ୍କୁଲ ଛୁଟି ଘୋଷଣା ହୋଇଛି। ଅର୍ଥାତ ଜୁନ୍ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ସ୍କୁଲ ଗୁଡ଼ିକ ବନ୍ଦ ରହିବ। ରାଜ୍ୟ ସରକାରଙ୍କ ପରାମର୍ଶକ୍ରମେ ଜିଲାପାଳ ଅନ୍ୟା ଦାସ ଏନେଇ ରବିବାର ନିର୍ଦ୍ଦେଶନାମା ଜାରି କରିଛନ୍ତି।

### ଟ୍ରେନ୍‌ରେ କଟି ଯୁବକ ମୃତ

#### ମା' ଭଉଣୀଙ୍କୁ ଟ୍ରେନରେ ବସାଇ ଓହ୍ଲାଇବାବେଳେ ହୋଇଥିଲେ ଗୁରୁତର

ଡୁଙ୍ଗୁରିପାଲି, ୧୭।୬ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ରେଳ ଷ୍ଟେସନରେ ସୋମବାର ସକାଳ ୬ଟା୫୦ରେ ଟିଟିଲାଗଡ଼-ହାୱଡ଼ା ଇସ୍ପାତ ଟ୍ରେନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରଗଡ ଜିଲା ବରପାଲି ବ୍ଲକ ଆଗଲପୁର ଗ୍ରାମର ଅନିଲ କୁମ୍ଭାର (୨୫)। ସକାଳେ ରାଉରକେଲା ଯିବାକୁ ଥିବା ତାଙ୍କ ମା' ଓ ଭଉଣୀଙ୍କୁ ଡୁଙ୍ଗୁରିପାଲି ଷ୍ଟେସନରେ ଟ୍ରେନ ବଗିରେ ବସାଇଥିଲେ। ଓହ୍ଲାଇବା ବେଳକୁ ଟ୍ରେନ ଛାଡ଼ିବା ଆରମ୍ଭ କରିଦେଇଥିଲା। ଏଥିରେ ଗୋଡ ଖସି ଯିବାରୁ ଅନୀଲ ଟ୍ରାକ ଭିତରକୁ ଖସି ପଡ଼ିଥିଲେ। ତାଙ୍କ ମୁଣ୍ଡ ଓ ଗୋଡ଼ରେ ଗୁରୁତର ଆଘାତ ଲାଗିଥିଲା। ରେଳ କର୍ମଚାରୀ ଓ ଯାତ୍ରୀମାନେ ତାଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମା' ଓ ଭଉଣୀଙ୍କ ଆଖି ଆଗରେ ଅନୀଲଙ୍କ ମୃତ୍ୟୁ ହୋଇଯିବାକୁ ସେମାନେ ବିଶ୍ୱାସ କରି ପାରୁନାହାନ୍ତି।

### ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ

ଘଣ୍ଟାପଡ଼ା, ୧୭।୬ (ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖଟଖଟିଆସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟଠାରେ 'ଆର୍ଟ ଅଫ ଗିଭିଂ' ଦିବସ ପାଳିତ ହୋଇଯାଇଛି। ଭାର୍ଜନ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ ହରିହର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ. ସୌରଭରଞ୍ଜନ ଖମାରୀ, ଶିକ୍ଷାବିତ ଦିଲ୍ଲୀପ କୁମାର ମହାନ୍ତି, ଅଧ୍ୟାପକ ଦେବଦାସ ମହାପାତ୍ର, ନାଟ୍ୟକାର ଲକ୍ଷ୍ମଣ କୁମାର ମହାପାତ୍ର ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ପଞ୍ଚାନନ ପ୍ରଧାନ ରାଜକିଶୋର ସାହୁ, ବାମନ ଚରଣ ମହାନ୍ତି ଯୋଗ ଦେଇଥିଲେ। ଶିକ୍ଷକ ରଞ୍ଜୁ ଅମାତ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତାରେ ବସୁଛି ସାପ୍ତାହିକ ବଜାର

## ଯାତାୟାତ ବାଧାପ୍ରାପ୍ତ

ଅମରପାଲି, ୧୭।୬(ପୀତାମ୍ବର ସାହୁ)



ରାସ୍ତା ଉପରେ ବସିଥିବା ସପ୍ତାହିକ ବଜାରରେ କିଣାବିକା ଚାଲିଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ସାପ୍ତାହିକ ବଜାର ମୁଖ୍ୟ ରାସ୍ତା ଉପରେ ବସୁଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେଉଥିବା ବେଳେ ଯାତ୍ରୀମାନେ ହନ୍ତସନ୍ତ ହେଉଛନ୍ତି। ଖଣ୍ଡହତା ଅଞ୍ଚଳର ଏକ ପ୍ରମୁଖ ଗ୍ରାମ। ଏହା ଜିଲାର ସୀମାବର୍ତ୍ତି ଅଞ୍ଚଳ। ବ୍ୟବସାୟିକ ପେଣ୍ଠସ୍ଥଳିଭାବେ ପରିଚିତ ଏହି ଏହି ଗ୍ରାମ ଉପରେ ରେଢାଖୋଲ ବ୍ଲକର ଅନେକେଙ୍କ ସହିତ ଖଣ୍ଡହତା, ସଂଗ୍ରାମପୁର, କମିରା, ବହଳପଦର, ଲୁତୁରପଙ୍କ, ମୁର୍ଚ୍ଛୁଣି ଆଦି ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ଏହି ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଏକ ସାପ୍ତାହିକ ବଜାର କାହିଁ କେତେ ଦିନରୁ ବସି ଆସୁଛି। ବିଭିନ୍ନ ଗ୍ରାମର ଲୋକେ ଏଠାକାର ବଜାରକୁ ବିଭିନ୍ନ ଘରକରଣା ଜିନିଷ ସହିତ ପନିପରିବା ଆଦି କିଣିବାକୁ ଆସିଥାନ୍ତି। ଉକ୍ତ ବଜାର ଅପରାହ୍ନ ୨ଟାରୁ ସନ୍ଧ୍ୟା ୭.୩୦ ପର୍ଯ୍ୟନ୍ତ ଚାଲିଥାଏ। ଏହି ଅଞ୍ଚଳର ଲୋକେ ପନିପରିବା ଚାଷ କରି ଉକ୍ତ ବଜାରରେ ବିକ୍ରି କରିଥାନ୍ତି। ଗ୍ରାମର ୟୁପି ସ୍କୁଲ ନିକଟରେ ବସୁଥିବା ଉକ୍ତ ବଜାର ପାଇଁ ପର୍ଯ୍ୟାପ୍ତ ସ୍ଥାନ ନାହିଁ। ତେଣୁ ବଜାରକୁ ଆସୁଥିବା ଦୋକାନୀମାନେ ବାଧ ହୋଇ ମୁଖ୍ୟ ରାସ୍ତା ଉପରେ ତାଙ୍କର ଦୋକାନ ଓ ପସରା ଖୋଲିଥନ୍ତି। ସେମାନଙ୍କଠାରୁ ଜିନିଷପତ୍ର କିଣାବିକା କଲା ବେଳେ ଗ୍ରାହକମାନେ ସମ୍ପୂର୍ଣ୍ଣ ରାସ୍ତା ଉପରେ ରହୁଛନ୍ତି। ତେଣୁ ବଜାର ବସୁଥିବା ସମୟରେ ରାସ୍ତା ଏକ ପ୍ରକାର ବ୍ୟାହତ ହୋଇପଡ଼ିଥାଏ। ଅନେକ ସମୟର ଦୁର୍ଘଟଣା ବି ଘଟୁଛି। ମୁର୍ଚ୍ଛୁଣିରୁ ଖଣ୍ଡହତା ଦେଇ ସୁବଳୟା, ବହଳପଦରରୁ ଖଣ୍ଡହତା, ଘିଚାପାଲି-ବଡବର୍ଢ଼ାକଟା ଦେଇ ଖଣ୍ଡହତା, ରେଢାଖୋଲ ସୀମାରୁ ସାହାଜଲଥା ବଡ଼କିରାସିରା ଦେଇ ଖଣ୍ଡହତା, ଯୁବରାଜପୁର ଜନକପୁରରୁ ଖଣ୍ଡହତାକୁ ଯିବା ପାଇଁ ଏହି ରାସ୍ତା ଉପରେ ଲୋକେ ନିର୍ଭର କରନ୍ତି। ଏହା ସହିତ ଖଣ୍ଡହତା ୟୁପି ସ୍କୁଲ, ହାଇସ୍କୁଲ, ଯୁକ୍ତ ୨ କଲେଜ ଓ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯିବାପାଇଁ ଛାତ୍ରୀଛାତ୍ରମାନେ ଏହି ରାସ୍ତା ଦେଇ ଯାଇଥାନ୍ତି। ଏପରିକି ସ୍ଥାନୀୟ ପଶୁ ଚିକିତ୍ସାଳୟ, ପଞ୍ଚାୟତ କାର୍ଯ୍ୟାଳୟ, କୃଷି ସେବା ସମବାୟ ସମିତିକୁ ମଧ୍ୟ ଏହି ରାସ୍ତା ଦେଇ ଯିବାକୁ ହୋଇଥାଏ। ଉକ୍ତ ବଜାର ପାଇଁ ଆବଶ୍ୟକୀୟ ପିଣ୍ଡି ମଧ୍ୟ କରାଯାଇ ନାହିଁ। ତେଣୁ ବ୍ୟବସାୟୀ ବାଧ ହୋଇ ରାସ୍ତା ଉପରେ ଦୋକାନ ବସାଉ ଥିବା ପ୍ରକାଶ କରୁଛନ୍ତି। ତେଣୁ ଏହି ସାପ୍ତାହିକ ବଜାର ର ସମସ୍ୟାକୁ ଦେଖି ବ୍ୟବସାୟୀଙ୍କ ପାଇଁ ପିଣ୍ଡି କରିବା ସହିତ ରାସ୍ତା ଉପରେ ବଜାର ନ ବସାଇ ଏହାର ସୁ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ବିନିକା ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟାର ସମାଧାନ ହେବ: ବିଧାୟକ

ବିନିକା, ୧୭।୬(ରାମଗୋପାଳ ବାଘ)

ନବନିର୍ବାଚିତ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ରବିବାର ବିନିକା ଡାକ୍ତରଖାନା ପରିଦର୍ଶନ କରି ରୋଗୀ ଓ ସେମାନଙ୍କ ପରଜନଙ୍କୁ ଭେଟିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଅସମସ୍ୟା ବିଷୟରେ ମେଡିକାଲ ଅଧିକାରୀ ଓ ଅନ୍ୟ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମି ନିରୀକ୍ଷଣ କରିଥିଲେ। ବିଦ୍ୟୁତ୍ କଟ୍ ହେଲେ ରୋଗୀମାନେ କିଭଳି ହନ୍ତସନ୍ତ ହେଉଛନ୍ତି ତାହା କର୍ମଚାରୀମାନେ କହିଥିଲେ। କର୍ମଚାରୀଙ୍କ ରହିବା ପାଇଁ କ୍ୱାର୍ଟର୍ସ ନଥିବା, ମେଡିକାଲ ଅଫିସରଙ୍କ କ୍ୱାର୍ଟର୍ସ କାମ ଅର୍ଦ୍ଧନିର୍ମିତ ହୋଇ ପଡିଥିବାରୁ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଡାକ୍ତରଖାନାରେ ଉଚ୍ଚକ୍ଷମତା ସମ୍ପନ୍ନ ଜେନେରେଟର, ଶବ ସଂରକ୍ଷଣ କକ୍ଷ, କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ବ୍ୟବସ୍ଥା କରିବା ଦିଗରେ ସରକାରଙ୍କ ସହ ଆଲୋଚନା କରି ସମାଧାନ ରାସ୍ତା ବାହାର କରାଯିବ ବୋଲି ବିଧାୟକ ଜଗଦଲା କହିଥିଲେ। ଅନ୍ୟପକ୍ଷରେ ଡାକ୍ତରଖାନାର ଥିବା ଜେନେରେଟରକୁ ସଚଳ କରିବା ସହ ଉଚ୍ଚ କ୍ଷମତା ସମ୍ପନ୍ନ ସୋଲାର ବ୍ୟବସ୍ଥା କରିବା, ୫୦ଶଯ୍ୟା ବିଶିଷ୍ଟ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ନିର୍ମାଣ, ଖାଲି ପଡିଥିବା କର୍ମଚାରୀ ଓ ଡାକ୍ତର ପଦବୀ ପୂରଣ, ରୋଗ ପରୀକ୍ଷା କେନ୍ଦ୍ର ସ୍ଥାପନ କରିବାକୁ ନୂତନ ସରକାରଙ୍କ ପାଖରେ ବିନିକା ଅଞ୍ଚଳବାସୀ ଦାବି ଜଣାଇ ଆସୁଥିଲେ ହେଁ ଆଜି ପର୍ଯ୍ୟନ୍ତ ପୂରଣ ହୋଇପାରିନାହିଁ।

# ବୌଦ୍ଧ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବୌଦ୍ଧରେ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବୌଦ୍ଧ, ୧୭।୬ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ପ୍ରଥମ ଥର ପାଇଁ ଭାଜପାର ସାଂସଦ ଓ ବିଧାୟକ ନିର୍ବାଚିତ ହୋଇଛନ୍ତି। ଜିଲାର ହରଭଙ୍ଗା ବ୍ଲକର ପୁରୁଣାକଟକସ୍ଥିତ କଲ୍ୟାଣ ମଣ୍ଡପଠାରେ ରବିବାର ସନ୍ଧ୍ୟାରେ ଭୈରବୀ ମହୋତ୍ସବ କମିଟି ଓ ଭୈରବୀ କ୍ଲବ ପକ୍ଷରୁ ନବ ନିର୍ବାଚତ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଭୈରବୀ ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମିଟି ପକ୍ଷରୁ ବିଧାୟକ ପ୍ରଧାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ଭୈରବୀ ମହୋତ୍ସବକୁ କିପରି ରାଜ୍ୟସ୍ତରୀୟ କରାଯାଇପାରିବ ସେ ନେଇ ପ୍ରୟାସ କରିବା ସହ ଜିଲାର ବିକାଶ ନେଇ କାମ କରିବାକୁ କହିଥିଲେ। କାର୍ଯ୍ୟକ୍ରମକୁ ବାଳକୃଷ୍ଣ ନାୟକ ପରିଚାଳନା କରିଥିଲେ। କମିଟିର ପ୍ରାଣବନ୍ଧୁ ସାହୁ, ଅଶୋକ ସେଠୀ, ବିଭୁଦତ୍ତ ବୋଷ, ସରୋଜ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ଶିକ୍ଷା କ୍ଷେତ୍ରରେ ଆସିବ ସଂସ୍କାର



ଜୁନାଗଡ଼ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।

ଭବାନୀପାଟଣା, ୧୭।୬ (ଉତ୍ତମ କୁମାର ଦାଶ)

## ଗଣଶିକ୍ଷା ମନ୍ତ୍ରୀଙ୍କ କଳାହାଣ୍ଡି ଜିଲା ଗସ୍ତ

କଳାହାଣ୍ଡି ଜିଲା ଗସ୍ତରେ ପ୍ରଥମଥର ପାଇଁ ସୋମବାର ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆସିଥିଲେ। ଏହି ଅବସରରେ ସେ ପ୍ରଥମେ କୋକସରା ପରେ ଜୁନାଗଡ଼ ଓ ଭବାନୀପାଟଣା ପରିଦର୍ଶନ କରିଛନ୍ତି। ମନ୍ତ୍ରୀ ଗଣ୍ଡ ଜୁନାଗଡ଼ଠାରେ ପହଞ୍ଚିବା ପରେ ତାଙ୍କୁ ଦଳୀୟ କାର୍ଯ୍ୟକର୍ତ୍ତା ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ସ୍ଥାନୀୟ ଅଗ୍ରସେନ ଭବନଠାରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ବିଭିନ୍ନ ଶିକ୍ଷକ ସଂଘ, ସ୍କୁଲ କମିଟି, ସାମ୍ବାଦିକ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ମନ୍ତ୍ରୀ ଗଣ୍ଡ ପୂର୍ବ ବିଜେଡି ସରକାର ଉପରେ ବର୍ଷିଥିଲେ। ଦୀର୍ଘବର୍ଷ ଧରି ଶାସନରେ ବସିଥିବା ବିଜେଡି ସରକାର ଶିକ୍ଷାକୁ ଅବହେଳିତ କରିଆସିଛି। ବର୍ତ୍ତମାନ ରାଜ୍ୟରେ ଭାଜପା ସରକାର ଆସିଛି। କିପରି ଶିକ୍ଷାର ମାନ ବୃଦ୍ଧି ହେବ, ଶିକ୍ଷା କ୍ଷେତ୍ରରେ କିଭଳି ସଂସ୍କାର ଆସିବ ସେ ନେଇ ତର୍ଜମା କରାଯିବ। ପ୍ରତିଟି କାର୍ଯ୍ୟକୁ ତର୍ଜମା କରିବୁ ଓ ଉଚିତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ। ଏହି ସମୟରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ନଗରପାଳ ମୁକେଶ ଅଗ୍ରୱାଲ, ବିଧାୟକ ପ୍ରାର୍ଥୀ ମନୋଜ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ଭବାନୀପାଟଣା ସର୍କିଟ ଭବନଠାରେ ଏକ ବୈଠକରେ ଯୋଗଦେଇଥିଲେ। ଏହି ସମୟରେ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀଙ୍କ ସମେତ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାର, ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ତଳକୁ ଖସିଲା କାର୍, ମହିଳା ଗୁରୁତର

ବାଉଁଶୁଣୀ, ୧୭।୬(ଦେବାଶିଷ ନେପାକ)

ବୌଦ୍ଧ ଜିଲା ୫୭ନଂ ଜାତୀୟ ରାଜପଥର ବାଉଁଶୁଣୀ ଥାନା ସିଙ୍ଗାରୀ ନିକଟରେ ଏକ କାର୍ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଜଣେ ମହିଳା ଯାତ୍ରୀ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ଏକ କାର୍ ଓଡ଼ି ୦୩ଏମ୍ ୨୯୨୯ ଭୁବନେଶ୍ୱରରୁ ବଲାଙ୍ଗୀର ଯାଉଥିବାବେଳେ ସିଙ୍ଗାରୀ ନିକଟରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡ଼ି ବିଲ ହୁଡ଼ାଡେଇଁ



ପ୍ରାୟ ୧୦୦ ମିଟର୍ ଦୂରକୁ ଚାଲି ଯାଇଥିଲା। ଫଳରେ ଗାଡ଼ିରେ ଥିବା ମହିଳା ଯାତ୍ରୀ ପ୍ରତିମା ସେଠ ଗୁରୁତର ଆହତ ହୋଇଥିଲେ। ଅନ୍ୟ ଦୁଇ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ସମସ୍ତଙ୍କ ପ୍ରାଥମିକ ଚିକିତ୍ସା ବାଉଁଶୁଣୀ ଡାକ୍ତରଖାନାରେ କରାଯାଇଥିବା ବେଳେ ଗୁରୁତର ମହିଳାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ସୋନପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ବାଉଁଶୁଣୀ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ତେରେସିଂହାରେ ରଜପର୍ବ



ରାଜଦୋଳିର ମଜା ନେଉଛନ୍ତି କୁଆଁରୀ ଝିଅ।

ରିଷିଡା, ୧୭।୬ (ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମରେ ରଜ ପର୍ବ ପାଳିତ ହୋଇଯାଇଛି। ବିଶେଷକରି ତେରେସିଂହା ଗ୍ରାମର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତିନି ଦିନ ଧରି ଏହି ପର୍ବ ଧୁମ୍‌ଧାମରେ ପାଳିତ ହୋଇଥିଲା। ପହିଲି ରଜରେ କୁମାରୀ ଝିଅମାନେ ନୂତନ ପୋଷାକ ପରିଧାନ କରି ଗୀତ ଗାଇ ଦୋଳି ଖେଳୁଥିବା ଦେଖିବାକୁ ମିଳିଥିଲା। ଏହି ପର୍ବ ଝିଅମାନଙ୍କର ହୋଇଥିଲେ ହେଁ ଅନେକ ସ୍ଥାନରେ ଛୋଟରୁ ବଡ଼ ପର୍ଯ୍ୟନ୍ତ ମିଶି ଦୋଳିର ମଜା ନେଇଥିଲେ। ରଜ ସଂକ୍ରାନ୍ତିରେ ଘରେ ଘରେ ପୋଡ଼ ପିଠାର ମହକ ଭରିଉଠିଥିଲା। କୁମାରୀ ଝି ମାନେ ରଜ ପାନ ଭାଙ୍ଗି ସାହିର ବଡ଼ମାନଙ୍କୁ ରଜ ପାନ ଦେଇ ଆଶୀର୍ବାଦ ନେଇଥିଲେ। ଶେଷଦିନକୁ ଭୂମିଦାହ କୁହାଯିବା ସହ ଭୂମିକୁ ଆଦୌ ଆଘାତ ହେଲା ଭଳି କାର୍ଯ୍ୟ କରାଯାଇ ନ ଥିବା ଦେଖିବାକୁ ମିଳିଥିଲା।

# ଧାନ, କପା, ମକା ଚାଷରେ ବିଳମ୍ବ

## ଚିନ୍ତାରେ ଚାଷୀ

ନୂଆପଡ଼ା, ୧୭।୬ (ମକାରୁ ବେମାଲ)



ଚାଷୀ ହଳକରି ଜମି ପ୍ରସ୍ତୁତ କରୁଛନ୍ତି।

ନୂଆପଡ଼ା ଜିଲାକୁ ମୌସୁମୀ ଆସି ନ ଥିବାରୁ ଚାଷ କାର୍ଯ୍ୟ ଆଗେଇପାରୁ ନାହିଁ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁକୁ ଚାଷୀ ଚାତକ ପରି ଚାହିଁବସିଛି। ବର୍ଷା ଅଭାବରୁ ଚାଷକାର୍ଯ୍ୟ କରି ନ ପାରି ଚାଷୀକୁଳ ହତାଶ ହୋଇ ପଡିଛି। ବର୍ଷା ପାଇଁ ଗାଁ ଗାଁରେ ଆରାଧ୍ୟ ଦେବତାଙ୍କୁ ପୂଜାର୍ଚ୍ଚନା କରିବାରେ ଲାଗିଛନ୍ତି। ନୂଆପଡା ଜିଲାରେ ସବୁ ଜମିକୁ ଜଳସେଚନ ସୁବିଧା ନାହିଁ। ୨୫ରୁ ୩୦ ପ୍ରତିଶତ ଜମିରେ ଜଳସେଚନ ହେଉଥିବା ବେଳେ ବାକି ଅଣଜଳସେଚିତ। ଜଳସେଚିତ ଅଞ୍ଚଳକୁ ଛାଡିଦେଲେ ଅଣଜଳସେଚନ ଅଞ୍ଚଳରେ ଚାଷୀ ଧାନ ସହ ଡାଲିଜାତୀୟ ଫସଲ କରିଥାନ୍ତି। ବାହାଲ ଓ ବେର୍ଣ୍ଣା ଜମିରେ ଧାନ ଚାଷ କରି ଆଟ ବା ଠିପ ଜମିରେ ଅର୍ଥକରୀ ଫସଲ କପା ଓ ମକା ଚାଷ କରିଥାନ୍ତି। ବର୍ଷାଭାବ ଯୋଗୁ କପା ଓ ମକା ଚାଷ ମଧ୍ୟ ବିଳମ୍ବ ହେବାରେ ଲାଗିଛି। କପା ଓ ମକା ଜୁନ ପ୍ରଥମ ସପ୍ତାହରେ ତଳିପକା କରି ଶେଷ ସପ୍ତାହ ବେଳକୁ କୋଡାଖୋସା କାମ ସରିଯାଇଥାଏ। କାଳବୈଶାଖୀ ବର୍ଷାରେ ଚାଷୀ ନିଜ ଜମିକୁ ପ୍ରସ୍ତୁତ କରି ଜୁନ ପ୍ରଥମ ସପ୍ତାହରେ ଧାନ, କପା ଓ ମକା ତଳିପକା ଆରମ୍ଭ କରିଥାନ୍ତି। ଚଳିତ ବର୍ଷ ଚାଷୀ କାଳବୈଶାଖୀ ବର୍ଷାରେ ଜମିକୁ ଚଷି ପ୍ରସ୍ତୁତ କରି ରଖିଥିଲେ ମଧ୍ୟ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସିବାରେ ବିଳମ୍ବ ହେବାରୁ ଧାନ, କପା ଓ ମକା ତଳି ପକାଇବା ପାଇଁ ଭୟ କରୁଛନ୍ତି। ବର୍ଷା ନ ହେଲେ ଗଜା ହେବ ନାହିଁ। ଦ୍ୱିତୀୟ ଥର ବୁଣିଲେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡିବ। ତେଣୁ ବର୍ଷାକୁ ଅପେକ୍ଷା କରିଛନ୍ତି। ହେଲେ କେତେକ ଚାଷୀ ବର୍ଷାକୁ ଅପେକ୍ଷା ନ କରି ଧାନ ବୁଣିବା ଆରମ୍ଭ କରିଛନ୍ତି। ଜୁନ ପ୍ରଥମ ସପ୍ତାହରେ ଧାନ ବୁଣିଲେ ରଥଯାତ୍ରା ପୂର୍ବରୁ ବିହୁଡା କାର୍ଯ୍ୟ ଶେଷ ହୋଇ ଗୁର୍ଜି, ମାଣ୍ଡିଆ, କୋଦୋ, ଆଟଧାନ ଭଳି ଚାଷ ଆରମ୍ଭ କରନ୍ତି। ଆର୍ଦ୍ରା ନକ୍ଷତ୍ର ବର୍ଷା ହେବା ଏକ ସପ୍ତାହ ପୂର୍ବରୁ ବର୍ଷା ଆସିଯାଇଥାଏ। ହେଲେ ଚଳିତବର୍ଷ ଆର୍ଦ୍ରା ନକ୍ଷତ୍ର ଲାଗିବାର ୪ ଦିନ ବାକି ରହିଲା। କିନ୍ତୁ ଧରାପୃଷ୍ଠରେ ବର୍ଷା ହୋଇ ନ ଥିବାରୁ ଚାଷୀକୁଳ ଚିନ୍ତିତ ହୋଇପଡିଛନ୍ତି। ବର୍ତ୍ତମାନ ବୟୋଜ୍ୟେଷ୍ଠମାନେ ଗାଁ ଗାଁରେ ଆରାଧ୍ୟ ଦେବତାଙ୍କୁ ପୂଜା କରି କେବେ ବର୍ଷା ହେବ, କେତେ ପରିମାଣରେ ବର୍ଷା ହେବ ସେହି ଉପରେ ଆକଳନ କରି ଚାଲିଛନ୍ତି। ଚଳିତବର୍ଷ ବର୍ଷା ନ ଥିବାରୁ ଚାଷ କାର୍ଯ୍ୟ ବିଳମ୍ବ ହେବ ବୋଲି ଚାଷୀମାନେ କହୁଛନ୍ତି।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

ରୂପ୍ରାରୋଡ୍, ୧୭।୬(ସଞ୍ଜୀବ ଦାସ)

## ଜିଲା ୱାର୍ଡମେମ୍ବର ସଂଘ ବୈଠକ

କଳାହାଣ୍ଡି ଜିଲା ୱାର୍ଡ ମେମ୍ବର ସଂଘର ଏକ ବୈଠକ ନର୍ଲା ବ୍ଲକ୍ ଅସୁରଗଡ଼ସ୍ଥିତ ଆମ୍ବତୋଟାଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଭାପତି ମାର୍କଣ୍ଡ ଜାଲ, ସମ୍ପାଦକ ହରିହର ଭୋଇ, ଧର୍ମଗଡ଼ ଉପଖଣ୍ଡ ସଭାପତି ଦିଗମ୍ବର ବେମାଲ, ଜୟପାଟଣା ବ୍ଲକ୍ ସଭାପତି ସୁବାସ ଦାସ, ଜୁନାଗଡ଼ ବ୍ଲକ୍ ସଭାପତି ଚନ୍ଦ୍ରଶେଖର କର, କେସିଙ୍ଗା ବ୍ଲକ୍ ସଭାପତି ଆଲୋକ ରଞ୍ଜନ ତାଣ୍ଡି, ୱାର୍ଡମେମ୍ବର ଶିବ ପ୍ରସାଦ ରଣା, ପୀତବାସ ଖାଡ଼ଙ୍ଗା ପ୍ରମୁଖ ମଞ୍ଚାସୀନ ହୋଇ ସଂଘର ବିଭିନ୍ନ ଦାବି ଉପରେ ଆଲୋକପାତ କରିଥିଲେ। ମାସିକ ଭତ୍ତା ୪୮୦ରୁ ୬୦୦୦ ଟଙ୍କାକୁ ବୃଦ୍ଧି, ଅବସରକାଳୀନ ଭତ୍ତା ବାବଦରେ ମାସିକ ୨ହଜାର ଟଙ୍କା ପ୍ରଦାନ ସହ କାର୍ଯ୍ୟରତ ସମୟରେ ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ୧୦ଲକ୍ଷ ଟଙ୍କା ଦେବାକୁ ସଂଘ ଦାବି କରିଛି। ପଞ୍ଚାୟତର ସମସ୍ତ ଉନ୍ନୟନ କାର୍ଯ୍ୟରେ ୱାର୍ଡମେମ୍ବରଙ୍କୁ ମଧ୍ୟ ସାମିଲ କରାଯାଉ ବୋଲି ରାଜ୍ୟ ସରକାରଙ୍କ ପାଖରେ ଦାବି କରାଯାଇଛି। ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ଆନ୍ଦୋଳନ ଜୋର୍‌ଦାର କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ଜିଲା ସଭାପତି ଭାବେ ମାର୍କଣ୍ଡ ଜାଲ, ସମ୍ପାଦକ ରୂପେ ରାଜେନ୍ଦ୍ର ରଅଁତିଙ୍କୁ ମନୋନୀତ କରାଯାଇଥିଲା।

# ପୁରାତନ ଛାତ୍ରମାନେ ଶଯ୍ୟାଶାୟୀ ଦୁଆରୁଙ୍କୁ ସହଯୋଗର ହାତ ବଢ଼ାଇଲେ

ପଦ୍ମପୁର, ୧୭।୬(ପ୍ରଦୀପ୍ତ ଦାଶ)



ଛାତ୍ରମାନେ ଦୁଆରୁଙ୍କ ସ୍ତ୍ରୀଙ୍କୁ ସହଯୋଗ ରାଶି ପ୍ରଦାନ କରୁଛନ୍ତି।

ପଦ୍ମପୁର ନିକଟସ୍ଥ ଦହିଗାଁ ଗ୍ରାମର ଲକ୍ଷ୍ମୀ ବରିହାଙ୍କ ସ୍ୱାମୀ ଦୁଆରୁ ବରିହା ରୁଗଣ ଅବସ୍ଥାରେ ଶଯ୍ୟାଶାୟୀ ହୋଇ ଚିକିତ୍ସା ଅଭାବରୁ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ବିଭିନ୍ନ ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ୧୯୮୩ ବ୍ୟାଚ ଛାତ୍ରମାନେ ଦହିଗାଁ ଗ୍ରାମକୁ ଯାଇ ପୀଡ଼ିତ ଦୁଆରୁ ଏବଂ ତାଙ୍କ ସ୍ତ୍ରୀ ଲକ୍ଷ୍ମୀଙ୍କ ସହିତ ଦେଖା କରିଥିଲେ। ଜଣାପଡ଼ିଲା ଯେ, ସେମାନେ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଦୁଆରୁଙ୍କ ସ୍ୱାସ୍ଥ୍ୟ ଖରାପ ହେବାକୁ ଲାଗିଲା। ସ୍ୱାସ୍ଥ୍ୟ ବିଶେଷ ଖରାପ ହେବାରୁ ସେମାନେ ଗ୍ରାମକୁ ଫେରିଆସିଲେ। ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ଜଣାପଡ଼ିଲା ଯେ ଦୁଆରୁଙ୍କ ବ୍ରେନ ଟ୍ୟୁମର ହୋଇଛି। ଅପରେସନ କରାଗଲା। ତାଙ୍କ ପାଖରେ ଯେତେ ଟଙ୍କା ଥିଲା ଖର୍ଚ୍ଚ କରି ନିଃସହାୟ ଜୀବନ ଯାପନ କରୁଥିଲେ। ବିଷମ ଆର୍ଥିକ ସଙ୍କଟରେ ଗତି କରୁଥିଲେ। ଏପରି ଦାରୁଣ ପରିସ୍ଥିତିରେ ୧୯୮୩ ବ୍ୟାଚ ଛାତ୍ରମାନେ ସେମାନଙ୍କୁ ୧୦ହଜାର ଟଙ୍କା ସହଯୋଗ ରାଶି ପ୍ରଦାନ କରିଥିଲେ। ତାଙ୍କୁ ଅନ୍ୟାନ୍ୟ ସାହାଯ୍ୟ କରିବାକୁ ପୁରାତନ ଛାତ୍ର ସୁଦୀପ୍ତ ଦାସ, ଗଜେନ୍ଦ୍ର ମହାନ୍ତି, ବିଜୟ ରାମଚନ୍ଦାନି, ସୁଦର୍ଶନ ସାହୁ, ବିଧୁ ଭୂଷଣ ଚାନ୍ଦ ଉପସ୍ଥିତ ରହି ପୀଡ଼ିତ ପରିବାରଙ୍କୁ ଶାନ୍ତ୍ୱନା ଦେଇଥିଲେ।

## ସଂକ୍ଷେପରେ

### ନିଟ୍ ପରୀକ୍ଷା ଅନିୟମିତତା ନେଇ ସିବିଆଇ ତଦନ୍ତ ଦାବି

**ରାଉରକେଲା, ୧୭।୬(ସଙ୍ଗୀତା ଜେନା):** ନ୍ୟାସ୍‌ନାଲ୍ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ ଅଣ୍ଡର ଗ୍ରାଜୁଏଟ୍(ନିଟ୍ -ୟୁଜି) ରେ ଅନିୟମିତତା ନେଇ ସିବିଆଇ ତଦନ୍ତ ହେଉ ବୋଲି ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଛାତ୍ର ଶାଖା ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରଶ୍ନପତ୍ର ଲିକ ଯୋଗୁ ଏପରି ହୋଇଥିବା ଶାଖା ପକ୍ଷରୁ କୁହାଯାଇଛି। ଶାଖାର ପୂର୍ବ ସମ୍ପାଦକ ଦୀପକ ଗୁପ୍ତା, ଶୁକ୍ରାମ ଓରାମ, ରଞ୍ଜିତ କଚ୍ଛପ୍, ଜିତେନ୍ଦ୍ର ନାଥ ମହାନ୍ତ, କାହ୍ନୁ ମଣ୍ଡଳ ସମେତ ଅନ୍ୟ ସଦସ୍ୟମାନେ ମାମଲାର ସିବିଆଇ ତଦନ୍ତ କରାଯାଉ ବୋଲି ପ୍ରେସ୍ ବିବୃତ୍ତିରେ ଦାବି କରିଛନ୍ତି।

### ବସୁମତୀ ସ୍ନାନ ପାଳିତ

**ରାଉରକେଲା, ୧୭।୬(ସଙ୍ଗୀତା ଜେନା):** ସୋମବାର ସିଭିଲଟାଉନଶିପ୍ ଠାରେ ସାମାଜିକ ଅନୁଷ୍ଠାନ ମା' ଇନ୍ଦିରା ମହିଳା ସମିତି ପକ୍ଷରୁ ବସୁମତୀ ସ୍ନାନ କାର୍ଯ୍ୟକ୍ରମ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଭାପତି ପୁଷ୍ପା ଲେଙ୍କାଙ୍କ ନେତୃତ୍ୱରେ ପୂଜାର୍ଚ୍ଚନା କରାଯାଇ ଶିଳ, ଶିଳପୁଆ ତଥା ଧରିତ୍ରୀ ମାତାଙ୍କୁ ସ୍ନାନ କରାଯାଇଥିଲା। ସଞ୍ଜୁଲତା ଦାସ, ସନ୍ଧ୍ୟା ପରମାଣିକ, ମାନସୀ ଖଣ୍ଡାୟୀ, ସୁଜାତା ପ୍ରଧାନ, ଜୁଲି ମହାନ୍ତି, କ୍ରିଷ୍ଣା ପଟେଲ, ସୁଲୋଚନା ସମାସୀ, ଶୋଭାରାଣୀ ଦାସ ସମେତ ଅନ୍ୟମାନେ ଏହାକୁ ପରିଚାଳନା କରିଥିଲେ।

### ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର ଉଦ୍‌ଯାପିତ

**ରାଉରକେଲା, ୧୭।୬(ଦିନେଶ ମିଶ୍ର):** ରାଉରକେଲା ଡିଏଭି ଖେଳ ପଡିଆରେ ଗ୍ରୀନସ୍ପୋର୍ଟ ଏକାଡେମୀ ପକ୍ଷରୁ ଆୟୋଜିତ ହୋଇଥିବା ଗ୍ରୀଷ୍ମକାଳୀନ କ୍ରୀଡା ଶିବିର ସୋମବାର ଉଦ୍‌ଯାପିତ ହୋଇଛି। ଏହି କ୍ରୀଡା ଶିବିରରେ ରାଉରକେଲାର ବିଭିନ୍ନ ଅଞ୍ଚଳରୁ ୧୩୦ଜଣ କ୍ରୀଡାବିତ ଅଂଶ ଗ୍ରହଣ କରିଥିଲେ। କ୍ରୀଡା ଶିବିରରେ ଫୁଟବଲ, ଦୌଡ, ଶାରୀରିକ ବ୍ୟାୟମ ସାଙ୍ଗକୁ କ୍ରିକେଟ ଖେଳର ବିଭିନ୍ନ ରଣକୌଶଳ ତାଲିମ ପ୍ରଦାନ କରାଯାଇଥିଲା। ଶିବିରକୁ ବିଶ୍ୱଜିତ ଚକ୍ରବର୍ତ୍ତୀ ଓ ସରୋଜ ପରିଡା ପରିଚାଳନା କରିଥିଲେ। ଏହି ୫ ଦିନିଆ କ୍ରୀଡା ଶିବିରରେ ଅଂଶ କରିଥିବା ସମସ୍ତ କ୍ରୀଡାବିତଙ୍କୁ ଜିଏସଏ ପକ୍ଷରୁ ମାଗଣାରେ ବିଭିନ୍ନ କ୍ରୀଡା ସାମଗ୍ରୀ ବିତରଣ କରାଯାଇଥିଲା। ପାଠପଢ଼ା ସଙ୍ଗେ ସଙ୍ଗେ ଛାତ୍ର ଜୀବନରେ କ୍ରୀଡାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ଜିଏସ୍‌ଏ କ୍ଲବର ଏଭଳି କାର୍ଯ୍ୟକୁ ଅତିଥିଭାବେ ଯୋଗଦେଇଥିବା କ୍ରିକେଟର ଦିନେଶ କୁମାର ମିଶ୍ର ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ତପନ ପରିଡା, ବିଭୁକିଶୋର ରଥ, ନାରାୟଣ ପ୍ରଧାନ, କୋସିକ ଦାସ, ଶୁଭ୍ରାଂଶୁ ମହାନ୍ତିଙ୍କ ସହ ବହୁ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ଆରଡିଏରେ ମାମଲା ବେଶି, ସମାଧାନ କମ୍

**ରାଉରକେଲା, ୧୭।୬(ବିପ୍ଲବ ରଞ୍ଜନ ଦାଶ)**

**ଉନ୍ନୟନ ବିଭାଗ ସାଜିଛି ନିଦାବିଷ୍ଣୁ**

ରାଉରକେଲା ଉନ୍ନୟନ ବିଭାଗ ଅନ୍ତର୍ଗତ ଛେଣ୍ଡ ଅଞ୍ଚଳରେ ରହିଛି ଆରଡିଏ କଲୋନୀ। ଏଠାରେ ଆରଡିଏ ତରଫରୁ ୫ହଜାରରୁ ଅଧିକ ଗୃହ ଆବଣ୍ଟିତ ହୋଇଛି। ଏଥିସହିତ ବାଣିଜ୍ୟ ବ୍ୟବସାୟ ପାଇଁ ଅନେକ ଦୋକାନ ଗୃହ ମଧ୍ୟ ଆବଣ୍ଟନ ହୋଇଛି। ଆବଣ୍ଟିତ ଗୃହ ଓ ଦୋକାନ ପରିଚାଳନା ପାଇଁ ସ୍ୱତନ୍ତ୍ର ନିୟମ ବିଭାଗ ପକ୍ଷରୁ ପ୍ରଣୟନ ହେଉଛି। ଯେଉଁମାନଙ୍କୁ ଗୃହ ମିଳିଛି ସମ୍ପୃକ୍ତ ହିତାଧିକାରୀ କେବଳ ବସବାସ କରିପାରିବେ। ମାତ୍ର ଦୋକାନ, ବାଣିଜ୍ୟ ପ୍ରତିଷ୍ଠାନ ଖୋଲିବା ବାରଣ ରହିଛି। ଏଥିରେ ବ୍ୟତିକ୍ରମ ହେଲେ ଗୃହଧାରୀଙ୍କ ବିରୋଧରେ ଆରଡିଏ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଯେଉଁମାନେ ଦୋକାନ ପାଇଛନ୍ତି ସେମାନେ ଅନ୍ୟ କୌଣସି କାମରେ ଏହାକୁ ଉପଯୋଗ କରିପାରିବେ ନାହିଁ। ହେଲେ ସହରରେ ଉନ୍ନୟନ ବିଭାଗ ଦ୍ୱାରା ପ୍ରଣିତ ନିୟମ ଖୁଲମଖୁଲା ଉଲ୍ଲଘଂନ ହେଉଛି। ଅନ୍ୟପଟେ ବିଭାଗ ନିୟମ ଉଲ୍ଲଘଂନକାରୀଙ୍କ ବିରୋଧରେ କେବଳ ମାମଲା ପରେ ମାମଲା ଦାଏର କରି ଚାଲିଛି। ହେଲେ କୌଣସି ସୁଫଳ ମିଳୁନାହିଁ। ଯାହାର ଜ୍ୱଳନ୍ତ ଉଦାହରଣ ଆରଡିଏ କଲୋନୀଠାରୁ ହନୁମାନ ମନ୍ଦିର ରାସ୍ତା ପାର୍ଶ୍ୱବର୍ତ୍ତୀ ଆବଣ୍ଟିତ ଗୃହାଦିରେ ଚାଲିଥିବା ଦୋକାନ ଗୁଡିକ ଦେଖିଲେ ସ୍ପଷ୍ଟ ଜଣାପଡେ। ଏଠାରେ ରହିଥିବା ପ୍ରାୟ ଅଧିକାଂଶ ଗୃହାଦି ଆରଡିଏ ଆବଣ୍ଟିତ। ମାତ୍ର ବସବାସ ପାଇଁ ଆବଣ୍ଟିତ କରାଯାଇଥିବା ଏହି ଗୃହ ଗୁଡିକରେ ବେଧଡକ ଭାବେ ଦୋକାନ ଖୋଲାଯାଇଛି। ଫଳରେ ଏହି ରାସ୍ତାରେ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଇତିମଧ୍ୟରେ ବିଭାଗ ପକ୍ଷରୁ ଏନେଇ ୨୫ଶହ ମାମଲା ରୁଜୁ ହୋଇଥିବା ବେଳେ ସବୁ ମାମଲା ସ୍ଥଗିତ ରହିଛି। ଅନ୍ୟପଟେ ରାଜ୍ୟ ସରକାରଙ୍କ ତରଫରୁ ରାଉରକେଲା ଆରଡିଏ ନୂତନ ଅଧ୍ୟକ୍ଷ ମନୋନୀତ ହେବା ପରେ ସମସ୍ୟାର କିଛି ସମାଧାନ ହେବା ଆଶା କରାଯାଉଛି। ଆରଡିଏ କଲୋନୀର ବାସିନ୍ଦା ଉତ୍ତମ ନାୟକ, ଶରତ ଦାସ ଓ ମନୋରଞ୍ଜନ ଦାଶ କହିଛନ୍ତି, ଆରଡିଏ କଲୋନୀଠାରେ ୫ହଜାରରୁ ଉର୍ଦ୍ଧ୍ୱ ଗୃହ ଆବଣ୍ଟିତ ହୋଇଛି। ସ୍ୱତନ୍ତ୍ର କ୍ଲଜ ମଧ୍ୟ ଜାରି ହୋଇଛି। ମାତ୍ର କ୍ଲଜ ପାଳନ ହେଉନାହିଁ। ବ୍ୟବସାୟିକ କ୍ଷେତ୍ରରେ ଆବଣ୍ଟିତ ଗୃହ ବ୍ୟବହାର ହେଉଛି। ମୁଖ୍ୟରାସ୍ତା ପାର୍ଶ୍ୱରେ ଦୋକାନ ଖୋଲି ଉପର ମହଲାରେ ରହୁଛନ୍ତି। ଫଳରେ ଟ୍ରାଫିକ ସମସ୍ୟା ସହ ମାର୍କେଟ କମ୍ପ୍ଲେକ୍ସ ଦୋକାନୀ, ଛୋଟ ପିଲା, ମହିଳାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ରାଉରକେଲା ଆରଡିଏ ସଚିବ ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ପଚାରିବାରୁ, ଆରଡିଏର ଆବଣ୍ଟିତ ଗୃହ ଓ ଦୋକାନ ପାଇଁ ଭିନ୍ନ ଭିନ୍ନ କ୍ଲଜ ରହିଛି। ଗୃହରେ ଦୋକାନ ଖୋଲିବା ଅବାଧ ଓ ଦୋକାନ ଗୃହରେ ବସବାସ କରିବା ଅବାଧ। ତେଣୁ ନିୟମର ଉଲ୍ଲଘଂନ କରିବା ଅପରାଧ। ଆଗକୁ ଏଭଳି ବେଆଇନ କାର୍ଯ୍ୟାକଳାପ ଉପରେ ତୃଣମୂଳ ସ୍ତରରେ ତର୍ଜମା ହେବ ଓ ବିହିତ ପଦେକ୍ଷେକ ନିଆଯିବ ବୋଲି ସେ କହିଥିଲେ।

# ଶ୍ରମିକଙ୍କ ପାଇଁ ପ୍ରୟାସର ସଚେତନତା ଅଧିବେଶନ



ଅଧିବେଶନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ରାଉରକେଲା, ୧୭।୬(ବିପ୍ଲବ ରଞ୍ଜନ ଦାଶ)**

ଠିକା ଶ୍ରମିକଙ୍କ ପାଇଁ ପ୍ରୟାସର ଏକ ସଚେତନତା ଅଧିବେଶନ ଆରଏସପିର ଶିକ୍ଷଣ ଓ ବିକାଶ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାରଖାନାରେ କାର୍ଯ୍ୟରତ ଥିବା ୩୮ଜଣ ଠିକା ଶ୍ରମିକ ଭାଗ ନେଇଥିଲେ। ମାନବ ସମ୍ବଳ ସିଆଇଏସ, ଆରଏମ ଆଣ୍ଡ ଟି, ପ୍ରକଳ୍ପ ଓ ସିଏଲସି ବିଭାଗ ଜିଏମ ସୟ ମେହରୋତ୍ରା ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ମତ ବିନିମୟ ଅଧିବେଶନରେ ମେହରୋତ୍ରା ଓ ସିଏଲସି ବିଭାଗୀୟ ଦଳ ଠିକା ଶ୍ରମିକଙ୍କ ପାଇଁ ଉର୍ଦ୍ଦିଷ୍ଟ ବିଭିନ୍ନ ସୁବିଧା ସୁଯୋଗ ତଥା ନିର୍ଦ୍ଧାରିତ ମାନଦଣ୍ଡ ଯଥା ଇଏସଆଇ ଓ ଭବିଷ୍ୟନିଧି ପାଣ୍ଠି ଇତ୍ୟାଦି ସମ୍ବନ୍ଧରେ ଅଂଶଗ୍ରହଣକାରୀଙ୍କର ବିଭିନ୍ନ ଦ୍ୱନ୍ଦ ଦୂର କରିଥିଲେ। ସିଏଲସି ବିଭାଗର ମ୍ୟାନେଜର ସୁଶ୍ରୀ ସଙ୍ଗୀତା ମାରିୟା ସୁରକ୍ଷିତ କାର୍ଯ୍ୟଧାରା ଓ ସୁରକ୍ଷା ସନ୍ଦର୍ଭରେ ସମସ୍ତଙ୍କ ନୈତିକ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଠିକା ଶ୍ରମିକ ମାନଙ୍କର ଅଧିକାର ଏବଂ ସୁବିଧା ସୁଯୋଗ ବିଷୟରେ କାର୍ମିକ -ସିଏଲସି ବିଭାଗର ଶ୍ରମ ଇନ୍ସପେକ୍ଟର ମନୋଜ ପ୍ରଧାନ ଆଲୋଚନା କରିଥିଲେ। ବିଭାଗର ଡେପୁଟି ମ୍ୟାନେଜର ଭରତ ମାହାତୋ ଏସ.ଏ ୮୦୦୦ର ବିଭିନ୍ନ ପ୍ରାବଧାନ ଯଥା, ଶିଶୁ ଶ୍ରମିକ, ଗୋଠି ଶ୍ରମିକ, ସ୍ୱାସ୍ଥ୍ୟ ଓ ସୁରକ୍ଷିତ କାର୍ଯ୍ୟ ପରିବେଶ ପ୍ରାବଧାନ, ସୁରକ୍ଷା, ମଜୁରି ଓ କାର୍ଯ୍ୟ ନିର୍ଘଣ୍ଟ ବିଷୟରେ ତଥ୍ୟ ଉପସ୍ଥାପିତ କରିଥିଲେ। ମନୋଜ ପ୍ରଧାନ ଅଧିବେଶନକୁ ସଂଯୋଜନା କରିଥିଲେ।

# ମହରମ୍ କମିଟି ପକ୍ଷରୁ ଇଦ୍-ଉଜ୍-ଜୁହା ପାଳିତ



ଉଦଗା ପଡିଆରେ ମୁସଲିମ ସମ୍ପ୍ରଦାୟର ଲୋକେ ସମୂହ ନମାଜ ପାଠ କରୁଛନ୍ତି।

**ରାଉରକେଲା, ୧୭।୬(ଦିନେଶ ମିଶ୍ର)**

ପାନପୋଷ ସ୍ଥିତ ଉଦ୍‌ଗା ପଡିଆରେ ମହରମ୍ କମିଟି ପକ୍ଷରୁ ଇଦ୍-ଉଜ-ଜୁହା ପର୍ବ ଅନୁଷ୍ଠିତ ହୋଇଯାଇଛି। ଏନେଇ କମିଟିର ଶତାଧିକ ମୁସଲିମ୍ ସମ୍ପ୍ରଦାୟର ଲୋକେ ଯୋଗଦେଇ ସାମୂହିକ ନମାଜ ପାଠ କରିଥିଲେ। ପରେ କମିଟିର ମୋଲାନାଙ୍କ ଦ୍ୱାରା ଇଦ୍-ଉଜ-ଜୁହା ପର୍ବର ଅର୍ଥ ବଳିଦାନର ସମୟ ଉପରେ ବିସ୍ତୃତ ମତ ପ୍ରକାଶ ପାଇଥିଲା। ଏହି ପର୍ବ ରମଜାନ ମାସ ଶେଷ ହେବାର ପ୍ରାୟ ସତୁରୀ ଦିନ ପରେ ପାଳନ କରାଯାଇଥାଏ। କମିଟିର ଏମ୍‌ଡି ଅସରଫ, ଏମ୍‌ଡି ଖଲିଦ, ଆକରମ୍ ଖାନ, ଅରସଦ ଅଲ୍ଲୀ, ବବଲୁ ଅଲ୍ଲୀ, ନାସିର ଖାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଇଦ୍-ଉଜ୍-ଜୁହା ପାଳିତ

**ରାଉରକେଲା, ୧୭।୬(ସଙ୍ଗୀତା ଜେନା)**



ରାଉରକେଲାର ସର୍ବ ପୁରାତନ ନମାଜ ପାଠ କରାଯାଉଥିବା କେନ୍ଦ୍ର ଇଦ୍‌ଗା ପଡ଼ିଆରେ ସୋମବାର ପୂର୍ବାହ୍ନରେ ମଦ୍ରାସା- ମୁସ୍ଲୁଲ୍ - ଉଲୁମ୍ ପକ୍ଷରୁ ଇଦ୍ - ଉଜ୍ - ଜୁହା ପାଳିତ ହୋଇଯାଇଛି। ଏଥିରେ ୫ ହଜାରରୁ ଉର୍ଦ୍ଧ୍ୱ ମୁସଲମାନ ସମ୍ପ୍ରଦାୟର ଲୋକ ଏକକାଳୀନ ନମାଜ ପାଠ କରିଥିଲେ। ପୂର୍ବାହ୍ନ ପ୍ରାୟ ସାଢ଼େ ୫ଟାରେ ନମାଜ ପାଠ କରାଯାଇଥିଲା। ଏହି ଅବସରରେ ରାଉରକେଲା ବିଧାୟକ ଶାରଦା ନାୟକ, ବାସୁଦେବ ବାନାର୍ଜୀ, ବିଜେଡି ନଗର ସଭାପତି ଗଗନ ପଣ୍ଡା, ଇଜାଜ୍ ଅଖତାର, ଏମ୍‌ଡି ଅନୱର, ମକ୍‌ସୁଦ୍ ଆଲାମ୍, ଆସୁ କ୍ୟୁରେସି, ଆୟୁବ୍ ଖାନ୍, ସୌକତ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ପୁରୁଣା ଷ୍ଟେଶନ ସ୍ଥିତ ଜାମା ମସ୍‌ଜିଦ୍‌ରେ ନମାଜ ପାଠ କରାଯାଇଥିଲା। ସେହିପରି ୮ଟାରେ ନୁର୍ ମସ୍‌ଜିଦ୍‌ରେ ନମାଜ ପାଠ କରାଯାଇଥିଲା। ସାଢ଼େ ୮ଟା ସମୟରେ ନାଲାରୋଡ୍ ସ୍ଥିତ ମସ୍‌ଜିଦ୍‌ରେ ନମାଜ ପାଠ ପରେ ଉପସ୍ଥିତ ଶ୍ରଦ୍ଧାଳୁମାନେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ସାନଉଲ୍ଲା ମୁସ୍ତଫା ବିଶ୍ୱର ଶାନ୍ତି ଓ ଭାଇଚାରା ପାଇଁ ଶାନ୍ତି ପାଠ କରିଥିଲେ। ସେହିପରି ଝିରପାଣି, ସେକ୍ଟର-୧୫ ସମେତ ବିଭିନ୍ନ ଅଞ୍ଚଳରେ ଇଦ୍- ଉଜ୍ - ଜୁହା ପାଳିତ ହୋଇଥିଲା।

### ରାଜସ୍ଥାନ ପରିଷଦର ୫୨ତମ ସାଧାରଣ ସଭା

**ରାଉରକେଲା, ୧୭।୬(ଦିନେଶ ମିଶ୍ର)**

ସହରର ସାମାଜିକ ସଙ୍ଗଠନ ରାଜସ୍ଥାନ ପରିଷଦର ୫୨ତମ ସାଧାରଣ ସଭା ସୋମବାର ଅମରଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅତିଥି ଭାବେ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅଗ୍ରୱାଲ, ଉପାଧ୍ୟକ୍ଷ ଯୁଗଲ କିଶୋର ମାରୋଠିଆ, ବରୁଣ ସୋନାନୀ, ବିନୋଦ ନରେଡି, ବିନୋଦ ଶର୍ମା, ମାଙ୍ଗଲାଲ ବୋଥରା ପ୍ରମୁଖ ମଞ୍ଚାସୀନ ଥିଲେ। ପରିଷଦର ସମ୍ପାଦକ ବିନୋଦ ନରେଡିଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ପରିଷଦର କୋଷାଧ୍ୟକ୍ଷ ବିନୟ ଶର୍ମାଙ୍କ ଦ୍ୱାରା ଆୟ-ବ୍ୟୟର ହିସାବ ପ୍ରଦାନ କରିଯିବା ପରେ ୨୦୨୪-୨୫ ବର୍ଷ ପାଇଁ ଅଡିଟ୍‌ର ଭାବେ ଗୋପାଳ ବାଙ୍କାଙ୍କୁ ସର୍ବସମ୍ମତିକ୍ରମେ ନିଯୁକ୍ତି କରାଯାଇଥିଲା। ପୂର୍ବ ଅଧ୍ୟକ୍ଷ ମହାବୀର ପ୍ରସାଦ ତୋଡି, ସନ୍ତୋଷ ପାରିକ, ତରୁଣ ମାଲାନୀ, ବ୍ରଦୀନାରାୟଣ ମାହେଶ୍ୱରୀ, ପ୍ରେମ ମୋଦୀ, ଘନଶ୍ୟାମ ଅଗ୍ରୱାଲ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବାସନ୍ତୀ କଲୋନୀ ସ୍ଥିତ ରାଜସ୍ଥାନ ସେବା ସଦନ ଡାକ୍ତରଖାନାର ବିକାଶ ସାଙ୍ଗକୁ ରୋଗୀଙ୍କୁ ଅଧିକ ମୌଳିକ ସୁବିଧା ପ୍ରଦାନ କରିବା ପାଇଁ ବିଚାର ବିମର୍ଶ କରାଯାଇଥିଲା। ସେବା ସଦନରେ କର୍ମଚାରୀଙ୍କୁ ଅଧିକ ସେବା ପ୍ରଦାନ କରିବା ପାଇଁ ଆଲୋଚନା କରାଯାଇଥିଲା। ଉତ୍ସବରେ ବରୁଣ ସୋନାନୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଉପାଧ୍ୟକ୍ଷ ଯୁଗୋଲ କିଶୋର ମାରାଠିଆ ଧନ୍ୟବାଦ ଅର୍ପଣ କରିଥିଲେ।

### ଗାଡ଼ି ଧକ୍କାରେ ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ, ବର୍ତ୍ତିଲେ ମହିଳା

**ବାଲିଶଙ୍କରା, ୧୭।୬(ହୃଦାନନ୍ଦ ବାରିକ):** ଅଜଣା ଗାଡ଼ି ଧକ୍କାରେ ବାଲିଶଙ୍କରା ବ୍ଲକ୍ କାର୍ଯ୍ୟାଳୟ ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ଏହି ସମୟରେ ଘର ଅଗଣାରେ ସଫା କରୁଥିବା ଜଣେ ମହିଳା ଅଳ୍ପକେ ବର୍ତ୍ତିଯାଇଛନ୍ତି। ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯିବାରୁ ବିଜୁଳ ସେବା ବନ୍ଦ ରହିଛି।

# ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ କୁନି ଛାତ୍ରୀଛାତ୍ର।

**ରାଉରକେଲା, ୧୭।୬(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ଅଗ୍ରଣୀ ସାମାଜିକ ଏବଂ ସାଂସ୍କୃତିକ ଅନୁଷ୍ଠାନ ପରିଚୟର ସୌଜନ୍ୟକ୍ରମେ ଭଞ୍ଜ ଭବନ ପ୍ରେକ୍ଷାଳୟରେ ରଜପର୍ବ ନେଇ ଚାଲିଥିବା ୧୯ତମ ଆନ୍ତର୍ଜାତୀୟ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୩୩ଟି ନୃତ୍ୟଦଳ ଭାଗନେଇ ଓଡିଆ ଶାସ୍ତ୍ରୀୟ, ଉପଶାସ୍ତ୍ରୀୟ ଓ ପୁରପଲ୍ଲୀ ସଭ୍ୟତା, ସଂସ୍କୃତି ଜଡିତ ଓଡିଶୀ ଏବଂ ଆଞ୍ଚଳିକ ଲୋକନୃତ୍ୟ ଆଧାରିତ ନୃତ୍ୟ କଳା ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ମହୋତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମାଜିକ ଓ ସାଂସ୍କୃତିକ ବିକାଶ କ୍ଷେତ୍ରରେ ରାଉରକେଲା ପରିଚୟ ଅନୁଷ୍ଠାନର ଭୂମିକା ଅତୁଳନୀୟ ବୋଲି କହିବା ସହିତ ଅନୁଷ୍ଠାନରେ ଜଡିତ କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥିଭାବେ ନାଟ୍ୟକାର, ନିର୍ଦ୍ଦେଶକ ଏବଂ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ.ସମର ମୁଦାଲୀ, ନାଟ୍ୟକାର ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ମହାପାତ୍ର ଓ ଶିଳ୍ପପତି ବ୍ରିଜମୋହନ ଅଗ୍ରବାଲ ଯୋଗ ଦେଇଥିଲେ। ଆୟୋଜିତ ଉତ୍ସବରେ ଭୁବନେଶ୍ୱରରୁ ଆସିଥିବା କେନ୍ଦ୍ରୀୟ ସଙ୍ଗୀତ ନାଟ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ତଥା ଓଡିଶା ନାଟ୍ୟ ସଂଘର ସଭାପତି ମନୋଜ ପଟ୍ଟନାୟକ ସମ୍ବର୍ଦ୍ଧିତ ଅତିଥିଭାବେ ଉପସ୍ଥିତ ଥିଲେ। ଜମ୍ମୁ ଓ କାଶ୍ମୀରରୁ ପ୍ରଫେସର ବିଶାଳ ପାହାଡି ଓ ଆଗ୍ରାରୁ ଅଜୟ ଦୁବେ ସମ୍ବର୍ଦ୍ଧିତ ଅତିଥିଭାବେ ଯୋଗ ଦେଇଥିଲେ। ଉତ୍ସବକୁ ପରିଚାଳନା କରିଥିଲେ ଅନୁଷ୍ଠାନ ଉପ-ସଭାପତି ପଞ୍ଚାନନ ମହାପାତ୍ର। ୩ଦିନ ବ୍ୟାପି ଚାଲିଥିବା ଏହି ନୃତ୍ୟ ସଂଗୀତ କାର୍ଯ୍ୟକ୍ରମ ଆୟୋଜନରେ ବିଶେଷ ସହଯୋଗୀତା କରିଥିଲେ ଗାୟତ୍ରୀ ବିଶୋୟୀ, ଅଜୟ କୁମାର ଯାଦବ, ଅନ୍ୱେଷା ନାୟକ, ସନ୍ତୋଷ ସାହୁ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ ଏବଂ ପୂଜା ସେନାପତି ପ୍ରମୁଖ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା।

# ଆରାଧା ପକ୍ଷରୁ ରଜ ଉତ୍ସବ ଉଦ୍‌ଯାପିତ

**ରାଉରକେଲା, ୧୭।୬(ସଙ୍ଗୀତା ଜେନା)**

ସାମାଜିକ ଅନୁଷ୍ଠାନ ଆରାଧା ପକ୍ଷରୁ ରଜ ପର୍ବ ରବିବାର ସନ୍ଧ୍ୟାରେ ଶେଷ ହୋଇଯାଇଛି। ଅନୁଷ୍ଠାନର ସଭାପତି ହରପ୍ରିୟା ପଟ୍ଟନାୟକଙ୍କ ନେତୃତ୍ୱରେ ମୁଖ୍ୟ ଅତିଥିଭାବେ ମିଶନ୍ ମିଲେଟ୍‌ର ସଫଳ ମହିଳା ଉଦ୍ୟୋଗୀ ପ୍ରେମା ଦାସ ଯୋଗଦେଇ କହିଲେ, ଘର କୋଣର ମହିଳା ମାନେ ଆଲୋକ ଆଡକୁ ମୁହାଁଇଛନ୍ତି। ସେମାନଙ୍କୁ ବିକାଶ ଓ ଦୃଢ଼ମନୋବଳ ସଫଳତା ଆଣିବାକୁ ସହଜ କରିଛି। ଏହା ପାଇଁ ଉଭୟ ସରକାରୀ ଓ ସାମାଜିକ ସ୍ତରରେ ପ୍ରୋତ୍ସାହନ ମିଳିବା ଉଚିତ୍ ବୋଲି ଦାସ କହିଥିଲେ। ପରେ ବିଭିନ୍ନ ଉଦାହରଣ ଦେଇ ମହିଳାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥିଭାବେ ଶିକ୍ଷାବିତ୍ ଡା. କେସି ବାରିକ ରଜ ଭଳି ପାରମ୍ପରିକ ପର୍ବ ପାଳନ ନେଇ ସାଧୁବାଦ ଦେବା ସହିତ ସମାଜରେ ସମ୍ପ୍ରତି ବୃଦ୍ଧ ପିତାମାତାଙ୍କୁ ନେଇ ଅବହେଳା ସମ୍ପର୍କରେ ଆଲୋକପାତ କରିଥିଲେ। ଉପସଭାପତି ବବିତା ସ୍ୱାଇଁ, କୋଷାଧ୍ୟକ୍ଷ ଶୁଭାଶ୍ରୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ସବିତା ମହାରଣା ଓ ରୋଜାଲିନ୍ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରଜ ପାଇଁ ପିଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ ପ୍ରଥମ ସ୍ଥାନ ସ୍ମରଣିକା ପାଣି, ଦ୍ୱିତୀୟ ପ୍ରଣତି ବଳ, ତୃତୀୟ ସ୍ଥାନ ସସ୍ମିତା ନାଏକ ତଥା ମମତା ତ୍ରିପାଠୀ, ମୀନତୀ ମହାନ୍ତି, ଦମୟନ୍ତୀ ମହାପାତ୍ର, ରଶ୍ମୀତା ସ୍ୱାଇଁ, ସସ୍ମିତା ପଟ୍ଟନାୟକ, କୁନ୍‌ମୁନ୍ ମିଶ୍ର ପ୍ରମୁଖ ପୁରସ୍କାର ହାସଲ କରିଥିଲେ। ପରେ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମରେ ଜୟଶ୍ରୀ ପାଣ୍ଡେ, ସସ୍ମିତା ପଟ୍ଟନାୟକ, ନୃତ୍ୟ ପରିବେଷଣ କରିଥିଲେ। ସାବିତ୍ରୀ ବେହେରା, ଲକ୍ଷ୍ମୀ ନାୟକ, ସବିତା ବେହେରା, ଆରତୀ ମହାପାତ୍ର, ସଞ୍ଜୁ ମିଶ୍ର, ମଧୁମିତା ପଟ୍ଟନାୟକ, ଅଲିଅଳ ମିଶ୍ର, କାଦମ୍ବିନୀ ମିଶ୍ର ସମେତ ଅନ୍ୟମାନେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଆହାର କେନ୍ଦ୍ର ବୁଲିଲେ, ଲୋକଙ୍କ ସହ ଖାଇଲେ ବିଧାୟକ

**ରାଉରକେଲା, ୧୭।୬(ବିପ୍ଲବ ରଞ୍ଜନ ଦାଶ)**

- ଆହାର କେନ୍ଦ୍ରର ସମସ୍ୟା ପଚାରିବୁଝିଲେ
- ବନ୍ଦ ହେବା ଗୁଜବ ଭିତ୍ତିହୀନ



ରଘୁନାଥପାଲି ବିଧାୟକ ସେକ୍ଟର-୨ ଆହାର କେନ୍ଦ୍ରରେ ୫ଟଙ୍କିଆ ଡାଲମା ଭାତ ଖାଇବାକୁ ଧାଡିରେ ଠିଆ ହୋଇଛନ୍ତି।

ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ସୋମବାର ଭାଜପା ନେତୃ ମଣ୍ଡଳୀଙ୍କ ସହ ରାଉରକେଲା ଶିଳ୍ପାଞ୍ଚଳ ଅନ୍ତର୍ଗତ ସେକ୍ଟର-୨ ସ୍ଥିତ ଆହାର କେନ୍ଦ୍ର ଓ ସେକ୍ଟର-୧୯ ସ୍ଥିତ ଲକ୍ଷ୍ମୀ ମାର୍କେଟ ତଥା ଆଇଜିଏଚ ନିକଟସ୍ଥ ଆହାର କେନ୍ଦ୍ର ପରିଦର୍ଶନ କରିଥିଲେ। ଉଭୟ ଆହାର କେନ୍ଦ୍ରରେ ଥିବା ସମସ୍ୟା ନେଇ ପରିଚାଳନା ଦାୟିତ୍ୱ ତୁଲାଉଥିବା ମହିଳା ଗୋଷ୍ଠୀଙ୍କ ସହିତ ଆଲୋଚନା କରିଥିଲେ। ଏଥିସହ ଆହାର କେନ୍ଦ୍ରରେ ୫ଟଙ୍କିଆ ଟୋକନ କିଣି ଡାଲମା ଭାତ ଗୁଣବତ୍ତା ପରୀକ୍ଷଣ ପାଇଁ ଲୋକଙ୍କ ସହ ମିଶି ଭୋଜନ ମଧ୍ୟ କରିଥିଲେ। ପ୍ରଥମେ ସେକ୍ଟର-୨ ସ୍ଥିତ ଆହାର କେନ୍ଦ୍ର ପରିଦର୍ଶନ କରି ପରିଚାଳନା ଦାୟିତ୍ୱରେ ଥିବା ଶୈଳେନ୍ଦ୍ରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ସସ୍ମିତା ପାତ୍ର, ସମ୍ପାଦିକା ଚନ୍ଦ୍ରିକା ଲେଙ୍କା, କୋଷାଧକ୍ଷା ବନ୍ଦିତା ଲେଙ୍କା ଓ ପ୍ରଭାସିନୀ ବିଶୋୟୀଙ୍କୁ କେନ୍ଦ୍ରର ସୁବିଧା ଅସୁବିଧା ଉପରେ ପଚାରିଥିଲେ। ପରେ ବିଧାୟକଙ୍କୁ କେନ୍ଦ୍ର ପରିଚାଳିକା କେନ୍ଦ୍ର ନିକଟରେ ଶୌଚାଳୟ ନ ରହିବା ଓ ଫ୍ରିଜର ଅଚଳ ଥିବା ବିଷୟରେ ଅବଗତ କରାଇ ଏହାର ଉପରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଜଣାଇଥିଲେ। ପରେ ବିଧାୟକ କେନ୍ଦ୍ରର ଷ୍ଟାଫ ଓ ବେତନ ନେଇ ପଚାରିଥିଲେ। ଜବାବରେ କେନ୍ଦ୍ରରେ ୪ଜଣ ଷ୍ଟାଫ ଥିବାବେଳେ ୩ଜଣ ବେତନ ପାଉଥିବା ଓ ଜଣେ ଦୈନିକ ମଜୁରିରେ କାମ କରୁଥିବା ଜାଣିବାକୁ ପାଇଥିଲେ। ଏହାପରେ ବିଧାୟକ ତନ୍ତୀ ସେକ୍ଟର-୧୯ ସ୍ଥିତ ଲକ୍ଷ୍ମୀ ମାର୍କେଟ ତଥା ଆଇଜିଏଚ ନିକଟସ୍ଥ ଆହାର କେନ୍ଦ୍ର ପରିଦର୍ଶନ କରି କେନ୍ଦ୍ରର ଅସୁବିଧାକୁ ନେଇ ସ୍ଥାନୀୟ କେନ୍ଦ୍ର ପରିଚାଳିକାଙ୍କ ଠୁ ଅବଗତ ହୋଇ ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ରାଉରକେଲା ମହାନଗର ନିଗମ ଆୟୁକ୍ତ ତଥା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଗଣମାଧ୍ୟମକୁ ସୂଚନା ଦେଇ ତନ୍ତୀ କହିଥିଲେ, ସୋସିଆଲ ମିଡିଆ ମାଧ୍ୟମରେ ବିରୋଧୀ ଭାଜପା ସରକାରକୁ ବଦନାମ କରିବାକୁ ପ୍ରଚେଷ୍ଟା କରୁଛି। ମିଥ୍ୟା ପ୍ରଚାରର ଆଶ୍ରୟ ନେଇ ରାଜ୍ୟରେ ଆହାର କେନ୍ଦ୍ର ଭାଜପା ସରକାର ବନ୍ଦ କରିବ ବୋଲି ଗୁଜବ ଖେଳାଉଛି। ଭାଜପାକୁ ବଦନାମ କରିବା ପାଇଁ ଏହା ଷଡଯନ୍ତ୍ର ବୋଲି ତନ୍ତୀ କହିଛନ୍ତି। ରାଜ୍ୟରେ ଆହାର କେନ୍ଦ୍ର ବନ୍ଦ ହେବ ନାହିଁ ବୋଲି କହିବା ସହ ଆଗକୁ ରାଉରକେଲା ଶିଳ୍ପାଞ୍ଚଳରେ ଥିବା ଆହାର କେନ୍ଦ୍ର ଆହୁରି ସୁଦୃଢ ହେବ ବୋଲି କହିଥିଲେ। ସେକ୍ଟର-୨ ଖାରିଆ ବାହାଲ ବସ୍ତି ଓ ଜୋତାବନ୍ଧ ବସ୍ତିର ଶତାଧିକ ମହିଳା ପୁରୁଷ ବିଧାୟକଙ୍କୁ ଭେଟି ପ୍ରଚଣ୍ଡ ଖରାରେ ଶିଳ୍ପାଞ୍ଚଳରେ ଘନ ଘନ ବିଦ୍ୟୁତ୍ କାଟ ହେଉଥିବା ଅଭିଯୋଗ କରିଥିଲେ। ଅଭିଯୋଗ ଶୁଣି ବିଧାୟକ ତତକ୍ଷଣାତ ଶିଳ୍ପାଞ୍ଚଳ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ଫୋନ କରି ଆଗାମୀ ୩ ମାସ ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହକୁ ନିରବଚ୍ଛିନ୍ନ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ମୁଖପାତ୍ର ଧିରେନ ସେନାପତି, ଜିଲା ମୁଖପାତ୍ର ଗଙ୍ଗାଧର ଦାଶ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ କୁମାର ଦାଶ, ଜଗବନ୍ଧୁ ସାହୁ, ମନୋଜ ପଟ୍ଟନାୟକ, ଜଗବନ୍ଧୁ ବେହେରା, ଶରତ ନାଗ, ବିଜୟ ସିଂହ, କୈଳାସ ରାଉତ, ଶ୍ରୀକାନ୍ତ ରାୟ, ଆଦିତ୍ୟ ତିୱାରୀ, ଅଜିତ ସ୍ୱାଇଁ, ପ୍ରଫୁଲ୍ଲ ମିଶ୍ର, ଯଦୁମଣୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବଲପୁର: ୨୧ରେ ଖୋଲିବ ସ୍କୁଲ

ସମ୍ବଲପୁର,୧୭।୬
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲାରେ ଆସନ୍ତା ୨୧ ତାରିଖରେ ସ୍କୁଲ ଖୋଲିବା ନେଇ ଭାରପ୍ରାପ୍ତ ଜିଲାପାଳ ସୁଚାରୁ ବଳ ସୂଚନା ଦେଇଛନ୍ତି । ପାଣିପାଗ ବିଭାଗ ପକ୍ଷରୁ ଚଳିତ ବର୍ଷ ଆଗଆ ମୌସୁମୀ ପ୍ରବେଶ ନେଇ ପୂର୍ବନୁମାନ କରିଥିଲା। ତେବେ ରାଜ୍ୟରେ ବର୍ଷା ହୋଇ ନ ଥିବାରୁ ପ୍ରବଳ ଗୁଳୁଗୁଳି ଏବଂ ଖରା ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଲାର ବର୍ଷା ସ୍ଥିତିକୁ ନେଇ ଛୁଟି ବୃଦ୍ଧି କରିବା ନେଇ ନିଷ୍ପତ୍ତି ନେବାକୁ ଜିଲାପାଳମାନଙ୍କୁ ଦାୟିତ୍ୱ ଦେଇଥିଲେ। ସମ୍ବଲପୁରରେ ମଧ୍ୟ ଟିକିଏ ବର୍ଷା ହୋଇଥିଲେ ବି ଖରା ଏବଂ ଗୁଳଗୁଳି କମିନାହିଁ । ତେଣୁ ଜିଲା ପ୍ରଶାସନ ପକ୍ଷରୁ ଛୁଟିକୁ ତିନି ଦିନ ବୃଦ୍ଧି କରାଯାଇଥିବା ନେଇ ସୂଚନା ଦିଆଯାଇଛି। ଏହାକୁ ନେଇ ଅଭିଭାବକମାନେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।

# ଶମ୍ବର ମାଂସ ଜବତ, ୬ ଗିରଫ

ନାକଟୀଦେଉଳ, ୧୭।୬
(ବୈକୁଣ୍ଠନାଥ ସାହୁ)

■ ଶିକାର କରି ଚାଲାଣ ବେଳେ ଧରାପଡ଼ିଲା
■ ଶିକାରରେ ବ୍ୟବହୃତ ଦେଶୀ ବନ୍ଧୁକ, ବାରୁଦ ଗୁଳା, ତାର ଜବତ

ସମ୍ବଲପୁର ଜିଲା ଖଲାଶୁଣୀ ବନ୍ୟପ୍ରାଣୀ ଅଭୟାରଣ୍ୟରେ ଅବାଧରେ ଚାଲିଛି ବନ୍ୟପ୍ରାଣୀ ଶିକାର। ଶିକାରୀମାନେ ଯୋଜନାବଦ୍ଧଭାବେ ତାର ଓ ବାରୁଦ ଗୁଳା ବିଛାଇ ଶମ୍ବର ଓ ଅନ୍ୟାନ୍ୟ ବନ୍ୟପ୍ରାଣୀ ଶିକାର କରୁଛନ୍ତି। ଏଠାରୁ ଶମ୍ବର ଶିକାର କରି ବାଇକ ଯୋଗେ ବାହାରକୁ ଚୋରା ଚାଲାଣ କରାଯାଉଥିବା ବେଳେ କିସିଣ୍ଡା ବନ୍ୟପ୍ରାଣୀ ରେଞ୍ଜ କର୍ମଚାରୀ ୧୧କେଜି ମାଂସ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ୬ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଦେବଗଡ଼ ଜିଲା ରିଆମାଳ ଥାନା ଅନ୍ତର୍ଗତ ବାବରାକୋଟ ଗ୍ରାମର ବିଜୟ କୁମାର ବେହେରା, ଅବନୀ ସ୍ୱାଇଁ, ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ କେଲୋ ଗ୍ରାମର ଚିତ୍ରସେନ ଦେହୁରୀ, ନୂତନ ମଣ୍ଡୁଆମ ଗ୍ରାମର ବସନ୍ତ କିସାନ, ମକୁନ୍ଦ ସିଂ ଏବଂ ଧନେଶ୍ୱର ସିଂ। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ୩ଟି ଅଫୁଟା ଗୁଳି, ୧ଟି ବାରୁଦ ଗୁଳା, ୩କେଜି ତାର, ୨୫ବଣ୍ଡଲ


ଗିରଫ ଅଭିଯୁକ୍ତ ଓ ଶମ୍ବର ଶିକାରରେ ବ୍ୟବହୃତ ବନ୍ଧୁକ ଏବଂ ଅନ୍ୟାନ୍ୟ ସାମଗ୍ରୀ।

ଫାସ, ୨ଟି କଟୁରୀ ଜବତ ହୋଇଛି। ଅପରପକ୍ଷରେ ମାଂସ ଚୋରାଚାଲାଣରେ ବ୍ୟବହୃତ ବାଇକ(ନଂ. ଓଡ଼ି୧୫ଜେ-୧୦୬୮)କୁ ଜବତ କରାଯାଇଛି ।

ବାମରା ବନଖଣ୍ଡ କିସିଣ୍ଡା ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ଜଙ୍ଗଲରୁ ଗତ ରବିବାର ସମ୍ପୃକ୍ତ ଶିକାରୀମାନେ ଏକ ଶମ୍ବର ଶିକାର କରି ମାଂସକୁ ଦେବଗଡ ଜିଲା ରିଆମାଳ ଅଞ୍ଚଳକୁ ବାଇକରେ ଚାଲାଣ କରାଯାଉଥିବା ନେଇ ବନ ବିଭାଗକୁ ଖବର ମିଳିଥିଲା। ଏହି ଅନୁସାରେ କିସିଣ୍ଡା ବନ୍ୟପ୍ରାଣୀ ରେଞ୍ଜ ଅଧିକାରୀ ମହେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଫରେଷ୍ଟର ଅନୁରାଧା ଖର୍ସେଲ, ଭୁବନେଶ୍ୱର ପାଣି, ଫରେଷ୍ଟ ଗାର୍ଡ଼ ନିହାର ରଞ୍ଜନ ବଡ଼ପଣ୍ଡା, ଲିଲି ବିଶି ଚଢାଉ କରିଥିଲେ। କିସିଣ୍ଡା-ଗୋଧିଡିପ ରାସ୍ତାର ବଳମ ନିକଟ ପିତାବଳିଖମଣଠାରେ ଚଢାଉ ବେଳେ ବିଜୟ କୁମାର ବେହେରା ଏବଂ ଅବନୀ କୁମାର ସ୍ୱାଇଁଙ୍କ ବାଇକ ଡ଼ିକିରୁ ଶମ୍ବର ମାଂସ ଜବତ କରାଯାଇଥିଲା। ଉଭୟଙ୍କୁ ବନ ବିଭାଗ କାର୍ଯ୍ୟାଳୟ ଅଣାଯାଇ ପଚରାଉଚରା କରାଯାଇଥିଲା। ତଦନ୍ତ ସମୟରେ ସେମାନେ ଏଥିରେ ସମ୍ପୃକ୍ତ ଅନ୍ୟ ୪ଜଣଙ୍କ ସମ୍ପର୍କରେ କହିଥିଲେ। ସେହି ସୂଚନା ଆଧାରରେ ଅନ୍ୟ ୪ଜଣଙ୍କ ଘରେ ଚଢାଉ କରାଯାଇ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତମାନଙ୍କୁ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ସୋମବାର ରେଢାଖୋଲ ଅଦାଲତ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

# ରାଜ୍ୟର ସବୁ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ ଘୋଷଣା କର

କୁଚିଣ୍ଡା,୧୭।୬(ବିରଞ୍ଚି ଦର୍ଜୀ)

## ଆଞ୍ଚଳିକ ସମସ୍ୟା ସମାଧାନ ମଞ୍ଚର ମୁଖ୍ୟମନ୍ତ୍ରୀଙ୍କୁ ୮ଦଫା ପ୍ରସ୍ତାବ ପତ୍ର

ସମ୍ବଲପୁର ଜିଲା ଜମନକିରା ବ୍ଲକ ଜମନକିରା ଆଞ୍ଚଳିକ ସମସ୍ୟା ସମାଧାନ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ଦଫା ପ୍ରସ୍ତାବ ପତ୍ର ଅନଲାଇନରେ ପ୍ରଦାନ କରାଯାଇଛି। ଏଥିସହ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଏହାର ଏକ ନକଲ ପ୍ରେରଣ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ପ୍ରତି ବ୍ଲକରେ ଖୋଲାଯାଇଥିବା ଆଦର୍ଶ ବିଦ୍ୟାଳୟରେ ସିମୀତ ଛାତ୍ରୀଛାତ୍ରଙ୍କ ପଢିବା ବ୍ୟବସ୍ଥା ରହିଛି। ଏଣୁ ରାଜ୍ୟର ସମସ୍ତ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ ଘୋଷଣା କରାଯାଉ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ରୋଜଗାରକ୍ଷମ କରିବା ପାଇଁ ପ୍ରତି ବ୍ଲକରେ ଉପଯୁକ୍ତ ପ୍ରଶିକ୍ଷଣ କେନ୍ଦ୍ର ବ୍ୟବସ୍ଥା, ପ୍ରତି ଗ୍ରାମରେ ଗୋରୁଙ୍କ ପାଇଁ ଥିବା ସରକାରୀ ଜମିର ୫ପ୍ରତିଶତ ଚାରଣଭୂମି ନିମନ୍ତେ ସଂରକ୍ଷଣ କରିବା, ମଧ୍ୟାହ୍ନ ଭୋଜନରେ ପିଲାଙ୍କୁ ଅଣ୍ଡା ପରିବର୍ତ୍ତେ କ୍ଷୀରରୁ ତିଆରି ପନୀର, ଛେନା, ଦହି ଆଦି ଦିଆଯିବା, ଗୃହପାଳିତ ପ୍ରାଣୀଙ୍କ ସମସ୍ତ ରୋଗର ମାଗଣା ଚିକିତ୍ସା, ଏକ ସୁସ୍ଥ ସମାଜ ଗଠନ ପାଇଁ ରାଜ୍ୟରେ ପ୍ରଚଳିତ ନିଶାଦ୍ରବ୍ୟକୁ ବନ୍ଦ କରିବା, ବାହାର ରାଜ୍ୟରୁ ଆସି ଏଠାରେ ବସବାସ କରୁଥିବା ଲୋକଙ୍କ ସମ୍ପର୍କରେ ତଦନ୍ତ ସହ ମାଡି ବସିଥିବା ସରକାରୀ ଜମିକୁ ମୁକ୍ତ କରିବା, ସ୍କିଲ ଲେବର ନିମନ୍ତେ ତାଲିମ କେନ୍ଦ୍ର ଖୋଲାଯାଇ ଅନ୍ୟ ରାଜ୍ୟରୁ ଆସୁଥିବା ରାଜମିସ୍ତ୍ରିଙ୍କ ପ୍ରତି ରୋକ ଲଗାଯିବା ଭଳି ଆଠ ଗୋଟି ପ୍ରସ୍ତାବ ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରାଯାଇଛି। ଆଞ୍ଚଳିକ ସମସ୍ୟା ସମାଧାନ ମଞ୍ଚ ପକ୍ଷରୁ ସଂଯୋଜକ ପ୍ରଶାନ୍ତ କୁମାର ପଣ୍ଡା, ସମ୍ପାଦକ ସାଲେକରାମ ପଧାନ, ଜମନକିରା ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ସୁବାସ ଚନ୍ଦ୍ର ସାହୁ, ସଞ୍ଜୟ କୁମାର ଅର୍କ, ଡା.ଯଦୁମଣି ପଟେଲ, ଜିତେନ୍ଦ୍ର କୁମାର ସାହୁ, ଅନୁପ କୁମାର ବହିଦାର ପ୍ରମୁଖ ଏହି ପ୍ରସ୍ତାବ ପତ୍ରରେ ସାକ୍ଷର କରିଛନ୍ତି।

# କ୍ରିକେଟ: ସମଲେଶ୍ୱରୀ ଟିମ୍ ଚାମ୍ପିୟନ


ଅତିଥି ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଦେବଗଡ଼,୧୭।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ପୌରାଞ୍ଚଳ ହାତୀଶାଳ ସାହିଖେଳ ପଡିଆଠାରେ ଶିବବାଲା କ୍ଲବ ଆନୁକୂଲ୍ୟରେ ଏକ ଦିନିକିଆ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୋଟ ୪ଟି ଦଳକୁ ନେଇ ଆୟୋଜିତ ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଶିବବାଲା କ୍ରିକେଟ ଟିମକୁ ପରାସ୍ତ କରି ସମଲେଶ୍ୱରୀ କ୍ରିକେଟ ଟିମ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଅମ୍ପାୟର ଭାବେ ରଞ୍ଜିତ ପାତ୍ର ଓ ବିଶାଳ ମୁଖର ପରିଚାଳନା କରିଥିଲେ। ଶିବବାଲା କ୍ଲବ ସଭାପତି ରାଜିନ ମୁଖିଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗଦେଇ ଚାମ୍ପିୟନ ସମଲେଶ୍ୱରୀ କ୍ରିକେଟ ଟିମ ଓ ରନର୍ ଅପ ଶିବବାଲା କ୍ରିକେଟ ଟିମକୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବ ସଦସ୍ୟ ସୁକେନ ମୁଖି, ମହାଦେବ ନାଏକ ଓ ଶୈଳେନ୍ଦ୍ର ବ୍ରିନେଦଙ୍କ ସମେତ ସମସ୍ତ ସଦସ୍ୟ ସକ୍ରୀୟ ସହଯୋଗ କରିଥିଲେ।

# ମନ୍ତ୍ରୀଙ୍କୁ ଭେଟିଲା ଆଦିବାସୀ ସଂଘ

ନୂଆପଡ଼ା,୧୭।୬ (ମକାରୁ ବେମାଲ)

ନୂଆପଡା ଜିଲାର ଆଦିବାସୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଜିଲା ଆଦିବାସୀ କଲ୍ୟାଣ ସଂଘର କର୍ମକର୍ତ୍ତା ମନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ସଂଘର ନୂଆପଡ଼ା ବ୍ଲକ ସଭାପତି ଭକ୍ତବନ୍ଧୁ ଧରୁଆ, କୋମନା ବ୍ଲକ ସଭାପତି ଜ୍ଞାନେଶ୍ୱର ମାଝି ଓ ଯମୁନା ଧରୁଆ ଭୁବନେଶ୍ୱର ଯାଇ ବିଦ୍ୟାଳୟ ଓ ଗଣଶିକ୍ଷା, ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି ଆଲୋଚନା କରିଥିଲେ। ଜଳ, ଜଙ୍ଗଲ, ଜମି ଅଧିକାର ପଟ୍ଟା ପ୍ରଦାନ, ଆଦିବାସୀଙ୍କ ଜମିକୁ ଅଣଆଦିବାସୀ କିଣି ଭୂମିହୀନ କରୁଥିବା, ଆଦିବାସୀ ବସବାସ କରୁଥିବା ଅଞ୍ଚଳରେ ବିଜୁଳି, ପାନୀୟ ଜଳ, ରାସ୍ତା, ଆଶ୍ରମ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ, ଶିକ୍ଷିତ ବେକାରୀ ଯୁବତୀଯୁବକଙ୍କୁ ସ୍ଥାୟୀ ସରକାରୀ ଚାକିରି ଇତ୍ୟାଦି ସମସ୍ୟା ଉପରେ ମନ୍ତ୍ରୀଙ୍କୁ ଅବଗତ କରାଇବା ସହ ଆଲୋଚନା କରିଥିଲେ।


ଦିନରେ ଜଳୁଛି ରାତିରେ ନାହିଁ... ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଜେଲ ଛକ ରାସ୍ତାରେ ଜଳୁଛି ଷ୍ଟ୍ରିଟ ଲାଇଟ।


ବର୍ଷା ଆସନ୍ନ: ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ତଳି ଛକରେ ନାଳରେ ଆବର୍ଜନା ଭର୍ତ୍ତି, ସଫା ହେଉନି।

# ଏମ୍‌ସିଏଲ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ


ସ୍ୱଚ୍ଛତା ପକ୍ଷ ରଥକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

ସମ୍ବଲପୁର,୧୭।୬(ବି.ଶଙ୍କର)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ପକ୍ଷରୁ ସ୍ୱଚ୍ଛତା ପକ୍ଷ-୨୪ ସୋମବାର ଶୁଭାରମ୍ଭ ହୋଇଛି । ଏମ୍‌ସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ସବୁଜ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସମସ୍ତ ଅଧିକାରୀ, କର୍ମଚାରୀମାନଙ୍କୁ ସ୍ୱଚ୍ଛତା ପ୍ରତିଶ୍ରୁତି ଓ ଅଭିଯାନକୁ ନେଇ ଆହ୍ୱାନ କରିଥିଲେ। ଶ୍ରୀକାଓଲେ ଆଖପାଖ ଅଞ୍ଚଳରେ ସ୍ୱଚ୍ଛତା ବାର୍ତ୍ତା ବିସ୍ତାର କରିବା ପାଇଁ ସ୍ୱଚ୍ଛତା ରଥର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ନିର୍ଦ୍ଦେଶକ କେଶବ ରାଓ (ପର୍ସନାଲ ), ମୁଖ୍ୟ ସତର୍କତା ଅଧିକାରୀ ପି.କେ.ପଟେଲ, ନିର୍ଦ୍ଦେଶକ ଜେ.କେ.ବୋରା (ବୈଷୟିକ ଯୋଜନା) ନିର୍ଦ୍ଦେଶକ ଏ.କେ.ବେହୁରା (ଅର୍ଥ), ନିର୍ଦ୍ଦେଶକ ଏ.ଏ.ଏସ ବାପଟ( ବୈଷୟିକ ଯୋଜନା ଓ ପରିଯୋଜନା)ଏବଂ ବିଭିନ୍ନ ବିଭାଗର ମୁଖ୍ୟ ଓ ସାଧାରଣ ପରିଚାଳକମାନେ ଉପସ୍ଥିତ ଥିଲେ । ଏହି ସ୍ୱଚ୍ଛତା ରଥ ମାଧ୍ୟମରେ, ପାରିପାର୍ଶ୍ୱିକ ଅଞ୍ଚଳର ଲୋକଙ୍କୁ ସେମାନଙ୍କ ପରିବେଶକୁ ପରିଷ୍କାର ରଖିବା ଏବଂ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକଠାରୁ ଦୂରରେ ରହିବା ପାଇଁ ଏକ ପ୍ରେରଣାଦାୟକ ବାର୍ତ୍ତା ପ୍ରଚାର କରାଯାଉଛି।

## ମା', ଝିଅଙ୍କୁ ଛୁରାମାଡ଼ ଘଟଣା

# ଆହତ ଝିଅଙ୍କ ଅବସ୍ଥା ସଙ୍କଟାପନ୍ନ

ସମ୍ବଲପୁର,୧୭।୬(ପ୍ରମୋଦ ବହିଦାର)

ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ ଗୋପାଳମାଲରେ ଗତ ୧୪ତାରିଖରେ ମା' ଓ ଝିଅଙ୍କୁ ଛୁରାମାଡ଼ ହୋଇଥିଲା। ସେମନ୍କୁ ଭିମସାରରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାରେ ଆହତ ଝିଅ ପାୟଲ ଦାସଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଫଳରେ ତାଙ୍କୁ ନିଟସ୍ଥ ଏକ ଘରୋଇ ନର୍ସିଂହୋମ ସ୍ଥାନାନ୍ତର କରାଯାଇଛି। ଉକ୍ତ ଦିନ ପଡ଼ୋଶୀ ଯୁବକଙ୍କ ଛୁରାମାଡ଼ରେ ଇନ୍ଦୁ ଦାଶ ଓ ତାଙ୍କ ଝିଅ ପାୟଲ ଗୁରୁତର ଆହତ ହୋଇଥିଲେ। ପାୟଲଙ୍କ ଶ୍ୱାସନଳୀ କ୍ଷତିଗ୍ରସ୍ତ ହୋଇଥିବା ବେଳେ ତାଙ୍କ କ୍ଷତରୁ ରକ୍ତଶ୍ରାବ ବନ୍ଦ ହୋଇ ପାରିନାହିଁ। ତାଙ୍କ ରକ୍ତଚାପ ହ୍ରାସ ପାଇଥିବା ବେଳେ ଭିମସାରେ ତାଙ୍କର ଚିକିତ୍ସା ସମ୍ଭବ ହୋଇ ପାରି ନ ଥିଲା। ତାଙ୍କୁ ବର୍ତ୍ତମାନ ଭେଣ୍ଟିଲେଟର୍‌ରେ ରଖାଯାଇଛି।

# ନବନିର୍ବାଚିତ ବିଧାୟକଙ୍କ ତିଲେଇବଣି ବ୍ଲକ ଗସ୍ତ

ଦେବଗଡ଼,୧୭।୬(ଶଶାଙ୍କ ଶେଖର ଝାଙ୍କର)

## ବିଭିନ୍ନ ସ୍ଥାନରେ ବିଧାୟକଙ୍କୁ ସମ୍ବର୍ଦ୍ଧନା

ନବନିର୍ବାଚିତ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ତିଲେଇବଣି ବ୍ଲକ ଗସ୍ତ କରିଛନ୍ତି। ଏହି ଅବସରରେ ସୋମବାର ବ୍ଲକର ଟାଇଁସର, ସଡୋ, ପାଳକୁଦର, କେନ୍ଦେଇଜୁରୀ ଲଇମୁରା, ଝାରମୁଣ୍ଡା, ଝରାଗୋଗୁଆ, ଗଣ୍ଡମ, ଡିମିରିକୁଦା, ପାରପୋଶି ଗ୍ରାମ ପଞ୍ଚାୟତରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଧାୟକ ବିଶ୍ୱାଳ ଉପରୋକ୍ତ ଗ୍ରାମପଞ୍ଚାୟତଗୁଡିକ ବିଭିନ୍ନ ଗ୍ରାମକୁ ଯାଇ ଅଞ୍ଚଳବାସୀଙ୍କୁ ସାକ୍ଷାତ କରିବା ସହ ବିଭିନ୍ନ ଆପତି ଓ ଅଭିଯୋଗ ଓ ଏଗୁଡିକର ସ୍ଥାୟୀ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଅଞ୍ଚଳବାସୀ ଓ ଦଳୀୟ କର୍ମକର୍ତ୍ତାମାନେ ଠାଏଁ ଠାଏଁ ସମ୍ବର୍ଦ୍ଧନା ସଭା ଆୟୋଜନ କରି ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ୧୯ରେ ମା' ରମ୍ଭାଦେବୀଙ୍କ ପ୍ରସିଦ୍ଧ ଯାତ୍ରା ଉତ୍ସବ

## ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ସଫେଇ, ରଙ୍ଗ କାର୍ଯ୍ୟ ସମ୍ପନ୍ନ

ଦେବଗଡ଼,୧୭।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ବାସୁଦେବପୁର ଗ୍ରାମ ସଂରକ୍ଷିତ ଜଙ୍ଗଲରେ ପ୍ରସ୍ଥର ଗୁମ୍ଫା ମଧ୍ୟରେ ପୂଜିତ ଅଧିଷ୍ଠାତ୍ରୀ ଦେବୀ ମା' ରମ୍ଭାଦେବୀଙ୍କ ପ୍ରସିଦ୍ଧ ଯାତ୍ରା ଉତ୍ସବ ଆଗାମୀ ୧୯ ତାରିଖରେ ଅନୁଷ୍ଠିତ ହେବ। ଆୟୋଜକ କମିଟି ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଯାତ୍ରା ଉତ୍ସବର ସଫଳତା ନିମନ୍ତେ ବିଭିନ୍ନ ମହଲରୁ ସହଯୋଗର ସୁଅ ଛୁଟୁଛି। ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଗୁମ୍ଫା ସ୍ଥିତ ପୂଜା ମଣ୍ଡପ ସମେତ ନିକଟସ୍ଥ ଝରଣା, ପିଣ୍ଡି ଏବଂ ଏହାର ଚତୁଃପାଶ୍ୱରେ ସଫେଇ କାର୍ଯ୍ୟ କରାଯିବା ସହ ରଙ୍ଗ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ତଥା ଦେବଗଡ ପୌର ପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜଙ୍କ ନେତୃତ୍ୱରେ ଦୁଃଶାସନ ନାଏକ, ଭରତ ସାହୁଙ୍କ ସମେତ ମୋର୍ଚ୍ଚାର ସଦସ୍ୟ ଏଥିରେ ସହଯୋଗ କରିଥିଲେ। ସୁଶୀଲ କୁମାର ଭୋଇ, ବୀରେନ କୁମାର ନାୟକ, ପ୍ରତାପ କୁମାର ପାଣ୍ଡା, ଦେବାଶିଷ କର ଏଥିରେ ସହଯୋଗ କରିଥିଲେ।



# ପୁରସ୍କାର ରାଶିକୁ କର୍କଟ ପୀଡ଼ିତଙ୍କ ପାଇଁ ଦାନ କଲେ ଡାକ୍ତର

ସମ୍ବଲପୁର,୧୭।୬(ପ୍ରମୋଦ ବହିଦାର)

ବୁର୍ଲା ଭିମ୍‌ସାରର ଭେଷଜ ବିଶେଷଜ୍ଞ ଡା. ଶଙ୍କର ରମଚନ୍ଦାନୀ ପାଇଥିବା ପୁରସ୍କାର ରାଶିକୁ କର୍କଟ ପୀଡ଼ିତଙ୍କ ପାଇଁ ଦାନ କରିଛନ୍ତି। ଜନସେବା ବିଶେଷ କରି ରୋଗୀସେବା ପାଇଁ ସର୍ବଦା ଚର୍ଚ୍ଚିତ ଓ ପ୍ରଶଂସିତ ହୋଇ ଆସିଥିବା ଡା. ରାମଚନ୍ଦାନୀ ଏହି ମହତ୍ତ କାର୍ଯ୍ୟ ପାଇଁ ପୁଣିଥରେ ପ୍ରଶଂସିତ ହୋଇଛନ୍ତି। ଗତ ଜୁନ ୧୧ରେ ଭୁବନେଶ୍ୱର ଜୟଦେବ ଭବନରେ ସମ୍ଭବ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଡା. ରାମଚନ୍ଦାନୀଙ୍କୁ ବିଶିଷ୍ଟ କୃଷିବିତ୍ ପଦ୍ମଶ୍ରୀ ରାଧାମୋହନ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏଥିରେ ପରୁସ୍କାର ସ୍ୱରୂପ ଡା. ରାମଚନ୍ଦାନୀଙ୍କୁ ୫୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ତେବେ ମାତାଙ୍କ ଅସୁସ୍ଥତା କାରଣରୁ ଡା. ରାମଚନ୍ଦାନୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ। ମାତ୍ର ତାଙ୍କ ଜଣେ ଛାତ୍ର ଏହି ସମ୍ମାନକୁ ଗ୍ରହଣ କରିଥିଲେ। ଡା. ରାମଚନ୍ଦାନୀ ଏହି ପୁରସ୍କାର ରାଶିକୁ ଓଡ଼ିଶାର ୯ଜଣ ଓ ଛତିଶଗଡ଼ର ଜଣେ ମିଶି ମୋଟ ୧୦ ଜଣ କର୍କଟ ପୀଡ଼ିତଙ୍କୁ ଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ବରଗଡ଼ ଜିଲାର ୪ ଜଣ, ସମ୍ବଲପୁରର ୨ , ଝାରସୁଗୁଡ଼ା, ସୁବର୍ଣ୍ଣପୁର, ବୌଦ୍ଧ ଓ ଛତିଶଗଡ଼ ମହାସମୁନ୍ଦ ଜିଲାର ଜଣେ ଲେଖାଏ ରହିଛନ୍ତି ବୋଲି ଡା. ରାମଚନ୍ଦାନୀ ସୂଚନା ଦେଇଛନ୍ତି। ସୁଚନାଯୋଗ୍ୟ ଯେ, ଉକ୍ତ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ବିଶିଷ୍ଟ କୃଷିବିତ୍ ପଦ୍ମଶ୍ରୀ ରାଧାମୋହନଙ୍କ ଜନ୍ମ ଦିବସରେ ସମ୍ଭବ ଅନୁଷ୍ଠାନ ପକ୍ଷରୁ କୃଷି ବା ସ୍ୱାସ୍ଥ୍ୟ କ୍ଷେତ୍ରରୁ ଜଣଙ୍କୁ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ବର୍ଷ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଡା. ରାମଚନ୍ଦାନୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।


ପୁରସ୍କାର ରାଶି ପାଇଥିବା କର୍କଟ ପୀଡ଼ିତଙ୍କ ସହିତ ଡା. ରାମଚନ୍ଦାନୀ।

# ସମ୍ବଲପୁରରେ ଇଦ୍-ଉଜ୍-ଜୁହା ପାଳିତ

ସମ୍ବଲପୁର,୧୭।୬ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସହରରେ ତ୍ୟାଗ ଓ ବଳିଦାନର ପର୍ବ ଇଦ୍-ଉଜ-ଜୁହା ସୋମବାର ମୁସଲମାନମାନଙ୍କ ଦ୍ୱାରା ପାଳିତ ହୋଇଯାଇଛି । ସହରର ବିଭିନ୍ନ ମସଜିଦରେ ସମୂହ ନମାଜ ପାଠ କରିବା ସହ ସେମାନେ ପରସ୍ପରକୁ ଇଦ ମୁବାରକ ଜଣାଇଛନ୍ତି। କୁର୍ବାନି ବା ସମର୍ପଣର ଏହି ପର୍ବ ଯାହାକୁ ବକ୍ରି- ଇଦ୍ ମଧ୍ୟ କୁହାଯାଏ । ଏଥିରେ ମୁସଲମାନମାନେ ଆଲ୍ଲାଙ୍କ ନିକଟରେ କୁର୍ବାନୀ ପ୍ରଦାନ କରିଛନ୍ତି। ସମ୍ବଲପୁରର ସାକ୍ଷୀପଡା ସ୍ଥିତ ଇଦଗାହଠାରେ ସାମୂହିକ ନମାଜ ପାଠରେ ସହରର ବହୁ ମୁସଲମାନ ସାମିଲ ହୋଇଥିଲେ। ଇଦ୍‌ଗାହରେ ନମାଜ ପାଠ ପରେ ସହରର ପଲଟନ ମସ୍‌ଜିଦ, ଜାମା ମସ୍‌ଜିଦ, ଦଲାଇପଡା ସଦର ମସଜିଦ, ନୁରୀ ମସ୍‌ଜିଦରେ ମଧ୍ୟ ନାମଜ ପାଠ କରାଯାଇଥିଲା। ଇଦର ନମାଜ ପରେ ମୁସଲମାନ ଭାଇମାନେ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଥିଲେ । ଫିତରା ଓ ଜକାତ ଦେଇ ପୁନ୍ୟ ଅର୍ଜନ କରିଥିଲେ। ସମ୍ବଲପୁର ଇଦଗାହରେ ଦଲାଇପଡାସ୍ଥିତ ମସଜିଦର ଇମାମ ମୁକ୍ତି ଆଶିକ ରାଜା ମିସବାହୀ ନମାଜ ପାଠ କରାଇଥିଲେ। ଇଦଗାହର ସଭାପତି ମହମ୍ମଦ ଜୁଲଫିକର ଅଲି ଭୁଟ୍ଟୋ, ଉପସଭାପତି ଅସରଫ ଖାନ, ସମ୍ପାଦକ ଶେଖ ସକରୁତଲ୍ଲା, ସହ ସମ୍ପାଦକ ହାଜି ମହମ୍ମଦ ମୁଜାଫର, ଶେଖ ଲାୟକ ଅଲି, ମହମ୍ମଦ ମୋହସିନ, ମହମ୍ମଦ ନବାବ, ମହମ୍ମଦ ଭୁବେର, ହାଜି ଆରିଫ ହୁସେନ ପ୍ରମୁଖ ଇଦ ଆୟୋଜନରେ ସହଯୋଗ କରିଥିଲେ ।


ସୋମବାର ସମ୍ବଲପୁର ଇଦ୍‌ଗାହଠାରେ ସାମୂହିକ ନମାଜପାଠ ଅବସରରେ ସମବେତ ମୁସଲମାନ ଭାଇମାନେ।

# ନବ ନିର୍ବାଚିତ ଏମ୍‌ପିଙ୍କୁ ସମ୍ବର୍ଦ୍ଧନା

ପଦ୍ମପୁର,୧୭।୬(ପ୍ରଦୀପ୍ତ ଦାଶ)

ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବରଗଡ଼ର ନବ ନିର୍ବାଚିତ ଏମ୍‌ପି ପ୍ରଦୀପ ପୁରୋହିତଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଥିଲା। ସମ୍ବର୍ଦ୍ଧନା ସଭାରେ ପଦ୍ମପୁର, ପାଇକମାଳ, ଝାରବନ୍ଧ ଓ ଗାଇସିଲାଟ ବ୍ଲକରରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତଥା ଏହାର ବିବିଧ କ୍ଷେତ୍ର ସହ ଜ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଭାରତ ବିକାଶ ପରିଷଦ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବିଜ୍ଞାନ ଭାରତୀ ତଥା ଚେତନା ପରିଷଦ ସଦସ୍ୟମାନେ ଯୋଗଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ଜିଲା ପ୍ରଚାର ପ୍ରମୁଖ ରୀତେଶ ରଞ୍ଜନ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ପୁରୋହିତ ନିଜ ଲୋକ ସଭା କ୍ଷେତ୍ରର ଅଧିକରୁ ଅଧିକ ଉନ୍ନତି ପାଇଁ ସର୍ବଦା ଚେଷ୍ଟିତ ରହିବି ବୋଲି କହିଥିଲେ।

# ବିଦ୍ୟୁତ୍ ବିଲ୍ ଅସୁଲି ବନ୍ଦ କରାଯାଉ

ବରଗଡ଼,୧୭।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଏକ କୃଷିପ୍ରଧାନ ଜିଲା। ତେବେ ଜିଲାର ଅଣଜଳସେଚିତ ଅଞ୍ଚଳର ଚାଷୀମାନେ ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ଚାଷକାର୍ଯ୍ୟ କରୁଥିବାବେଳେ ସେମାନଙ୍କଠାରୁ ମାତ୍ରାଧିକ ବିଦ୍ୟୁତ ବିଲ୍ ଅସୁଲିକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ସୋମବାର ଜିଲାର ଅଣଜଳସେଚିତ ଅମ୍ବାଭୋନା, ଭଟଲି ଏବଂ ସୋହେଲା ବ୍ଲକ କୃଷକ ସଙ୍ଗଠନ ଚାଷୀମାନେ ନବନିର୍ବାଚିତ ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଚାଷୀମାନେ ବିଧାୟକ ଆଚାର୍ଯ୍ୟଙ୍କୁ ଭଟଲି ନିର୍ବାଚନମଣ୍ଡଳୀରେ ଲାଗି ରହିଥିବା ବିଦ୍ୟୁତ ସମସ୍ୟାର ସମାଧାନ ତଥା ଚାଷୀଙ୍କଠାରୁ ବିଦ୍ୟୁତ ବିଲ୍ ଅସୁଲି ବନ୍ଦ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରକାଶ ଯେ, ଉପରୋକ୍ତ ୩ବ୍ଲକ ଅଣଜଳସେଚିତ ହୋଇଥିବା ଯୋଗୁ ଅଞ୍ଚଳର ଚାଷୀମାନେ ବର୍ଷା ଉପରେ ନିର୍ଭର କରିଥାନ୍ତି। ବର୍ଷା ନ ହେଲେ ସେମାନେ ବିଦ୍ୟୁତ ଦ୍ୱାରା ଉଠାଜଳସେଚନ ପ୍ରକଳ୍ପ ତଥା ଗଭୀର ନଳକୂପରୁ ପାଣି ଉଠାଇ ଚାଷ କରିଥାନ୍ତି। ମାତ୍ର ଉଠାଜଳସେଚନ ପ୍ରକଳ୍ପରେ ବ୍ୟବହୃତ ବିଦ୍ୟୁତ ଦେୟ ମାତ୍ରାଧିକ ହେଉଥିବା ଯୋଗୁ ତାହା ପୈଠ କରିବା ଚାଷୀଙ୍କ ପାଇଁ କଷ୍ଟସାଧ ହୋଇପଡ଼ିଥାଏ। କେନାଲ ଜଳସେଚନ ବ୍ୟବସ୍ଥାରେ ଏକର ପ୍ରତି ୩୦୫ ଟଙ୍କା ଜଳକର ହେଉଥିବାବେଳେ ୩ ଏଚପି ମୋଟର ପମ୍ପ ପାଇଁ ମାସିକ ବିଦ୍ୟୁତ ଦେୟ ୨୫୦୦ରୁ ୩ହଜାର ଟଙ୍କା ହେଉଥିବା ଚାଷୀମାନେ କହିଛନ୍ତି। ଏହି ଦୃଷ୍ଟିରୁ ଅଣଜଳସେଚିତ ଅଞ୍ଚଳର ଚାଷୀଙ୍କ ପ୍ରତି ସରକାର ଅବିଚାର କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଜଳସେଚନ ନାଁରେ ମାତ୍ରାଧିକ ବିଦ୍ୟୁତ ବିଲ୍ ଅସୁଲି ନେଇ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ଅନେକଥର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗତ ଏପ୍ରିଲରେ ବାରପାହାଡ଼ କୃଷକ ସଙ୍ଗଠନ ପକ୍ଷରୁ ବିଦ୍ୟୁତ ମିଟର ଖୋଲି ବିଦ୍ୟୁତ ବିତରଣ ସଂସ୍ଥା ଟାଟା ପାୱାର କାର୍ଯ୍ୟାଳୟରେ ଚାଷୀମାନେ ଜମା ଦେଇ ପ୍ରତିବାଦ କରିଥିଲେ। ଏହାସତ୍ତ୍ୱେ ସରକାର ଚାଷୀଙ୍କ ହିତ ପାଇଁ ସେଭଳି କିଛି ଠୋସ୍ ପଦକ୍ଷେପ ନେଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତେବେ ରାଜ୍ୟରେ ନୂତନ ସରକାର ଗଠନ ହୋଇଥିବାବେଳେ ଚାଷୀଙ୍କଠାରୁ ବିଦ୍ୟୁତ ବିଲ୍ ଅସୁଲି ବନ୍ଦ କରିବା ଦିଗରେ ଏହି ସରକାର ପଦକ୍ଷେପ ନେବେ ବୋଲି ଚାଷୀମାନେ ଆଶା ବାନ୍ଧିଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଚାଷୀମାନେ ବିଧାୟକ ଆଚାର୍ଯ୍ୟଙ୍କଠାରେ ଦାବି କରିଛନ୍ତି। ଏ ନେଇ ବିଧାନସଭାରେ ଆଲୋଚନା କରି ବିହିତ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଆଚାର୍ଯ୍ୟ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଂଯୁକ୍ତ କୃଷକ ସଙ୍ଗଠନ ଉପଦେଷ୍ଟା ରମେଶ ମହାପାତ୍ର, ବାରପାହାଡ଼ କୃଷକ ସଙ୍ଗଠନର ଇଶାନ୍ତ ଭୋଇ, ଜୟପ୍ରକାଶ ବେହେରା, ମହେନ୍ଦ୍ର ଦେହେରୀ, ତ୍ରିଲୋଚନ ଦୁଆନ, ରୋହିତ ଖମାରୀ, ଫକୀର ସାହୁ, ସୌକିଲାଲ ନାୟକ, ଭଟଲି କୃଷକ ପରିବାରର ଥବିର ସାହୁ, ଦିଲୀପ ସାହୁ, ହେମନ୍ତ ସାହୁ, ସୁରେନ ସାହୁ, ସୁଦାମ ପାତ୍ର, ସୁନନ୍ଦ ସାହୁ, ଦେବେନ୍ଦ୍ର ସାହୁ, ବାଲ୍ମିକୀ ନାୟକ, ଦୁପେଶ ସାହୁ, ଅକ୍ଷୟ ସାହୁ, ହେମନ୍ତ ଖମାରୀ ଏବଂ ଶହୀଦ ମାଧୋ ସିଂ ଆଞ୍ଚଳିକ କୃଷକ ସଙ୍ଗଠନ ସଦସ୍ୟମାନେ ଉପସ୍ଥିତ ଥିଲେ।



କୃଷକ ସଙ୍ଗଠନ ପ୍ରତିନିଧିମାନେ ଭଟଲି ବିଧାୟକଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

## ବିଧାୟକଙ୍କଠାରେ କୃଷକ ସଙ୍ଗଠନର ଦାବି

# ବରଗଡ଼ରେ ଇଦ୍ ପାଳନ



ଇଦଗାହ ପଡ଼ିଆରେ ସାମୂହିକ ପ୍ରାର୍ଥନା କରୁଛନ୍ତି।

ବରଗଡ଼,୧୭।୬(ପ୍ରେମାନନ୍ଦ ଖମାରୀ)

ମୁସଲିମ ସମାଜ ପକ୍ଷରୁ ସୋମବାର ବରଗଡ଼ରେ ତ୍ୟାଗ ଓ ବଳିଦାନର ପର୍ବ ବକ୍ରା ଇଦ୍ ତଥା ଇଦ୍-ଉଜ୍-ଜୁହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଡ୍ୟାମ କଲୋନୀସ୍ଥିତ ଇଦ୍‌ଗାହ ପଡ଼ିଆରେ ବରଗଡ଼ର ସୁନ୍ନୀ ବରେଲବୀ ଜାମା ମସଜିଦ୍ ଇମାମ୍ ମୌଲାନା ସମସୁଦ୍ଦିନ ରିଜବୀଙ୍କ ଅଧ୍ୟକ୍ଷତାରେ ଶତାଧିକ ମୁସଲିମ ଭାଇମାନେ ସାମୂହିକ ନମାଜ ପାଠ କରିଥିଲେ। ଏହା ସହିତ ବିଶ୍ୱଶାନ୍ତି ପାଇଁ ସାମୂହିକ ପ୍ରାର୍ଥନା କରିଥିଲେ। ନମାଜ ପାଠ ପରେ ମୁସଲିମ ଭାଇମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ଶୁଭେଚ୍ଛା ଜଣାଇଥିଲେ। ଜାମା ମସଜିଦ୍‌ର ଶେଖ୍ ଅସଗର୍, ଏମଡି ନିଜାମ, ଏମଡି ଆସ୍କାଲାନି, ଶେଖ୍ ନଜିମୁଦ୍ଦିନ, ଶେଖ୍ ନସିମୁଦ୍ଦି, ଶେଖ୍ ସବଦର୍, ଏମଡି ବବଲୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏମଡି ସଲିମ୍, ନାସୀର ଖାନ୍, ଏମଡି ଅସଲମ୍, ଏମଡି ଇଲିୟାସ୍, ଗୁଲାମ୍ ଗୌସ୍, ଏମଡି ଖାଲିଦ୍ ପ୍ରମୁଖ ସହଯୋଗ କରିଥିଲେ।

# ୧.୨୯ ଲକ୍ଷ ଆକାଉଣ୍ଟରେ ପଡ଼ିବ ୧୭ତମ କିସ୍ତି

ବରଗଡ଼,୧୭।୬(ପ୍ରେମାନନ୍ଦ ଖମାରୀ)

ମଙ୍ଗଳବାର ପି.ଏମ କିଷାନ ସମ୍ମାନ ନିଧି ଯୋଜନାରେ ୧୭ତମ ଅର୍ଥ ବଣ୍ଟନ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ବରଗଡ଼ ଜିଲାର ୧ଲକ୍ଷ ୨୯ହଜାର ୩୩୭ ଚାଷୀ ଉପକୃତ ହେବେ। ସମ୍ପୃକ୍ତ ଚାଷୀଙ୍କ ମଧ୍ୟରୁ ଜିଲାର ଅମ୍ବାଭୋନା ବ୍ଲକର ୫୧୮୨, ଅତାବିରା ବ୍ଲକର ୮୨୦୪, ବରଗଡ଼ର ୭୯୨୨, ବରପାଲିର ୧୧ହଜାର ୬୯୬, ଭଟଲିର ୧୦ହଜାର ୮୮୫, ଭେଡ଼େନର ୯୬୭୭, ବିଜେପୁରର ୧୨ହଜାର ୬ଜଣ, ଗାଇସିଲେଟର ୧୫ହଜାର ୫୧୮, ଝାରବନ୍ଧର ୮୯୫୨, ପଦ୍ମପୁରର ୧୧ହଜାର ୯୦, ପାଇକମାଳର ୧୨ହଜାର ୪୯ ଏବଂ ସୋହେଲାର ୧୬ହଜାର ୧୭୬ ଚାଷୀ ଅଛନ୍ତି।

# ମାର୍ଜିନା ଫୋକ ଥିଏଟର ମହୋତ୍ସବ ଉଦ୍‌ଯାପିତ



ଉପସ୍ଥିତ ଅତିଥି ଓ କଳାକାର।

ପଦ୍ମପୁର,୧୭।୬(ପ୍ରଦୀପ୍ତ ଦାଶ)

## ସଙ୍ଗୀତ ତପସ୍ୱୀ ଓ ପରିବେଶ ବନ୍ଧୁ ସମ୍ମାନ ପ୍ରଦାନ

ବରଗଡ଼ ଜିଲାର ଢୋଲବନ୍ଧ ଗ୍ରାମରେ ଥିବା ସଚେତନ ହେମା ଅନୁଷ୍ଠାନ ଓ ସଂସ୍କୃତି ବିଭାଗ ଭାରତ ସରକାରଙ୍କ ସହାୟତାରେ ଚାଲିଥିବା ମାରଜିନାଲଇଜଡ଼ ଫୋକ ଥିଏଟର ମହୋତ୍ସବ ଉଦଯାପିତ ହୋଇଯାଇଛି। ଶିକ୍ଷାବିତ ପ୍ରେମାନନ୍ଦ ବାରିକ, ଗୁରୁ କେଶରଞ୍ଜନ ପଧାନ, ଗୁରୁ ଅଶୋକ ବହିଦାର, ପ୍ରକୃତି ବନ୍ଧୁ ମୀନକେତନ ସାହୁ ଓ ରାଜକୁମାର ସାହୁ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ମାଧମରେ ଲୋକନାଟ୍ୟକୁ ବଞ୍ଚାଇବାର ଅଭିନବ ପ୍ରୟାସକୁ ସମସ୍ତଙ୍କ ଭାବାନୁବାଦ ମିଳିଥିଲା। ସଙ୍ଗୀତଜ୍ଞ ରମେଶ ଗୁର୍ଲାଙ୍କୁ 'ସଙ୍ଗୀତ ତପସ୍ୱୀ' ସମ୍ମାନ ଓ ପ୍ରକୃତି ସଂରକ୍ଷକ ମୀନକେତନ ସାହୁଙ୍କୁ 'ପରିବେଶ ବନ୍ଧୁ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଗୁରୁ ଆନନ୍ଦ ବାଗଙ୍କ ଲକ୍ଷ୍ମୀପୁରାଣ ଓ ବେଣୁଧର ବରିହାଙ୍କ ଗ୍ରୁପ ଦ୍ୱାରା ଡାଲଖାଇ ନୃତ୍ୟ ପରିବେଷଣ ହୋଇଥିବା ବେଳେ ତୃତୀୟ ସନ୍ଧ୍ୟାରେ ମା' ସପ୍ତଭଗିନୀ ଗ୍ରୁପ ଓ ଠାକୁର ସାହୁ ଦଳ ଦ୍ୱାରା କରମସାନି ନୃତ୍ୟ ପରିବେଷିତ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରେମାନନ୍ଦ ବାରିକ ଓ ସଞ୍ଚାର ଶିଳ୍ପୀ ରସିକ ସାହୁ ଲୋକନାଟ୍ୟ ପରମ୍ପରା ଉପରେ ପ୍ରବନ୍ଧ ଉପସ୍ଥାପନା କରିଥିଲେ। ପରେ ରସିକ ସାହୁ ସଞ୍ଚାର ଗ୍ରୁପ ଓ ଗୌନ୍ତିଆ ପାଲା ପାର୍ଟି ଜଡାଗଞ୍ଜର କଳାକାରମାନେ 'ପଦ୍ମାବତୀ ବିବାହ' ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଘନଶ୍ୟାମ ସାହୁ ପରିଚାଳନା କରିଥିଲେ। ଘନଶ୍ୟାମ ଭୋଇ, କୁଳମଣି ପଶାୟତ, ଧର୍ମେନ୍ଦ୍ର ସାହୁ, ବସୁଦେ ସାହୁ, ପାଲଟନ ମହୁକୁର, ପ୍ରଶାନ୍ତ ମହାପାତ୍ର, ସଞ୍ଜୀବ ସାହୁ, ଜ୍ୟୋତି ସାହୁ, ଆରାଧ ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ରାଜକୁମାର ସାହୁ ସମସ୍ତ ସହଯୋଗୀଙ୍କୁ କୃତଜ୍ଞତା ଜ୍ଞାପନ ସହ ଧନ୍ୟବାଦ ଦେଇଥିଲେ।

# ଅତାବିରାରେ ଇଦ୍-ଉଜ୍-ଜୁହା ପାଳିତ



ଅତାବିରାଠାରେ ଆୟୋଜିତ ଇଦ୍ ପର୍ବ।

ସରଣ୍ଡା,୧୭।୬(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ସହର ଇଦଗାହ ପଡିଆରେ ଅତାବିରା ମୁସଲିମ ସମାଜ ପକ୍ଷରୁ ସୋମବାର ଆନନ୍ଦ ଉଲ୍ଲାସର ସହିତ ଇଦ୍-ଉଜ୍-ଜୁହା ପର୍ବ ପାଳିତ ହୋଇଯାଇଛି। ଇଦ ନମାଜ ପାଠ କରି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। 'ଇଦ-ଓଲ-ଅଜହା ପର୍ବ' ଯାହାର ଅର୍ଥ ହେଉଛି ବଳିଦାନର ସମୟ। ଇସଲାମ ଧର୍ମରେ ବିଶ୍ୱାସ କରୁଥିବା ମୁସଲିମ ଧର୍ମାବଲମ୍ବୀଙ୍କ ଏହା ଏକ ପ୍ରମୁଖ ପର୍ବ। ପବିତ୍ର ରମଜାନ ମାସ ଶେଷ ହେବାର ପ୍ରାୟ ସତୁରୀ ଦିନ ପରେ ଏହି ପର୍ବ ପାଳନ କରାଯାଏ। ଇସଲାମର ଧାର୍ମିକ ଗ୍ରନ୍ଥ କୁରାନ ଅନୁଯାୟୀ, ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ଈଶ୍ୱର, ଥରେ ଭକ୍ତ ହଜରତ ଇବ୍ରାହିମଙ୍କ ଆସ୍ଥା ଓ ଈଶ୍ୱରଙ୍କ ପ୍ରତି ପ୍ରେମର ପରୀକ୍ଷା କରିବା ପାଇଁ ସପ୍ନରେ ହଜରତ ଇବ୍ରାହିମଙ୍କୁ ନିଜର ସବୁଠୁ ପ୍ରିୟ ଓ ମୂଲ୍ୟବାନ ବସ୍ତୁର ବଳିଦାନ କରିବାର ଆଦେଶ ଦେଲେ। ଏହି ମୋହମାୟା ସଂସାରରେ,ଏକ ପିତା ପାଇଁ ତାର ସନ୍ତାନ ହିଁ ସବୁଠୁ ମୂଲ୍ୟବାନ ଓ ପ୍ରିୟ। ହଜରତ ଇବ୍ରାହିମଙ୍କ ସମ୍ମୁଖରେ,ଏକମାତ୍ର ପୁତ୍ର ହଜରତ ଇସମାଇଲଙ୍କୁ ଛାଡି ଆଉ କିଛି ବି ପ୍ରିୟ ନ ଥିଲା, ସେ ନିଜର ପୁତ୍ର ହଜରତ ଇସମାଇଲଙ୍କ ବଳି ଦେବା ପାଇଁ ପ୍ରସ୍ତୁତ ହେଲେ। କିନ୍ତୁ ଈଶ୍ୱରଙ୍କ ଆଦେଶରେ ବଳି ବେଦିରେ ହଜରତ ଇସମାଇଲଙ୍କ ବଦଳରେ ଏକ ଦୁମ୍ବା ପ୍ରାଣୀର ବଳିଦାନ ହେଲା। ଈଶ୍ୱର ହଜରତ ଇସମାଇଲଙ୍କୁ ଜୀବନ ଦାନ ଦେଇଥିଲେ। ଯାହାର ସ୍ମୃତିରେ ଏହି ପର୍ବ ପାଳନ କରାଯାଏ। 'ଇଦ-ଏ-କୁର୍ବାନ'ର ଅର୍ଥ ହେଉଛି ବଳିଦାନର ଦିବସ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ବିଦ୍ୟୁତ୍ ବିଭ୍ରାଟ

ବରଗଡ଼,୧୭।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଗସ୍ତରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆସୁଛନ୍ତି । ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସୋମବାର ରାତିରେ ବରଗଡ଼ ସହରରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଚର୍ଚ୍ଚାର ବିଷୟ ହୋଇଛି। ସହରର ୱାର୍ଡ ନମ୍ବର-୧୩, ୧୪ ସମେତ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଲାଗି ରହିଥିଲା। ଏପରିକି ମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳ ଅଞ୍ଚଳ ମଧ ଏଥିରୁ ବିଦ ପଡି ନ ଥିଲା । ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଜନଜୀବନ ଅସ୍ତବ୍ୟସ୍ତ କରି ପକାଇଛି । ଗୋଟିଏ ପଟେ ଅସହ୍ୟ ଗୁଳୁଗୁଳି ଏବଂ ଅନ୍ୟପଟେ ବିଦ୍ୟୁତ୍ ବିଭ୍ରାଟ ଜୀବନକୁ ଦହଗଞ୍ଜ କରି ପକାଉଛି। ଏଭଳି ସ୍ଥିତିରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଜନସାଧାରଣଙ୍କୁ ଅତିଷ୍ଠ କରି ପକାଇଛି।

# ଦଶ ଦିନିଆ ସଂସ୍କୃତ ଦକ୍ଷତା ବିକାଶ ଶିବିର



ବରପାଲି,୧୭।୬(ଚିତ୍ତରଞ୍ଜନ ସାହୁ)

ବରପାଲି ଅଗ୍ରସେନ ଭବନଠାରେ ଦଶ ଦିନିଆ ସଂସ୍କୃତ ଦକ୍ଷତା ବିକାଶ ଶିବିର ରବିବାର ଉଦଘାଟିତ ହୋଇଛି। ଲୋକ ଭାଷା ପ୍ରଚାର ସମିତି ସଭାପତି ଗୋପାଳ କୃଷ୍ଣ ପାଢ଼ୀ, ପୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ତାରା ପଦ ତ୍ରିପାଠୀ, ସମ୍ମାନିତ ଅତିଥି ଅବସର ପ୍ରାପ୍ତ ଦୁର୍ଗ ପତି ବିଜୟ ପ୍ରକାଶ ବାବୁ, ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଦେବ ଭାଷା ସଂସ୍କୃତ ସମସ୍ତ ଭାଷାର ଜନନୀ ବୋଲି ମତବ୍ୟକ୍ତ କରିଥିଲେ। ଏହି ସଭାରେ ଡକ୍ଟର ହରିଶ୍ଚନ୍ଦ୍ର ହୋତା ସଂଯୋଜନା କରିଥିବା ବେଳେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଡକ୍ଟର ନିରଞ୍ଜନ ସାହୁ, ରାଷ୍ଟ୍ରୀୟ ମହା ସଚିବ ବିଭୂତି ଭୂଷଣ କର ଓ ଅରୁଣ କୁମାର ଏହି ଦଶ ଦିନିଆ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ରହିଛନ୍ତି। ଜଗନ୍ନାଥଙ୍କ ଫଟୋ ଚିତ୍ରରେ ଦୀପ ପ୍ରଜ୍ୱଳନ ପରେ ଶିକ୍ଷୟିତ୍ରୀ ସୁନିତି ପ୍ରଧାନ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରି ଥିବା ବେଳେ ଡକ୍ଟର ବଦ୍ରି ନାରାୟଣ ପୂଝାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି।

# ପାଣି ପାଇଁ ଧାରଣାରେ ବସିଲେ ଜର୍ଜଗଡ଼ ଗ୍ରାମର ମହିଳା

ପାଇକମାଳ,୧୭।୬(ବଡ ଶତପଥୀ)



ବରଗଡ ଜିଲା ପାଇକମାଳ ଜର୍ଜଗଡ଼ ଗ୍ରାମର ମହିଳାମାନେ ପାଣି ପାଇଁ ତହସିଲ ଅଫିସ ସମ୍ମୁଖରେ ନୃସିଂହନାଥ ରାସ୍ତା ଅବରୋଧ କରି ଧାରଣାରେ ଅନେକ ସମୟ ଧରି ବସିଥିଲେ। ପ୍ରକାଶ ଥାଉକି ଗାଁରେ ପ୍ରାୟ ୨ ବର୍ଷ ହେବ ଗୋଟିଏ ପାଣି ଟାଙ୍କି ନିର୍ମାଣ କରାଯାଇ ପାଇପ ବିଛା ଯାଇ, ପ୍ରତି ଘରକୁ ଘର ପାଣି ଷ୍ଟାଣ୍ଡ ପୋଷ୍ଟ ତିଆରି କରି ପାଣି ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଇଛି। ହେଲେ ପାଣି ଯୋଗାଇ ଦିଆଯାଉ ନ ଥିବାରୁ ସୋମବାର ମହିଳାମାନେ ରାସ୍ତା ଉପରେ ଗରିଆ, ମାଠିଆ, ବାଲ୍ଟି ରଖି ଧାରଣାରେ ବସିଥିଲେ। ଖବର ପାଇଁ ବିଭାଗୀୟ ଏଇ ଦିବାକର ମୁନା ଘଟଣାସ୍ଥଳରେ ପହଞ୍ଚି ମହିଳା ତଥା ଯୁବକମାନଙ୍କୁ ବୁଝାଶୁଝା କରି ଆମ ବିଭାଗ କିଛି ଦୋଷ ନାହିଁ ବୋଲି କହିଥିଲେ ଓ ଶେଷରେ ବିଦ୍ୟୁତ୍ ଖୁଣ୍ଟ ପୋତି ତାର ଟାଣି ଟ୍ରାନ୍ସଫର୍ମର ଲଗାଇବା ପାଇଁ ଯେଉଁ ବ୍ୟକ୍ତି ଠିକା ନେଇଛନ୍ତି ସେ କାମ କରୁନାହାନ୍ତି ବୋଲି ବୁଝାଇଥିଲେ। ବିଦ୍ୟୁତ୍ ସପ୍ଲାଏ ନ ହେଲେ ମଟର କିପରି ଚାଲିବ ବୋଲି କହିଥିଲେ। ଶେଷରେ ମହିଳାମାନେ ଆମକୁ ଏକ ମାସ ମଧ୍ୟରେ ପାଣି ଘରକୁ ଘର ଯୋଗାଇ ନ ଦେଲେ ପୁଣି ରାସ୍ତା ରୋକୋ କରିବୁ ବୋଲି ଚେତାବନୀ ଦେଇ ଧାରଣାରୁ ଉଠିଥିଲେ। ଧାରଣାରେ ଗାଁର ଭଦ୍ର ବ୍ୟକ୍ତି ନରେନ୍ଦ୍ର ସାହୁ, ଅଜୁ ସେଠ, ବିଭୁତି ମୁଣ୍ଡ, ବଡ ଶତପଥି, ମାନ କୁମ୍ଭାର ଅଶ୍ୱିନୀ ସାହୁ, ମଧୁ ତାଣ୍ଡି, ଦୀପକ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ନୃସିଂହନାଥ ରାସ୍ତା ଅବରୋଧ କଲେ

# ବିହନ ବୁଣା ସାରି ବର୍ଷା ଅପେକ୍ଷାରେ ଚାଷୀ

ପଦ୍ମପୁର,୧୭।୬(ପ୍ରଦୀପ୍ତ ଦାଶ)

ଓଡ଼ିଶାରେ ସାଧାରଣତଃ ଜୁନ୍ ୧୨ରୁ ୧୪ ତାରିଖ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିଥାଏ। ଏଥର କିନ୍ତୁ ୪ଦିନ ଆଗରୁ ମୌସୁମୀ ପ୍ରବେଶ କରିଥିଲା। ଏବେ ରଜ ସରିଯାଇଥିଲେ ବି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସାରା ରାଜ୍ୟକୁ ଅଗ୍ରସର ହୋଇପାରିନାହିଁ। ପ୍ରଥମେ ମାଲକାନଗିରି ଓ ପରେ ୩ଦିନ ତଳେ ରାୟଗଡ଼ାକୁ ମୌସୁମୀ ଛୁଇଁଥିଲା। ତେବେ ପାଗ ଅନୁକୂଳ ନ ହେଉ ନ ଥିବାରୁ ମୌସୁମୀ ଆଉ ଆଗକୁ ଆଗେଇ ପାରୁ ନ ଥିବା ପାଣିପାଗ ବିଭାଗ ଆକଳନ କରିଛି। ଏଥିଯୋଗୁ ଚାଷ କାର୍ଯ୍ୟ ମଧ ଆଗେଇ ପାରୁନାହିଁ। ଏହିକ୍ରମରେ ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳର ଚାଷୀମାନେ ଖରିଫ ଧାନ ଫସଲ ପାଇଁଜମି ପ୍ରସ୍ତୁତି କରିଥିବା ବେଳେ ଅନେକ ଚାଷୀ ଖରଡ଼ି ବୁଣିବା ପ୍ରାୟତଃ ଶେଷ କରିଦେଇଛନ୍ତି। ହେଲେ ବର୍ଷା ବିଳମ୍ବ ଯୋଗୁ ଚାଷୀମାନେ ଚିନ୍ତାରେ ପଡିଯାଇଛନ୍ତି। ମୌସୁମୀ ଆଗମନରେ ବିଳମ୍ବ ହେଉଥିବାରୁ ବର୍ଷାର ଦେଖାନାହିଁ। ଚାଷୀମାନେ ରଜ ପୂର୍ବରୁ ବୁଣି ଦେଇଥିବା ଧାନ ଗଛ ଉଠିବାକୁ ନେଇ ଚିନ୍ତିତ ହୋଇପଡିଛନ୍ତି।



ପଦ୍ମପୁର ଅଞ୍ଚଳରେ ଚାଷୀମାନେ ଧାନ ବୁଣୁଛନ୍ତି।

# ଆଜି ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଗସ୍ତ, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

## ରୋଡ୍ ଶୋ' କରିବେ, ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା

ବରଗଡ଼,୧୭।୬(ପ୍ରେମାନନ୍ଦ ଖମାରୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବରଗଡ଼ ଗସ୍ତରେ ମଙ୍ଗଳବାର ଆସିବା କାର୍ଯ୍ୟକ୍ରମ ରହିଛି। ସେ ତାଙ୍କ ଏହି ଗସ୍ତରେ ବରଗଡ଼ ସହରରେ ରୋଡ୍ ଶୋ' କରିବା ସହିତ ପି.ଏମ୍ କିଷାନ ସମ୍ମାନ ନିଧି ଯୋଜନାରେ ଚାଷୀଙ୍କୁ ୧୭ତମ କିସ୍ତି ଟଙ୍କା ବଣ୍ଟନ ଉତ୍ସବରେ ଯୋଗଦେବା ସହିତ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେବେ। ଏହା ସହିତ ଅତାବିରାରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନୀୟ ନାଗରିକ ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ନେଇ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ସୋମବାର ବରଗଡ଼ରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଅତି ଉତ୍ତମ ଭାବେ ସମାପନ କରିବା ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯାଇଥିବା ସେ କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ୪ ଅତିରିକ୍ତ ଏସ୍‌ପି, ୧୧ ଡିଏସ୍‌ପି, ୨୬ ଇନ୍ସପେକ୍ଟର, ୧୩୦ ଏସ୍‌ଆଇ, ଏଏସ୍‌ଆଇ ଏବଂ ୨୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ବ୍ୟବସ୍ଥା କରାଯାଇଛି ବୋଲି ବରଗଡ଼ ଏସ୍‌ପି ପି.ଏସ୍ ମୀନା ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଆସି ଅପରାହ୍ନ ୩ଟା ୪୦ମିନିଟ୍‌ରେ ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମର ଅସ୍ଥାୟୀ ହେଲିପ୍ୟାଡରେ ପହଞ୍ଚିବେ। ସେଠାରୁ ବରଗଡ଼ ଗାନ୍ଧିଛକରେ ପହଞ୍ଚିବେ ଏବଂ ଗାନ୍ଧିଛକରେ ରହିଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ରୋଡ୍ ଶୋ'ରେ ବାନ୍ଧୁଟିକ୍ରା (ଭିଏସଏସ ନଗର) ଛକ ପର୍ଯ୍ୟନ୍ତ ଯିବେ ଏବଂ ସେଠାରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ଅପରାହ୍ନ ୪ଟା ୪୦ମିନିଟ୍‌ରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ' ସରିବ। ଅପରାହ୍ନ ୫ଟାରେ ବରଗଡ଼ ଜଜ୍ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ପି.ଏମ୍ କିଷାନ ସମ୍ମାନ ନିଧି ଯୋଜନାରେ ୧୭ତମ କିସ୍ତିର ଟଙ୍କା ବଣ୍ଟନ ଉତ୍ସବରେ ସେ ଯୋଗଦେବେ। ଉତ୍ସବ ସରିବା ପରେ ସନ୍ଧ୍ୟା ୬ଟା ୪୦ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ବରଗଡ଼ ସର୍କିଟ୍ ହାଉସରେ ପହଞ୍ଚିବେ। ସେଠାରେ ସନ୍ଧ୍ୟା ୬ଟା ୫୦ମିନିଟ୍‌ରୁ ୭ଟା ୫୦ମିନିଟ୍ ପର୍ଯ୍ୟନ୍ତ ବରଗଡ଼ର ନାଗରିକ ଏବଂ ଜିଲାର ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିବେ। ଏହାପରେ ସେ ରାସ୍ତାରେ ଅତାବିରା ଅଭିମୁଖେ ବାହାରିବେ। ଅତାବିରା କଲେଜ ସମ୍ମୁଖରେ ହେବାକୁ ଥିବା ସମ୍ବର୍ଦ୍ଧନା ସମାରୋହରେ ସେ ରାତି ୮ଟା ୫ ମିନିଟ୍‌ରେ ଯୋଗଦେବେ। ଅତାବିରା ନିର୍ବାଚନମଣ୍ଡଳୀର ବିଭିନ୍ନ ଅନୁଷ୍ଠାନ ଏବଂ ନାଗରିକଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା କାର୍ଯ୍ୟକ୍ରମ ରହିଛି।



ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରୁଛନ୍ତି।

# 'ଧାର୍ଯ୍ୟ ସମୟରେ ବିଭିନ୍ନ ସ୍ଥାନରେ ଚାଲିଥିବା କାର୍ଯ୍ୟ ଶେଷ କର'



ଜଳ ସମ୍ପଦ ବିଭାଗ ଅଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଲୋଚନା କରୁଛନ୍ତି।

ଭୁବନେଶ୍ୱର, ୧୭।୬
(ସୁନିତ୍ ମିଶ୍ର)

**ଜଳ ସମ୍ପଦ ବିଭାଗ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

ଜଳ ସମ୍ପଦ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଲିଥିବା କାର୍ଯ୍ୟକ୍ରମଗୁଡ଼ିକ ଧାର୍ଯ୍ୟ ସମୟ ଭିତରେ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ନିର୍ଦ୍ଦେଶ ଦେଇଛନ୍ତି। ବିଳମ୍ବିତ ମୌସୁମୀ ଆସିବା ସମୟରେ ଜଳପ୍ରବାହ ଠିକ୍ ଭାବେ କରିବା ସହ ମୌସୁମୀ ସମୟରେ ଯେପରି ବନ୍ୟା ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରିବ, ତା' ଉପରେ ଧ୍ୟାନ ଦେବା ପାଇଁ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ ସୋମବାର ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ ଏବଂ ତାଙ୍କ ଟିମ୍ ସାକ୍ଷାତ୍ କରିବା ଅବସରରେ ଏ ସଂକ୍ରାନ୍ତରେ ଆଲୋଚନା ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ କୃଷକମାନଙ୍କ ସ୍ଥିତିରେ ଉନ୍ନତି ଆଣିବା ହେଉଛି ଭାଜପା ସରକାରର ମୁଖ୍ୟ ଲକ୍ଷ୍ୟ। ସେହିପରି ଚାଷୀଙ୍କ ଲାଗି ଆବଶ୍ୟକ ଜଳ ଉପଲବ୍ଧ କରାଇବା ମଧ୍ୟ ତାଙ୍କ ସରକାରର ପ୍ରମୁଖ ଦାୟିତ୍ୱ। ଚାଷୀଙ୍କ ବୃହତ୍ତର ଉନ୍ନତି ପାଇଁ ବିଭାଗୀୟ ଅଧିକାରୀମାନେ ଦାୟିତ୍ୱବାନ ହେବା ସହ ସବୁ କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

# ୪ ରାଜ୍ୟରେ ନିର୍ବାଚନ ପ୍ରଭାରୀ ନିଯୁକ୍ତ କଲା ଭାଜପା

**ଧର୍ମେନ୍ଦ୍ର ହରିୟାଣା ପ୍ରଭାରୀ, ଅଶ୍ୱିନୀଙ୍କୁ ମହାରାଷ୍ଟ୍ର ସହ-ପ୍ରଭାରୀ ଦାୟିତ୍ୱ**

ନୂଆଦିଲ୍ଲୀ,୧୭।୬(ପି.ଟି.)

ମହାରାଷ୍ଟ୍ର, ହରିୟାଣା, ଝାଡ଼ଖଣ୍ଡ ଏବଂ ଜମ୍ମୁ ଓ କଶ୍ମୀର ବିଧାନସଭା ଲାଗି ହେବାକୁ ଥିବା ନିର୍ବାଚନ ସକାଶେ ଭାରତୀୟ ଜନତା ପାର୍ଟି (ଭାଜପା) ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡା ସୋମବାର ଦଳର ନିର୍ବାଚନ ପ୍ରଭାରୀ ଓ ସହ-ପ୍ରଭାରୀ ନିଯୁକ୍ତ କରିଛନ୍ତି।

ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ମହାରାଷ୍ଟ୍ର ନିର୍ବାଚନ ପ୍ରଭାରୀ ଦାୟିତ୍ୱ ଦିଆଯାଇଥିବା ବେଳେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସହ-ପ୍ରଭାରୀ କରାଯାଇଛି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ହରିୟାଣା ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଥିବା ବେଳେ ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାର ଦେବଙ୍କୁ ସହ-ପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ଅନୁରୂପ ଭାବେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ଝାଡ଼ଖଣ୍ଡ ନିର୍ବାଚନ ପ୍ରଭାରୀ କରାଯାଇଥିବା ବେଳେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ସହ-ପ୍ରଭାରୀ ନିଯୁକ୍ତ କରାଯାଇଛି। ଜମ୍ମୁ ଓ କଶ୍ମୀର ସକାଶେ କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କୁ ନଡ୍ଡା ଭାଜପାର ନିର୍ବାଚନ ପ୍ରଭାରୀ ଦାୟିତ୍ୱ ଦେଇଛନ୍ତି।



ଧର୍ମେନ୍ଦ୍ର ପ୍ରଧାନ



ଅଶ୍ୱିନୀ ବୈଷ୍ଣବ

ସୂଚନା ଦିଆଯାଇପାରେ ଯେ, ଚଳିତବର୍ଷ ଶେଷ ଆଡ଼କୁ ମହାରାଷ୍ଟ୍ର, ହରିୟାଣା ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ହେବାକୁ ଅଛି। ତେବେ ସେପ୍ଟେମ୍ବର ସୁଦ୍ଧା ଜମ୍ମୁ ଓ କଶ୍ମୀରରେ ନିର୍ବାଚନ କରିବା ଲାଗି ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇସାରିଛନ୍ତି। ଉଲ୍ଲେଖଯୋଗ୍ୟ, ଜମ୍ମୁ ଓ କାଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ସେଠାରେ ପ୍ରଥମ ଥର ପାଇଁ ନିର୍ବାଚନ ହେବାର ସମ୍ଭାବନା ସୃଷ୍ଟି ହୋଇଛି।

# ନିର୍ମାଣ ହେବ ଓଡ଼ିଆ ଅସ୍ମିତା ଭବନ



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିକାରୀଙ୍କ ସହ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ (ମଝି)।

ଭୁବନେଶ୍ୱର, ୧୭।୬ (ବନ୍ଦନା ସେଠୀ)

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସମୀକ୍ଷା କଲେ ମନ୍ତ୍ରୀ**

**ଶହେ ଦିନରେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସୋମବାର ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଲୋକସେବା ଭବନସ୍ଥିତ ବିଭାଗର ସମ୍ମିଳନୀ କକ୍ଷରେ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ କମିଶନର ତଥା ଶାସନ ସଚିବ ଶାଲିନ ପଣ୍ଡିତ, ନିର୍ଦ୍ଦେଶକ ଦିଲୀପ ରାଉତରାଏ, ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ, ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଏହି ବିଭାଗ ଓଡ଼ିଆ ଅସ୍ମିତାର ସୁରକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିବାରୁ ଏହାର କାର୍ଯ୍ୟଧାରା ଓଡିଶାବାସୀଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ଅନୁଭୂତି ଆଣିଦେବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏଥିସହ ବିଭିନ୍ନ ସରକାରୀ ଅନୁଷ୍ଠାନ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡିକରେ ଓଡ଼ିଆରେ ନାମ ଫଳକ ଲେଖା ପଦକ୍ଷେପକୁ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଥିଲେ। ଭାଷା କମିଶନ ପ୍ରତିଷ୍ଠା, ସଂସ୍କୃତି ଓ ଐତିହ୍ୟ ନୀତି ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରଣୟନ, ସାହିତ୍ୟ ଏକାଡେମୀର ବାକି ଥିବା ପୁରସ୍କାର ପ୍ରଦାନ ଏବଂ ବିଭିନ୍ନ ଏକାଡେମୀର କାର୍ଯ୍ୟନିର୍ବାହୀ କମିଟି ଗଠନ ନିମନ୍ତେ ପଦକ୍ଷେପ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏକ ଓଡ଼ିଆ ଅସ୍ମିତା ଭବନ ନିର୍ମାଣ ପାଇଁ ମଧ୍ୟ ପଦକ୍ଷେପ ନେବାକୁ କହିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାର ହିତାଧିକାରୀ ଓ ବର୍ତ୍ତମାନ ଜୀବିତ ଥିବା ରାଜ୍ୟର ସମସ୍ତ ପଦ୍ମ ପୁରସ୍କାର ବିଜେତାଙ୍କୁ ସହାୟତା ରାଶି ସମୟାନୁଯାୟୀ ପ୍ରଦାନ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହାବାଦ୍ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ଆସନ୍ତା ଶହେ ଦିନରେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସରକାରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗର ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମ ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ଲୋକମାନେ କିପରି ସର୍ବୋତ୍କୃଷ୍ଟ ସୁଫଳ ପାଇପାରିବେ ସେଥିପାଇଁ ଯତ୍ନବାନ ହେବାକୁ ମନ୍ତ୍ରୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ବିଭାଗ ଅଧୀନ ବିଭିନ୍ନ ଅନୁଷ୍ଠାନର ଅଧିକାରୀ ଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଆମ ରିମୋଟ୍ ହେଉଛନ୍ତି ମୋଦି, ସେଠାରୁ କଣ୍ଟ୍ରୋଲ ଚାଲିଛି: ପ୍ରଶାନ୍ତ

ଭୁବନେଶ୍ୱର, ୧୭।୬(ସୁନିତ୍ ମିଶ୍ର)



ପ୍ରଶାନ୍ତ ଜଗଦେବ

**ପ୍ୟାରୀ କହୁଥିଲେ ଘୋଡ଼ା ଓ ସବାର। ସବାର ଠିକ୍ ଥିଲେ ଘୋଡ଼ା ଚାଲିବ। ସବାର ଟିକେ ଦୁର୍ବଳ ହେଲେ ଘୋଡ଼ା ଫୋପାଡ଼ି ଦେବ।**

ରାଜ୍ୟରେ ସରକାର ବହୁତ ସକ୍ରିୟ ଅଛି। ଆମେ ମନ୍ତ୍ରୀ, ବିଧାୟକ ଯାହା ହେଲେ ମଧ୍ୟ ଆମ ରିମୋର୍ଟ ହେଉଛନ୍ତି ମୋଦି। ସେଠାରୁ ରିମୋର୍ଟ କଣ୍ଟ୍ରୋଲ ଚାଲିଛି। ମୋଦି ଯାହା କହିଥିଲେ ସେଇଆ ହିଁ ହେବ। ସେ କହିଥିଲେ ଦେଶରେ ଓଡ଼ିଶା ଏକ ନମ୍ବର ରାଜ୍ୟ ହେବ, ତାହା ହିଁ ହେବ। ଏଠି ଓଡ଼ିଶା ଏକ ନମ୍ବର ହେବାରେ କିଛି ଅସୁବିଧା ନାହିଁ। ଓଡ଼ିଶା ଧନୀ କିନ୍ତୁ ଓଡ଼ିଆ ଗରିବ। ଭାଜପାର ଡବଲ ଇଞ୍ଜିନ୍ ସରକାର ଏହାକୁ ସଫଳ କରିବ। ଆଗରୁ ସରକାରୀ ଅଫିସକୁ ଲୋକମାନେ ଯାଇପାରୁ ନ ଥିଲେ, ଅଫିସରରାଜ ଚାଲିଥିଲା। ସେଇଟା ଧ୍ୱଂସ ହୋଇଗଲା ବୋଲି ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ କହିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରଶାନ୍ତ କହିଛନ୍ତି ଯେ, କାମ କ'ଣ ହେବ ନ ହେବ ସେଇଟା କହୁନି, ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଦେଖା ହବା ଲାଗି ତାଙ୍କ ଦୁଆର ସାହାଣମେଲା କରିଦେଇଛନ୍ତି। ଜଗନ୍ନାଥ ମନ୍ଦିର ମଧ୍ୟ ସାହାଣମେଲା କରାଗଲା। ଭାଜପା ସରକାର ହେବାରୁ ଅଫିସରମାନଙ୍କ ମୁଡ୍ ସବୁ ବଦଳିଗଲାଣି। ଏଇଟା ହେବାର ଥିଲା। ବିଜେଡି ଯେମିତି କରିକି ରଖିଥିଲା ସମସ୍ତେ ଜାଣନ୍ତି। ମୁଖ୍ୟ ଶାସନ ସଚିବ କହୁଥିଲେ ପ୍ରଶାସନ ହେଉଛି ଗୋଟେ ଢିଙ୍କି, ଶାସକ ଯେମିତି କୁଟିବ ସେମିତି ଚାଉଳ ବାହାରିବ। ବିଜେଡି ଓ ଭାଜପା ଭିତରେ ବହୁତ ଫରକ ଅଛି। ନବୀନ ବାବୁ ୫ମ ଥର ମୁଖ୍ୟମନ୍ତ୍ରୀ ହେବା ପୂର୍ବର କଥା। ବିଜେଡିର ୧୧୭ ବିଧାୟକ ନବୀନଙ୍କୁ ବିଧାୟକ ଦଳ ନେତା ଭାବେ ବାଛିବାର ଥାଏ। ସମସ୍ତ ବିଧାୟକ ବସିଥାଆନ୍ତି, ହେଲେ ସେଠାରେ ସମ୍ପୂର୍ଣ୍ଣ ଚୁପ୍ ଥାଆନ୍ତି। ଯେମିତି ମୁର୍ଦ୍ଦାର ଆସିବ ସେମିତି ସବୁ ଚୁପ୍ ଥାଆନ୍ତି। ମୁଁ ଯାଇ ପହଞ୍ଚି କହିଦେଲି, ଏତେ ଚୁପ୍ କ'ଣ, ମୁର୍ଦ୍ଦାର ଆସିବ। ସେଥିରୁ ଜଣେ କହିଲେ ପାଟିକରନି। ହେଲେ ଭାଜପା ଏକ ଗଣତାନ୍ତ୍ରିକ ଦଳ।

ନିର୍ବାଚନ ପୂର୍ବରୁ ଭାଜପା କାର୍ଯ୍ୟାଳୟ ଗଲାବେଳେ ଯେଉଁ କେତେଜଣ ଟିକେଟ ପାଇ ନ ଥାଆନ୍ତି ସେମାନଙ୍କ ସମର୍ଥକମାନେ ଚେୟାର, ଦୁଆର ସବୁ ଭଙ୍ଗାରୁଜା କରୁଥାଆନ୍ତି। ସେ ଯାଇ ଦଳର ରାଜ୍ୟ ସଭାପତିଙ୍କୁ କହିଲେ ଆଜ୍ଞା, ଚାଲନ୍ତୁ ପାର୍ଟି ଅଫିସ୍, ସବୁ ଭାଙ୍ଗିଦେଲେଣି ସେମାନଙ୍କୁ ମନା କରିବା। ହେଲେ ସଭାପତି ଉତ୍ତର ଦେଲେ ନାହିଁ ଗଣେଶ, କିଛି କରନାହିଁ। ସେମାନେ ଦଳ ପାଇଁ ବହୁ ତ୍ୟାଗ କରିଛନ୍ତି। ଯଦି ତୁମ ପାଖରେ ଟଙ୍କା ଅଛି ସେମାନଙ୍କୁ ଯାଇକି ପାଣି କିଣିକି ଦେଇ ଦିଅ। ଏହା ହେଉଛି ବିଜେଡି ଓ ଭାଜପା ଭିତରେ ଫରକ ବୋଲି ପ୍ରଶାନ୍ତ କହିଛନ୍ତି।

ସେ ପୁଣି କହିଛନ୍ତି, ଏଠି ମନେପଡ଼େ ବିଜେଡିର ପ୍ୟାରିମୋହନଙ୍କ କଥା। ସେ କହୁଥିଲେ ଘୋଡ଼ା ଓ ସବାର। ସବାର ଠିକ୍ ଥିଲେ ଘୋଡ଼ା ଚାଲିବ। ସବାର ଟିକେ ଦୁର୍ବଳ ହେଲେ ଘୋଡ଼ା ଫୋପାଡ଼ି ଦେବ।

# ଦଳ ଛାଡ଼ିଲେ ଓଡ଼ଗାଁ ବ୍ଲକ ବିଜେଡି ସଭାପତି

ଓଡ଼ଗାଁ,୧୭।୬
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକ ବିଜେଡି ସଭାପତି ତଥା ପୂର୍ବତନ ଜିଲା ପରିଷଦ ସଦସ୍ୟ ସୂର୍ଯ୍ୟନାରାୟଣ ଚୌଧୁରୀ ସୋମବାର ବିଜେଡିର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ଏ ନେଇ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ଏହି ପଦବୀରେ ରହି ଦଳ ପାଇଁ କାର୍ଯ୍ୟ କରି ଆସୁଥିଲେ ସୁଦ୍ଧା ତାଙ୍କୁ ଲୋକଙ୍କ ସେବା କରିବାର ସୁଯୋଗ ଦିଆଯାଇ ନ ଥିଲା। ଜିଲା ତଥା ବ୍ଲକସ୍ତରରେ ଦଳୀୟ କ୍ଷମତାକୁ ବିକେନ୍ଦ୍ରୀକରଣ କରିବାରେ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ସଫଳ ହେବା ପରିବର୍ତ୍ତେ ଏକ ନିର୍ଦ୍ଦିଷ୍ଟ କୋଟେରି ମଧ୍ୟରେ କ୍ଷମତା ରଖିଥିଲେ। ଏହାକୁ ନେଇ ସେ ବାରମ୍ବାର ପ୍ରଶ୍ନ ଉଠାଇଥିଲେ ସୁଦ୍ଧା ତାଙ୍କ ପ୍ରତି ଗୁରୁତ୍ୱ ଦିଆଯାଇ ନ ଥିଲା। ଫଳରେ ସେ ଦଳ ଓ ଦଳୀୟ ନେତୃତ୍ୱ ପ୍ରତି ଅସନ୍ତୁଷ୍ଟ ବ୍ୟକ୍ତ କରିବା ସହିତ ନିଜର ଇସ୍ତଫା ପତ୍ର ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ସ୍ଥାନୀୟ ବିଧାୟକଙ୍କ ନିକଟକୁ ପଠାଇଥିବା କହିଛନ୍ତି। ପରବର୍ତ୍ତୀ ସମୟରେ ସମର୍ଥକଙ୍କ ସହମତି ଅନୁସାରେ ଆଗାମୀ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି। ଖବରଦାତା ସମ୍ମିଳନୀରେ ଚିତ୍ତରଞ୍ଜନ ଚୌଧୁରୀ, ସୁରେଶ କୁମାର ପରିଡ଼ା ଓ ସୁକାନ୍ତ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ସୂର୍ଯ୍ୟନାରାୟଣ ଚୌଧୁରୀ। (ଡାହାଣରୁ ୨ୟ)

# କୃଷକଙ୍କ ଉନ୍ନତି ଲାଗି ମିଳିତ ପ୍ରୟାସ ଲୋଡ଼ା: ଉପମୁଖ୍ୟମନ୍ତ୍ରୀ

**କୃଷି ବିଭାଗ ଦାୟିତ୍ୱ ଗ୍ରହଣ କଲେ କନକବର୍ଦ୍ଧନ ସିଂଦେଓ**

ଭୁବନେଶ୍ୱର, ୧୭।୬
(ଅସମାପିକା ସାହୁ)

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସୋମବାର ପୂର୍ବାହ୍ନରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସେ କୃଷି ଭବନ ପରିଦର୍ଶନ କରିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଓ ବିଭାଗର ନିର୍ଦ୍ଦେଶକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ତାଙ୍କୁ ସ୍ୱାଗତ କରିଥିଲେ। ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ମଧ୍ୟ ଉପସ୍ଥିତ ଥିଲେ।

କୃଷି ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ବୈଠକରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ସିଂହଦେଓ ରାଜ୍ୟ କୃଷି କ୍ଷେତ୍ର ଓ କୃଷକ ସମାଜର ବୃହତ୍ତର ଉନ୍ନତି ନିମନ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଅଧିକାରୀ ଓ କର୍ମଚାରୀଙ୍କୁ ଆହ୍ୱାନ ଦେଇଛନ୍ତି। ବୈଠକରେ ଉପମୁଖ୍ୟମନ୍ତ୍ରୀଙ୍କୁ ଆର୍ଥିକ ବର୍ଷର ବ୍ୟୟବରାଦ ଏବଂ ଏହାର ଉପଯୋଗ ବାବଦରେ ବିଶଦ ଭାବେ ଅବଗତ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ସିଂଦେଓ ବଜେଟ ବ୍ୟୟକୁ ଆଗାମୀ ଦିନରେ ଶତପ୍ରତିଶତ କରିବା ପାଇଁ କହିଥିଲେ। ଏଥିସହ କୃଷି କର୍ମଚାରୀମାନେ ବ୍ୟାପକ କ୍ଷେତ୍ର ପରିଦର୍ଶନ କରି କୃଷି ସମ୍ବନ୍ଧୀୟ ବୈଷୟିକ ଜ୍ଞାନକୌଶଳର ଉପଯୋଗ କିପରି କୃଷକଙ୍କ ଦ୍ୱାରା ହୋଇପାରିବ, ସେଥିପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ପରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ କୃଷିଭବନର ପରିବେଶ ଅନୁକୂଳ ପରିସର ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଥିଲେ। ବିଭାଗର ପ୍ରମୁଖ ଶାସନ ସଚିବ ପାଢ଼ୀ କୃଷିଭବନ ସ୍ଥାପତ୍ୟର ବିଶେଷତ୍ୱ ସମ୍ପର୍କରେ ବୁଝାଇଥିଲେ ଏବଂ ପରିବେଶ ଅନୁକୂଳ ପରିକଳ୍ପନା ପାଇଁ ବିଶ୍ୱଦରବାରରେ ଏହି ଭବନ ପ୍ରଶଂସିତ ହୋଇଥିବା କଥା ଜଣାଇଥିଲେ।



କୃଷିଭବନରେ କୃଷି ବିଭାଗର ଦାୟିତ୍ୱ ଗ୍ରହଣ କରିବା ପରେ ଅଧିକାରୀଙ୍କ ଗହଣରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ।

# ମହଙ୍ଗା ହେଲା ଶାମ୍ପୋ, ସାବୁନ

ଭୁବନେଶ୍ୱର,୧୭।୬(ଅନୁରାଧା ମହାରଣା)



ଦିନକୁ ଦିନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇବାରେ ଲାଗିଛି। ଏପରିକି ପନିପରିବା ଏବଂ ଡାଲିର ମୂଲ୍ୟ ବୃଦ୍ଧି ଲୋକଙ୍କୁ ଅସୁବିଧାରେ ପକାଉଥିବା ବେଳେ ବର୍ତ୍ତମାନ ଫାଷ୍ଟ ମୁଭିଂ କଞ୍ଜ୍ୟୁମର ଗୁଡ୍‌ସ(ଏଫ୍‌ଏମ୍‌ସିଜି ) କମ୍ପାନୀଗୁଡିକ ଲୋକଙ୍କୁ ଦରବୃଦ୍ଧିର ଝଟକା ଦେଇଛନ୍ତି। ଗତ ୨ ରୁ ୩ ମାସ ମଧ୍ୟରେ କମ୍ପାନୀଗୁଡିକ ସେମାନଙ୍କର ଖାଦ୍ୟ ଏବଂ ବ୍ୟକ୍ତିଗତ ଯତ୍ନ ଉତ୍ପାଦର ମୂଲ୍ୟକୁ ୨ ରୁ ୧୭ ପ୍ରତିଶତ ବୃଦ୍ଧି କରିଛନ୍ତି। ବିଜନେସ ଲାଇନ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଏଫ୍‌ଏମ୍‌ସିଜି କମ୍ପାନୀଗୁଡିକ ସାବୁନ ଏବଂ ଶାମ୍ପୋ, ହ୍ୟାଣ୍ଡ୍ ୱାଶ୍, ବଡି ୱାଶ୍ ଭଳି ଉତ୍ପାଦର ମୂଲ୍ୟ ୨ ରୁ ୯ ପ୍ରତିଶତ ବୃଦ୍ଧି କରିଛନ୍ତି। କେଶ ତେଲର ମୂଲ୍ୟ ୮ ରୁ ୧୧ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଯେଉଁଠାରେ କେତେକ ଖାଦ୍ୟ ସାମଗ୍ରୀର ମୂଲ୍ୟ ୩ ରୁ ୧୭ ପ୍ରତିଶତ ମହଙ୍ଗା ହୋଇଛି। ୨୦୨୨ ଏବଂ ୨୦୨୩ ପ୍ରାରମ୍ଭରେ, ପ୍ରାରମ୍ଭିକ ମୂଲ୍ୟ ବୃଦ୍ଧି ହେତୁ କମ୍ପାନୀଗୁଡିକ ମୂଲ୍ୟ ବୃଦ୍ଧି କରିଥିଲେ। ମାତ୍ର କମ୍ପାନୀଗୁଡିକ ୨୦୨୩-୨୪ ଆର୍ଥିକ ବର୍ଷରେ ମୂଲ୍ୟ ବୃଦ୍ଧିରୁ ନିବୃତ୍ତ ରହିଥିଲେ। ବର୍ତ୍ତମାନ ପୁଣି କମ୍ପାନୀଗୁଡିକ ମୂଲ୍ୟ ବୃଦ୍ଧି କରିବା ଆରମ୍ଭ କରିଛନ୍ତି। ଅଶୋଧିତ କିମ୍ବା ଖଜୁରି ତେଲର ମୂଲ୍ୟ ହ୍ରାସ ସତ୍ତ୍ୱେ କ୍ଷୀର, ଚିନି, କଫି ଏବଂ ବାର୍ଲି ଭଳି ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟରେ ମଧ୍ୟ ବୃଦ୍ଧି ଘଟିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବିକାଜୀ ଏହାର ଉତ୍ପାଦର ମୂଲ୍ୟକୁ ୨ ରୁ ୪ ପ୍ରତିଶତ ବୃଦ୍ଧି କରିପାରିବ ଏବଂ କମ୍ପାନୀ ଏପ୍ରିଲରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଟାଟା କଞ୍ଜ୍ୟୁମର୍ ପ୍ରଡକ୍ଟଗୁଡ଼ିକ ଏହାର ପ୍ରତିଯୋଗୀମାନଙ୍କ ତୁଳନାରେ ମୂଲ୍ୟ ସଂଶୋଧନ କରିବା କାର୍ଯ୍ୟ ଆରମ୍ଭ କରିଛି। ଡାବର ଇଣ୍ଡିଆ ଏବଂ ଇମାମି ପରି ଏଫ୍‌ଏମ୍‌ସିଜି କମ୍ପାନୀଗୁଡିକ ଚଳିତ ବର୍ଷରେ ମୂଲ୍ୟ ବୃଦ୍ଧି ଉପରେ ବିଚାର କରୁଛନ୍ତି। ଗୋଦରେଜ ଗ୍ରାହକ ଉତ୍ପାଦଗୁଡ଼ିକ ଏହାର ମନୋନୀତ ସାବୁନର ମୂଲ୍ୟ ୪ ରୁ ୫ ପ୍ରତିଶତ ବୃଦ୍ଧି କରିଛନ୍ତି। କୋଟାକ ଇନ୍‌ଷ୍ଟିଟ୍ୟୁଶନାଲ ଇକ୍ୱିଟି ଆଣ୍ଡ ଟ୍ରେଡ୍ ଅନୁଯାୟୀ ହିନ୍ଦୁସ୍ଥାନ ୟୁନିଲିଭର ଡୋଭ୍‌ର ମୂଲ୍ୟକୁ ୨ ପ୍ରତିଶତକୁ ବୃଦ୍ଧି କରିଛି। ୱିପ୍ରୋ ସନ୍ତୁରର ମୂଲ୍ୟକୁ ୩ ପ୍ରତିଶତ ବୃଦ୍ଧି କରିଛି। କୋଲଗେଟ ପାମୋଲିଭ ବଡି ୱାଶ୍‌ର ମୂଲ୍ୟ ବୃଦ୍ଧି କରିଥିବାବେଳେ ପିୟର୍ସ ବଡି ୱାଶ୍‌ର ମୂଲ୍ୟ ୪ ପ୍ରତିଶତ ବୃଦ୍ଧି କରାଯାଇଛି। ହିନ୍ଦୁସ୍ଥାନ ୟୁନିଲିଭର ଏହାର ଶାମ୍ପୋ ଏବଂ ଚର୍ମ ଯତ୍ନ ଉତ୍ପାଦର ମୂଲ୍ୟ ବୃଦ୍ଧି କରିଛି। ନେସ୍‌ଲେ କଫିର ମୂଲ୍ୟକୁ ୮ ରୁ ୧୩ ପ୍ରତିଶତ ବୃଦ୍ଧି କରିଛି। ମ୍ୟାଗି ଓଟ୍ସ ନୁଡୁଲ୍ସ ଏବଂ ଆଶୀର୍ବାଦ ଗହମର ମୂଲ୍ୟ ମଧ୍ୟ ୧୭ ପ୍ରତିଶତ ବୃଦ୍ଧି କରାଯାଇଛି।

## 'ଭିକ୍ସ'ର ନୂଆ ଟିଭିସି

ଭୁବନେଶ୍ୱର,୧୭।୬

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ପି ଆଣ୍ଡ ଜି ଇଣ୍ଡିଆର ପ୍ରମୁଖ ବ୍ରାଣ୍ଡ 'ଭିକ୍ସ'ର ବହୁ ପ୍ରତୀକ୍ଷିତ ତଥା ନୂତନ ଟେଲିଭିଜନ କର୍ମସିଆଲ (ଟିଭିସି) ବା ଟେଲିଭିଜନ ବିଜ୍ଞାପନ 'ସବ୍‌ସେ ବଡି ଖବର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ବ୍ରାଣ୍ଡର ବ୍ରାଣ୍ଡ ଆମ୍ବାସାଡର ରଣବୀର ସିଂଙ୍କ ସହିତ ସବ୍‌ସେ ବଡ଼ି ଖବର 'ଭିକ୍ସ କି ଗୋଲି ଅବ୍ ହୋଗୈ ହୈ ବଡ଼ି' ଅଭିଯାନର ଶୁଭାରମ୍ଭ ମଧ୍ୟ କରାଯାଇଛି। ଅପରପକ୍ଷରେ 'ସବ୍‌ସେ ବଡି ଖବର'କୁ ଜୀବନ୍ତ କରିବା ପାଇଁ ଭିକ୍ସର ନୂଆ ଚେହେରା ରଣବୀର ସିଂ ଖାସ୍ ଅନ୍ଦାଜରେ ଏହି ସ୍ୱତନ୍ତ୍ର ନୂଆ ଟିଭିସିକୁ ଉପସ୍ଥାପନ କରୁଛନ୍ତି। ପି ଆଣ୍ଡ ଜି ଇଣ୍ଡିଆ କଞ୍ଜ୍ୟୁମର ହେଲ୍‌ଥ କେୟାର କାଟାଗୋରି ମୁଖ୍ୟ ସାହିଲ ସେଟି କହିଛନ୍ତି, ଆମେ ଏହି ନୂଆ ଟିଭିସିକୁ ସର୍ବଭାରତୀୟସ୍ତରରେ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଭିକ୍ସ କି ଗୋଲି ଲୋ ଖିଚ୍ ଖିଚ୍ ଦୂର କରୋ' ଭିକ୍ସ କଫ ଡ୍ରପର ପ୍ରତିଷ୍ଠିତ ବ୍ରାଣ୍ଡ ଜିଙ୍ଗଲ ତୁରନ୍ତ ନିଜର ପୁରୁଣା ସ୍ମୃତିକୁ ତାଜା କରି ଦେଉଛି, ଯାହା ୧୯୬୦ ଦଶକରୁ ଭାରତୀୟ ଗ୍ରାହକଙ୍କୁ କର୍କସ ମୁକ୍ତ ସ୍ୱରରେ କହିବା ପାଇଁ ସାହାଯ୍ୟ କରିଆସିଛି।

## ଅରୁନ୍ଧତୀ ମୋଟୋବାଇକ୍‌ରେ 'ଭିଡା'ର ଅନାବରଣ




ଭୁବନେଶ୍ୱର,୧୭।୬

ଦେଶର ପ୍ରମୁଖ ଦୁଇ ଚକିଆ ଇଲେକ୍ଟ୍ରି ଭେଇକିଲ ବା ଇଭି ବ୍ରାଣ୍ଡ/ଯାନ ତଥା ହିରୋ ମୋଟୋକର୍ପର ଇ-ସ୍କୁଟର 'ଭିଡା'ର ନୂତନ ମଡେଲଗୁଡ଼ିକ ନିକଟରେ ଅନାବରଣ (ଉନ୍ମୋଚନ) ସହ ବଜାର ପ୍ରବେଶ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଅରୁନ୍ଧତୀ ମୋଟୋବାଇକର ଲୁଇସ୍ ରୋଡସ୍ଥିତ ଶୋ'ରୁମ୍ ପରିସରରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବ ସହ ଗ୍ରାହକ ହସ୍ତାନ୍ତରଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଅରୁନ୍ଧତୀ ଗ୍ରୁପର ଏମ୍‌ଡି ବ୍ରହ୍ମାନନ୍ଦ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁନ୍ଧତୀ ଗ୍ରୁପର ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର, ପ୍ରତୀକ ମେହେର ଏବଂ ମୋଟୋବାଇକ ଡିଭିଜନର ସିଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଅରୁନ୍ଧତୀ ମୋଟୋବାଇକର ଲୁଇସ ରୋଡସ୍ଥିତ ଶୋ'ରୁମ୍‌ରେ ଭିଡାର ସମସ୍ତ ମଡେଲ ସହ ବିକ୍ରି ପରବର୍ତ୍ତୀ ସେବା ମଧ୍ୟ ଉପଲବ୍ଧ।

## ବେଦାନ୍ତ ଆଇଓଓର ନୂତନ ଅଭିଯାନ

ଭୁବନେଶ୍ୱର,୧୭।୬

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବେଦାନ୍ତ ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ବେଦାନ୍ତ ଆଇରନ ଓର୍ ଓଡ଼ିଶା (ଆଇଓଓ)ର ନୂତନ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ଲୋକପ୍ରିୟ ପ୍ରକଳ୍ପ ତଥା ପ୍ରୋଜେକ୍ଟ 'ଜୀଭିକା'ର ଏକ ଅଂଶ ଭାବେ ଏହି ଅଭିଯାନ ଆରମ୍ଭ କରାଯାଇଥିଲାବେଳେ ନାଡ଼ିଡିହ ଏବଂ ରେଙ୍ଗାଲବେଡ଼ା ଗାଁର ୬ଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ମିଳିତ ସହଯୋଗରେ ବେଦାନ୍ତ ଆଇଓଓ ୬ଟି ନୂତନ ଛତୁଚାଷ ୟୁନିଟ୍ ପ୍ରତିଷ୍ଠା କରିଛି। ବିଶେଷ କରି ଏହା ମହିଳା ଗୋଷ୍ଠୀର ସଦସ୍ୟମାନଙ୍କୁ ଉଦ୍ୟୋଗିକ ସହାୟତା ଯୋଗାଇବା ସହିତ ସ୍ଥାୟୀ ଜୀବିକା ନିର୍ବାହ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି କୁହାଯାଉଛି।

ଏହି ପରିପ୍ରେକ୍ଷୀରେ ଗୋଷ୍ଠୀର ସଦସ୍ୟ, ଏନ୍‌ଜିଓ ପାର୍ଟନର ପୁନରୁଥାନ ଏବଂ ବେଦାନ୍ତ ଆଇଓଓର ସିଏସ୍‌ଆର୍/ଇଆର୍ ମୁଖ୍ୟ ସମ୍ବିତ ନାୟକ ଓ ଅନ୍ୟମାନେ ଯୋଗ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ଓୟୁଏଟି ଭୁବନେଶ୍ୱରର ଶିଶିର କୁମାର ମହନ୍ତଙ୍କ ନେତୃତ୍ୱରେ ଏକ ବିସ୍ତୃତ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହନ୍ତଙ୍କ ବହୁ ଅଭିଜ୍ଞତା ଆଧାରରେ ତାଲିମ କାର୍ଯ୍ୟ ବେଶ୍ ସଫଳ ରହିଥିଲା। ଏହି ପ୍ରଶିକ୍ଷଣ ଅଧିବେଶନରେ ପ୍ରକଳ୍ପର ମହତ୍ତ୍ୱ ଏବଂ ମହିଳା ଗୋଷ୍ଠୀ ମଧ୍ୟରେ ସ୍ଥାୟୀ ଜୀବିକା ଓ ଔଦ୍ୟୋଗିକ ପ୍ରୋତ୍ସାହନ କରିବା ପାଇଁ ସାମର୍ଥ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏ ସମ୍ପର୍କରେ ଆଇରନ ଓର୍ ଓଡ଼ିଶା,ବେଦାନ୍ତ ସେସା ଗୋଆର ସିଓ ବିଶ୍ୱନାଥ ସାହୁ କହିଥିଲେ, ପ୍ରୋଜେକ୍ଟ ଜୀଭିକା ମାଧ୍ୟମରେ ଆମେ ଜୈବିକ ଚାଷ ପ୍ରତି ଆଗ୍ରହୀ ଏବଂ ଛତୁ ଉତ୍ପାଦନରେ ଓଡ଼ିଶାକୁ ଆତ୍ମନିର୍ଭରଶୀଳ କରିବାରେ ସହଯୋଗ କରୁଥିବା ବ୍ୟକ୍ତିବିଶେଷଙ୍କୁ ସମର୍ଥନ କରିବାକୁ ଲକ୍ଷ୍ୟ ରଖିଛୁ। ସେହିଭଳି ଆମେ ଯେଉଁଠାରେ କାର୍ଯ୍ୟ କରୁଛୁ, ସେଠାକାର ବା ସ୍ଥାନୀୟ ମହିଳା ଉଦ୍ୟୋଗୀଙ୍କୁ ସଶକ୍ତୀକରଣ କରିବାକୁ ପ୍ରୟାସ କରୁଛୁ। ମହିଳା ଗୋଷ୍ଠୀଗୁଡ଼ିକ ସ୍ଥାୟୀ ବିକାଶ ଏବଂ ଅର୍ଥନୈତିକ ଅଭିବୃଦ୍ଧିର ଦୃଷ୍ଟିକୋଣ ସହ ସମ୍ପୂର୍ଣ୍ଣ ଭାବେ ସଜାଗ ହୋଇ ରହିଛନ୍ତି।

## ୟୁବିଆଇ ସମ୍ବଲପୁର କ୍ଷେତ୍ର ପକ୍ଷରୁ ରିଟେଲ୍ ଏକ୍ସପୋ

ଭୁବନେଶ୍ୱର,୧୭।୬ (ଅଭୟ ଦାଶ)




ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର କ୍ଷେତ୍ରୀୟ କାର୍ଯ୍ୟାଳୟ ସମ୍ବଲପୁର ପକ୍ଷରୁ ଆୟୋଜିତ ଏକ ମେଗା ରିଟେଲ୍ ଏକ୍ସପୋ-୨୦୨୪ ସମ୍ବଲପୁରର ଗଙ୍ଗାଧର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୟୁବିଆଇ ପକ୍ଷରୁ ରିଟେଲ୍ ଋଣ ସମ୍ବନ୍ଧୀୟ ଉତ୍ପାଦ, ଗୃହ ଋଣ, କାର୍ ଋଣ ଏବଂ ଶିକ୍ଷା ଋଣ ଆଦିର ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ସମ୍ବଲପୁର ଜିଲାର ଉପ ଜିଲାଧିକାରୀ ଡ. ପୁଷ୍ପାଞ୍ଜଳି ପଣ୍ଡା ଏବଂ ୟୁବିଆଇ ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଧର୍ମେନ୍ଦ୍ର ରାଜୋରିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ (ଶୁଭାରମ୍ଭ) କରିଥିଲେ। ଅପରପକ୍ଷରେ ଡ. ପଣ୍ଡା ସମାଜର ଉନ୍ନତିରେ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ବିତ୍ତୀୟ ସହାୟତାରେ ବ୍ୟାଙ୍କର ନିରନ୍ତର ଯୋଗଦାନ ରହୁ ବୋଲି ସେ କହିଥିଲେ। ସେହିଭଳି ରାଜୋରିଆ ବ୍ୟାଙ୍କର ରିଟେଲ୍ ଉତ୍ପାଦ ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଇଥିଲେ। ସେହିପରି ବ୍ୟାଙ୍କ ପକ୍ଷରୁ ରିଟେଲ୍ ଋଣ ଉତ୍ପାଦ ଉପରେ ତୁରନ୍ତ ମଞ୍ଜୁରୀର ବ୍ୟବସ୍ଥା କରାଯାଇଥିଲା। ଏପରିକି ୧୦ରୁ ଊର୍ଦ୍ଧ୍ୱ ଗ୍ରାହକଙ୍କୁ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୟୁବିଆଇ ସମ୍ବଲପୁରସ୍ଥିତ ସମସ୍ତ ଶାଖାର ଶାଖା ମୁଖ୍ୟ,କର୍ମଚାରୀ ତଥା କ୍ଷେତ୍ରୀୟ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଗ୍ରାହକ ଯୋଗଦେଇ ଗୃହ ଋଣ, କାର୍ ଋଣ, ଶିକ୍ଷା ଋଣ ଓ ବନ୍ଧକ ଋଣ ଆଦି ବିଷୟରେ ଅବଗତ ହୋଇଥିଲେ। ଏଥିରେ ୟୁବିଆଇ ସମ୍ବଲପୁର କ୍ଷେତ୍ରର ଉପ-କ୍ଷେତ୍ରୀୟ ମୁଖ୍ୟ ହରେନ୍ଦ୍ର କୁମାର ଜେନା ଏବଂ ରିଟେଲ ଲୋନ୍ ପଏଣ୍ଟର ମୁଖ୍ୟ ଅଶୋକ କୁମାର ବେହେରା ସକ୍ରିୟ ଅଂଶଗ୍ରହଣ କରିଥିଲେ।

ଉଲ୍ଲେଖଯୋଗ୍ୟ, ଏହି ଏକ୍ସପୋରେ ସମ୍ବଲପୁରର ୮ଜଣ କାର୍ ଡିଲର, ୬ ଜଣ ବିଲ୍ଡର ଏବଂ ୩ ଜଣ ଶିକ୍ଷା ପରାମର୍ଶଦାତା ଅଂଶଗ୍ରହଣ କରିଥିଲେ। ଏକ୍ସପୋକୁ ଆସୁଥିବା ସମସ୍ତ ଗ୍ରାହକଙ୍କର ମାଗଣା ଚକ୍ଷୁ ପରୀକ୍ଷା ଓ ସ୍ୱାସ୍ଥ୍ୟ ପରୀକ୍ଷାର ମଧ୍ୟ ଆୟୋଜନ କରାଯାଇଥିଲା।

## ବିଏମ୍‌ଏଫ୍‌ର ନୂତନ କ୍ୟାମ୍ପେନ

ଭୁବନେଶ୍ୱର,୧୭।୬

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବନ୍ଧନ ମ୍ୟୁଚୁଆଲ ଫଣ୍ଡ (ବିଏମ୍‌ଏଫ୍)ର ନୂତନ କ୍ୟାମ୍ପେନ 'ଶର୍ମା ଜୀ କେ ପାପା' ନିକଟରେ ଶୁଭାରମ୍ଭ ହୋଇଯାଇଛି। ଏପରିକି ଚଳିତ ପିତୃ ଦିବସ ଅବସରରେ ବିଏମ୍‌ଏଫ୍ ପକ୍ଷରୁ ପିତା-ସନ୍ତାନର ସମ୍ପର୍କକୁ ନେଇ ଏକ ମଜାଦାର ଭିଡିଓ ମଧ୍ୟ ଶେୟାର କରାଯାଇଛି। ବିଶେଷକରି ଏହା ଜୀବନର ଏକ ଅଂଶ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଛି, ଯେଉଁଠାରେ ଆଜିର ପିଲାମାନେ ପିତାଙ୍କୁ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ବିଷୟରେ ଜ୍ଞାନ ପ୍ରଦାନ କରିବା ସହିତ ବେଳେବେଳେ କଟାକ୍ଷ ବ୍ୟବହାର କରି ବିକଶିତ ସାମାଜିକ ଗତିଶୀଳତାକୁ ପ୍ରଦର୍ଶିତ କରନ୍ତି, ଯେଉଁଠାରେ ପିଲାମାନେ ବର୍ତ୍ତମାନ ସେମାନଙ୍କ ପିତାଙ୍କୁ ଜୀବନର ବିଭିନ୍ନ ଦିଗରେ ସ୍ମାର୍ଟ ହେବା ପାଇଁ ସଶକ୍ତ କରାନ୍ତି। ଏହି ଭିଡିଓରେ ଚତୁରତାର ସହ 'ଶର୍ମା ଜୀ କେ ପାପା' ଶୀର୍ଷକ ଭିଡିଓକୁ ବିସ୍ତୃତ ଭାବେ ଉପସ୍ଥାପନ କରାଯାଇଛି, ଯେଉଁଥିରେ ପିତାମାନେ ସେମାନଙ୍କ ପିଲାମାନଙ୍କଠାରୁ ବିଭିନ୍ନ ଉପାୟରେ ଅନେକ କିଛି ଶିଖିଥାନ୍ତି।

ଏ ସମ୍ପର୍କରେ ବିଏମ୍‌ଏଫ୍ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଶର୍ମା ଜୀ କା ବେଟାର କାଳଜୟୀ ବ୍ୟକ୍ତିତ୍ୱ ଉପରେ ନିର୍ମିତ କାହାଣୀ 'ଶର୍ମା ଜୀ କେ ପାପା' ବାପା ଓ ପିଲାଙ୍କ ମଧ୍ୟରେ ବିକଶିତ ସମ୍ପର୍କକୁ ମଜାଦାର ଢଙ୍ଗରେ ପାଳନ କରିବା ସହିତ ପିଢ଼ି ପିଢ଼ି ମଧ୍ୟରେ ପାରସ୍ପରିକ ଅଭିବୃଦ୍ଧି ଏବଂ ଶିକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଛି। ଏହି ପିତୃ ଦିବସରେ ଆସନ୍ତୁ ବୟସ ନିର୍ବିଶେଷରେ ଆମ ଜୀବନକୁ ବଢ଼ାଇବା, ଶିଖିବା ଏବଂ ସମୃଦ୍ଧ କରିବା ପାଇଁ 'ବଢ଼େ ରାହୋ'ର ଭାବନାକୁ ଗ୍ରହଣ କରିବା। ଏହି ଆକର୍ଷଣୀୟ କାହାଣୀ ମାଧ୍ୟମରେ ବିଏମ୍‌ଏଫ୍‌ର ମୂଳ ବ୍ରାଣ୍ଡିଂ ବାର୍ତ୍ତାକୁ 'ବଢ଼ତେ ରାହୋ' ଟ୍ୟାଗ୍ ଲାଇନରେ ଅନ୍ତର୍ଭୁକ୍ତ କରିଛି। ଆର୍ଥିକ ନିରାପତ୍ତା ବ୍ୟକ୍ତିବିଶେଷଙ୍କ ଜୀବନକୁ ସମ୍ପୂର୍ଣ୍ଣ ଭାବରେ ବଞ୍ଚିବାରେ ସକ୍ଷମ କରିଥାଏ, ଏହି ଟ୍ୟାଗଲାଇନ ସମସ୍ତଙ୍କୁ ନିରନ୍ତର ଅଗ୍ରଗତି କରିବାକୁ ଏବଂ ବିକାଶର ଜୀବନବ୍ୟାପୀ ଯାତ୍ରାକୁ ଗ୍ରହଣ କରିବାକୁ ଉତ୍ସାହିତ କରୁଛି। ଉକ୍ତ ଭିଡିଓରେ ଏହି ଦର୍ଶନକୁ ଏହାର ଚମତ୍କାର କାହାଣୀ, ଜୀବନ୍ତ ଦୃଶ୍ୟ ଏବଂ ଆକର୍ଷଣୀୟ ଚରିତ୍ର ମାଧ୍ୟମରେ ପ୍ରତିଫଳିତ କରାଯାଇଛି, ଯାହା 'ବଢ଼ତେ ରାହୋ'ର ଗତିଶୀଳ ଭାବନାକୁ ପ୍ରତିଫଳିତ କରୁଛି।

# ରାଜ୍ୟ ଖବର

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାଜିଥିଲା ଶୋଭାଶିରୀ**
**ସୀତାଙ୍କୁ ରାବଣ ନେଉଛି ହରି**
**ବିଭୂତି ଭୂଷଣ କରି।**

ଜନକ ନନ୍ଦିନୀ ଦେବୀ ସୀତାଙ୍କୁ ଲଙ୍କପତି ରାବଣ ଛଦ୍ମବେଶ ଧାରଣ କରି ହରଣ କରି ନେଇଥିବା କଥା ରାମାୟଣରେ ବର୍ଣ୍ଣିତ ଅଛି। ପରୋକ୍ଷରେ ମିଛ ସତ କହି ବା ପ୍ରଲୋଭିତ କରି ପରନାରୀକୁ ନିଜ ଆଡକୁ ଆକର୍ଷିତ କରୁଥିବା ଧୋକାବାଜ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଭଉଣୀ ରାଣୀ ହେଲେ ଭାଇ ନୁହେଁ ରାଜା**
**ଅତି ସେରେନ୍ତାରେ ଡାକିବେ ରଜାଙ୍କ ପରଜା।**

ଭଉଣୀ ଯେତେ ବଡ଼ ଘରେ ବିଭାହେଲେ ମଧ୍ୟ ଭାଇର ଚଳଣି ବା ଅବସ୍ଥାରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ। ପରୋକ୍ଷରେ ଭଉଣୀ ଘରେ ରହୁଥିବା ଭାଇର ଗୁରୁତ୍ୱ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଛାତ୍ରଙ୍କୁ ପିଟିଲେ, ମୋବାଇଲ ଝାମ୍ପିନେଲେ

ବ୍ରହ୍ମପୁର,୧୭।୬(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଛାତ୍ରଙ୍କୁ ଦୁର୍ବୃତ୍ତମାନେ ମାଡମାରି ମୋବାଇଲ ଫୋନ୍ ଝାମ୍ପି ନେଇଛନ୍ତି। ଏ ନେଇ ଅଭିଯୋଗକ୍ରମେ ଗୋଷାଣିନୂଆଗାଁ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ନବରଙ୍ଗପୁର ଜିଲା କୋଡିଙ୍ଗା ଥାନା ବେତଲ ଗାଁର ନବୀନ ବାତ୍ରା ବ୍ରହ୍ମପୁରରେ ରହି ୟୁପିଏସସି ପ୍ରସ୍ତୁତି ପାଇଁ ପଢ଼ାପଢ଼ି କରୁଛନ୍ତି। ସେ ସାମନ୍ତରାୟ ଏକାଡେମୀରେ ପଢ଼ାପଢ଼ି କରୁଥିବାବେଳେ କଟକରେ ଗତ ୧୬ ତାରିଖରେ ୟୁପିଏସସି ପରୀକ୍ଷା ଥିଲା। ଗତ ୧୫ ତାରିଖ ରାତି ୧ଟାରେ କଟକ ଅଭିମୁଖେ ଯିବା ପାଇଁ ରେଳ ଷ୍ଟେଶନ ଯାଉଥିଲେ। ରାସ୍ତାରେ କେତେଜଣ ଦୁର୍ବୃତ୍ତ ଅଟକାଇ କ'ଣ ଧରିଛ ଦିଅ ବୋଲି ମାଗିଥିଲେ। ପରେ ମୋବାଇଲ ଝାମ୍ପିବା ପାଇଁ ଉଦ୍ୟମ ବେଳେ ସେ ପ୍ରତିବାଦ କରିଥିଲେ। ପରେ ଦୁର୍ବୃତ୍ତମାନେ ମାଡ ମାରି ମୋବାଇଲ ଝାମ୍ପି ନେଇଥିଲେ। ଏନେଇ ଥାନାରେ ନବୀନଙ୍କ ଏତଲାକ୍ରମେ ନଂ. ୧୪୬/୨୪ରେ ଏକ ମାମଲା ରୁଜୁ ହୋଇଛି।

## ସୁରକ୍ଷାକର୍ମୀଙ୍କ ଗୁଳିରେ ୫ ମାଓବାଦୀ ମୃତ: ୨ ଗିରଫ



ସୀମାନ୍ତରୁ ଜବତ ହୋଇଥିବା ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ।

ରାଉରକେଲା,୧୭।୬(ସଙ୍ଗୀତା ଜେନା)

ଓଡ଼ିଶା- ଝାଡଖଣ୍ଡ ସୀମାନ୍ତରେ ସୁରକ୍ଷାକର୍ମୀଙ୍କ ଗୁଳିରେ ସୋମବାର ୫ ମାଓବାଦୀ ନିହତ ହୋଇଥିବା ବେଳେ ୨ ଗିରଫ ହୋଇଛନ୍ତି। ମୃତକମାନେ ହେଲେ ଜୋନାଲ କମିଟିର ସଦସ୍ୟ(ନେତା) ପଶ୍ଚିମ ସିଂଭୂମ୍ ଛୋଟାନାଗପୁରର କାଣ୍ଡେ ହୋନହାଗା, ସବ୍‌ଜୋନାଲ୍ କମିଟି ସଦସ୍ୟ(ନେତା) ଛତିଶଗଡ଼ ସୁକମା ଜିଲାର ସିଂଗରାୟ, ଟିମ୍ ସଦସ୍ୟ ଚାଇଁବାସାର ଜୋଙ୍ଗ ସାଓ୍, ଟୋଂଟୋ ଥାନାର ସୂର୍ଯ୍ୟା ଦେବଗମ, ଛୋଟାନାଗପୁର ଅଞ୍ଚଳର ମହିଳା ମାଓବାଦୀ ସପନୀ ହାଁସଦା। ସେହିପରି ଗିରଫ ସଦସ୍ୟମାନେ ହେଉଛନ୍ତି ଏରିଆ କମାଣ୍ଡର ଚାଇଁବାସାର ଟାଇଗର ଉର୍ଫ୍ ପାଣ୍ଡୁ ହାଁସଦା ଓ ସଦସ୍ୟ ଟୋଣ୍ଟୋ ଥାନା ଅଞ୍ଚଳର ବତାରୀ ବାନରା। ସୂଚନାଯୋଗ୍ୟ, ରବିବାର ବିଳମ୍ବିତ ରାତିରେ ମାକପା ମାଓବାଦୀ ନେତା ଅଜୟ ମାହାତୋ ଓ କାଣ୍ଡେ ହୋନହୋଗା ଦଳବଳ ସହିତ ଚାଇଁବାସା ଓ ଗୁଆ ଥାନା ଅଞ୍ଚଳରେ ସକ୍ରିୟ ଥିବା ସୂଚନା ସୁରକ୍ଷାବଳଙ୍କୁ ମିଳିଥିଲା। ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ସୁରକ୍ଷାବଳ ପକ୍ଷରୁ ସର୍ଚ୍ଚ ଅପରେଶନ୍ କରାଯାଇଥିଲା। ସୋମବାର ଭୋର ସାଢେ ୫ଟା ସମୟରେ ଗୁଆ ଥାନା ଲିପୁଙ୍ଗ ଏବଂ କୁଲାସାଇ ଜଙ୍ଗଲ ନିକଟରେ ମାଓବାଦୀମାନେ ସୁରକ୍ଷାବଳ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଉଭୟଙ୍କ ମଧ୍ୟରେ ପ୍ରାୟ ୧ ଘଣ୍ଟା ଧରି ଗୁଳି ବିନିମୟ ହୋଇଥିଲା। ସୁରକ୍ଷାବଳଙ୍କ ଆକ୍ରମଣକୁ ଦୃଷ୍ଟିରେ ରଖି ମାଓବାଦୀ ମାନେ ଛତ୍ରଭଙ୍ଗ ଦେଇଥିଲେ। ସୁରକ୍ଷାବଳ ଉକ୍ତ ସ୍ଥାନରୁ ୫ ମହିଳା ଓ ପୁରୁଷ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ଉକ୍ତ ସ୍ଥାନରୁ ୨ଟି ଏସ୍‌ଏଲ୍‌ଆର ରାଇଫଲ, ଗୋଟିଏ ଇନସସ୍ ରାଇଫଲ୍, ଗୋଟିଏ ୩୦୩ ରାଇଫଲ୍, ୨ଟି ଇ ବୋଲ୍ଟ ଏକ୍ସନ ରାଇଫଲ୍, ଗୋଟିଏ ୯ ଏମ୍‌ଏମ୍ ପିସ୍ତଲ, ୧୩ଟି ଡେଟୋନେଟର୍ ସମେତ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ମୃତକ କାଣ୍ଡେଙ୍କ ନାମରେ କିରବୁର ଥାନାରେ ୭ଟି ମାମଲା, ଟୋଂଟୋ ଥାନାରେ ୨୫ଟି, ସୋନୁଆ ଥାନାରେ ୯ଟି, ଗୋଇଲକେରା ଥାନାରେ ୩୧ଟି, ଗୁଆ ଥାନାରେ ୨ଟି, ମୁଫସିଲ୍ ଥାନାରେ ୯ଟି, ଛୋଟାନାଗପୁରରେ ୨ଟି, ଜରାଇକେଲାରେ ୩ଟି ଆପରାଧିକ ମାମଲା ରହିଛି। ସେହିପରି ମାଓବାଦୀ ସିଂଗରାୟଙ୍କ ନାମରେ ଗୋଇଲକେରା ଥାନାରେ ଗୋଟିଏ, ସୋନୁଆରେ ୬ଟି, ଟୋଣ୍ଟୋ ଥାନାରେ ୭ଟି, ମୁଫସିଲ୍ ଥାନାରେ ୪ଟି, ଟେକଲୋ ଥାନାରେ ୧ଟି ଆପରାଧିକ ମାମଲା ରହିଛି। ଅନୁରୂପ ଭାବେ ଟାଇଗରଙ୍କ ନାମରେ ଛୋଟାନାଗପୁର ଥାନାରେ ୩ଟି ଆପରାଧିକ ମାମଲା ରହିଛି ବୋଲି ସିଆର୍‌ପିଏଫ୍ ସୂଚନା ଦେଇଛନ୍ତି।

## ସିରିଜ୍ ଦୁର୍ଘଟଣା: ୪ ସାଙ୍ଗ ମୃତ, ୨ ଗୁରୁତର

ଖଡ଼ିଆଳ,୧୭।୬ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ-ଭବାନୀପାଟଣା ୬ନମ୍ବର ରାଜ୍ୟ ରାଜପଥର ଲଛିପୁର ଗାଁ ନିକଟରେ ରବିବାର ବିଳମ୍ବିତ ରାତିରେ ସିରିଜ୍ ଦୁର୍ଘଟଣା ଘଟି ୪ ସାଙ୍ଗଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଖଡ଼ିଆଳର ଋଷି ସାହୁ (୧୯), ଦେବେନ୍ଦ୍ର ସିଂ ଲାଲ (୨୨), ଶୁଭମ ମହାଉତି (୨୩) ଓ ଗୋଇମୁଣ୍ଡି ଗାଁର ଦେବରାଜ ପଟେଲ (୧୯)। ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଯଦୁମଣି ପଟେଲ (୪୮) ଓ ବିଷ୍ଣୁ ରାଉତ (୪୫)ଙ୍କୁ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ମୁତାବକ ଖଡ଼ିଆଳସ୍ଥିତ ନିଜ ଫାର୍ମ ହାଉସରେ ରବିବାର ସନ୍ଧ୍ୟାରେ ଋଷି ସାହୁଙ୍କ ବଡ଼ ଭାଇଙ୍କ ଜନ୍ମଦିନ ପାଳନ କରାଯାଉଥିଲା। ଏହି ଉତ୍ସବରେ ଯୋଗଦେଇ ୪ସାଙ୍ଗ ଋଷି, ଦେବେନ୍ଦ୍ର, ଶୁଭମ୍ ଓ ଦେବରାଜ ଏକ କାର୍ (ଟିଜି୨୩ଏମ୍-୪୦୫୦)ରେ ଖଡ଼ିଆଳରୁ କୌଣସି କାମରେ ତୁକୁଲା ଗାଁ ଅଭିମୁଖେ ବାହାରିଥିଲେ। ବିଳମ୍ବିତ ରାତିରେ ରାଜ୍ୟ ରାଜପଥର ଲଛିପୁର ଗାଁ ନିକଟରେ କାର୍ ଭାରସାମ୍ୟ ହରାଇ ଏକ ଟ୍ରାକ୍ଟର (ଓଡି୨୬ଏଫ୍-୩୨୯୪) ପଛପଟେ ପିଟିହୋଇଯାଇଥିଲା। ଏହି ସମୟରେ ପଛରେ ଯାଉଥିବା ଏକ ଟ୍ରକ୍ କାର୍ ପଛକୁ ଧକ୍କାଦେଇଥିଲା। ଫଳରେ କାର୍‌ରେ ଥିବା ୪ ଯୁବକଙ୍କ ସମେତ ଟ୍ରାକ୍ଟରରେ ଥିବା ୨ଜଣ ଗୁରୁତର ହୋଇଥିଲେ। ଖଡ଼ିଆଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାରକରି ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ ଓ ପରେ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ୪ସାଙ୍ଗଙ୍କୁ ମୃତ ଘୋଷଣା କରିଥିଲେ। ଟ୍ରାକ୍ଟରରେ ଥିବା ଯଦୁମଣି ଓ ବିଷ୍ଣୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ସୋମବାର ସକାଳେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଖଡ଼ିଆଳ ପୋଲିସ ଏକ ମାମଲା (ନଂ.୨୫/୨୦୨୪) ରୁଜୁକରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ ପ୍ରକାଶ କରିଛନ୍ତି।

## ପଙ୍କଡ଼ିହୀ ଘାଟିରେ ବସ୍ ଦୁର୍ଘଟଣା, ୫୦ ଆହତ

ବଣାଇଁ, ୧୭।୬(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ ଜିଲା ଗୁରୁଣ୍ଡିଆ ଥାନା ପଙ୍କଡିହି ଘାଟିରେ ସୋମବାର ଏକ ବସ ଦୁର୍ଘଟଣାରେ ୫୦ଜଣ ଯାତ୍ର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୩ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବିରକେରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଥିଲା। ସେଠାରୁ ୫ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ରାଉରକେଲା ସରକାରୀ ଡାକ୍ତରଖାନା ଓ ୨ ଜଣଙ୍କୁ ଜୟ ପ୍ରକାଶ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୩୭ଆହତଙ୍କୁ ଗୁରୁଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ ୮ ଜଣ ଗୁରୁତରଙ୍କୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି।

ସୂଚନାଯୋଗ୍ୟ, ଫଙ୍କଡିହିରୁ ବାହାରି ଥିବା ସରକାରୀ ବସ୍ (ଓଡି ୧୪ ଜି ୨୭୯୧)ଗୁରୁଣ୍ଡିଆ ଦେଇ ବଣାଇଁ ଅଭିମୁଖେ ଯାତ୍ରା କରୁଥିଲା। ଏଥିରେ ପ୍ରାୟ ୬୦ଜଣ ଯାତ୍ରୀ ଥିଲେ। ପଙ୍କଡିହି ଘାଟିରେ ବସ୍‌ର ବ୍ରେକ ଫେଲ ହେବା ଯୋଗୁ ଗାଡି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ହେଲେ ଚାଳକ କୌଣସିମତେ ବସ୍‌କୁ ଅଟକାଇ ଦେଇଥିଲେ। ନଚେତ ଦୁର୍ଘଟଣାସ୍ଥଳର ଡାହାଣ ପାର୍ଶ୍ୱରେ ୨୦୦ଫୁଟର ଖାଲକୁ ବସ୍ ଗଡି ଯିବା ନିଶ୍ଚିତ ଥିଲା। ଯାତ୍ରୀମାନେ ଜୀବନ ବଞ୍ଚାଇବା ପାଇଁ ଝରକା ପଟେ ଡେଇଁ ବାହାରକୁ ବାହାରିବା ସମୟରେ ଆଘାତପ୍ରାପ୍ତ ହୋଇଥିଲେ। ଦୁର୍ଘଟଣା ଖବର ପାଇ ଗୁରୁଣ୍ଡିଆ ଡାକ୍ତରଖାନାରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବଣାଇଁ ଉପଜିଲାପାଳ ସୁରଞ୍ଜନ ସାହୁ, ଭାଜପା ଜିଲା ସଭାପତି ମନୋଜ ପ୍ରଧାନ ଆହତମାନଙ୍କୁ ଭେଟିଥିଲେ।

# ସମର ଆଉଟ୍‌ଫିଟ୍

**ଖରାଦିନେ ଏଭଳି ପୋଷାକ ପିନ୍ଧିବା ଦରକାର ଯାହା ଆରାମଦାୟକ ହେବା ସହ ଏଲିଗାଣ୍ଟ ଲୁକ୍ ଦେଇପାରୁଥିବା। ତେଣୁ ଏ ଦୃଷ୍ଟିରୁ ଦେଖିଲେ ଆପଣଙ୍କୁ କପଡ଼ାର କ୍ୱାଲିଟି ସହ ରଙ୍ଗ ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ହେବ।**



● ଫ୍ୟାଶନ୍ ଏବଂ ଷ୍ଟାଇଲକୁ ଦୃଷ୍ଟିରେ ରଖି ସବୁବେଳେ ପୋଷାକ ଚୟନ କରନ୍ତୁ। ଖରାଦିନେ କେଉଁଭଳି ପୋଷାକ ଫ୍ୟାଶନରେ ରହିଛି ତାହା ଜାଣିବା ଯେତିକି ଦରକାର ତା' ତୁଳନାରେ ପୋଷାକଟିର ରଙ୍ଗ ଆପଣଙ୍କୁ ଠିକ୍ ଲାଗିବ କି ନାହିଁ ସେନେଇ ଜାଣନ୍ତୁ।

● ଖରାଦିନେ ସାଧାରଣତଃ ହାଲ୍‌କା ଏବଂ ପେଷ୍ଟଲ ରଙ୍ଗର କପଡ଼ା ଅଧିକ ଫ୍ୟାଶନରେ ରହିଥାଏ। ତେଣୁ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।

● ଲେମନ୍ କିମ୍ବା ହାଲ୍‌କା ଗ୍ରୀନ୍ ରଙ୍ଗର ମଧ୍ୟ ଡ୍ରେସ୍ ପିନ୍ଧିପାରିବେ। ଏହି ରଙ୍ଗର ଡ୍ରେସ୍ ଖରାଦିନେ ବହୁ ସୁନ୍ଦର ଲାଗିଥାଏ। ବିଶେଷକରି ସୁଟ୍ କିମ୍ବା କୁର୍ତ୍ତି ପିନ୍ଧୁଥିଲେ ଏହି ରଙ୍ଗ ବହୁତ ସୁନ୍ଦର ଲାଗିବ।

● ପ୍ରାୟ ସମସ୍ତଙ୍କୁ ଏଏହି ଋତୁରେ ଅଧିକ ରଙ୍ଗଥିବା ଏକ ଡ୍ରେସ୍ ଭଲ ଲାଗିଥାଏ। ତେଣୁ ମଲ୍‌ଟି କଲରର ଡ୍ରେସ୍ ବି ବହୁତ ଭଲ ମାନିବ। ଯଦି ସୁଟ୍ ପିନ୍ଧୁଛନ୍ତି ତେବେ ଅର୍ଗେଞ୍ଜା କଲରର ଦୁପ୍ପଟା କିଣନ୍ତୁ।

● ଲାଭେଣ୍ଡର କିମ୍ବା ବ୍ଲୁ ରଙ୍ଗର ଡ୍ରେସ୍ ବି ଖରାଦିନେ ଏକ ସୁନ୍ଦର ଲୁକ୍ ଦେଇଥାଏ।

● ତେବେ ଖରାଦିନେ କଟନ, ଲିନେନ୍, ଜର୍ଜେଟ୍ ସିଫନ୍ କପଡ଼ାର ପୋଷାକ ପିନ୍ଧନ୍ତୁ।

# ପିଲାଙ୍କୁ ଶିଖାନ୍ତୁ

**ପିଲାଙ୍କର ସବୁକ୍ଷେତ୍ରରେ ସଫଳତା ନିମନ୍ତେ ଶିଷ୍ଟାଚାର ଓ ଅନୁଶାସନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ପିଲାବେଳୁ ଅଭିଭାବକମାନେ ହିଁ ଏନେଇ ଧ୍ୟାନଦେବା ଦରକାର...**



■ ପିଲାଙ୍କ ବ୍ୟବହାର ଉପରେ ଦୃଷ୍ଟି ରଖନ୍ତୁ। ଭୁଲ୍ ବ୍ୟବହାର କଲେ ସେମାନଙ୍କୁ ବୁଝାନ୍ତୁ।

■ ପିଲାମାନେ ଚଞ୍ଚଳ ସ୍ୱଭାବର ହୋଇଥାନ୍ତି। ସବୁବେଳେ ମସ୍ତି ମୁଡ୍‌ରେ ରହିଥାନ୍ତି। କିନ୍ତୁ ସବୁ ସମୟରେ ତାହା ଠିକ୍ ନୁହେଁ ବୋଲି ବୁଝାନ୍ତୁ। ଏକାଠି ଗୋଟିଏ ସ୍ଥାନରେ ବସି କିଛି କରିବା, ଖାଇବା କିମ୍ବା ପଢ଼ିବା ଲେଖିବା କାମ କରିବା ପାଇଁ ଅଭ୍ୟାସ କରାନ୍ତୁ।

■ ପରିବାରରେ ଛୋଟଙ୍କ ପ୍ରତି ସ୍ନେହ ଓ ବଡ଼ଙ୍କୁ ସମ୍ମାନ କରିବାକୁ କୁହନ୍ତୁ। ସମ୍ପର୍କର ଗୁରୁତ୍ୱ ମଧ୍ୟ ସେମାନଙ୍କୁ ଅନୁଭବ କରିବାକୁ ଦିଅନ୍ତୁ। ଏଥିପାଇଁ ନିଜେ ମଧ୍ୟ ସମସ୍ତଙ୍କ ପ୍ରତି ଠିକ୍ ବ୍ୟବହାର କରି ଉଦାହରଣ ଦିଅନ୍ତୁ।

■ ପିଲାମାନେ ଖେଳିବା ପରେ ଖେଳନାସବୁ ସଜାଡି ରଖିବା ଶିଖାନ୍ତୁ। ସେହିପରି ପଢ଼ିବା ପରେ ବହିପତ୍ର ସଜାଡ଼ି ରଖିବାକୁ କୁହନ୍ତୁ। ଏପରି କଲେ ବଡ଼ ହେବା ପରେ ସେମାନେ ଶୃଙ୍ଖଳିତ ବ୍ୟବହାର କରିପାରିବେ।

■ ଏକାଠି ସମସ୍ତଙ୍କ ସହ ଖାଇବାକୁ ଦିଅନ୍ତୁ।

■ ବାହାରେ ଲୋକଙ୍କୁ ସାଧାରଣ ଭଦ୍ରାମିରେ କିପରି ବ୍ୟବହାର କରିବାକୁ ହୁଏ କୁହନ୍ତୁ।

■ କୌଣସି ସ୍ଥାନକୁ ଯିବା ପୂର୍ବରୁ ଅନୁମତି ନେବାପାଇଁ ପିଲାଙ୍କୁ କୁହନ୍ତୁ।

# ଓଭର ଫ୍ରେଣ୍ଡ୍‌ଲି



**ଫୁର୍‌ସତ ମିଳିଲେ କିଛି ସମୟ ଗପସପକରି ମନକୁ ହାଲ୍‌କା କରିବାକୁ ଇଚ୍ଛାକରନ୍ତି ସମସ୍ତେ। ହେଲେ ଏମିତି କେତେଜଣ ଓଭର ଫ୍ରେଣ୍ଡ୍‌ଲି ଥାନ୍ତି ଯେଉଁମାନଙ୍କ ପାଖ ଛାଡ଼ିବା କାଠିକର ପାଠ ହୋଇଯାଏ। ଅଫିସ ହେଉ ବା ଘରେ ସେପରି ଲୋକଙ୍କ ସହ ମିଶିବା ସମୟରେ ନିଜ ଚାତୁରି ଦେଖାଇବାକୁ ଭୁଲନ୍ତୁ ନାହିଁ...**



ସମସ୍ତଙ୍କ ଜୀବନରେ ବନ୍ଧୁମାନଙ୍କର ଆବଶ୍ୟକତା ରହିଛି। ବନ୍ଧୁଙ୍କ ସହ ଦି'ପଦ ସୁଖ ଦୁଃଖ କଥା ହେଲେ ଅନେକ ସମସ୍ୟାର ସମାଧାନ ହୋଇଯାଏ। ଅଫିସ୍ ହେଉ ବା ଘରେ ପାଖ ପଡ଼ୋଶୀଙ୍କ ସହ କିଛି ସମୟ କଥାବାର୍ତ୍ତା ହୋଇଗଲେ ମନ ହାଲ୍‌କା ହୋଇଯାଏ। ହୃଦୟକୁ ଶାନ୍ତି ମିଳିଥାଏ। ହେଲେ ଅତ୍ୟଧିକ ବନ୍ଧୁପଣ ଦେଖାଇ କେତେଜଣ ନିଜ ବିଷୟରେ ତଥା ଅନ୍ୟାନ୍ୟ ପ୍ରସଙ୍ଗରେ ଏତେ ଅଧିକ ଗପନ୍ତି ଯାହା ଶୁଣିବା ପାଇଁ ବୋର୍ ଲାଗେ। ତାଙ୍କ ସହ କିଛି ସମୟ କଥାବାର୍ତ୍ତା ହେବା ପରେ ଆରମ୍ଭ ହୁଏ ମୁଣ୍ଡବିନ୍ଧା। ସେମାନେ ଏତେ ଗପନ୍ତି ଯେ ପାଖ ଛାଡ଼ିଯିବା ପାଇଁ ବିଭିନ୍ନ ପ୍ରକାର ବାହାନା ଖୋଜିବାକୁ ପଡ଼େ। ଆଉ ଏମିତି ସ୍ୱଭାବର ଲୋକଙ୍କୁ କୁହାଯାଏ ଓଭର ଫ୍ରେଣ୍ଡ୍‌ଲି। ବେଳେବେଳେ ଏଭଳି ଲୋକଙ୍କ ସହ କଥାବାର୍ତ୍ତା ହେବା ଦ୍ୱାରା ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। ଅଫିସ୍ ହେଉ କି ଘର ସବୁ ସ୍ଥାନରେ ଡିଷ୍ଟର୍ବ ହୋଇଥାନ୍ତି ଆମେ। କାମସବୁ ଭୁଲ୍‌ଭାଲ୍ ହୋଇଯାଏ। ତେଣୁ ସେମାନଙ୍କ ସହ କିଭଳି ମିଶିବେ ତାହା ଏକ ସମସ୍ୟା ଭଳି ହୋଇଥାଏ। ହେଲେ ବିଭିନ୍ନ କୌଶଳ ଆପଣାଇ ଏଭଳି ଲୋକଙ୍କ ସହ ଏକ ନିର୍ଦ୍ଦିଷ୍ଟ ଦୂରତା ରକ୍ଷା କରିହେବ।

**ସ୍ପଷ୍ଟ କୁହନ୍ତୁ:** ଓଭର ଫ୍ରେଣ୍ଡ୍‌ଲି ଲୋକଙ୍କର ପ୍ରକୃତିକୁ ଆପଣ ବଦଳାଇ ପାରିବେ ନାହିଁ। ଏହା ବ୍ୟତୀତ ଆପଣ ମଧ୍ୟ ତାଙ୍କ ସହ ସମ୍ପର୍କକୁ ହଠାତ୍ ଭାଙ୍ଗିପାରିବେ ନାହିଁ। ତେଣୁ ସେଭଳି ଲୋକଙ୍କ ସହ ମିଶିବାକୁ ହେଲେ ସତର୍କ ରହିବାକୁ ହେବ। କଥାବାର୍ତ୍ତା ହେବା ସମୟରେ ଏକ ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରଣ କରନ୍ତୁ। କିଛି ସମୟ କଥାବାର୍ତ୍ତା ହେବା ପରେ ଯଦି ସେ ଆପଣଙ୍କ ବ୍ୟକ୍ତିଗତ ଜୀବନକୁ ଆକ୍ଷେପ କରି କିଛି ଅଧିକ କହିବାକୁ ଚେଷ୍ଟା କରନ୍ତି ତେବେ ତାଙ୍କୁ ସଙ୍ଗେ ସଙ୍ଗେ ବିରୋଧ କରନ୍ତୁ। ସ୍ପଷ୍ଟଭାବେ ନମ୍ରତାର ସହ ଜଣାଇ ଦିଅନ୍ତୁ କି ଏଭଳି କଥାବାର୍ତ୍ତା କରି ବ୍ୟକ୍ତିଗତ ଜୀବନକୁ ଆକ୍ଷେପ କରିବା ଠିକ୍ ନୁହେଁ। ଏମିତି ସ୍ପଷ୍ଟଭାବେ କହି ବିରୋଧ କରିବା ଦ୍ୱାରା ଯଦି ସେ ଆପଣଙ୍କ କଥାରେ ଖରାପ ଭାବନ୍ତି ତେବେ ସେଥିପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ କି ଅଧିକ ଚିନ୍ତା କରନ୍ତୁ ନାହିଁ।



**ବ୍ୟସ୍ତତା ଦେଖାନ୍ତୁ:** ଓଭର ଫ୍ରେଣ୍ଡ୍‌ଲି ବ୍ୟକ୍ତିଙ୍କ ସାମ୍ନାରେ ଆପଣ ଯଦି ସ୍ପଷ୍ଟଭାବେ କିଛି କହି ପାରୁନାହାନ୍ତି ତେବେ ଅନ୍ୟ ଉପାୟରେ ମଧ୍ୟ ଓଭର ଫ୍ରେଣ୍ଡ୍‌ଲି ବ୍ୟକ୍ତିଙ୍କ ପାଖ ଛଡ଼ାଇପାରିବେ। କଥାବାର୍ତ୍ତା ସମୟରେ ଯଦି ତାଙ୍କୁ କିଛି କହିପାରୁନାହାନ୍ତି ତେବେ ନିଜକୁ ଅଧିକ ବ୍ୟସ୍ତ ଥିବାର ଦେଖେଇ ହୁଅନ୍ତୁ। ଏହାପରେ କିଛି ନା କିଛି କାମର ବାହାନାକରି ତାଙ୍କ ପାଖରୁ ଚାଲି ଆସନ୍ତୁ। ବାରମ୍ବାର ଏପରି ବ୍ୟବହାର କରିବା ଫଳରେ ସେ ଆପେ ଆପେ ବୁଝିଯିବେ କି ଆପଣ ତାଙ୍କ ସହ ବେଶି ସମୟ କଥାବାର୍ତ୍ତା ହେବାକୁ ଚାହୁଁନାହାନ୍ତି।

**ସବୁ କଥାର ଉତ୍ତର ଦିଅନ୍ତୁ ନାହିଁ:** କଥାର କିଛି ଉତ୍ତର ମିଳିଲେ ହିଁ ଜଣେ ଅନ୍ୟ ଜଣଙ୍କ ସହ କଥା ହୋଇଥାନ୍ତି। ନଚେତ୍ କଥାବାର୍ତ୍ତାର ମଜା ଆସେନାହିଁ। ତେଣୁ ଓଭର ଫ୍ରେଣ୍ଡ୍‌ଲି ଲୋକଙ୍କ ସହ କଥାବାର୍ତ୍ତା ହେବା ସମୟରେ ଆପଣ ଖୁବ୍ କମ୍ କଥାର ଉତ୍ତର ଦିଅନ୍ତୁ। ସବୁ କଥାର ଉତ୍ତର ଦିଅନ୍ତୁ ନାହିଁ। ଫଳରେ ଓଭର ଫ୍ରେଣ୍ଡ୍‌ଲି ବନ୍ଧୁ ଜଣକ ତାଙ୍କ କଥା କହିବାର ମଜା ପାଇପାରିବେ ନାହିଁ। ନିଜ ଆଡୁ ଅଧିକ ଗପିବାର ଚେଷ୍ଟାକରି ବିଫଳ ହେବେ ଓ ସେହି ସ୍ଥାନରୁ ଚାଲିଯିବେ।

**କମ୍ କଥା କୁହନ୍ତୁ:** ଏଭଳି ବ୍ୟକ୍ତିମାନଙ୍କ ସହ ବେଶି କଥାବାର୍ତ୍ତା କରନ୍ତୁ ନାହିଁ। କେବଳ ତାଙ୍କ କଥା ଶୁଣି ସେହି ଅନୁସାରେ ନିହାତି ଆବଶ୍ୟକ ହେଲେ କିଛି କୁହନ୍ତୁ। ବେଳେବେଳେ ଏଭଳି ବ୍ୟକ୍ତିମାନେ ଅଧିକ କଥା କହି ଆପଣଙ୍କଠାରୁ କିଛି ଶୁଣିବା ପାଇଁ ଚାହାନ୍ତି ଓ ପର ମୁହୂର୍ତ୍ତରେ ଆପଣଙ୍କ କଥାକୁ ଅନ୍ୟମାନଙ୍କ ଆଗରେ ଭୁଲ୍ ଉପସ୍ଥାପନା କରି ମଜା ନିଅନ୍ତି। ତେଣୁ କମ୍ କଥା ହେଲେ ତାଙ୍କୁ ସେଭଳି ମଉକା ମିଳିବ ନାହିଁ।





## ଏମାନେ କ'ଣ କରନ୍ତି

### ବାହାନାକରି ଚାଲିଆସେ



ଆମ ଘର ପାଖରେ ଜଣେ ମାଉସୀ ଅଛନ୍ତି ଯଦି ତାଙ୍କ ସହ ଦେଖା ହେଇଯାଏ ସେ ଏତେ ଗପନ୍ତି ଯେ ସେଠୁ ଆସିବା ପାଇଁ ମତେ ବାହାନା ଖୋଜିବାକୁ ପଡ଼େ। ମତେ ତ ଆଶ୍ଚର୍ଯ୍ୟ ଲାଗେ କି ସେ ଏତେ ପ୍ରସଙ୍ଗରେ ଶୀଘ୍ର ଶୀଘ୍ର କେମିତି ଗପି ପାରୁଛନ୍ତି। ନିଜେ ଗପି ସାରିବା ପରେ ସେ ଆମ ଘର କଥା ଶୁଣିବା ପାଇଁ ବିଭିନ୍ନ ପ୍ରକାର କଥା ପଚାରନ୍ତି। ହେଲେ ମୁଁ ତାଙ୍କୁ କିଛି କହେନି। ଖାଲି ଖିଆପିଆ କି ଅନ୍ୟ କିଛି କଥା କହି ତାଙ୍କ ପାଖରୁ ଜଲ୍‌ଦି ଚାଲିଆସେ। ହେଲେ ମୋର ଫାଙ୍କା ସମୟ ଥିଲେ ତାଙ୍କ ପାଖରେ ଅଧିକ ସମୟ ରହିଯାଏ।

– *ଅମିତା ରାଉତ*, ଗୃହିଣୀ, ଗରଦପୁର, କେନ୍ଦ୍ରାପଡା

### ଗପିଲେ ଭଲ ଲାଗେ



ଆମ ଅଫିସ୍‌ରେ ଜଣେ ଅଛନ୍ତି ତାଙ୍କର ଓଭର ଫ୍ରେଣ୍ଡ୍‌ଲି ଗୁଣ ଅଛି ସତ, କିନ୍ତୁ ସେ ବହୁତ ଭଲ। କେବଳ ଅଧିକ ଗପିବା ତାଙ୍କ ଅଭ୍ୟାସ, କିନ୍ତୁ କାହାକୁ ଅସୁବିଧାରେ ପକାଇବା ପାଇଁ ସେ କେବେ କିଛି କରନ୍ତି ନାହିଁ। ସେଥିପାଇଁ ତାଙ୍କୁ ଭଲ ଲାଗେ। ତାଙ୍କ ସହ ଗପିଲେ ସେ ବହୁତ ମଜା କରନ୍ତି। ବୋର୍ ନ ହେବା ପାଇଁ ସେ ଏଣୁତେଣୁ ଗପି ସମସ୍ତଙ୍କ ମନ ହାଲ୍‌କା କରିଦିଅନ୍ତି। ନିଜ ବିଷୟରେ ସେ ସବୁ କଥା ଖୋଲି କୁହନ୍ତି। ତାଙ୍କ ଆଗରେ କିଛି କଥା କହିଲେ ଅନ୍ୟ ଆଗରେ ସେକଥା କହନ୍ତି ନାହିଁ। ବରଂ କିଛି ସମସ୍ୟା ଥିଲେ ସେ ସାହାଯ୍ୟ କରିବା ପାଇଁ ଆଉ କାହା ସହ କଥା ହେବାକୁ ଆବଶ୍ୟକ ଥିଲେ ତୁରନ୍ତ ସାହାଯ୍ୟ କରନ୍ତି। ସେଥିପାଇଁ ତାଙ୍କୁ ବହୁତ ଭଲ ଲାଗେ।

– *ଅର୍ପିତା ନାୟକ*, କର୍ମଜୀବୀ, ସନସାଇନ୍ ହସପିଟାଲ୍, ଭୁବନେଶ୍ୱର



## ସୌନ୍ଦର୍ଯ୍ୟ

# ରହିବନି ରୁପି





**ଖରାଦିନେ ରୁପି ସମସ୍ୟା ଦେଖାହେଲେ କେଶ ଶୀଘ୍ର ଖରାପ ହୋଇଯାଏ। ବାରମ୍ବାର ମୁଣ୍ଡ କୁଣ୍ଡେଇ ହୁଏ ଓ ଅଧିକ କେଶ ଝଡ଼ିଥାଏ। ଏଭଳି ସମସ୍ୟା ଥିଲେ ଆପଣାନ୍ତୁ**



⏭ କେଶ ପାଇଁ ନଡ଼ିଆତେଲ ବହୁତ ଭଲ। ଏକଥା ସମସ୍ତେ ଜାଣନ୍ତି। ତେବେ ରୁପି ସମସ୍ୟାରୁ ବି ଏହି ତେଲ ମୁକ୍ତି ଦେଇପାରିବ। ଏଥି ନିମନ୍ତେ ନଡ଼ିଆ ତେଲରେ କିଛି ଲେମ୍ବୁ ରସ ମିଶାନ୍ତୁ। ଏବେ ଏହାକୁ କେଶମୂଳରେ ଭଲଭାବେ ଲଗାନ୍ତୁ। ଏହାପରେ ଅଧଘଣ୍ଟା ଛାଡ଼ିଦେଇ ଶାମ୍ପୁ କରି ଦିଅନ୍ତୁ।

⏭ ତ୍ୱଚାର ସବୁ ସମସ୍ୟାର ସମାଧାନ ନିମନ୍ତେ ଆଲୋଭେରା ଏକ ସୁନ୍ଦର ବିକଳ୍ପ। ଏଥିରେ ଆଣ୍ଟି ବ୍ୟାକ୍ଟେରିଆ ଓ ଆଣ୍ଟି ଫଙ୍ଗାଲ ଗୁଣ ରହିଥାଏ। ତେଣୁ ଆଲୋଭେରାକୁ କେଶ ମୂଳରେ ଲଗାଇ ୧ ଘଣ୍ଟା ପାଇଁ ଛାଡ଼ି ଦିଅନ୍ତୁ। ଏହାପରେ କେଶକୁ ଧୋଇଦିଅନ୍ତୁ। ଲଗାତର ଏପରି କଲେ ଧୀରେ ଧୀରେ ରୁପି କମ୍ ହୋଇଯିବ।

⏭ କେଶ ମୂଳରେ ଦହି ଲଗାଇ କିଛି ସମୟ ରଖି ତା'ପରେ ଶାମ୍ପୁ କରି ନିଅନ୍ତୁ। ଏଥିରେ ଲାକ୍ଟିକ୍ ଏସିଡ୍ ଥିବାରୁ ଏହା ରୁପି ଦୂର କରିଥାଏ।

⏭ କେଶ ମୂଳରେ ଥିବା ରୁପି ଦୂରକରିବା ପାଇଁ ପିଆଜ ରସ ଲଗାନ୍ତୁ। ପିଆଜ ରସକୁ କେଶ ମୂଳରେ ଲଗାଇ କିଛି ସମୟ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏହା ପରେ କେଶ ଧୋଇ ଦିଅନ୍ତୁ। ନିୟମିତ ଏପରି କରିବା ଫଳରେ ରୁପି ସମସ୍ୟାରୁ ମୁକ୍ତି ମିଳିଥାଏ।



## ଖାଦ୍ୟରୁଚି

# ଭେଜ ସ୍ପ୍ରିଙ୍ଗ୍ ରୋଲ୍

**ଆବଶ୍ୟକ ସାମଗ୍ରୀ**
ମଇଦା– ୧ କପ୍, କର୍ନଫ୍ଲୋର– ୪ ବଡ଼ ଚାମଚ, ରିଫାଇନ୍ ତେଲ– ୨ ବଡ଼ ଚାମଚ, ଲୁଣ ଆବଶ୍ୟକ ଅନୁସାରେ

**ପୁର ନିମନ୍ତେ–**
ପିଆଜ– ୧ଟି, କଞ୍ଚାଲଙ୍କା– ୨ଟି, ବନ୍ଧାକୋବି, ଗାଜର, ବିନ୍ସ ଓ କ୍ୟାପ୍ସିକମ୍– ଅଳ୍ପ। ଲୁଣ ଓ ତେଲ ଆବଶ୍ୟକ ଅନୁସାରେ। ସମସ୍ତ ପରିବାକୁ ସରୁ ସରୁ କରି କାଟି ରଖନ୍ତୁ।



**ପ୍ରସ୍ତୁତି ପ୍ରଣାଳୀ**
ସ୍ପ୍ରିଙ୍ଗ୍ ରୋଲ୍ କରିବା ନିମନ୍ତେ ପ୍ରଥମେ ମଇଦାରେ କର୍ନଫ୍ଲୋର ଓ ଅଳ୍ପ ରିଫାଇନ୍ ତେଲ ମିଶାଇ ଚକଟି ଦିଅନ୍ତୁ। ଏହାପରେ ଛୋଟ ଛୋଟ କରି ଏହାକୁ ବେଲି ରଖନ୍ତୁ। ଏହାକୁ ଅଧିକ ପତଳା କରି ବେଲନ୍ତୁ। ଅନ୍ୟ ଏକ କଡ଼େଇକୁ ଗରମକରି ସେଥିରେ କିଛି ରିଫାଇନ୍ ତେଲ ପକାନ୍ତୁ। ଏବେ ସେଥିରେ କଟା ପିଆଜ ଓ କଞ୍ଚାଲଙ୍କାକୁ ଛୋଟ ଛୋଟ କରି କାଟି ଭାଜନ୍ତୁ। ଅଳ୍ପ ଭାଜି ହୋଇ ଆସିଲେ ସେଥିରେ କଟାହୋଇ ରହିଥିବା ସମସ୍ତ ପରିବାକୁ ପକାନ୍ତୁ। ଏବେ ଲୁଣ ପକାନ୍ତୁ। କିଛି ସମୟ ପରେ ସେଥିରେ ସୋୟାସସ୍ ପକାଇ ଗୋଳାଇ ଦିଅନ୍ତୁ। ଅଳ୍ପ ଭାଜିବା ପରେ କଡ଼େଇ ଓହ୍ଲାଇ ଥଣ୍ଡା କରିବା ପାଇଁ ଛାଡ଼ି ଦିଅନ୍ତୁ। ଏବେ ବେଲି ରଖିଥିବା ରୋଲ୍‌କୁ ଆଣି ସେଥିରେ ପୁରକୁ ଭର୍ତ୍ତି କରନ୍ତୁ। ଭଲଭାବେ ଦୁଇପଟକୁ ବନ୍ଦ କରନ୍ତୁ। କଡ଼େଇରେ ତେଲ ଗରମ କରି ସ୍ପ୍ରିଙ୍ଗ୍ ରୋଲ୍‌ଗୁଡ଼ିକୁ ଛାଣି ଦିଅନ୍ତୁ। ଏହାକୁ ସସ୍ ସହ ଖାଆନ୍ତୁ।




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଶ୍ରୀଲଙ୍କାର ସହଜ ବିଜୟ



ପ୍ଲେୟର ଅଫ୍ ଦ ମ୍ୟାଚ୍ ଚରିଥ୍ ଅସଲଙ୍କା।

**ଗ୍ରସ୍ ଆଇଲେଟ୍, ୧୭।୬ (ପି.ଟି.)**

ଟି୨୦ ବିଶ୍ୱକପରେ ସୋମବାର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ନେଦରଲାଣ୍ଡ୍ସକୁ ୮୩ ରନ୍‌ରେ ପରାସ୍ତ କରିଛି ଶ୍ରୀଲଙ୍କା। ଉଭୟ ଦଳ ସୁପର-୮ ଦୌଡରୁ ବାଦ୍ ପଡି ସାରିଥିବା ବେଳେ ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରିଥିଲା। ୬ ଉଇକେଟ ହରାଇ ୨୦୧ ରନ୍ କରିଥିଲା। ଜବାବରେ ନେଦରଲାଣ୍ଡ୍ସ ୧୬.୪ ଓଭରରେ ୧୧୮ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ପକ୍ଷରୁ ଜଣେ ବି ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ଥିଲେ। କୁଶଲ ମେଣ୍ଡିସ ଓ ଚରିଥ୍ ଅସଲଙ୍କା ସର୍ବାଧିକ ୪୬ ରନ୍‌ର ଇନିଂସ ଖେଳିଥିଲେ। ଧନଞ୍ଜୟ ଡି ସିଲ୍‌ଭା ୩୪, ଆଞ୍ଜେଲୋ ମାଥ୍ୟୁସ୍ ୩୦ ଓ ୱାନିନ୍ଦୁ ହସରଙ୍ଗା ୨୦ ରନ୍ କରିବାରୁ ଦଳ ୨୦୧ ରନ୍‌ରେ ପହଞ୍ଚିଥିଲା। ନେଦରଲାଣ୍ଡ୍ସ ପକ୍ଷରୁ ଲୋଗାନ୍ ଭାନ୍ ବିକ୍ ୨, ଭିଭିଆନ କିଙ୍ଗମା, ଆର୍ଯ୍ୟନ ଦତ୍ତ, ପଲ୍ ଭାନ ମୀକେରାନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୦୨ ରନ୍‌ର ପିଛା କରୁଥିବା ନେଦରଲାଣ୍ଡ୍ସ ମାତ୍ର ୧୧୮ ରନ୍‌ରେ ଅଲଆଉଟ ହୋଇଥିଲା। ଓପନର ମାଇକେଲ ଲେଭିଟ୍ ଓ ସ୍କଟ୍ ଏଡୱାର୍ଡ୍ସ ସର୍ବାଧିକ ୩୧ ରନ୍ ଲେଖାଏ ସ୍କୋର କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ନୁଆନ ଥୁସାରା ୩, ୱାନିନ୍ଦୁ ହସରଙ୍ଗା, ମଥୀଷା ପଥିରାନା ୨ଟି ଲେଖାଏ ଓ ମହୀଷ ଥିକ୍‌ସାନା, ଦାସୁନ ସନକା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୨୦ ଓଭରରେ ୨୦୧/୬ (କୁଶାଲ ମେଣ୍ଡିସ୍-୪୬, ଚରିଥ ଅସଲଙ୍କା-୪୬, ଧନଞ୍ଜୟ ଡି ସିଲ୍‌ଭା-୩୪, ଲୋଗାନ୍ ଭାନ୍ ବିକ୍-୨/୪୫, ଭିଭିଆନ୍ କିଙ୍ଗମା-୧/୨୩, ଆର୍ଯ୍ୟନ ଦତ୍ତ-୧/୨୩)। ନେଦରଲାଣ୍ଡ୍ସ ୧୬.୪ ଓଭରରେ ୧୧୮/୧୦ (ମାଇକେଲ ଲେଭିଟ୍-୩୧, ସ୍କଟ୍ ଏଡୱାର୍ଡ୍ସ-୩୧, ନୁଆନ୍ ଥୁସାରା-୩/୨୪, ମଥିଷା ପଥିରାନା-୨/୧୨, ୱାନିନ୍ଦୁ ହସରଙ୍ଗା-୨/୨୫)।

# ସୁପର-୮ ଲାଇନ୍‌ଅପ୍ ଚୂଡ଼ାନ୍ତ

**ସେଣ୍ଟ ଭିନ୍‌ସେଣ୍ଟ, ୧୭।୬ (ପି.ଟି.)**

ଟି୨୦ ବିଶ୍ୱକପରେ ସୋମବାର ବାଂଲାଦେଶ ୨୧ ରନ୍‌ରେ ନେପାଳକୁ ପରାସ୍ତ କରିଛି। ଶେଷ ଦଳ ଭାବେ ସୁପର-୮ରେ ପ୍ରବେଶ କରିଥିବା ବେଳେ ଲାଇନ୍ ଅପ୍ ମଧ୍ୟ ଚୂଡ଼ାନ୍ତ ହୋଇଛି। ସେଣ୍ଟ ଭିନ୍‌ସେଣ୍ଟରେ ଖେଳାଯାଇଥିବା ଲୋ ସ୍କୋରିଂ ମ୍ୟାଚରେ ବାଂଲାଦେଶ ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୦୬ ରନ୍ କରିଥିଲା। ଜବାବରେ ନେପାଳ ୧୯.୨ ଓଭରରେ ୮୫ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଏହା ସହିତ ସୁପର-୮ର ଗ୍ରୁପ୍ ଏରେ ଭାରତ, ଅଷ୍ଟ୍ରେଲିଆ ଓ ଆଫଗାନିସ୍ତାନ ସହିତ ସାମିଲ ହୋଇଛି ବାଂଲାଦେଶ। ଅନ୍ୟ ପକ୍ଷରେ ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ ଓ ଆମେରିକା ଗ୍ରୁପ ବି'ରେ ସ୍ଥାନ ପାଇଛନ୍ତି। ନେପାଳ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ବୋଲିଂ ସହାୟକ ପିଚ୍‌ରେ ବାଂଲାଦେଶ ବ୍ୟାଟର ରନ୍ ସଂଗ୍ରହ କରିବାରେ ବିଫଳ ହୋଇଥିଲେ।

### ଟି୨୦ ବିଶ୍ୱକପ
(ଆଜିର ମ୍ୟାଚ)
**ୱେଷ୍ଟଇଣ୍ଡିଜ ବନାମ ଆଫଗାନିସ୍ତାନ**
ସ୍ଥାନ: ସେଣ୍ଟ ଲୁସିଆ
ସମୟ: ସକାଳ ୬ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ବାଂଲାଦେଶ ବିଜୟୀ



ତାଞ୍ଜିମ ହସନ ଶାକିବ-୪/୭।

୩୦ ରନ୍‌ରେ ଦଳ ୪ ଉଇକେଟ ହରାଇ ସଂଘର୍ଷ କରୁଥିଲା। ଟପ୍ ସ୍କୋରର ଶାକିବ୍ ଅଲ ହସନ ୧୭ ଓ ମହମ୍ମଦୁଲ୍ଲା ୧୩ ରନ୍ କରି ଇନିଂସ ସମ୍ଭାଳିଥିଲେ। ଶେଷ ଆଡକୁ ଜାକର ଅଲୀ ୧୨, ରିଶଦ ହୋସେନ୍ ୧୩ ଓ ଟାସ୍କିନ ଅହମଦ ୧୨ ରନ୍ କରିବାରୁ ବାଂଲାଦେଶ ୧୦୬ ରନ୍‌ରେ ପହଞ୍ଚିଥିଲା। ନେପାଳ ପକ୍ଷରୁ ସୋମପାଲ କାମି, ଦୀପେନ୍ଦ୍ର ସିଂ ଐରୀ, ରୋହିତ ପୌଡେଲ ଓ ସନ୍ଦୀପ ଲାମିଚାନେ ପ୍ରତ୍ୟେକ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୨ ଜଣ ବ୍ୟାଟର ରନ୍‌ଆଉଟ ହୋଇଥିଲେ। ୧୦୭ ରନ୍ ଲକ୍ଷ୍ୟରେ ବ୍ୟାଟିଂ ଆରମ୍ଭ କରିଥିବା ନେପାଳ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତାଞ୍ଜିମ ହସନ ଶାକିବ ଚମତ୍କାର ବୋଲିଂ କରିବା କାରଣରୁ ନେପାଳ ୨୬ ରନ୍‌ରେ ୫ ଉଇକେଟ ହରାଇଥିଲା। ୪ ଓଭରରେ ୨ ମେଡେନ ସହ ୭ ରନ୍ ଦେଇ ସେ ୪ ଉଇକେଟ ନେଇଥିଲେ। କୁଶାଲ ମଲ୍ଲ ୨୭ ଓ ଦୀପେନ୍ଦ୍ର ସିଂ ଐରୀ ୨୫ ରନ୍ କରିବା ସହ ଷଷ୍ଠ ଉଇକେଟରେ ୫୨ ରନ୍ ଯୋଡିଥିଲେ। ଦଳୀୟ ସ୍କୋର ୭୮ ରନ୍‌ରେ କୁଶାଲ ଆଉଟ ହେବା ପରେ ଅନ୍ତିମ ୩ ବ୍ୟାଟର ମାତ୍ର ୭ ରନ୍ ଯୋଡିଥିଲେ। ତାଞ୍ଜିମଙ୍କ ବ୍ୟତୀତ ମୁସ୍ତାଫିଜୁର ରେହମାନ ୩, ଶାକିବ ଅଲ ହସନ ୨ ଓ ଟାସ୍କିନ ଅହମଦ ୧ଉଇକେଟ ନେଇଥିଲେ। ଘାତକ ବୋଲିଂ କରିଥିବା ତାଞ୍ଜିମ ହସନ ଶାକିବଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୧୯.୩ ଓଭରରେ ୧୦୬/୧୦ (ଶାକିବ ଅଲ ହସନ-୧୭, ମହମ୍ମଦୁଲ୍ଲା-୧୩, ରିଶଦ ହୋସେନ-୧୩, ସୋମପାଲ କାମି-୨/୧୦, ସନ୍ଦୀପ ଲାମିଚାନେ-୨/୧୭, ରୋହିତ ପୌଡେଲ-୨/୨୦)। ନେପାଳ ୧୯.୨ ଓଭରରେ ୮୫/୧୦ (କୁଶାଲ ମଲ୍ଲ-୨୭, ଦୀପେନ୍ଦ୍ର ସିଂ ଐରୀ-୨୫, ଆସିଫ୍ ଶେଖ-୧୭, ତାଞ୍ଜିମ ହସନ ଶାକିବ-୪/୭, ମୁସ୍ତାଫିଜୁର ରେହମାନ-୩/୭, ଶାକିବ ଅଲ ହସନ-୨/୯)।

# ଆଧିପତ୍ୟ ପାଇଁ ଆଫଗାନିସ୍ତାନ-ୱେଷ୍ଟଇଣ୍ଡିଜ ଲଢ଼େଇ

**ଗ୍ରସଆଇଲେଟ୍, ୧୭।୬ (ପି.ଟି.)**

ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ର ଗ୍ରୁପ୍ 'ସି'ରେ ମଙ୍ଗଳବାର ଆୟୋଜକ ୱେଷ୍ଟଇଣ୍ଡିଜ ଓ ଆଫଗାନିସ୍ତାନ ପରସ୍ପରକୁ ସେମାନଙ୍କ ଶେଷ ଲିଗ୍ ମ୍ୟାଚରେ ପରସ୍ପରକୁ ଭେଟିବେ। ଉଭୟ ଦଳ ସୁପର-୮ ପର୍ଯ୍ୟାୟକୁ ଉନ୍ନୀତ ହୋଇ ସାରିଛନ୍ତି। ତେଣୁ ଦୁଇ ଦଳ ମଧ୍ୟରେ ଆଧିପତ୍ୟ ପାଇଁ ଲଢେଇ ହେବ। ଏହି ମ୍ୟାଚ ଜିତି ଦୃଢ ଆତ୍ମ ବିଶ୍ୱାସର ସହିତ ସୁପର-୮ ପ୍ରତିଯୋଗିତାକୁ ଓହ୍ଲାଇବା ଲାଗି ଉଭୟ ଦଳର ଲକ୍ଷ୍ୟ ରହିଥିବ। ପପୁଆ ନ୍ୟୁ ଗିନି ବିପକ୍ଷରେ କଷ୍ଟସାଧ ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ୱେଷ୍ଟଇଣ୍ଡିଜ କ୍ରମେ ଏହାର ରିଦିମ ଫେରି ପାଇ ପରେ ଉଗାଣ୍ଡା ଓ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଆଫଗାନିସ୍ତାନ ଟୁର୍ନାମେଣ୍ଟ ଆରମ୍ଭରୁ ଭଲ ପ୍ରଦର୍ଶନ କରି ଆସିଛି। ରଶିଦ ଖାନ୍ ଏବଂ ତାଙ୍କ ଦଳ କ୍ୟାରିବିନ୍ ପିଚ୍‌ର ବେଶ୍ ଉପଯୋଗ କରିଛନ୍ତି। ୱେଷ୍ଟଇଣ୍ଡିଜ ଅଧିନାୟକ ରୋଭମାନ ପାୱେଲ କହିଛନ୍ତି, ଏହି ଗେମ୍ ପରେ ସୁପର-୮ ଗେମ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଜୟ ସହ ଏହି ପର୍ଯ୍ୟାୟ ଖେଳିବା ପାଇଁ ପ୍ରତ୍ୟେକ ଦଳ ଚାହିଁବେ। ଟୁର୍ନାମେଣ୍ଟରେ ଆଫଗାନିସ୍ତାନ ଓପନର ରହମାନୁଲ୍ଲା ଗୁରବାଜ (୧୬୭ରନ) ଏବଂ ପେସ୍ ବୋଲର ଫଜଲହକ୍ ଫାରୁକି (୧୨ଉଇକେଟ) ବର୍ତ୍ତମାନ ଯଥାକ୍ରମେ ଟୁର୍ନାମେଣ୍ଟର ସର୍ବାଧିକ ରନ ସଂଗ୍ରହାକରୀ ବ୍ୟାଟର ଓ ବୋଲର ରହିଛନ୍ତି। ଗୁରବାଜଙ୍କ ବ୍ୟତୀତ ଅଭିଜ୍ଞ ଇବ୍ରାହିମ ଜାଦ୍ରାନଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ସେ ମୋଟ ୧୧୪ ରନ ସଂଗ୍ରହ କରିସାରିଛନ୍ତି। ତାଙ୍କର ସର୍ବାଧିକ ସ୍କୋର ୭୦ ରହିଛି। କିନ୍ତୁ ଆଫଗାନିସ୍ତାନ ଦଳରେ ବହୁ ଡାହାଣହାତୀ ବ୍ୟାଟର ରହିଛନ୍ତି।

## ଆଇସିସି ଟି୨୦ ବିଶ୍ୱକପ୍ (ସୁପର-୮)

| ତାରିଖ | ମ୍ୟାଚ | ଭେନ୍ୟୁ | ସମୟ |
|---|---|---|---|
| ଜୁନ ୧୯ | ଆମେରିକା ବନାମ ଦ.ଆଫ୍ରିକା | ଆଣ୍ଟିଗୁଆ | ରାତି ୮ଟା |
| ଜୁନ ୨୦ | ଇଂଲଣ୍ଡ ବନାମ ୱେଷ୍ଟଇଣ୍ଡିଜ | ସେଣ୍ଟ ଲୁସିଆ | ସକାଳ ୬ଟା |
| | ଭାରତ ବନାମ ଆଫଗାନିସ୍ତାନ | ବାର୍ବାଡୋସ | ରାତି ୮ଟା |
| ଜୁନ ୨୧ | ଅଷ୍ଟ୍ରେଲିଆ ବନାମ ବାଂଲାଦେଶ | ଆଣ୍ଟିଗୁଆ | ସକାଳ ୬ଟା |
| | ଇଂଲଣ୍ଡ ବନାମ ଦ.ଆଫ୍ରିକା | ସେଣ୍ଟ ଲୁସିଆ | ରାତି ୮ଟା |
| ଜୁନ ୨୨ | ଆମେରିକା ବନାମ ୱେଷ୍ଟଇଣ୍ଡିଜ | ବାର୍ବାଡୋସ | ସକାଳ ୬ଟା |
| | ଭାରତ ବନାମ ବାଂଲାଦେଶ | ଆଣ୍ଟିଗୁଆ | ରାତି ୮ଟା |
| ଜୁନ ୨୩ | ଆଫଗାନିସ୍ତାନ ବନାମ ଅଷ୍ଟ୍ରେଲିଆ | ସେଣ୍ଟ ଭିନସେଣ୍ଟ | ସକାଳ ୬ଟା |
| | ଆମେରିକା ବନାମ ଇଂଲଣ୍ଡ | ବାର୍ବାଡୋସ | ରାତି ୮ଟା |
| ଜୁନ ୨୪ | ୱେଷ୍ଟଇଣ୍ଡିଜ ବନାମ ଦ.ଆଫ୍ରିକା | ଆଣ୍ଟିଗୁଆ | ସକାଳ ୬ଟା |
| | ଭାରତ ବନାମ ଅଷ୍ଟ୍ରେଲିଆ | ସେଣ୍ଟ ଲୁସିଆ | ରାତି ୮ଟା |
| ଜୁନ ୨୫ | ଆଫଗାନିସ୍ତାନ ବନାମ ବାଂଲାଦେଶ | ସେଣ୍ଟ ଭିନସେଣ୍ଟ | ସକାଳ ୬ଟା |
| ଜୁନ ୨୭ | ପ୍ରଥମ ସେମିଫାଇନାଲ | ତ୍ରିନିଦାଦ | ସକାଳ ୬ଟା |
| | ଦ୍ୱିତୀୟ ସେମିଫାଇନାଲ | ଗୁଏନା | ରାତି ୮ଟା |
| **ଜୁନ ୨୯** | **ଫାଇନାଲ** | **ବାର୍ବାଡୋସ** | **ସନ୍ଧ୍ୟା ୮ଟା** |

## ଟି୨୦ ବିଶ୍ୱକପ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| **ଗ୍ରୁପ୍ 'ଏ'** | | | | | | |
| ଭାରତ | ୪ | ୩ | ୦ | ୧ | ୭ | +୧.୧୩୭ |
| ଆମେରିକା | ୪ | ୨ | ୧ | ୧ | ୫ | +୦.୧୨୭ |
| ପାକିସ୍ତାନ | ୪ | ୨ | ୨ | ୦ | ୪ | +୦.୨୯୪ |
| କାନାଡା | ୪ | ୧ | ୨ | ୧ | ୩ | -୦.୪୯୩ |
| ଆୟର୍ଲାଣ୍ଡ | ୪ | ୦ | ୩ | ୧ | ୧ | -୦.୫୯୪ |
| **ଗ୍ରୁପ୍ 'ବି'** | | | | | | |
| ଅଷ୍ଟ୍ରେଲିଆ | ୪ | ୪ | ୦ | ୦ | ୮ | +୨.୭୯୧ |
| ଇଂଲଣ୍ଡ | ୪ | ୨ | ୧ | ୧ | ୫ | -୩.୬୧୧ |
| ସ୍କଟ୍‌ଲାଣ୍ଡ | ୪ | ୨ | ୧ | ୧ | ୫ | +୧.୨୫୫ |
| ନାମିବ୍ୟା | ୪ | ୧ | ୩ | ୦ | ୨ | -୨.୫୨୯ |
| ଓମାନ | ୪ | ୦ | ୪ | ୦ | ୦ | -୩.୦୬୨ |
| **ଗ୍ରୁପ୍ 'ସି'** | | | | | | |
| ଆଫଗାନିସ୍ତାନ | ୩ | ୩ | ୦ | ୦ | ୬ | +୪.୨୩୦ |
| ୱେଷ୍ଟଇଣ୍ଡିଜ | ୩ | ୩ | ୦ | ୦ | ୬ | +୨.୫୯୬ |
| ନ୍ୟୁଜିଲାଣ୍ଡ | ୩ | ୧ | ୨ | ୦ | ୨ | -୦.୨୪୧ |
| ଉଗାଣ୍ଡା | ୪ | ୧ | ୩ | ୦ | ୨ | -୪.୫୧୦ |
| ପିଏନ୍‌ଜି | ୩ | ୦ | ୩ | ୦ | ୦ | -୦.୮୮୬ |
| **ଗ୍ରୁପ୍ 'ଡି'** | | | | | | |
| ଦ.ଆଫ୍ରିକା | ୪ | ୪ | ୦ | ୦ | ୮ | +୦.୪୭୦ |
| ବାଂଲାଦେଶ | ୪ | ୩ | ୧ | ୦ | ୬ | +୦.୬୧୬ |
| ଶ୍ରୀଲଙ୍କା | ୪ | ୧ | ୨ | ୧ | ୩ | +୦.୮୬୩ |
| ନେଦରଲାଣ୍ଡ୍ସ | ୪ | ୧ | ୩ | ୦ | ୨ | -୧.୩୫୮ |
| ନେପାଳ | ୪ | ୦ | ୩ | ୧ | ୧ | -୦.୫୪୨ |

# ଦୁର୍ଘଟଣାରେ ପ୍ରାଣ ହରାଇଲେ କାଇଟ୍ ଫଏଲର ଆଥଲେଟ

**ୱେଲିଙ୍ଗଟନ୍,୧୭।୬(ପି.ଟି.)**

ଓସେନିଆ ଦେଶ ଟୋଙ୍ଗାର ଆଥଲେଟ୍ ଜ୍ୟାକ୍‌ସନ୍ ଜେମ୍ସ ରାଇସ୍ ଏକ ଡାଇଭିଂ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। କକାସିଆନ୍ ରେସ୍(ଉତ୍ତର ଆମେରିକାରେ ଜନ୍ମିତ ୟୁରୋପୀୟ ଶ୍ୱେତାଙ୍ଗ)ର ପ୍ରଥମ ଆଥଲେଟ ଭାବରେ ରାଇସ୍ ପ୍ୟାରିସ୍ ଅଲିମ୍ପିକରେ ଅଂଶଗ୍ରହଣ କରିଥାନ୍ତେ। ସେଲିଂର ଇଭେଣ୍ଟ କାଇଟ୍ ଫଏଲରରେ ୧୮ ବର୍ଷୀୟ ରାଇସ୍ ଦେଶର ପ୍ରତିନିଧିତ୍ୱ କରିଥାନ୍ତେ। ଡାଇଭିଂ କରୁଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ପିତା ଡାରେନ୍ ରାଇସ୍ ପ୍ରକାଶ କରିଛନ୍ତି। ଶନିବାର ଫାଲେଓଲାର ହାପାଇ ଦ୍ୱୀପରେ ଡାଇଭିଂ କରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଏକ ବୋଟ୍‌ରୁ ଡାଇଭିଂ ପାଇଁ ଲମ୍ଫ ମାରିବା ପରେ ପାଣି ମଧ୍ୟରେ ବେହୋସ ହୋଇ ଯାଇଥିବା ସନ୍ଦେହ କରାଯାଉଛି। ରାଇସ୍‌ଙ୍କ ମାତା-ପିତା ବ୍ରିଟିଶ ହୋଇଥିବା ବେଳେ ସେ ଉତ୍ତର ଆମେରିକାରେ ଜନ୍ମଗ୍ରହଣ କରିଥିଲେ। ଡିସେମ୍ବରରେ ସେଲ୍ ସିଡ୍‌ନୀ ଇଭେଣ୍ଟରେ ୮ ନମ୍ବର ସ୍ଥାନରେ ରହି ସେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଏପରିକି କାଇଟ୍ ଫଏଲର ଇଭେଣ୍ଟ ପ୍ରଥମ ଥର ପାଇଁ ଅଲିମ୍ପିକ୍ସରେ ସାମିଲ କରାଯାଇଥିଲା।

**Classified Everyday 0674-2580101, 2549949**



REAL ESTATE
SALE

Duplex project at Retang Medical, Station, C.V. Raman University, Tamando, Bhubaneswar. 7008459987. D-75965

3BHK flat for sale at Jharpada 80 feet road side. Contact- 9437307086, 7008789347. D-504

Sale 3BHK Duplex, Bhubaneswar @50 Lakhs, 100% Bank Loan available. No down payment. 9827152441. D-515

Ready to move 2/3BHK flat for sale at Jayadevvihar Chhak. Contact- 9437307086, 7008789347. D-505

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar NH-16 ଏବଂ Sum-2 ହସ୍‌ପିଟାଲ୍‌ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 7008175202. D-75963

Developed Gharabari, Electric, Boundary ପ୍ଲଟ୍ ବାଳକାଟି ଏବଂ ଗୁଡ଼ିଆପୋଖରୀରେ କିଣନ୍ତୁ। 7008492511. D-484

Plot for sale near Trisulia, CISF Campus, CDA, RERA Approved. (RP/07/2023/01069), (www.rera.odisha.gov.in). Contact- 7008513309. D-517




Fully relaxed body massage trained therapist. Central SPA. 9556483961. D-75752

Monalisa massage Club:All types Body massage with hiprofile smart lady rooms service available. 9708545108. D-518

Piles Clinic, BBSR.: ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75337

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75752

Newly open health benefits spa special offer @999, Bapujinagar. 8018429809. D-76128

Relax, refresh your body, mind by expert therapist. Contact- 9938843929. D-76127

ଧରିତ୍ରୀ DHARITRI Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

IN MEMORIAM
With profound grief we inform the sad demise of



COL UPENDRA NATH MOHAPATRA (Retd.)
Corps of Signals, Indian Army
07 MAY, 1941 - 08 JUNE, 2024
Prashanti
86, Kharavela Nagar, Bhubaneswar
Former Commanding Officer, 365 Signal Regiment
Former Commanding Officer, 24 Infantry Div. Signal Regiment
Former Group Commander, NCC, Odisha
Founder Convenor, War Veteran Officers' Association, Odisha
Citizen Rights Advocate
Active member of Sri Sathya Sai Centre and Bhubaneswar Club
His life is celebrated and fondly remembered by:
Mrs. Sovana Mohapatra (wife)
Sonali (daughter), Dr. Debi Prasad Dash (son-in-law)
Deepak (son), Anamika (daughter-in-law)
Zubin, Angelina, and Ankit (grandchildren)
and grieving family members
ଧ-୫୨୦

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବାସୁଦେବ ଆଚାର୍ଯ୍ୟ
ଆବିର୍ଭାବ: ୧୪,ଏପ୍ରିଲ,୧୯୩୯
ତିରୋଧାନ: ୩୧, ମଇ,୨୦୨୩
ଆଜିକୁ ଏକ ବର୍ଷ ହେଲା ଆମ୍ଭମାନଙ୍କୁ ଛାଡ଼ି ଚିର ନିଦ୍ରାରେ ଶୋଇପଡ଼ିଲ । ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ପରିବାରବର୍ଗ:-
ଜ୍ୟୋତ୍ସ୍ନାରାଣୀ, ମଦନ, ହେମା, କାଶୀ, ସୁରେଶିନୀ, ସୁର୍ଯ୍ୟାଂଶୁ, ସ୍ୱୟମ, କୁମୁଦିନୀ, ଚିନ୍ମୟ, କୁଟୁନୀ, କାଉରା ।
ଧ-୭୫୬୦୪

ଧରିତ୍ରୀ DHARITRI 50 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୮/୨୦୨୪ Bhubaneswar, Tuesday, June 18/ 2024

# ତୃଣମୂଳ ସ୍ତରରୁ କ୍ରୀଡ଼ାର ବିକାଶକୁ ଗୁରୁତ୍ୱ

## କଳିଙ୍ଗ ଷ୍ଟାଡିୟମ ଭିତ୍ତିଭୂମି ସମୀକ୍ଷା କଲେ କ୍ରୀଡ଼ାମନ୍ତ୍ରୀ

## ଜୁନ ୨୧ରେ ରାଜ୍ୟବ୍ୟାପୀ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ

**ଭୁବନେଶ୍ୱର, ୧୭।୬ (ତପନ ସ୍ୱାଇଁ)**

ନୂଆ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୋମବାର କଳିଙ୍ଗ ଷ୍ଟାଡିୟମ ଗସ୍ତ କରି ରାଜ୍ୟର କ୍ରୀଡ଼ା ବ୍ୟବସ୍ଥା ଓ ଭିତ୍ତିଭୂମିର ସମୀକ୍ଷା କରିଛନ୍ତି। ପୂର୍ବାହ୍ନ ୧୦ଟାରେ କ୍ରୀଡ଼ା ବିଭାଗ କମିଶନର ତଥା ସଚିବ ଆର. ଭିନୀଲ କ୍ରିଷ୍ଣା, ସ୍ୱତନ୍ତ୍ର ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଓ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି କ୍ରୀଡ଼ା ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ପରେ କ୍ରୀଡ଼ା ମନ୍ତ୍ରୀ ଷ୍ଟାଡିୟମରେ ଉପଲବ୍ଧ ବିଭିନ୍ନ ସୁବିଧା ଓ ଭିତ୍ତିଭୂମି ପରିଦର୍ଶନ କରିଥିଲେ। ଏହି ଅବସରରେ କ୍ରୀଡ଼ା ସଚିବ ଓଡ଼ିଶାର କ୍ରୀଡ଼ା ଯାତ୍ରା ସମ୍ପର୍କରେ ଆଲୋକପାତ କରିବା ସହ ବିଗତ ବର୍ଷଗୁଡ଼ିକରେ ରାଜ୍ୟ ସରକାରଙ୍କ ପଦକ୍ଷେପ, ଉପଲବ୍ଧି ଓ ଭିତ୍ତିଭୂମି ବିକାଶ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ମନ୍ତ୍ରୀ ସୂରଜ କ୍ରୀଡ଼ା ଇକୋସିଷ୍ଟମର ବିଭିନ୍ନ ଦିଗ ଉପରେ ସମୀକ୍ଷା କରିଥିଲେ। ଏହା ବ୍ୟତୀତ ତୃଣମୂଳ ସ୍ତରର କ୍ରୀଡ଼ା ବିକାଶ ଏବଂ ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କ ସାମଗ୍ରିକ ଅଭିବୃଦ୍ଧି ପାଇଁ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ୨୦୨୪ ଜୁନ୍ ୨୧ରେ ରାଜ୍ୟରେ ସାମୂହିକ ସ୍ତରରେ ପାଳନ ହେବାକୁ ଥିବା ଅନ୍ତର୍ଜାତୀୟ ଯୋଗ ଦିବସ ସମ୍ପର୍କରେ ସମୀକ୍ଷା କରିଥିଲେ। ଯୋଗ ସମ୍ପର୍କରେ ସଚେତନ କରିବା ଏବଂ ଏହାକୁ ଅଧିକ ଲୋକପ୍ରିୟ କରିବା ପାଇଁ ଉକ୍ତ କାର୍ଯ୍ୟକ୍ରମକୁ ରାଜ୍ୟର ପ୍ରମୁଖ ତଥା ଐତିହାସିକ ସ୍ଥାନରେ ଆୟୋଜନ କରାଯିବ। ଏହାକୁ ଜିଲା, ବ୍ଲକ ଏବଂ ପୌରାଞ୍ଚଳ ମାନଙ୍କରେ ପାଳନ କରିବା ନେଇ ଆଲୋଚନା ହୋଇଥିଲା।

ଏହି ଅବସରରେ ସୂରଜ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର, ଖେଲୋ ଇଣ୍ଡିଆ ଷ୍ଟେଟ ସେଣ୍ଟର ଅଫ ଏକ୍ସିଲେନ୍ସି, ଟେନିସ୍ ସେଣ୍ଟର, ଇନ୍ଡୋର ଆଥଲେଟିକ୍ସ ସେଣ୍ଟର, ଭାରୋତ୍ତୋଳନ କେନ୍ଦ୍ର, ସ୍ପୋର୍ଟ୍ସ ହଷ୍ଟେଲ, ହକି ଏଚପିସି, ଆକ୍ୱାଟିକ୍ ସେଣ୍ଟର, ହକି ଷ୍ଟାଡିୟମ, ଶୁଟିଂ କମ୍ପ୍ଲେକ୍ସ, ସ୍ପୋର୍ଟ୍ସ କ୍ଲାଇମ୍ବିଂ ଓ ଜିମ୍ନାଷ୍ଟିକ୍ସ ସେଣ୍ଟର ଭଳି ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା ସୁବିଧାର ସମୀକ୍ଷା କରିଥିଲେ। ସେ କ୍ରୀଡ଼ା କେନ୍ଦ୍ର ମୁଖ୍ୟମାନଙ୍କ ସହ ଆଲୋଚନା କରି ସେଠାକାର ପ୍ରଶିକ୍ଷଣ ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ସେ ଆଥଲେଟ ଏବଂ ସ୍ପୋର୍ଟ୍ସ ହଷ୍ଟେଲ ଅନ୍ତେବାସୀଙ୍କ ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ମଧ୍ୟ ପଚାରି ବୁଝିଥିଲେ। ''କ୍ରୀଡ଼ାର ବିକାଶ ପାଇଁ ଓଡ଼ିଶାର ପ୍ରତିବଦ୍ଧତା ଏହାର ବିଶ୍ୱସ୍ତରୀୟ ସୁବିଧା ଏବଂ କ୍ରୀଡ଼ାବିତମାନଙ୍କ ସଫଳତାରୁ ସ୍ପଷ୍ଟ ହୋଇଛି। ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଏବଂ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟର ନିରନ୍ତର ସଫଳତାକୁ ସୁନିଶ୍ଚିତ କରିବା ପାଇଁ ତୃଣମୂଳ ସ୍ତରର ବିକାଶ ଉପରେ ଆମେ ଅଧିକ ଧ୍ୟାନ ଦେବୁ'' ବୋଲି କ୍ରୀଡ଼ାମନ୍ତ୍ରୀ ସୂରଜ ପ୍ରକାଶ କରିଛନ୍ତି। କ୍ରୀଡାର ବିକାଶରେ ଭିତ୍ତିଭୂମି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେବେ ଏହା ତୃଣମୂଳ ସ୍ତରରେ ମଧ୍ୟ ଯେପରି ଉପଲବ୍ଧ ହେବ ତା' ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।



ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଅଧିକାରୀଙ୍କ ସହ ଆଲୋଚନାରତ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

# ଇଗର ଷ୍ଟିମାକଙ୍କୁ ବହିଷ୍କାର କଲା ଏଆଇଏଫ୍ଏଫ୍

**ନୂଆଦିଲ୍ଲୀ, ୧୭।୬ (ପି.ଟି.)**

ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସ ୨୦୨୬ରେ ସିନିୟର ପୁରୁଷ ଦଳର ଖରାପ ପ୍ରଦର୍ଶନ ପାଇଁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ସୋମବାର ମୁଖ୍ୟ କୋଚ୍ ଇଗର ଷ୍ଟିମାକ୍‌ଙ୍କୁ ତାଙ୍କ ପଦବୀରୁ ବହିଷ୍କୃତ କରିଛନ୍ତି। ଷ୍ଟିମାକ୍ ୨୦୧୯ରେ ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଥିଲେ। ଗତବର୍ଷ ତାଙ୍କ କାର୍ଯ୍ୟକାଳ ମିଆଦକୁ ବୃଦ୍ଧି କରାଯାଇଥିଲା। ଭାରତ ଏହାର ଦ୍ୱିତୀୟ ରାଉଣ୍ଡ ଫାଇନାଲ ମ୍ୟାଚରେ କାତାରଠାରୁ ୧-୨ରେ ପରାଜିତ ହେବାରୁ ଭାରତ ବିଶ୍ୱକପ୍ କ୍ୱାଲିଫାୟରର ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇ ପାରି ନ ଥିଲା। ଖୁବ୍ ଶୀଘ୍ର ଜଣେ ନୂଆ ମୁଖ୍ୟ କୋଚ୍‌ଙ୍କୁ ନିଯୁକ୍ତି ଦିଆଯିବ ବୋଲି ଏଆଇଏଫ୍ଏଫ୍ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି। ଷ୍ଟିମାକ୍‌ଙ୍କ ବହିଷ୍କାର ନୋଟିସ ଏଆଇଏଫ୍ଏଫ୍ ସେକ୍ରେଟାରିଏଟ୍‌ରୁ ଜାରି କରାଯାଇଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ୫୬ ବର୍ଷୀୟ ଷ୍ଟିମାକ ୧୯୯୮ ବିଶ୍ୱକପ୍ ସେମିଫାଇନାଲକୁ ଉନ୍ନୀତ ହୋଇଥିବା କ୍ରୋଏସିଆ ଫୁଟ୍‌ବଲ ଦଳ ଜଣେ ଅଂଶବିଶେଷ ଥିଲେ। ଷ୍ଟିଫାନ କନଷ୍ଟାନଷ୍ଟିନଙ୍କ ବିଦାୟ ପରେ ୨୦୧୯ରେ ସେ ବ୍ଲୁ ଟାଇଗର୍ସ ଦଳର ଦାୟିତ୍ୱ ନେଇଥିଲେ। ଷ୍ଟିମାକ୍‌ଙ୍କ ଅଧୀନରେ ଭାରତ ୪ଟି ଟ୍ରଫି ଜିତିବାରେ ସଫଳ ହୋଇଛି। ତନ୍ମଧ୍ୟରେ ଦୁଇଟି ସାଫ୍ ଚାମ୍ପିୟନଶିପ୍, ଗୋଟିଏ ଇଣ୍ଟରନ୍ୟାଶନାଲ କପ୍ ଏବଂ ଗୋଟିଏ ତ୍ରିରାଷ୍ଟ୍ରୀୟ ସିରିଜ ରହିଛି।



ଇଗର ଷ୍ଟିମାକ

# ରୋନି ଚାଟାର୍ଜୀ ଫିଜିଓଥେରାପିଷ୍ଟ ନିଯୁକ୍ତ

**ଭୁବନେଶ୍ୱର, ୧୭।୬ (ବିଜୟ ରଣା):** ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନସିଏ)ରେ ଜୁନ୍ ୨୦ରୁ ଭାରତର ୧୯ବର୍ଷରୁ କମ୍ ପୁରୁଷ ହାଇପରଫର୍ମାନ୍ସ କ୍ୟାମ୍ପ ଆରମ୍ଭ ହେଉଛି। ଏଥିପାଇଁ ଓଡ଼ିଶା କ୍ରିକେଟର ମୁଖ୍ୟ ମୁଖ୍ୟ ଫିଜିଓଥେରାପିଷ୍ଟ ରୋନି ଚାଟାର୍ଜୀଙ୍କୁ କ୍ୟାମ୍ପର ଫିଜିଓଥେରାପିଷ୍ଟ ଭାବେ ନିଯୁକ୍ତି ମିଳିଛି। ଏହି ନିଯୁକ୍ତି ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ ଓ ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତାଗଣ ଚାଟାର୍ଜୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# କ୍ରିକେଟ ପରାମର୍ଶଦାତା କମିଟିରେ ସୌମିତ୍ର

**ଭୁବନେଶ୍ୱର, ୧୭।୬(ସରୋଜ ଜେନା):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ସୋମବାର ପୂର୍ବତନ ରଣଜୀ କ୍ରିକେଟର ସୌମିତ୍ର ଚୌଧୁରୀଙ୍କୁ କ୍ରିକେଟ୍ ପରାମର୍ଶଦାତା କମିଟି (ସିଏସି)ରେ ସାମିଲ କରାଯାଇଛି। ଅସଜିତ ଜୟପ୍ରକାଶମଙ୍କ ସ୍ଥାନରେ ତାଙ୍କୁ ନିଯୁକ୍ତି ମିଳିଛି। ବର୍ତ୍ତମାନ ସିଏସିରେ ସୌମିତ୍ରଙ୍କ ବ୍ୟତୀତ କିଶୋର ମାଣିଆ ଓ ଚିନ୍ମୟାନନ୍ଦ ଜେନା ସଦସ୍ୟ ରହିଛନ୍ତି। ସୌମିତ୍ର ଓଡ଼ିଶା ପାଇଁ ୧୩ଟି ରଣଜୀ ଟ୍ରଫି ମ୍ୟାଚ୍ ଖେଳିଥିବା ବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କରେ କାର୍ଯ୍ୟ କରନ୍ତି। ବିଭିନ୍ନ କୋଚ୍ ଓ ଚୟନ କମିଟି ସଦସ୍ୟଙ୍କ ନିଯୁକ୍ତିରେ ସିଏସି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ।

# ଇଂଲଣ୍ଡ, ରୋମାନିଆ ବିଜୟୀ

## ୟୁରୋ କପ୍ ଫୁଟବଲ୍

## ସଂଘର୍ଷ ପାଇଁ ୮ ଜଣଙ୍କୁ ଅଟକ ରଖିଲା ପୋଲିସ୍

**ଜେଲସେନ୍‌କିର୍‌ଚେନ, ୧୭।୬ (ପି.ଟି.)**

ଜର୍ମାନୀରେ ଅନୁଷ୍ଠିତ ୟୁରୋ କପ୍ ଫୁଟବଲ୍ ଟୁର୍ନାମେଣ୍ଟରେ ସୋମବାର ଇଂଲଣ୍ଡ ଓ ରୋମାନିଆ ବିଜୟ ହାସଲ କରିଛନ୍ତି। ବିଗତ ସଂସ୍କରଣର ରନରଅପ୍ ଇଂଲଣ୍ଡ ସର୍ବିୟାକୁ ୧-୦ରେ ହରାଇଥିବା ବେଳେ ଏହି ମ୍ୟାଚ୍ ପୂର୍ବରୁ ଫ୍ୟାନଙ୍କ ମଧ୍ୟରେ ସଂଘର୍ଷ ଦେଖା ଦେଇଥିଲା। ଏହି ଘଟଣାରେ ପୋଲିସ୍ ୮ଜଣଙ୍କୁ ଅଟକ ରଖିଥିଲା। ଉଭୟ ପକ୍ଷର ସମର୍ଥକ ପରସ୍ପର ଉପରକୁ ଚେୟାର ଫିଙ୍ଗିଥିଲେ। ଅଟକ ଥିବା ବ୍ୟକ୍ତିଙ୍କ ମଧ୍ୟରେ ୭ ଜଣ ସର୍ବିୟା ସମର୍ଥକ ରହିଥିବା ବେଳେ ଜଣେ ଇଂଲଣ୍ଡ ସମର୍ଥକ ରହିଛନ୍ତି। ଜଣେ ବ୍ୟକ୍ତିଙ୍କ ମୁଣ୍ଡ ଫାଟିଥିବା ବେଳେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ମ୍ୟାଚ୍ ଦେଖିବା ପାଇଁ ତାଙ୍କୁ ତୁରନ୍ତ ଡିସଚାର୍ଜ କରାଯାଇଥିବା ପୋଲିସ୍ ସୂଚନା ଦେଇଛି।

ହ୍ୟାରୀ କେନ୍‌ଙ୍କ ଇଂଲଣ୍ଡ ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ୧-୦ରେ ବିଜୟୀ ହୋଇଛି। ମ୍ୟାଚ୍‌ର ୧୩ ତମ ମିନିଟରେ ଜୁଡ୍ ବେଲିଙ୍ଗହାମ ଏକମାତ୍ର ଗୋଲ ସ୍କୋର କରିଥିଲେ। ରିୟଲ ମାଡ୍ରିଡ୍ ଷ୍ଟାର ବେଲିଙ୍ଗହାମ୍ ଏକ ଚମତ୍କାର ହେଡର୍ ଜରିଆରେ ଗୋଲ ଦେଇଥିଲେ। ବୁକାୟୋ ସାକା ଏକ ଚମତ୍କାର କ୍ରସ୍ କରିଥିବା ବେଳେ ଏହାକୁ ଗୋଲରେ ପରିଣତ କରିଥିଲେ ବେଲିଙ୍ଗହାମ୍। ପ୍ରଥମ ହାଫ୍‌ରେ ଇଂଲଣ୍ଡ ୧-୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ଏହି ବିଜୟ ସହ ଇଂଲଣ୍ଡ ଗ୍ରୁପ୍ ସିରେ ଏକ ନମ୍ବର ସ୍ଥାନରେ ରହିଛି।

ଅନ୍ୟ ପକ୍ଷରେ ରୋମାନିଆ ୩-୦ ଗୋଲରେ ୟୁକ୍ରେନକୁ ପରାସ୍ତ କରିଛି । ରୋମାନିଆ ପକ୍ଷରୁ ନିକୋଲେ ଷ୍ଟାନ୍ସିଉ(୨୯), ରାଜଭାନ ମାରିନ୍(୫୩) ଓ ଡେନିସ୍ ଡ୍ରାଗୁସ୍(୫୭) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ନିକୋଲେ ଷ୍ଟାନ୍ସିଉ ୨୯ ତମ ମିନିଟରେ ପ୍ରଥମ ଗୋଲ ଦେଇଥିବା ବେଳେ ପ୍ରଥମାର୍ଦ୍ଧରେ ରୋମାନିଆ ୧-୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧର ପ୍ରଥମ ୧୦ ମିନିଟରେ ଆକ୍ରମଣାତ୍ମକ ଫୁଟବଲ ଖେଳି ରୋମାନିଆ ଆଉ ଦୁଇଟି ଗୋଲ ସ୍କୋର କରିଥିଲା।



ଗୋଲ ଦେବାପରେ ଉଲ୍ଲସିତ ନିକୋଲେ ଷ୍ଟାନ୍ସିଉ।

# କଟକ 'ଏ'କୁ ହରାଇଲା ନୟାଗଡ଼

**ଭୁବନେଶ୍ୱର, ୧୭।୬ (ତପନ ସ୍ୱାଇଁ):** କଳାହାଣ୍ଡି କପ୍ କ୍ରିକେଟ ସୁପର ଲିଗ୍‌ର ଏକ ମ୍ୟାଚରେ ନୟାଗଡ଼ ୧୮ ରନରେ ଶକ୍ତିଶାଳୀ କଟକ 'ଏ'କୁ ପରାସ୍ତ କରିଛି। ୨ ଦିନ ବିଶିଷ୍ଟ ମ୍ୟାଚ ଗୋଟିଏ ଦିନରେ ଶେଷ ହୋଇଛି। କଟକର ଡ୍ରିମ୍ସ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ କଟକ-ଏ ୨୮.୪ ଓଭରରେ ମାତ୍ର ୧୦୮ ରନକରି ଅଲ୍ଆଉଟ ହୋଇ ଯାଇଥିଲା। ବିପକ୍ଷ ଦଳର ପ୍ରଶାନ୍ତ ରଣା ଓ ବିଶ୍ୱଜିତ ଗୁରୁ ୪ଟି ଲେଖାଏ ଉଇକେଟ ନେଇ କଟକ-ଏ'ର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଜବାବରେ ନୟାଗଡ଼ ଇନିଂସ ୩୮.୩ ଓଭର ପର୍ଯ୍ୟନ୍ତ ତିଷ୍ଠିଥିଲା। ଏହି ସମୟ ମଧ୍ୟରେ ଦଳ ୧୨୬ ରନକରି ସମସ୍ତ ଉଇକେଟ ହରାଇଥିଲା। ବାରବାଟୀ ଷ୍ଟାଡିୟମରେ ସୁଜାଲ ସିଂଙ୍କ ୮୯ ରନ ସହାୟତାରେ ରେଷ୍ଟ ଅଫ୍ ଓଡ଼ିଶା-ସି ୨୦୯ ରନ କରିଥିବାବେଳେ ଅନୁରାଗ ଷଡ଼ଙ୍ଗୀଙ୍କ ଅପରାଜିତ ୭୫ ରନ ବଳରେ ରେଷ୍ଟ ଅଫ୍ ଓଡ଼ିଶା-ଏ ପ୍ରଥମ ଦିବସ ଖେଳ ଶେଷ ବେଳକୁ ୩ ଉଇକେଟ ହରାଇ ୧୨୭ ରନ କରିଛି। ସନ୍‌ସାଇନ୍ ଗ୍ରାଉଣ୍ଡରେ ଭଦ୍ରକ ୧୬୯ ରନରେ ଅଲ୍ଆଉଟ ହୋଇଥିବାବେଳେ ବାଲେଶ୍ୱର ୮ ଉଇକେଟ ହରାଇ ୨୩୩ ରନ କରିଛି। ରେଭେନ୍ସା ଗ୍ରାଉଣ୍ଡ-୧ରେ ରେଷ୍ଟ ଅଫ୍ ଓଡ଼ିଶା-ଡି ଅନୀଲ ପରିଡ଼ା (୧୨୪)ଙ୍କ ଶତକ ସହାୟତାରେ ୨୯୨ ରନ କରିଥିଲା। ଜବାବରେ ରେଷ୍ଟ ଅଫ୍ ଓଡ଼ିଶା-ବି ୩ ଉଇକେଟହରାଇ ୨୬ରନକରିଛି।

# ନାଗାଲଙ୍କୁ କ୍ୟାରିୟରର ଶ୍ରେଷ୍ଠ ର‌୍ୟାଙ୍କିଙ୍ଗ୍

**ନୂଆଦିଲ୍ଲୀ, ୧୭।୬ (ପି.ଟି.)**

ଭାରତର ସୁମିତ ନାଗାଲ ଏଟିପି ସିଙ୍ଗଲ୍ସ ତାଲିକାରେ ଉପରକୁ ଉଠିବାରେ ଲାଗିଛନ୍ତି। ସୋମବାର ସଦ୍ୟ ପ୍ରକାଶିତ ତାଲିକାରେ ସେ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ର‌୍ୟାଙ୍କିଙ୍ଗ୍ ୭୧ତମ ସ୍ଥାନରେ ପହଞ୍ଚିଯାଇଛନ୍ତି। ପୂର୍ବରୁ ଗତ ସପ୍ତାହରେ ତାଙ୍କର ଶ୍ରେଷ୍ଠ ର‌୍ୟାଙ୍କିଙ୍ଗ୍ ୭୧ତମ ସ୍ଥାନ ରହିଥିଲା। ରବିବାର ପେରୁଜିଆ ଏଟିପି ଚ୍ୟାଲେଞ୍ଜର ଟୁର୍ନାମେଣ୍ଟରେ ସେ ରନରଅପ୍ ହେବା ପରେ ୬ସ୍ଥାନ ପଦୋନ୍ନତି ପାଇଛନ୍ତି। ୨୬ ବର୍ଷୀୟ ଏହି ଖେଳାଳି ୭୭୭ ଏଟିପି ପଏଣ୍ଟ ସହ ଏକମାତ୍ର ଭାରତୀୟ ଭାବେ ପ୍ୟାରିସ ଅଲିମ୍ପିକ୍ସ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଚଳିତ ବର୍ଷ ନାଗାଲଙ୍କ ପ୍ରଦର୍ଶନ ଖୁବ୍ ଭଲ ରହିଛି। ଅଷ୍ଟ୍ରେଲିଆନ ଓପନରେ ସେ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇପାରିଥିଲେ। ପରେ ସେ ଫ୍ରେଞ୍ଚ୍ ଓପନ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ରୋଲାଣ୍ଡ ଗାରୋସଠାରେ ପ୍ୟାରିସ ଅଲିମ୍ପିକ୍ସ ପରେ ନାଗାଲ ୱିମ୍ବଲଡନ ମୁଖ୍ୟ ଡ୍ର' ପାଇଁ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ।

# ଅମିତ ଶାହାଙ୍କୁ ଭେଟିଲେ ଗମ୍ଭୀର



କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହ ସାକ୍ଷାତ ଅବସରରେ ଗୌତମ ଗମ୍ଭୀର।

**ନୂଆଦିଲ୍ଲୀ, ୧୭।୬ (ପି.ଟି.)**

ଭାରତର ପୂର୍ବତନ ଓପନ ତଥା ଆଇପିଏଲ୍ ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସ (କେକେଆର୍)ର ମେଣ୍ଟର ଗୌତମ ଗମ୍ଭୀର ସୋମବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ଗମ୍ଭୀର ଶାସକ ଦଳର ଇଷ୍ଟ ଦିଲ୍ଲୀର ପୂର୍ବତନ ଏମ୍‌ପି। ସେ ସକ୍ରିୟ ରାଜନୀତିରୁ ଅବ୍ୟାହତି ନେଇ ତାଙ୍କ କ୍ରିକେଟ କୋଚିଂ କ୍ୟାରିୟର ଆରମ୍ଭ କରିଛନ୍ତି। ନିକଟରେ ନିର୍ବାଚନ ସଫଳତାକୁ ନେଇ ଅଭିନନ୍ଦନ ଜଣାଇବା ଲାଗି ସେ ଅମିତ ଶାହାଙ୍କୁ ଭେଟିଥିବା କଥା ସୋସିଆଲ ମିଡିଆ 'ଏକ୍ସ'ରେ ଏକ ଫଟୋ ସହ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଟି୨୦ ବିଶ୍ୱକପ୍ ପରେ ରାହୁଲ ଦ୍ରାବିଡ ମୁଖ୍ୟ କୋଚ୍ ପଦରୁ ଓହରିଯିବେ ଏକଥା ସେ ସ୍ପଷ୍ଟ ମଧ୍ୟ କରିସାରିଛନ୍ତି। ତାଙ୍କ ସ୍ଥାନରେ ଗମ୍ଭୀର ପ୍ରମୁଖ ଦାବିଦାର ହୋଇ ଉଭା ହୋଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ସମ୍ଭାବ୍ୟ ନୂଆ ନିଯୁକ୍ତିକୁ ନେଇ କୌଣସି ବିଧିବଦ୍ଧ ମନ୍ତବ୍ୟ ଦେଇନାହାନ୍ତି। ଖବର ଅନୁସାରେ ଅଶୋକ ମାଲହୋତ୍ରାଙ୍କ ନେତୃତ୍ୱାଧୀନ କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ଏପର୍ଯ୍ୟନ୍ତ କୌଣସି ଆଗ୍ରହୀ ପ୍ରାର୍ଥୀଙ୍କର ସାକ୍ଷାତ୍‌କାର ନେଇନାହାନ୍ତି। ବିସିସିଆଇ ସୂତ୍ରରୁ ପ୍ରକାଶ କ୍ରିକେଟ ଦଳର ମୁଖ୍ୟ କୋଚ୍ ପଦବୀ ପାଇଁ ଗମ୍ଭୀରଙ୍କୁ ଟକ୍କର ଦେବାଭଳି କୌଣସି ଭାରତୀୟ ପ୍ରାର୍ଥୀ ନାହାନ୍ତି। ଗମ୍ଭୀରଙ୍କ ନିଯୁକ୍ତି ଘୋଷଣାର କେବଳ ଔପଚାରିକତା ବାକି ରହିଛି। ଗମ୍ଭୀରଙ୍କ ତତ୍ତ୍ୱାବଧାନରେ କେକେଆର୍ ଚଳିତ ବର୍ଷ ଆଇପିଏଲ୍ ଟାଇଟଲ ଜିତିବା ପରେ କୋଚ୍ ପାଇଁ ତାଙ୍କ ନାମ କ୍ରିକେଟ ମହଲରେ ଆଲୋଚନା ହୋଇଥିଲା। ନିକଟରେ ଦୁବାଇରେ ଏକ ପ୍ରମୋଶନାଲ ଇଭେଣ୍ଟରେ ଜାତୀୟ ଦଳ କୋଚ୍ ହେବାଲାଗି ସେ ଆଗ୍ରହୀ ଥିବା ସୂଚନା ଦେଇଥିଲେ।





ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ ଅବସରରେ ଅତିଥିଙ୍କ ସହ ଚେସ୍ ଖେଳାଳିମାନେ।

# ଏସ୍ଆର୍ ଚେସ୍‌ରେ 'ଆର୍ଟ ଅଫ୍ ଗିଭିଂ' କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୭।୬ (ତପନ ସ୍ୱାଇଁ)**

ଏସଆର ଚେସ୍ ସେଣ୍ଟରର କଟକ ସିଡିଏ ଶାଖାରେ ୧୧ତମ 'ଆର୍ଟ ଅଫ ଗିଭିଂ' (ଏଓଜି) ଫେଷ୍ଟିଭାଲ ଅନୁଷ୍ଠିତ ହୋଇଯାଇଛି। ବହୁ ସଂଖ୍ୟାରେ ଖେଳାଳି, କୋଚ୍ ଓ ଅଭିଭାବକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ହେଉଛନ୍ତି ଏଓଜିର ପ୍ରତିଷ୍ଠାତା। ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ୍)ର ପୂର୍ବତନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଏବଂ ରାଜ୍ୟର ସିନିୟର ଚେସ୍ ଖେଳାଳି ନାରାୟଣ ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏସ୍ଆର ଚେସ୍ ପକ୍ଷରୁ ସଭାପତି ଶୁଭାଶିଷ ପଟ୍ଟନାୟକ ଓ ସମ୍ପାଦକ ତଥା ଫିଡେ ଇନ୍‌ଷ୍ଟ୍ରକ୍ଟର ସତ୍ୟ ରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନ୍ୟାଶନାଲ ଡେଭଲପର କୋଚ୍ ଅନିମେଶ ରାୟ, କୋଚ୍ ନିରୂପମା ପୃଷ୍ଟି ଏବଂ ରେଟେଡ ମହିଳା ଚେସ୍ ଖେଳାଳି ପି. ସାଇରୂପା ପ୍ରମୁଖ ଉପସ୍ଥିତ ଥିଲେ।





Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ